# ୧୬

# ସକାଳର ମେଘ

**ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ**

## ୧୬.୧ ଉପକ୍ରମକ

ଭାରତୀୟ ସମାଜର ମୂଳଦୁଆ ହେଉଛି ପରିବାର । ପରିବାରର ପ୍ରତିଟି ସଦସ୍ୟ ପରସ୍ପର ସହ ସ୍ନେହର ସୂତ୍ରରେ ବନ୍ଧା । ବାପା-ମାଆ, ସ୍ୱାମୀ-ସ୍ତ୍ରୀ, ବାପ-ପୁଅ, ଭାଇ-ଭଉଣୀ ପରି ସମ୍ପର୍କ ଏହି ବନ୍ଧନକୁ କରିଥାଏ ସୁଦୃଢ଼ । ମଝିରେ ମଝିରେ ଏହି ସ୍ନେହ ସମ୍ପର୍କ, ଭାବନା ଓ ବିଚାରଧାରାରେ ଅମେଳ ଯୋଗୁଁ ତିକ୍ତ ହୋଇଉଠେ । ପରିବାରଟି ଭିତରେ ଅଶାନ୍ତି ଭରିଯାଏ । ଲାଗେ, ଯେମିତି ଏ ସମ୍ପର୍କ ଆଉ କେବେ ସୁଧୁରିବନି । କିନ୍ତୁ ସକାଳର ମେଘ ପରି, ଅଶାନ୍ତିର କଳା ହାଣ୍ଡିଆ ମେଘ ହଠାତ୍ କୁଆଡ଼େ ଉଭେଇଯାଏ ଓ ପୂର୍ବର ସେହି ସ୍ନେହ-ଶ୍ରଦ୍ଧା ଭରା ପାରିବାରିକ ବାତାବରଣ ଲେଉଟି ଆସେ । ପାଠ୍ୟ ଉଦ୍ଦିଷ୍ଟ "ସକାଳର ମେଘ" ଏକାଙ୍କିକାଟିରେ ଏମିତି ଏକ ପରିବାରିକ କାହାଣୀ ଆମେ ପଢ଼ିବା ।

## ୧୬.୨ ଏକାଙ୍କିକା ପଠନର ଆଭିମୁଖ୍ୟ

"ସକାଳର ମେଘ" ଏକାଙ୍କିକାଟି ପଢ଼ି ସାରିବା ପରେ ତୁମମାନଙ୍କର ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ବିଷୟରେ ସ୍ଥୂଳ ଧାରଣା ହୋଇ ସାରିଥିବ ନିଶ୍ଚୟ -

- ପାରିବାରିକ କନ୍ଦଳର ପ୍ରାରମ୍ଭିକ ତିକ୍ତତା ଓ ଅମୃତୋପମ ପରିସମାପ୍ତିର ରୂପରେଖ ।
- ଦୁଇ ପ୍ରମୁଖ ଚରିତ୍ରର (ନବଘନ ଓ ହେମାଙ୍ଗୀନୀ) ଚାରିତ୍ରିକ ବୈଶିଷ୍ଟ୍ୟ ।
- ଏକାଙ୍କିକାଟିର ଘଟଣାକ୍ରମିକ ଧାରା ପ୍ରବାହ ।
- ଏକାଙ୍କିକାର ଲକ୍ଷଣ ଅନୁସାରେ ଏହାର ସଫଳତା ।
- ଏହାର ଭାଷା ଶୈଳୀ ।
- ସଂଳାପ ରଚନାଗତ ବୈଶିଷ୍ଟ୍ୟ ।
- ନାମକରଣର ସାର୍ଥକତା ।
- ସଂଳାପଗୁଡ଼ିକରେ ବ୍ୟବହୃତ ବାକ୍ୟଗୁଡ଼ିକର କାର୍ଯ୍ୟ ଭିତ୍ତିକ ଭିନ୍ନତାର ଧାରଣା ।
- ଏକାଙ୍କିକାର ରଚନାତ୍ମକ ସ୍ୱରୂପ କିପରି ।

## ୧୬.୩ ମୂଳପାଠ

ନବଘନ ବାବୁଙ୍କ ଡ୍ରଇଂ ରୁମ୍ । ନବଘନ ବାବୁ ଜଣେ ପଦସ୍ଥ ବିକ୍ରୀକର ବିଭାଗର ଅଫିସର ହେଲେ ବି ଟିକିଏ ସାଧା ସିଧା ଲୋକ । Sophistication ପାଇଁ ବିଶେଷ ଆଗ୍ରହ ନାହିଁ - ଯେତେଟା ତାଙ୍କର ସ୍ତ୍ରୀ ହେମାଙ୍ଗିନୀର ଅଛି । ହେମାଙ୍ଗିନୀ ବଡ଼ ଘରର ଝିଅ ଏବଂ ନବଘନ ବାବୁଙ୍କୁ ଛୋଟ ଛୋଟ କଥାରେ ଅପମାନିତ କରନ୍ତି ।

ଆଜି ତାଙ୍କର କଲେଜ ପଢୁଆ ଝିଅ ବେବୀର ଜନ୍ମଦିନ । ସେଥିପାଇଁ ସେ ଏକ ବ୍ୟୟସାପେକ୍ଷ Partyର ଆୟୋଜନ କରିଛନ୍ତି । ନବଘନ ବାବୁ ଏ ସମ୍ପର୍କରେ ଅବହିତ ନୁହଁନ୍ତି । ଲୋକେ ଆସିବେ - ଏଣୁ

ସକାଳୁ ତାଙ୍କର ଡ୍ରଇଂ ରୁମ୍ ସଜେଇବା କାମ ଚାଲିଛି । ଚାକରାଣୀ ଜେମାକୁ ପ୍ରତି ଦୁଇମିନିଟ୍‌ରେ ଥରେ ଲେଖା ଡକରା ପଡୁଛି ।

ହେମାଙ୍ଗିନୀ : ଜେମା ... (ଆସ୍ତେ ଆସ୍ତେ ଡାକୁଛନ୍ତି, କାରଣ ଖୁବ୍ ବଡ଼ ପାଟି କରିବା ଅଭଦ୍ରତା) ଜେମା ...... !! (ଅଗତ୍ୟା ବଡ଼ ପାଟିରେ) ଏ. ୟୁ ହେଲ୍ !!

ଜେମା : (ଚା' କପ୍ ଓ ପ୍ଲେଟ୍ ନେଇ ଆସିଛି)

ହେମ : ଅଭଦ୍ର ! Hopeless !

ଜେମା : ମା' ? ମତେ ଡାକୁଥିଲେ ?

ହେମ : କେତେ ବର୍ଷ ଏ ଘରେ ରହିଲେ etiquette ଶିଖିବୁ ?

ଜେମା : କ'ଣ ହେଲାକି ମା' ?

ହେମ : (କପ୍ ପ୍ଲେଟ୍ ନେଇ) ଏଗୁଡ଼ା କ'ଣ ?

(ବିରକ୍ତ, ହୋଇ) ନାଃ ... ଏଗୁଡ଼ା ଆଉ ମଣିଷ ହେବେନି ... ।

ଜେମା : ବାବୁଙ୍କୁ ତ ଏଇଥିରେ ଦେଲି ।

ହେମ : ବାବୁ ? ବାବୁ ତମର ଏକ ନମ୍ବର ଚୁଡ଼ା !

ଜେମା : ହେଲା ଏବେ ବାବୁ ଅଣ୍ଡା ବିସ୍କୁଟ୍ ଭଲ ପାଆନ୍ତିନି । ତାଙ୍କର ସେଗୁଡ଼ା ଖାଇଲେ ପେଟ ଖରାପ ହୁଏ । ସେଇଥିପାଇଁ ଚୁଡ଼ା ଖାଆନ୍ତି । ତା' ବୋଲି ସବୁବେଳେ ତାଙ୍କୁ ଏମିତି 'ଚୁଡ଼ା' ବୋଲି କ'ଣ ଡାକୁଚ ଯେ ?

ହେମ : ଓଃ ! ମତେ advice ଦେବାକୁ ଆସିଗଲେ ଶାଶୁ ଠାକୁରାଣୀ । ଭାଗ୍ ଏଇଠୁ । ଯା – Tea-setରେ ଅଲଗା ଅଲଗା ଦୁଧ, ଚିନି, ଚା' ଆଣି ଡାଇନିଂ ଟେବୁଲ୍ ଉପରେ ରଖିବୁ । ଏଇଠି ଡ୍ରଇଂ ରୁମରେ ତ କପ୍ ପ୍ଲେଟ୍ ନେଇ ଚା' ପିଆହବ ଯେ Tea-setଟା ଆସିଛି କାହିଁକି ? ଛ'ଶହ ଟଙ୍କାର ସେ ଡାଇନିଂ ଟେବୁଲ୍‌ଟା କିଣା ହେଲା କ'ଣ ପୂଜା ହବା ପାଇଁ ?

ଜେମା : ଭୁଲ୍ ହେଇଗଲା ମା' !

ହେମ : ଏ ଭୁଲ ଯେମିତି ଆଉ ଥରେ ନ ହୁଏ ।

ଜେମା : ହଉ ମା' । ସେମିତି କରିବି । ବାବୁଙ୍କୁ ଖାଇବା ଟେବୁଲ୍ ଉପରକୁ ଡାକିଦେବି ?

ହେମ : ବାବୁ କ'ଣ କରୁଛନ୍ତି ?

ଜେମା : ବାବୁ ଏଇକ୍ଷଣି ଉଠିଲେ । (ଯାଉଥିଲା)

ହେମ : ଶୁଣ । ଗାଲିଚାଟା ଆଣି ଏଇଠି ପକାଇବୁ । ସୋଫାଗୁଡ଼ାକ ପୋଛିବୁ । ଫୁଲଦାନୀରେ ଫୁଲ... ଆଉ ଡାଇନିଂ ରୁମ ଫ୍ଲୋରଟାକୁ ଓଦା କନାରେ ପୋଛି ସଫା କରିବାକୁ ହବ । ଆଜି ବେବୀର ଜନ୍ମଦିନ । ବହୁତ ଲୋକ ଆସିବେ ।

ଜେମା : ସମସ୍ତେ ଏଇଠି ଖିଆ ପିଆ କରିବେ ?

ହେମ : ନାଇଁ, ଏଇଠି କାହିଁକି ଖିଆପିଆ କରିବେ ? ତମ ମୁଖଚନ୍ଦ୍ରମା ଦେଖି ବାହାରୁ ବାହାରୁ ଚାଲିଯିବେ ! ହୁଃ !! ବେବି ଉଠିଲାଣି ?

ଜେମା : ଦେଇ କ'ଣ ଏତିକି ବେଳୁ କେବେ ଉଠନ୍ତି ? ସାଢ଼େ ଆଠଟା ନ ବାଜିଲେ ...

ହେମ : ହଉ ଯା' । ସବୁ ବାସନ, କପ୍ ପ୍ଲେଟ୍ ଆସବାବପତ୍ର ଯେମିତି ଚକ୍ ଚକ୍ କରୁଥିବ । ସେଗୁଡ଼ାକୁ Sterilse କରିବାକୁ ପଡ଼ିବ ।

ଜେମା : ହଉ ମା' ।

ହେମ : ମା'ନୁହେ, ମାଡ଼ାମ୍ । ଆଜି ଦିନଟା ପାଇଁ ଅନ୍ତତଃ ମୁଁ ଡାକିଲେ, ତତେ ମାଡ଼ାମ୍ ବୋଲି କହିବାକୁ ପଡ଼ିବ ।

ଜେମା : କ'ଣ କହିଲ ମା...ମାଡ଼ମ୍' ? (ହସି ହସି) ମା'ଙ୍କର ଯେଉଁ କଥା ।

ହେମା : Shut up, ବେହିଆଙ୍କ ପରି ହସୁଚି ।

ଜେମା : (ଚୁପ୍ ହେଇଗଲା) ଭୁଲ୍ ହେଇଗଲା ମା' ।

ହେମ : ପୁଣି ମା' କହିଲୁ ? ଘୋଷ୍ : ମା - ଡ଼ା - ମ ମନେ ରହିଲା ?
ମା-ଡ଼ା -ମ୍ ...

ଜେମା : ମା - ଡ଼ା - ମ୍ !! (ଘୋଷି ଘୋଷି ପୁଣି ହସି ପକେଇଲା ଓ ଚାଲିଗଲା)

ହେମ : (ନିଜେ ଡ୍ରଇଂ ରୁମ୍ ସଜାଉ ସଜାଉ) ଏମିତି ଗୁଡ଼ାଏ ଗାଉଁଲି ଲୋକଙ୍କୁ ନେଇ ଗୋଟାଏ ପାଟି ଡାକିବା ଯେ କି ମୁସ୍କିଲ୍ !! ଇସ୍, ଏ ରେଡ଼ିଓଟା ଉପରେ କେତେ ଧୂଳି ଛି । ବାନ୍ତି ମଡ଼େଇଲାଣି ମତେ (ଡାକିଲେ) ଜେମା... ଜେମା !!

ଜେମା : (ପ୍ରବେଶ କରି) ମା' ... !! (ହସିଦେଇ) ଭୁଲ୍ ହେଇଗଲା ମା' ... ମାଡ଼ାମ୍ ...

ହେମ : ଦେଖିଲୁ, ଏ ରେଡ଼ିଓ ଉପରେ କେତେ ଧୂଳି ଲାଗିଛି । ଓଜନ କଲେ ଅଢ଼େଇ କିଲୋ ହେବ ।

ଜେମା : ଝାଡ଼ି ଦେବି ତ ?

ହେମ : ଆଉ କେତେବେଳେ ? ଏଇକ୍ଷଣି ତ ସମସ୍ତେ ଆସି ପହଞ୍ଚିଯିବେ ।

ଜେମା : କ'ଣ ଏଇ ସକାଳୁ ସକାଳୁ ? ସନ୍ଧ୍ୟାରେ ପରା ଜନ୍ମଦିନ ହବ ।

ହେମ : କିଏ ନ ଆସିଲେ ତ ନେଲି ଆସି ପହଞ୍ଚିବ ... ନେଲି ଅପା ...
(ଗାଡ଼ି ହର୍ଣ୍ଣ ଶୁଭିଲା ବାହାରେ)
ଦେଖିଲୁ ନେଲିର ଗାଡ଼ି ?

ଜେମା : (ଦେଖି) ନାଇଁ !! ଆଉ ଗୋଟାଏ କିଏ (ପୁଣି ଚାହିଁ) ନାଇଁ ଲୋ ମା', ଆମ ଘରକୁ ନୁହେଁ ... ପଡ଼ିଶା ଘରକୁ କିଏ ଆସିଚି ...

ହେମ : ଦାସ ବାବୁଙ୍କ ଘରକୁ ? ଆଚ୍ଛା, ଆଜିକାଲି ଦାସ ବାବୁଙ୍କ ଦାଣ୍ଡରେ କାର ଲାଗିଲାଣି ଯା' ହଉ ... (ବ୍ୟଙ୍ଗ କରି) ଡ୍ରାଇଭର ଆସିଲାଣି ?

ଜେମା : ନାଇଁ ମା' ! (ହସିଦେଇ) ଭୁଲ୍ ହୋଇଗଲା ମାଡ଼ାମ୍ ...

ହେମ : ଡ୍ରାଇଭର ଆସିଲେ କହିବୁ ତା'ର ପ୍ରଥମ କାମ ହେଲା ଗାଡ଼ିଟାକୁ ଚକ୍ ଚକ୍ କରି ପାଣିରେ ଧୋଇବା ମନେ...ରହିଲା ? ହଁ ଶୁଣ୍ ଡ୍ରାଇଭର୍ ଆସିଲେ କହିବୁ ଗାଡ଼ିନେଇ ବ୍ୟାକେରୀରୁ କେକ୍‌ଟା ନେଇ ଆସିବ । ଦିନ ଦଶଟା ସୁଦ୍ଧା ଡେଲିଭରି ଦେବା କଥା । ମନେ ରହିବ ତ ?

ଜେମା : ଡ୍ରାଇଭର ଆସିଲେ ମୁଁ ତାକୁ ତମ ପାଖକୁ ପଠେଇ ଦେବିନି ।

ହେମ : ମୋ' ପାଖକୁ ପଠେଇ ଦେଲେ କ'ଣ ହବ ? ମୋର କ'ଣ ମନେ ରହିବ ? ଭୀଷଣ engagement ମୁଣ୍ଡ ଖରାପ ହେଇ ଗଲାଣି ... ପ୍ରଥମେ ଏ ରେଡ଼ିଓ ଉପରୁ ଧୂଳିଗୁଡ଼ାକ ସଫା କଲୁ ।

ଜେମା : ଝାଡୁଟା ନେଇ ଆସୁଚି ।

ହେମା : ଏଁ ! ଝାଡୁଟା ନେଇ ଆସିବୁ ? କ'ଣ ଏ ରେଡ଼ିଓଫୁଲଦାନୀ ଉପରେ ଝାଡୁ ମାରିବୁ ? ସେଇ ବଗ ପକ୍ଷୀ ପରରେ ତିଆରି ନୂଆ ଝାଡୁଟା ଆସିଥିଲା, ସେଇଟା ନେଇ ଆଣ । କିଏ ଦେଖିଲେ କ'ଣ କହିବ ? Hopeless ! ! (ଜେମା ଯାଉଥିଲା, ପଛରୁ ଡାକି)

ଶୁଣ ଡ୍ରାଇଭର ଆସିଲେ କହିବୁ ଶହେ ବୋତଲ କୋକାକୋଲା ଆଉ ଦଶଟା ବିଅର ନେଇ ଆସିବ ଗାଡ଼ି ନେଇ ।

ଜେମା : ମୋ' ପାଟିରେ ସେଗୁଡ଼ାକ କ'ଣ ପଶିବ ମା' ? ଏଃ ପୁଣି ଭୁଲ୍ ହେଇଗଲା... 'ମାଡ଼ାମ' ଡ୍ରାଇଭର ଆସିଲେ ତମେ କହିବ ! ! (ଚାଲିଗଲା)

ହେମ : ସବୁ ତ ମୁଁ କରିବି । କିନ୍ତୁ ଏତେ କଥା ଜଣେ ଲୋକ କରିବା ଯେ କି ମୁସ୍କିଲ୍ ବ୍ୟାପାର ... ଯାହା ଜଣାଗଲାଣି, ମତେ କାମଗୁଡ଼ାକର ତାଲିକା କରିବାକୁ ପଡ଼ିବ । (ଡାଏରୀ ଓ Ball pen ଆଣି ଲେଖିବା ଆରମ୍ଭ କଲେ । ଯା' ଭିତରେ ନବଘନ ବାବୁ ପଶି ଆସିଲେ । ପରିଧେୟ ଖଣ୍ଡେ ଲୁଙ୍ଗି ଆଉ ତା' ଉପରେ ଖଣ୍ଡେ ପଞ୍ଜାବୀ । ଗୋଟାଏ ହାତରେ ଖବର କାଗଜ ଓ ଆର ହାତରେ ନାଲିଆ ଗାମୁଛା ଖଣ୍ଡେ ।)

ନବଘନ : ସକାଳୁ ସକାଳୁ କ'ଣ ଭାରି ତାଲିକା ଚାଲିଛି !

ହେମ : (ଚଷମା ଟେକି ମିନିଟିଏ ଖଣ୍ଡେ ପ୍ରଥମେ ଚାହିଁଲେ ଓ ରାଗିଲେ) ଇଏ କ'ଣ ?

ନବଘନ : କ'ଣ ?

ହେମ : ଇଏ କି ବେଶ ? ଧୋତି ଖଣ୍ଡେ ଲୁଙ୍ଗି କରି ପିନ୍ଧା ହୋଇଚି... ହାତରେ ଖଣ୍ଡେ ନାଲି ଗାମୁଛା ! ! ଛି-ଛି-ଛି... ଯେତେ ସବୁ ନାଷ୍ଟି habits ...

ନବଘନ : କ'ଣ ହେଲା ଯେ ?

ହେମ : Wardrobeରେ ନୂଆ night dressଟା ମୁଁ ଆଉ କାହା ପାଇଁ ରଖିଥିଲି ? ପୂଜାହବ ବୋଲି ?

ନବଘନ : ଓ ! Wardrobeରେ ଥିଲା ମୁଁ ବୋଧହୁଏ ଦେଖିପାରି ନଥିବି ।

ହେମ : କାଇଁକି ଦେଖିବ ? ଏମିତି ଗୁଡ଼ାଏ ମଫସଲି ଡ୍ରେସ୍ ପିନ୍ଧି ମୋର ଇଜ୍ଜତ ସାରିବ ... ତୁମକୁ ଅନେକ ଥର କହିଲିଣି Finance depttର ତମେ ଜଣେ senior officer... ତମର ଗୋଟାଏ status maintain କରିବା ଉଚିତ ।

ନବଘନ : ତମେ ତ ଜାଣ, ଚଷମାଟା ନ ପିନ୍ଧିଲେ ମୋର ଦେଖିବା ଟିକିଏ – ମାନେ ବଦଳିଯାଏ –

ହେମ : କୋଉ ଦୁନିଆରେ ତମେ ରହୁଚ, ତମେ ନିଜେ ଜାଣି ପାରୁନା – ହୁଁ ସକାଳୁ ସକାଳୁ ବାବୁ ଖଣ୍ଡେ ନାଲିଆ ଗାମୁଛା ଧରି ବାହାରି ପଡ଼ିଲେ । ଡ୍ରଇଂ ରୁମ୍‌ଟାକୁ କ'ଣ ଗାଁ ପୋଖରୀ ତୁଠ କରି ପାଇଲ ?

ନବଘନ : ଓଃ ! ସକାଳୁ ସକାଳୁ ଏମିତି ପାଟିତୁଣ୍ଡ କରନି କହୁଚି ।

ହେମ : ଆଜି ବେବୀର ଜନ୍ମଦିନ । ସହରର ସବୁ Officerଙ୍କୁ ନିମନ୍ତ୍ରଣ ପଠେଇ ଦେଇଚି । ସେମାନେ ଆସି ପହଞ୍ଚିଲା ବେଳକୁ ଆମ ବାବୁ କ'ଣ ନା...ଖଣ୍ଡେ ନାଲି ଗାମୁଛା ଧରି ଗୁଡ଼ାଖୁ ଘଷୁଥିବେ । Good habits! ମୋର ଆଉ Prestige ରହିବଟି ?

ନବଘନ : ଓଃ ! ତମ Prestige ପାଇଁ ମୁଁ କ'ଣ କମ୍ ଦୁଃଖିତ ହେମାଙ୍ଗିନୀ ? କିନ୍ତୁ କ'ଣ କରିବି କହିଲ ? ମୋର ଦୋଷ କିଛି ନାହିଁ । ଏ ଧୋତିଟା ଭାରି ବଦମାସ ! ମତେ ସକାଳୁ ଦେଖିଲା ମାତ୍ରେ ଅଣ୍ଟାରେ ଗୁଡ଼େଇ ହେଇଯିବ କହୁଚି ।

ହେମ : ଛେନାଟା କହୁଚି ।

ନବଘନ : କ'ଣ ଆଉ କହୁଚ ଯେ ? ଯାଇ ପୁଣି ସେଇ night dressରୁ ଗୋଟାଏ ମଡ଼େଲ ହେଇ ଆସିବି ତ ? ହେଲା ।

ହେମ : ଭାରି କଷ୍ଟ ନୁହେଁ ?

ନବଘନ : କଷ୍ଟ ନୁହେଁ ଆଉ କ'ଣ ? ସକାଳୁ ତମ ଘରକୁ କିଏ ଏମିତି ଚାଲି ଆସୁଚି ଯେ ଡ୍ରେସିଂ – ପେଣ୍ଟିଂ ହେଇ ବସିବି ? ଅଣ୍ଟାରେ ଲୁଙ୍ଗି ଖଣ୍ଡେ ଗୁଡ଼େଇ ଦେଲେ କାମ ଶେଷ, Comfortable । ଆଉ ଏଇଥିରୁ ଗୁଡ଼ାଏ ଗଳେଇ ହୁଅ ... (ମୁଣ୍ଡଟା କୁଣ୍ଡାଇ) କମ୍ ବାଳ ଥିଲା ଭଲ ଥିଲା – ଏଇଥିରୁ ଗୁଡ଼ାଏ ଲମ୍ବା ବାଳ ରଖିବାକୁ ବାଧକରି (ମୁଣ୍ଡ କୁଣ୍ଡେଇଲେ) ଉକୁଣି ହେଇଗଲେଣି –

ହେମ : Lice-soap !! use lice soap ! daily shampoo କଲେ ଏଇ ଛୋଟ trouble ଆଉ ଆସିବନି । ହଜାର ଥର କହିଲିଣି ଟିକିଏ sophisticated ହୁଅ – societyରେ ଆମର ଗୋଟାଏ status ଅଛି !!

ନବଘନ : ଏଇକ୍ଷଣି ଆଉ ଏ ବୁଢ଼ା ବୟସରେ style କଲେ ହଉଚି ଆଉ ହେମାଙ୍ଗିନୀ ? ତମ ଭଳିଆ ପିଲାଦିନରୁ ସେ ସବୁ ଶିଖିଥିଲେ କେଜାଣି କ'ଣ ଟିକିଏ ହୁଅନ୍ତା ହେଲେ –

ହେମ : ସଫା Turkish ତଉଲିଆ ଥାଉ ଥାଉ ଏଇଥିରୁ ଗୋଟେ ନାଲି ଗାମୁଛାରେ ମୁହଁ ପୋଛିବା କ'ଣ ଦରକାର ଯେ ? – ଇସ୍ – ସେଇଟା ପୁଣି କି nasty... କାହାର ସେଇଟା ... (ପ୍ରାୟ ଉଠିବା ଜାଗାରୁ ଡେଇଁ ପଡ଼ିଲା ଭଳି) Good Heavens! ସେଇଟା ପରା ଜେମାର ! ସେଥିରେ ସେ ବାସନ ପୋଛେ !

ନବଘନ : ହଉ, କ'ଣ ହେଇଗଲା ? ଜେମା କ'ଣ ମଣିଷ ନୁହେଁ ?

ହେମ : ନାଃ ! ତମେ ଆଉ ମଣିଷ ହବନି । ସରକାର କେମିତି ଯେ ତମକୁ Class One Officer କଲା – !! Strange !!

ନବଘନ : କ'ଣ ଆଉ କରିବା କହିଲ – ସରକାରଙ୍କର ଭୁଲ ହେଇଯାଇଚି ।

ହେମ : (ହଠାତ୍ ଆବିଷ୍କାର କଲେ) shave ହେଲଣି ?

ନବଘନ : କାଲି ପରା ଦାଢ଼ି କାଟିଥିଲି ...

ହେମ : କାଲି ଖାଇଥିଲ ବୋଲି ଆଜି ଖାଇବନି !

ନବଘନ : ଦେଖ ହେମାଙ୍ଗିନୀ, ଏଇ ଯେଉଁ ଟାଣୁଆ ଶୀତଟା ହଠାତ୍ ପଡ଼ିଯାଇଛି ସେଥିରେ daily ମୁହଁ ଉପରେ razor ଚଳେଇବାଟା ଗୋଟାଏ ଶାସ୍ତି ।

ହେମ : ଅଦ୍ଭୁତ ଲୋକ !

ନବଘନ : ଗାଲଗୁଡ଼ାକ ଫାଟି ରକ୍ତ ବାହାରିବ ।

ହେମ : ତମେ ଗୋଟାଏ 1944- model ford ଗାଡ଼ି; ବୁଝିଲ ? ତମ ଲାଗି ମୋର Prestige ଚାଲିଯିବ ।

(ଜେମା ପ୍ରବେଶ କରିଛି)

ହେମା : ବାବୁ ! ଚାଲନ୍ତୁ ଖାଇବା ଟେବୁଲ୍ ଉପରକୁ । ଚା' ରଖିଦେଲିଣି ।

ନବଘନ : କାହିଁକି ? ଚା ଟିକିଏ ପିଇବା ପାଇଁ dining table ପର୍ଯ୍ୟନ୍ତ ନ'ଗଲେ କ'ଣ ଚଳନ୍ତା ନାହିଁ ?

ଜେମା : ମା' ପରା କହିଛନ୍ତି ସେଇଠି ବସି ଆଜି ଚା' ପିଆ ହବ । ଆଜି ଅନେକ ଲୋକ ଏଇଠିକି ଆସିବେ ନୁହେଁ ମା' ? (ଜିଭ କାମୁଡ଼ି) ଭୁଲ ହେଇଗଲା ମାଡ଼ାମ୍ ।

ନବଘନ : 'ମାଡ଼ାମ୍' ? ବାଃ ! ଆଜି ମତେ ଲାଗୁଚି ମୁଁ ରାତି ପାହିଲା ବେଳକୁ ଯେମିତି ହଠାତ୍ ମାନେ ହଠାତ୍ ମୋର ଗୋଟାଏ ରୂପାନ୍ତର ହେଇଯାଇଛି । ଏ କଳା ଚମଡ଼ାଟା ଶେତା ପଡ଼ିଯାଇଛି, ବାଳଗୁଡ଼ାକ ହଳଦିଆ-ଆଉ ମୁଁ ? ଗୋଟାଏ ଆମେରିକାନ୍ !! (ହସିଲେ) ବୁଝିଲୁ ଜେମା ...

ହେମ : ଜେମା, ତୁ ଯା'– (ଚାଲିଗଲା ପରେ) ଚାକର ଚାକରାଣୀଙ୍କ ଆଗରେ ଏମିତି ସୁଆଙ୍ଗ ନ କଲେ ଚଳନ୍ତାନି !



ଟିପ୍ପଣୀ

ନବଘନ : ଆହା, ସେମାନେ ତ ପୁଣି ମଣିଷ –

ହେମ : ତମେ କିନ୍ତୁ ଗୋଟାଏ ford ଗାଡ଼ି – ତା' ପୁଣି 1944 - model !!

ନବଘନ : ଆହା; ତମେ ଏଇନା ଇଚ୍ଛା କଲେ ନିଜେ ଗୋଟାଏ Leyland truck ହେଇଯାଅ; ମୋର କିଛି ଆପତ୍ତି ନାହିଁ !

ହେମ : ଅଭଦ୍ର ! Rusticଙ୍କ ଭଳି କଥାବାର୍ତ୍ତା କରନି । ସିଧା Dress ବଦଳେଇ Dining table ପାଖକୁ ଆସ ।

ନବଘନ : ଦେଖ ହେମାଙ୍ଗିନୀ ! ତମର ରୂପ, ଗୁଣ, ନାକ, ଆଖି, ଓଠ ସବୁ ମୋର ପସନ୍ଦ ହଉଚି... କିନ୍ତୁ ଏଇ ଯୋଉ ଛୋଟ ଛୋଟ କଥାରେ ତମତମ ହେଇ ରାଗୁଚ ... ସେଇଟା ଖରାପ ଲାଗୁଚି ।

ହେମ : ମୁଁ ବୋଲି ରାଗୁଚି । ମିସେସ୍ ମହାନ୍ତି କିମ୍ୱା ମିସେସ୍ ପରିଜା ହେଇଥିଲେ ଏମିତି ପୋଷାକ ପିନ୍ଧିଥିବା husband ମାନଙ୍କୁ ୨୦ ଥର ବସ୍‌ଉଠ୍ କରେଇ ଦିଅନ୍ତେ !!

ନବଘନ : ତମର ବାଳିକା ଉନ୍ନୟନ କେନ୍ଦ୍ରରେ ଏଇ ଡେସିସନ୍ ସବୁ ନିଆ ହେଇଚି ତା' ହେଲେ ?

ହେମ : ହଁ, ନ ହେଲେ ତମଭଳିଆ ମଫସଲି ସବୁ ମଣିଷ ହେବେ କିମିତି ?

ନବଘନ : ଆଚ୍ଛା, ଆଚ୍ଛା, ଏମିତି କଥା । Babyର Birthday ପାଇଁ କ'ଣ କ'ଣ ସବୁ ଆୟୋଜନ କରିଚ ?

ହେମ : ତମ ମୁଣ୍ଡରେ ସେସବୁ ପଶିବନି ।

ନବଘନ : ତଥାପି... ?

ହେମା : ଡ୍ରାଇଭର ଆସିଲେ କହିବ Pravat Bakeryରୁ କେକ୍‌ଟା ନେଇ ଆସିବ । ମିସେସ୍ ସିହ୍ନା ତାଙ୍କ ପୁଅର Birthdayରେ ଗୋଟାଏ କେକ୍ ତିଆରି କରିଥିଲେ ଠିକ୍ Lingaraj Temple ମଡ଼େଲରେ ।

ନବଘନ : ତମେ କୋଣାର୍କ temple ମଡ଼େଲ୍ ପାଇଁ order କରିଚ ?

ହେମ : ନା, ଗୋଟାଏ ବଡ଼ ସାଇଜି ସୂର୍ଯ୍ୟମୁଖୀ ଫୁଲ ଭଳି ।

ନବଘନ : ଖୁବ୍ ଭଲ କଥା କହିଲ । କେତେ ପଇସା ଖର୍ଚ୍ଚ ହେଲା ?

ହେମ : ମୋଟେ ଅଢ଼େଇ ଶହ...Pravat Bakery Brilliant କାମ କରେ ।

ନବଘନ : ଅଢ଼େଇ ଶହ ? What do you mean ହେମାଙ୍ଗିନୀ ! ତମେ ମତେ ଦେବାଳିଆ କରି ଛାଡ଼ିବ ନା କ'ଣ ?

ହେମା : ତିନି ଫୁଟ ଉଚ୍ଚା ସୂର୍ଯ୍ୟମୁଖୀ ଫୁଲ designର cake ପାଇଁ ଅଢ଼େଇ ଶହ ଟଙ୍କା କ'ଣ ବେଶି ହୋଇଗଲା ।

ନବଘନ : ସୂର୍ଯ୍ୟମୁଖୀ ଫୁଲର ଦାମ ଅଢ଼େଇ ଶହ ହଉ କି କୋଣାର୍କ ଦେଉଳର ଦାମ ପାଞ୍ଚ ହଜାର ହଉ, ମୋର ସେଥିରେ କିଛି କହିବାର ନାହିଁ । ତେବେ ଏ ଯୋଉ ଅଢ଼େଇ ଶହ ଟଙ୍କାଟା...

ହେମ : ପାଟି କରନି, ଲୋକେ ହସିବେ । Baby ମୋର Senior Commercial Tax Officerଙ୍କ ଝିଅ... କିରାଣୀର କି ଲେକ୍‌ଚର୍‌ର ନୁହେଁ ।

ନବଘନ : ମୋ' ପାଖରେ ପଇସା ନାହିଁ ।

ହେମ : Pravat Bakery ମୋ'ଠୁ ପଇସା ନବ ନାହିଁ ।

ନବଘନ : ହେମ ! ଦିନକୁ ଦିନ ମୁଁ ଭୟଙ୍କର corruption ଭିତରେ ଲିପ୍ତ ହେଇ ପଡୁଚି ।

ହେମ : ମୋଟେ ନୁହଁ, ସେମାନେ ହଜାର ହଜାର ଟଙ୍କାର ବିକ୍ରୀକର ଠକୁଛନ୍ତି । C.T.O.ଙ୍କ ପାଇଁ ଗୋଟାଏ ମାଗଣା ଦେଇପାରିବେ ନାହିଁ ।

ନବଘନ : ହଉ, ଆଉ କ'ଣ କ'ଣ ଦରକାର ?

ହେମ : ତମର ସେଥିରେ ମୁଣ୍ଡ ଖଟେଇବା ଦରକାର ନାହିଁ, ମିସେସ୍ ମେହେତା ଓ ମିସେସ୍ ଶର୍ମା ଆସୁଛନ୍ତି । କାଳେ ଦରକାର ହେବ ବୋଲି ମୁଁ ଦଶଟା ବିଅର୍ ମଗେଇ ଦେଇଛି ।

ନବଘନ : ଇସ୍, ମୋ' ଘରଟାକୁ ତମେ ଗୋଟାଏ Clubରେ ପରିଣତି କରି ଦେବନା କ'ଣ ? ବଡ଼ ଭାଇ ଗାଁରୁ ଆସିବେ..... ଏଗୁଡ଼ାକ ଦେଖି କ'ଣ କହିବେ କହିଲ ?

ହେମ : ବଡ଼ଭାଇଙ୍କୁ କହିବ ଆସିଲେ ସିଏ ଧୋତି ପିନ୍ଧି ବେଶୀ ଯିବା ଆସିବା କରିବେନି । ତାଙ୍କୁ ବରଂ ରୋଷେଇ ଘରେ Supervise କରିବା ପାଇଁ କହିଦେବ ।

ନବଘନ : ହେମ, ସତ କହିବାକୁ ଗଲେ ମୁଁ ତମର ଏଇ aristocracyକୁ ଘୃଣା କରେ । ଆମ ଘରେ ଆମେ ଗୋଟିଏ ଦୁଇଟା ଗାମୁଛାରେ ଛ'ଛ ଭାଇ ଚଳିଯାଉ । ହାତ ପୋଛିବା ପାଇଁ, ଗାଧୋଇବା ପାଇଁ, ନାକ ପୋଛିବା ପାଇଁ ଆଉ ମୁହଁ ପୋଛିବା ପାଇଁ ଦଶଟା ତଉଲିଆ ତମ ଘରେ ଥିବ । ଆମର ଜନ୍ମ ଦିନରେ ଖିରି, ଚକୁଳି ତିଆରି ହୋଇ କାମ ଚଳୁଥିଲା । ଏମିତି ମହମବତୀ ଆଉ କେକ୍‌ର ଦରକାର ପଡୁନଥିଲା । ତମର ମନେ ରଖିବା ଉଚିତ୍ ତମେ ଏ ଘରର ବୋହୂ ... କେକ୍ ଆଉ ତଉଲିଆ ଘରର ଝିଅ ନୁହଁ ।

ହେମ : ମୁଁ କ'ଣ ସେଇ କଥା କହିଲି ? ଆମ ଘରେ କ'ଣ ଦଶ ଦଶଟା ତଉଲିଆ ଅଛି ବୋଲି ମୁଁ କହିଲି ? ଆଚ୍ଛା, ମୁଁ ପଚାରୁଚି ଏଥିରେ ଭୁଲ୍ କ'ଣ ରହିଲା ? ଆମେ ଯଦି କରିବା ପାଇଁ ସକ୍ଷମ ତା'ହେଲେ ବ୍ୟବହାର କଲେ କ୍ଷତି କ'ଣ ?

ନବଘନ : କାଲି ଯଦି ମୋ ଚାକିରିଟା ଚାଲିଯାଏ ? କାଲି ଯଦି ଆମେ ହଠାତ୍ ଗରିବ ହୋଇଯିବା ?

ହେମ : ଦେଖିବ ଗାମୁଛାରେ ମୁଁ ବି କାମ ଚଳେଇ ନେଇପାରିବି । ଗାମୁଛା କ'ଣ-ଚିରାଶାଢ଼ୀ ନହେଲେ ଧୋତି ଖଣ୍ଡେ ବି ହେଲେ ଚଳିବ ।

ନବଘନ : ଛାଡ଼ ! ସେଇଥିରୁ କ'ଣ ମିଳିବ ? କାହାକୁ କାହାକୁ ଡାକୁଛ ଆଜି ?

ହେମ : (ଡାଏରୀ ଦେଖି) ବେବୀର ପରିଚୟ ଲୋକ ଭିତରୁ ଆକାଶବାଣୀ staff ଆଉ ତା'ର English honours ପିଲାଏ ଆସିବେ । Boy friends ଭିତରୁ ସୁରଜିତ୍, ଅମର, ବିଜୟାନନ୍ଦ ଏବଂ ଅମିତ୍ ... ତା'ଛଡ଼ା ତମ ଅଫିସ staff, Finance Secretary, Deputy Secretary Supplyର under secretary ତାଙ୍କ family, O.M.P. 2nd battalion Commander ମି. ସାହୁ, sub treasury officer family ଏବଂ ମୋର ସାଙ୍ଗମାନଙ୍କ ଭିତରୁ...

ନବଘନ : ଥାଉ, ମୁଁ ବୁଝିପାରୁଚି । ତମ ତାଲିକାର ଦୈର୍ଘ୍ୟରୁ ଜଣାପଡୁଚି ଅନ୍ୟୁନ ତିନିଶହରୁ କମ୍ ହେବେନି । ତା'ମାନେ ସମୁଦାୟ ହଜାର ଟଙ୍କାର ବନ୍ଦୋବସ୍ତ ।

ହେମ : ତମର ଏଇ ଯେଉଁ ହିସାବୀ ବୁଦ୍ଧି ନା ମତେ ଚିଡ଼ି ମାଡ଼େ ... ମୁଁ ଯାହା କରୁଛି ତମ status ପାଇଁ ତ ! ମିସେସ୍ ସିହ୍ନା ତାଙ୍କ ପୁଅର Birthdayରେ ଅଢ଼େଇ ହଜାର ଖର୍ଚ୍ଚ କରିଥିଲେ ।

ନବଘନ : କ'ଣ ଲାଭ ?

ହେମ : ଲାଭ ? ଆକାଶବାଣୀ ବାଲା ଆସୁଛନ୍ତି ବୋଲି ଆଜି ସଂଧ୍ୟାରେ ଆଞ୍ଚଳିକ ସମ୍ବାଦରେ ବେବୀର Birthday ସମ୍ପର୍କରେ ଦୁଇ ଲାଇନ୍ କୁହାହବ । (ଖୁବ୍ ଖୁସି ହୋଇ) ଆଉ ଗୋଟିଏ ବି ପ୍ଲାନ୍ ଅଛି । ସଂଧ୍ୟାର ଭୋଜି ଆସର ପୂର୍ବରୁ ଗୋଟାଏ କବିତା ପାଠୋତ୍ସବର ଆୟୋଜନ କରାଯାଇଛି । ଅଧ୍ୟାପକ ମନ୍ଦରଧର ମହାପାତ୍ର ସମୀକ୍ଷା କରିବେ ଓ ପୋଲିସ ଡ଼ି.ଏସ୍.ପି. ଗୋବିନ୍ଦ ମହାସୁଆର ଜନ୍ମଦିନ ପାଳନ ଉତ୍ସବର ଉପକାରିତା ସମ୍ପର୍କରେ ଏକ ସନ୍ଦର୍ଭ ପାଠ କରିବେ । ତମେ ଯଦି ଅନୁରୋଧ କରିବ ଛାୟା ଅପା ଏଇ ସମ୍ପର୍କରେ ଏକ Radio news reel ପ୍ରସ୍ତୁତ କରିପାରନ୍ତି ।

ନବଘନ: ତମ ଛାୟା ଅପା କିଏ ମୁଁ ଜାଣେନି । ଜାଣିଥିଲେ ବି ଏତେ ସବୁ ଅନୁରୋଧ କରି ନଥା'ନ୍ତି । ଏ ସବୁ ଫମ୍ପା ଫୁଟାଣିରେ ମୋର ଘୃଣା ।

ହେମ : ସେଇଥିପାଇଁ ତ କୁହାଗଲା ତମେ 1944-Modelର ଏକ ପୁରୁଣା ଫୋର୍ଡ଼ ଗାଡ଼ି । ଆଜିକାଲିର ବଜାରରେ ସଂପୂର୍ଣ୍ଣ ଅଚଳ ।

ନବଘନ : ତମ ଘରୁ କିଏ କିଏ ଆସିବେ ? Daddyତ ନିଶ୍ଚୟ ।

ହେମ : ମାମୀ ଯଦି ଭାଇଙ୍କ ପାଖକୁ ବାଙ୍ଗାଲୋର୍ ଯାଇ ନଥାନ୍ତେ ସିଏ ବି ଆସିଥାନ୍ତେ । ତେବେ ଅଙ୍କଲ୍ ନିଶ୍ଚୟ ଆସିବେ ।

ନବଘନ : ବିପଦର ଆଶଙ୍କା ବେଶୀ ।

ହେମ : ତମେ ଯୋଉ ନୂଆ ସୁଟ୍‌ଟା ତିଆରି କରିଚ ସେଇଟାକୁ ପିନ୍ଧିବ । ଚୁରଟ୍ ଟାଣିବ । ଟିକିଏ ସ୍ମାର୍ଟ ହବ, ଏୟା ତ ।

ନବଘନ : ତୁମ ଅଙ୍କଲ୍ ଆମେରିକାରୁ ଫେରିଛନ୍ତି ବୋଲି ସିଏ ଯାହା କହିବେ କ'ଣ ବେଦବାକ୍ୟ ବୋଲି ଆମେ ଧରିନେବାକୁ ବାଧ୍ୟ ?

ହେମ : ତମେ ଅଙ୍କଲଙ୍କ ଉପରେ କାହିଁକି ରାଗୁଚ ଯେ ? ସେଦିନ ତମେ ତିନି ଦିନର ମଇଳା ଗଞ୍ଜିଟାଏ ପିନ୍ଧିଥିଲ । ବଦଳାଇବାକୁ କହିଲେ ...

ନବଘନ : ତିନିଦିନ କ'ଣ... ଜୀବନରେ ଏମିତି ସମୟ ଆସିବ ଯେତେବେଳେ ଗୋଟାଏ ଗଞ୍ଜିରେ ଦଶ ବାର ଦିନ କଟାଇବାକୁ ପଡ଼ିବ । ତମେ କହିବା ଦିନଠୁ ଦିନରେ ଦି' ଥର ବଦଳେଇ ଦଉଚି ।

(ଜେମା ପୁଣି ଆସି କହିଚି)

ଜେମା : ମା' ... (ଜିଭ କାମୁଡ଼ି) ମ୍ୟାଡ଼ମ୍ -ଚା' ଥଣ୍ଡା ହେଇଗଲା ।

ନବଘନ : ଏଇଠିକି ନେଇ ଆ'

ହେମ : Hopeless ! ! ତମେ ଶୀଘ୍ର ଗଲ ଦାଢ଼ିଟା କାଟି ପକେଇଲ ପ୍ରଥମେ ।

ନବଘନ : Babyର Birthday ହେଲେ ମୋର ଏଇ punishment ଟା ଖୁବ୍ ବେଶି ବାଧିଯାଉଚି ।

ହେମ : ଡ୍ରାଇଭର ଆସିଲାଣି ?

ଜେମା : ଦାଣ୍ଡରେ ବସିଚି । ଡାକିଦେବି ?

ହେମ : ନା, କହିଦେ' କାର୍ ନେଇ କି ଯିବି ।

(ଜେମା ଯାଇଚି)

ତମେ ଯାଅ shave ହେଇ ସୁଟ୍‌ଟା ପିନ୍ଧି ପକେଇବ ।

ସେ night gown ପିନ୍ଧା ନହେଲେ ନାଇଁ । ଏଇ କ୍ଷଣିକା ଯଦି ନେଲି ଅପା ପହଞ୍ଚି ଯିବ ନା...

ନବଘନ : ଯାଉଛି ବାବା... ତମନେଲି ଅପାକୁ ଦେଖିଲେ ମୋର heart fail କରିଯିବ ।

(ନବଘନ ଗଲାପରେ ବେବୀ ଆସିଛି । ପରିଧେୟ ବେଲ୍ ଇତ୍ୟାଦି । ଦେଖିବାକୁ ଭାରି ଉଦଣ୍ଡୀ)

ବେବୀ : ମାମୀ ! ଘରେ କ'ଣ ଆଉ କିଛି ଜଳଖିଆ ନାଇଁ ।

ହେମ : ଅଣ୍ଡା ଥିଲା, ଫଳ ଥିଲା – ଆଉ ବିସ୍କୁଟ !

ବେବୀ : ମୁଁ ସେ ଅଣ୍ଡା ଫଳ ଖାଇ ପାରିବିନି ।

ହେମ : ପୂଜାରୀ କଟ୍‌ଲେଟ୍ କରିଥିଲା ।

ବେବୀ : ଓଃ Bore ! ରୋଜ୍ ସେ ମାଛ କଟ୍‌ଲେଟ୍ କିଏ ଖାଇବ ଯେ ? ସେଗୁଡ଼ା କ'ଣ ଖାଦ୍ୟ ?

ହେମ : ଆଉ ମୁଁ କ'ଣ କରିବି ଯେ ?

ବେବୀ : (କାନ୍ଦିଲା ଭଳି) ନାଇଁ ଯା... ମାଡ୍ରାସୀ ହୋଟେଲ୍‌ରୁ ମୋ' ପାଇଁ ଦୋସା ମଗେଇ ଦେ' ।

ହେମ : ଡ୍ରାଇଭର୍‌କୁ କହ । (ପାଟିକରି) ଜେମା... ଜେମା...

ଜେମା : (ପ୍ରବେଶ କରି) ତମେ ଦେଇଙ୍କି ବୁଝେଇଲ । ଜଳଖିଆ ଯେମିତି ସେମିତି ଟେବୁଲ୍ ଉପରେ ରଖା ହେଇଚି ।

ବେବୀ : ମୁଁ ସେଗୁଡ଼ା ଖାଇ ପାରିବିନି ।

ଜେମା : ମୁଁ ମରି ଯାଉଥାଏ ଲୋ' ମା' -ଡିମ୍ବ ଭଜା ପାଟିକୁ ରୁଚୁନି...
ଆ...ହା...ହା...ଚୁଃ...ଚୁଃ...ଚୁଃ... ! !

ହେମ : ତା' ପାଇଁ ଡ୍ରାଇଭରକୁ - କହ ମାଡ୍ରାସୀ ହୋଟେଲରୁ ଦୋସା ନେଇ ଆସିବ ।

ଜେମା : କ'ଣ କହିଲ ମା' ! ଏଇନା ପୁଣି ଗାଡ଼ିରେ ଗୋଟାଏ ଲୋକ ମାଡ୍ରାସୀ ହୋଟେଲ ଯିବ ? ତେଲ ଖର୍ଚ୍ଚ ହବନି ?

ହେମ : ହଉ, ତୋର କ'ଣ ଗଲା ?

ଜେମା : ସତେ ମା' .., ଭୁଲ ହେଇଗଲା ... ମାଡାମ୍ ଗାଡ଼ିରେ କେତେ ବୋତଲ କିରାସିନୀ ଖର୍ଚ୍ଚ ହୁଏ ?

ବେବୀ : କିରାସିନୀ ? ଏଇଠୁ ମାଡ୍ରାସୀ ହୋଟେଲ ଯିବା ପାଇଁ ଦୁଇ ବାଲ୍‌ଟି !

ଜେମା : ହେ ପ୍ରଭୁ, ସର୍ବମଙ୍ଗଳା - ଜଗନ୍ନାଥେ ! ଦି ବାଲ୍‌ଟି ତେଲ ପୋଡ଼ିବ ଏଇନା ?

ହେମ : ପୋଡୁ ।

ବେବୀ : ଯାକୁ ଭାରି ଚିନ୍ତା ଲାଗିଲା ।

ଜେମା : ହଁଅ...ମୋର କ'ଣ ଗଲା ? ଯେମିତି ପଇସା ସେମିତି ଖର୍ଚ୍ଚ...ଯେତେ ଗଛକୁ ତେତେ ପବନ...

ହେମ : ତୋର ସାଙ୍ଗମାନେ ସବୁ ଆସିବେଟି ?

ବେବୀ : ବୁଝିଲୁ ମାମା ! ସଞ୍ଜୟ ସାର୍‌ଟା ଭାରି ଅଭଦ୍ର । ସାଇକୋଲଜି ପ୍ରାକ୍‌ଟିକାଲ୍ ଖାତା ଦସ୍ତଖତ କରିବା ପାଇଁ ଘରକୁ ଡାକୁଛନ୍ତି ।

ହେମ : ଗଲୁନି ।

ବେବୀ : ମତେ ତାଙ୍କ ଘରକୁ ଯିବାପାଇଁ ଭଲ ଲାଗେନି ।

ହେମ : ଆଉ ପ୍ରବୀର ଘରକୁ କେମିତି ଚାଲିଯାଉ ।

ବେବୀ : ପ୍ରବୀର ଭାଇ କି ସୁନ୍ଦର ଗାଆନ୍ତି । ଆଜିକାଲି ଯେବେ ସିନେମା ହଉଚି ମାମା ପ୍ରବୀର ଭାଇଙ୍କୁ ସେମାନେ ସମସ୍ତେ book କରୁଛନ୍ତି । ପ୍ରବୀର ଭାଇ କହୁଥିଲେ ଏଣିକି ସିଏ ଗୋଟାଏ ଗୀତକୁ ହଜାରେ ଟଙ୍କା demand କରିବେ ।

ହେମ : ପ୍ରବୀରକୁ କହିଲୁନି, ତୋର next programme କେବେ ମିଳୁଚି Radio Stationରେ ବୁଝିଥାନ୍ତା ।

ବେବୀ : ତୁ ଆଜି ସୁବାସ ବାବୁଙ୍କୁ ଡାକିଛୁଟି ? ସେ ବିଅର୍ ପିଇବାକୁ ଭାରି ଭଲ ପାଆନ୍ତି । ଆମେ ଯୋଉ ସେଥର ରାଉରକେଲା ଯାଇଥିଲେ... ମନେ ପଡୁନି ମାମା ? H.S.L.ର Winter Festival- ମୁଁ ଓଡ଼ିଶୀ ନାଚୁଥାଏ । ଏ ମା' - ସେ ଯାହା ଅଭଦ୍ରଙ୍କ ଭଳି ହେଲା ନା - ଅନ୍ଧାରଟା ଭିତରେ ମତେ ଡର ମାଡ଼ିଲା, ପଚାରିବାରୁ ସମସ୍ତେ କହିଲେ ସେ ବିଅର୍ ପିଇବାକୁ ଭଲ ପାଆନ୍ତି ...

ହେମ : ଆଚ୍ଛା, ଆଚ୍ଛା । ତା' କଥା ବୁଝିବା; ସେ ଆଜି ଆସିବଟି ?

ବେବୀ : କେଜାଣି ?

ହେମ : କାଇଁକି ? ତୁ ନିମନ୍ତ୍ରଣ କରିନୁ କି ?

ବେବୀ : ସେ ମୋ ଉପରେ ରାଗି ଯାଇଛନ୍ତି ।

ହେମ : ତୁ' ଯେମିତି କଳିହୁଡ଼ି କାହା ସାଙ୍ଗରେ ତୋର ଭଲ ପଡ଼ିବ କି ?

ବେବୀ : ମୁଁ କିନ୍ତୁ ହାତ ଧରି ଡାକି ଦେଇଚି ।

ହେମ : କେଜାଣି, ଆସିବ କି ନାଇଁ ! ସୁରଜିତ୍, ସଞ୍ଜୟ ଆଉ ଦେବାଶିଷ ?

ବେବୀ : ସେମାନେ ଆସିବେ ।

ହେମ : ଦରକାର ହେଲେ ତୁ ଗାଡ଼ି ନେଇ ଯିବୁ ଆଉ ପ୍ରବୀରକୁ ଡାକି ଆଣିବୁ ।

ବେବୀ : ଡାଡି ଗାଳି ଦେବେ ।

ହେମ : କ'ଣ ହେଲା ? ଡାଡି ଗାଳି ଦେବେ ତୋ Boy friendମାନଙ୍କୁ ଦେଖିଲେ ? ହେଇପାରିବନି ।

ବେବୀ : ତା'ହେଲେ ପ୍ରବୀର କଥା କ'ଣ କରିବା ମାମା ?

ହେମ : ତୁ ବରଂ ଗାଡ଼ିନେଇ ପ୍ରବୀର ଘରକୁ ଚାଲିଯା -

ବେବୀ : ଗାଡ଼ିନେଇ କାହିଁକି ଯିବି ଯେ ? ରିକ୍ସାରେ ଚାଲିଯାଉଛି । ଗାଡ଼ିଟା ପୁଣି ତୋର ତ' ଦରକାର ହେବ ।

ହେମ : ହଉ, ସେୟା କର । ଶୀଘ୍ର ଚାଲିଆସିବୁ କିନ୍ତୁ, ନେଲି ଆଣ୍ଟି ଆସିବେ ।
(ହଠାତ୍ ବାହାରେ car ଶବ୍ଦ ଶୁଭିଲା)

ବେବୀ : ହେଇ, ଆଣ୍ଟି ଆସିଗଲେ ବୋଧହୁଏ !

ନେଲିଆଣ୍ଟି : ହେମ... ! ! (ପ୍ରବେଶ କଲେ । ମୁହଁରେ ଚଷମା ଓ ଶର୍ବ ପିନ୍ଧିଛନ୍ତି)

ବେବୀ : Good Morning ଆଣ୍ଟି !

ନେଲି : Good Morning!

ହେମ : ଏ Shawlଟା କେବେ କିଣିଥିଲୁ ନେଲି ଅପା ?

ନେଲି : (ମୁହଁମୋଡ଼ି) ସିଏ କ'ଣ ଗୋଟାଏ conference attend କରିବା ପାଇଁ Amritsar ଯାଇଥିଲେ । ସେଇଠୁ ଆଣିଛନ୍ତି ।

ବେବୀ : Wonderful ! ବାଃ ଭାରି costly ଜଣାପଡୁଚି ।

ହେମ : କେତେ ହେଇଥିଲା କି'ଲୋ ?

ନେଲି : (ମୁହଁମୋଡ଼ି) କେଜାଣି ! କିଏ ପଚାରେ ଏଇ ଶାଲ୍‌କୁ । ଅଙ୍କଲ ଯୋଉ ଆମେରିକାରୁ କୋଟ୍‌ଟା ଆଣିଥିଲେ ମୁଁ ସେଇଟାକୁ ପସନ୍ଦ କରେ । (ବେବୀକୁ) କିଲୋ ବେବୀ ତୋର next radio programme କେବେ ହଉଚି ? ତୁ ଗୋଟାଏ Television interview ଦଉନୁ ?

ବେବୀ : ଆମର କ'ଣ ସେଥିରେ ହବ ଆଣ୍ଟି ? No influence.

ନେଲି : କ'ଣ କହିଲୁ ? ତୋର ହବନି ? ମୋ ମତରେ ତୁ ଫିଲ୍ମରେ ପାର୍ଟ କରିବା କଥା । ତୋର ଯାହା ଚେହେରା ଆଉ ...

ବେବୀ : କୁନ୍‌ମୁନ୍ ପରା 'ସପ୍ତଶଯ୍ୟା' ଛବିରେ ନାଚି ପକେଇଚି ।

ନେଲି : ହଁରେ ବେବୀ ସେ ଟୋକୀ ଏଡ଼ିକି ଫାଜିଲ୍ ଦେଖିଲୁ ! Collegeରେ sports ହଉଚି ବୋଲି ଗଲା । ମତେ କି ତା ଡାଡ଼ିକୁ ନ କହି ମନକୁ ମନ ଫିଲ୍ମରେ ମିଶିଯାଇଚି । (ମୁହଁମୋଡ଼ିଲେ)

ହେମ : ସେଇ ଯୋଉ କବାଲି ସିନ୍‌ଟାରେ ନାଚିଛି ତ !

ନେଲି : ହଁ ମ' । ଘରେ ଆସି ମୋତେ କହୁଚି 'ମାମୀ ଲୋ' ମୁଁ ସିନେମାରେ ମିଶିଗଲି । ମୁଁ ପଚାରିଲି "ତୁ ଆଉ କିଛି କରିଦେଇ ଆସି ଘରେ କହିବୁ' ମାମୀ ଲୋ ମୁଁ ଆଜି ଏୟା କରିଦେଲି !!"

ବେବୀ : (ହସି ହସି) ସେଇଠୁ କୁନ୍‌ମୁନ୍ ଅପା କ'ଣ କହିଲା !

ନେଲି : କହିଲା 'ହଁ' !

(ସମସ୍ତେ ହସିଲେ ଓ ନେଲି ଅପା ମୁହଁ ମୋଡ଼ିଲେ)

ହେମ : ଆଜିକାଲି ପରା ସମୟ ବଦଳୁଚି ନେଲି ଅପା ! ଟିକିଏ Liberty ନ ଦେଲେ ଝିଅଗୁଡ଼ା ପୁଅଙ୍କ ସାଙ୍ଗରେ ତାଳ ଦେବେ କେମିତି ?

ନେଲି : (ମୁହଁ ମୋଡ଼ି) ହଁ । ବାଳିକା ଉନ୍ନୟନ କରିବା ତ ତମର କାମ !!

ହେମ : ତୁ' ଏକା ଏକା ଆସିଲୁ କି ଅପା ? ଭାଇ, କୁନ୍‌ମୁନି - ??

ନେଲି : କୁନ୍‌ମୁନିର ଏକ୍‌ଷ୍ଟ୍ରା କ୍ଲାସ ଅଛି । ସିଏ ସେଇଠୁ ସିଧା ଆସିବ । ଆଉ ଭାଇ ଅଫିସ ଯାଇଛନ୍ତି । ଆଉ - ତମର ଏଇଠି ଏପର୍ଯ୍ୟନ୍ତ କିଛି ଆୟୋଜନ କରିନା ଯେ ?

ହେମ : ତୁ ଟିକିଏ ଅପା ପାଖରେ ବସ ବେବୀ । ମୁଁ ଶାଢ଼ିଟା ବଦଳେଇ ଆସୁଚି ।

(ଚାଲିଗଲେ)

ବେବୀ : କୁନ୍‌ମୁନିର Extra class ଅଛି ? କୋଉ ସାରଙ୍କର ?

ନେଲି : କେଜାଣି ।

ବେବୀ : କାଇଁ, ଆମର ତ ନାଇଁ ।

ନେଲି : ଗୀତ ସାର୍‌ଙ୍କର ଏକ୍ସ୍‌ଟ୍ରା କ୍ଲାସ ହେଇଥିବ ।

ବେବୀ : ହେଇଥିବ !

ନେଲି : ପିଲାମାନେ ଗୋଟାଏ କିଛି କରିବା ଉଚିତ ।

ବେବୀ : ବୁଝିଲ ଆଣ୍ଟି । କୁନ୍‌ମୁନିର extra curricular activity ଭଲ ।

ନେଲି : ଆହୁରି କରନ୍ତା । ମୁଁ ଯଦି ଟିକିଏ ନଜର ଦେଇପାରନ୍ତି !! ମୋର ତ ଏଇ ମାଗାଜିନ୍ କାମ ମତେ ଖାଇଲା । ମୋଟରୁ ସମୟ ମିଳୁନି । ବେଳେବେଳେ ଯୁବ ଲେଖକମାନଙ୍କୁ ଡାକି ଡ୍ରଇଂ ରୁମ୍‌ରେ କବିତା ପାଠୋତ୍ସବ କରାଉଚି । ଅଙ୍କଲ୍ ତ ଅଫିସ୍ ଯିବେ । ମୋର କାମ ହେଲା ଏୟା ।

ବେବୀ : ସେଥିପାଇଁ କୁନ୍‌ମୁନି ଆଜିକାଲି କବିତା ଲେଖୁଚି ।

ନେଲି : ଏ New years dayରେ ଘରୋଇ ସାହିତ୍ୟ ସଭାଟେ କରୁଥିଲୁ । କୁନ୍‌ମୁନି ଗୋଟାଏ କବିତା ପଢ଼ିଥିଲା ।

ବେବୀ : ମୋତେ ତୁମ ସାହିତ୍ୟ ଆସରକୁ ଡାକୁନା ଆଣ୍ଟି ?

ନେଲି : (ମୁହଁ ମୋଡ଼ି) ତୋର ତ Other engagements ବହୁତ...

ବେବୀ : କଣ ଅଛି ଆଣ୍ଟି, ତମେ ଖବର ଦେଲେ ମୁଁ ନିଶ୍ଚୟ ଯାଆନ୍ତି ।

ନେଲି : ତା' ହେଲେ ମୁଁ ଆରଥର ସାହିତ୍ୟ ସଭା ପାଇଁ ନିଶ୍ଚୟ ଖବର ଦେବି । ତୁ' ଖାଲି ସେଇ ରେଡ଼ିଓ ଷ୍ଟେସନ ବାଲାଙ୍କ ସହିତ ମିଶି ଯଥେଷ୍ଟ ହେଇଗଲା ଭାବିବା ଉଚିତ ନୁହେଁ । କିଛି କବି ଓ ଗାଳ୍ପିକଙ୍କ ସହିତ ମଧ୍ୟ ପରିଚିତ ହେବା ଉଚିତ । They are interesting boys...

ବେବୀ : ସୁଜିତ୍ ଭାଇ ସେଇଠିକି ଆସୁଛନ୍ତି ?

ନେଲି : ସୁଜିତ୍ ? ଓ ସୁଜିତ୍ ଦାସ ! ହୁଁ, ତୁ' କେମିତି ତାକୁ ଚିହ୍ନିଲୁ ?

ବେବୀ : ମୋରି ଜଣେ ସାଙ୍ଗର ଭାଇ ।

ନେଲି : ଆମେ ଶୁଣିଲୁ ତୁ କୁଆଡ଼େ ପ୍ରବୀରକୁ ବାହା ହଉଚୁ !

ବେବୀ : (ଇଙ୍ଗିତ କରି) ଆସ୍ତେ, ଆସ୍ତେ ଆଣ୍ଟି । ବାପା ଶୁଣିଲେ –

ନେଲି : ବାପା କାହାନ୍ତି ? ବାବୁଙ୍କର କ'ଣ ଏ ପର୍ଯ୍ୟନ୍ତ ଦେଖାନାଇଁ – !

ନବଘନ : (ପ୍ରବେଶ କରୁ କରୁ) ପାଟି ଶୁଣି ମୁଁ ଭାବୁଥିଲି ତମେ ନିଶ୍ଚେ ଆସିଚ । ନ ହେଲେ ଏଇ ସକାଳୁ ସକାଳୁ ଦାଣ୍ଡ ଘରେ କଳରବ ସୃଷ୍ଟି କରିବ ଆଉ କିଏ ?

ନେଲି : ବାଃ ! ଆଜି କ'ଣ ପୂରା ସାହେବ ହେଇ ଯାଇଚ !

ନବଘନ : ସାହେବାଣୀମାନଙ୍କ ଗହଣରେ ରହିଲେ ସାହେବ ନ ହୋଇ ଆଉ ଉପାୟ ଅଛି ? ଅଗତ୍ୟା ।

ବେବୀ : ଡାଡ଼ି ! ଟାଇଟା Double knot କଲନି ?

ନବଘନ : ଏଇଥିରେ ଚଳିବ ।

ନେଲି : (ହସି ହସି) ଇସ୍ ! ଇଏ କ'ଣ ? ବଳଦ ବେକରେ ଦଉଡ଼ି ବାନ୍ଧିଲା ଭଳି (ପୁଣି ହସିଲେ)

ନବଘନ : ହଁ ଭାଇ, ବୁଢ଼ାଲୋକ ଆମର କ'ଣ ଅଛି । ପୁଣି ଥରେ ତ ଆଉ କିଏ ବାହାହେବା ପାଇଁ ଆସିବ ନାଇଁ !

ନେଲି : ଯାହା କୁହ, ତମେ ଟିକିଏ ଚୁଡ଼ା ଅଛ ।

ନବଘନ : କ'ଣ ଆଉ କରିବା ? ଆମେ ତ ଗ୍ରାମବାସୀ । ତମ ହେମାଙ୍ଗିନୀଙ୍କ ଭଳି ଫରେନ୍ ଫେରନ୍ତା ଘରର ଲୋକ ନୋହୁ ।

ବେବୀ : ଯାହା କୁହ ଡାଡ଼ି ଡବଲ୍ ନଟ୍ ନ କଲେ ସମସ୍ତେ ଚିଡ଼େଇବେ ।

ନବଘନ : (ବିରକ୍ତ ହୋଇ) ଚିଡ଼େଇଲେ ତୋର କ'ଣ ଗଲା ? ମୁଁ ଏସବୁ ଫମ୍ପା aristocracy ପସନ୍ଦ କରେନି ।

ହେମ : (ପ୍ରବେଶ କରି) କ'ଣ ହେଲା ? ଏମିତି ପାଟି କରୁଚ କାହିଁକି ?

ବେବୀ : (କାନ୍ଦ କାନ୍ଦ ହୋଇ) ଦେଖିଲ ମାମୀ, ଡାଡ଼ି Tie-knot ଟାକୁ ବଳଦଙ୍କ ଭଳି ଭିଡ଼ିଛନ୍ତି, କହିଲା ବେଳକୁ ମୋ ଉପରେ ଚିଡ଼ୁଛନ୍ତି ।

ହେମ : (ପରୀକ୍ଷା କରି) ହଁ ତ ! ଇଏ କି knot ! ଏମିତି ଗୁଡ଼େ ଦେଖିଲେ ଅଙ୍କଲ୍ କ'ଣ କହିବେ ଯେ ?

ନବଘନ : ତମ ଅଙ୍କଲ କ'ଣ କହିବେ ନ କହିବେ, ତାଙ୍କ ମର୍ଜି ଜଗି ମୁଁ ବେଶ ହେଇ ପାରିବିନି ।

ହେମ : କ'ଣ କହିଲ ?

ନବଘନ : ସମସ୍ତେ ହିପୋକ୍ରାଟ । ଭିତରେ ଯାହା ଥାଉ ନ ଥାଉ ବାହାରଟାକୁ ଚହଟ ଚିକ୍କଣ କରି ଦେଖେଇବା ତମର ଧନ୍ଦା ...

ହେମ : କ'ଣ କହିଲ ? ଆମେ ଦେଖେଇ ହଉଚୁ ?

ନେଲି : ଆପଣଙ୍କର ଅଙ୍କଲକୁ ଏମିତି ଆକ୍ଷେପ କରି କହିବା ଠିକ୍ ହେଉନି ନବଘନବାବୁ ।

ବେବୀ : Dady behaves like a rustic !

ନବଘନ : You shut up !

ହେମ : ତମେ ମୋ ଝିଅକୁ ଏମିତି ଗାଳି ଦେଇ ପାରିବନି ।

ନବଘନ : ଅଲବତ୍ ଦେବି ।

ହେମ : ତୁ' ଗାଡ଼ି ନେଇ ଯା' ବେବୀ । ପ୍ରବୀର ଘରକୁ ବରଂ ଚାଲି ଯା –

ନବଘନ : ଚାଲିଯାଉ । ମୁଁ ଏ Birthday party ପସନ୍ଦ କରେନା ।

ହେମ : ଜାଣିଥିଲେ ସିନା ପସନ୍ଦ କରନ୍ତ ? ତମ ଖାନ୍‌ଦାନୀରେ ତ କିଏ Birthdayକରି ନଥିବେ ।

ନେଲି : ମୁଁ ଯାଉଛି ହେମ । ବରଂ ସନ୍ଧ୍ୟାବେଳେ ଆସିବି ।

ହେମ : ତମେ ବସ ଅପା ।

ବେବୀ : Aunty, please don't mind !

ନେଲି : ନା, ମୁଁ ଯାଉଚି । (ଚାଲିଗଲେ)

ବେବୀ : (ପଛେ ପଛେ) ଆଣ୍ଟି ! ରୁହ Please !!

ହେମ : ତୁ' ବି ଚାଲି ଯା' ବେବୀ । ଏ ଘରେ ଏମାନେ ଆମକୁ ରଖେଇ ଦେବେନି ।

ନବଘନ : ଯାଉ, ସମସ୍ତେ ଯାଆନ୍ତୁ । ଏଠି ଗୋଟେ ସକାଳୁ ସକାଳୁ ଜନ୍ମଦିନ ପାଲା ଚାଲିଚି । ପ୍ରବୀର କିଏ ? ତା' ଘରକୁ ବେବୀ ଯିବ କାହିଁକି ?

ହେମ : ବେବୀ ପ୍ରବୀରକୁ ଭଲ ପାଏ ।

ନବଘନ : ଏଇଟା ଗୋଟିଏ ଘର ନା ଘଟସୂତ୍ର ଅଫିସ୍ ? ଯେତେ ସବୁ ବାଲୁଙ୍ଗା ଲୋଫର୍ ଟୋକାଙ୍କୁ ଡାକି, ମଦ ପିଇ ଏଇଠି ହଜାର ହଜାର ଟଙ୍କା ଖର୍ଚ୍ଚ କରାହୋଇ party ହଉଚି । ଅଥଚ ବଡ଼ ଭାଇ ଆସି ଗାଁରୁ ପହଞ୍ଚିଛନ୍ତି, ତାଙ୍କର ସୁବିଧା ଅସୁବିଧା କିଏ ବୁଝୁଚି ?

ହେମ : ବଡ଼ଭାଇ ଆସିଛନ୍ତି ? କେତେବେଳେ ଆସିଲେ ?

ନବଘନ : ନା, ତମେ କାହିଁକି ଜାଣିବ ? ତମକୁ ଡରି ସେ ଆଜିକାଲି ବାଡ଼ିପଟେ ଘରକୁ ଆସୁଛନ୍ତି ।

ହେମ : ଦାଣ୍ଡପଟେ ଆସିବା ପାଇଁ ତାଙ୍କର ସାହସ ନାଇଁ ।

ନବଘନ : କାରଣ ତମେ ସେମାନଙ୍କୁ ଘୃଣା କରୁଚ । ତମେ ମତେ ବି ଘୃଣା କରୁଚ । ଘୃଣାର ପ୍ରତିଦାନ ଘୃଣା ଛଡ଼ା ଆଉ କ'ଣ ହୋଇପାରେ ?

ହେମ : ମୁଁ ତୁମକୁ ଘୃଣା କରୁଚି ? ତମର ଅପରିଷ୍କାର ଅପରିଚ୍ଛନ୍ନତାକୁ ମୋର ଘୃଣା ।

ନବଘନ : ଦେହରେ ସାବୁନ୍ ଆଉ Cosmetics ଲଗେଇ ପକେଇଲେ ପରିଚ୍ଛନ୍ନତା ଆସିଯାଏ ନାହିଁ । ମନଟା ପରିଷ୍କାର ରହିବା ଉଚିତ୍ ।

ହେମ : ତମେ କହୁଚ ତମ ମନଟା ହିଁ ପରିଷ୍କାର ? ଆମେ ସମସ୍ତେ ଅପରିଷ୍କାର ଅପରିଚ୍ଛନ୍ନ ?

ନବଘନ : ହଁ । ତମଲାଗି ଏ ଘରର ପବିତ୍ରତା ନଷ୍ଟ ହଉଚି । ତମ ଲାଗି ଦିନକ ପାଇଁ ଏ ଘରେ ଶାନ୍ତି ନାହିଁ । ବାହା ହେଲା ଦିନଠୁ ତମେ ଆମ ଘରର ସମସ୍ତଙ୍କୁ ଘୃଣା ଚକ୍ଷୁରେ ଦେଖୁଚ । କାହାର ପ୍ରତି ସମ୍ମାନ ନାହିଁ ... ଅମଣିଷ ସବୁ !

ହେମ : କ'ଣ କହିଲ ? (ପ୍ରାୟ କାନ୍ଦିଲା ଭଳି) ଆମେ ସବୁ ପଶୁ ? ତମେ ଏକା ମଣିଷ ? ମୋର ଏ ଘରେ ରହିବା ଦରକାର ନାହିଁ । ଆଜି ମୁଁ ଅଙ୍କଲ୍‌ଙ୍କୁ ଫୋନ କରି ଜଣେଇ ଦଉଚି । ସିଏ ଆସି ମୋତେ ନେଇଯାଆନ୍ତୁ ।





ନବଘନ : ତମେ କାହିଁକି ଯିବ ? Party କରି ତମେ ଅଙ୍କଲ୍, ଝିଅ, ଆଉ ତମ ପରିବାରକୁ ନେଇ ଆରାମରେ ରୁହ । ମୁଁ ବରଂ ଚାଲି ଯାଉଚି । ଏଇଠି ଘୃଣାର ପଙ୍କ ବୋଲି ହେଇ କୀଟ ଭଳି ଅପଦସ୍ତ ହେବା ଅପେକ୍ଷା ବାହାରେ ରହିବା ଶହେ ଗୁଣ ଭଲ । (ବଡ଼ ପାଟିରେ ଡାକିଲେ) ଡ୍ରାଇଭର ! ଡ୍ରାଇଭର ! ଗାଡ଼ି ବାହାର କର । (ଚାଲିଗଲେ...)

ହେମ : ଠିକ୍ ଅଛି ! ଆଜି ଅଙ୍କଲ ଆସନ୍ତୁ । ମୁଁ କହୁଚି ।

(ଭିତରକୁ ଗଲେ । ମଞ୍ଚ ଅନ୍ଧକାର ହେଲା । ପୁଣି ମଞ୍ଚ ଆଲୋକିତ ହେଲା ବେଳକୁ ସନ୍ଧ୍ୟା ହେଇ ଆସିଲାଣି । ଭିତରୁ Stereoରେ ଗୋଟାଏ ବିଦେଶୀ ସ୍ୱର ବାଜିଛି । ଭିତରୁ ଗୁଡ଼ାଏ ହସ, 'ହାଏ' 'ହାଲୋ', ହାଉ ଡୁ ୟୁ ଡୁ, 'ଥ୍ୟାଙ୍କ୍ୟୁ ଡ଼ାର୍ଲିଂ' ଇତ୍ୟାଦି ଶୁଭୁଚି । ହେମ ଉଦାସ ଭାବେ ବସିଛନ୍ତି । ହଠାତ୍ ଫୋନ୍ ଆସିଲା । ସେ ଫୋନ୍ ଉଠାଇଛନ୍ତି । ଫୋନ୍‌ଟି ଅନ୍ୟଘରେ ଥିଲା, ଏଇଠିକି ଆସି ଯାଉଛି)

ହାଲୋ କିଏ ? ଓ...ସେ ଏପର୍ଯ୍ୟନ୍ତ ଫେରି ନାହାନ୍ତି । କ'ଣ କହିଲ ? ହଁ tourରେ ଯାଇଛନ୍ତି...ହଁ, ମାନେ ଏଇ ସନ୍ଧ୍ୟାରେ ଫେରିବା କଥା ତ Okay...(ଫୋନ୍ ରଖିଲେ)

ଜେମା : (ପ୍ରବେଶ କରି) ମାଡ଼ାମ୍ ... !!

ହେମ : ସମସ୍ତେ ଆସିଗଲେଣି ?

ଜେମା : ଛାତ ଉପରେ ପରା ହୁଲସ୍ଥୁଲ୍ ହେଇଗଲାଣି । ବାଜା ବାଜୁଚି ବେଲୁନ୍ ଫୋଟକା ନାଲି ନେଳି ଚାନ୍ଦୁଆ, କ'ଣ ନ ହେଇଚି – କିଏ ଦେଖିଲେ କହିବ ବେବୀ ଦେଈର ଆଜି ବାହାଘର । ତମକୁ ପରା ସମସ୍ତେ ଖୋଜୁଛନ୍ତି ମା' ।

ହେମ : ମୋ ମୁଣ୍ଡଟା ବିନ୍ଧୁଛି ।

ଜେମା : ମିଛ କଥା । ତମେ ଏ ଯାଏଁ ଶାଢ଼ୀ ବଦଳେଇନ, ପାଉଡ଼ର ଲଗେଇନ, ଓଠରେ ଅଳତା ପିନ୍ଧିନା...ବାବୁ ରୁଷିଛନ୍ତି ବୋଲି ତମେ ବି ରୁଷିଚ କି ?

ହେମ : ନା, ମୋ ମନ ଭଲ ନାଇଁ ।

ଜେମା : ବର୍ତ୍ତମାନ ଆଉ ମନ ଖରାପ କଲେ ଚଳିବ ମା' ? ସବୁ ବନ୍ଧୁବାନ୍ଧବ ପରା ଆସିଗଲେଣି । ବାବୁ ତାଙ୍କର ମନକୁ ଆସିବେନି ?

ହେମ : ବାବୁ ଆସିବେ ? ସତରେ ଆସିବେ ?

ଜେମା : ହଁ, ଆସିବେନି କାହିଁକି ଯେ ?

ହେମ : ତୋର ବିଶ୍ୱାସ ହେଉଚି ଜେମା ? ...ଆଚ୍ଛା କହିଲୁ... ମତେ ଦେଖିଲେ କ'ଣ ଘୃଣା ଭାବ ମନରେ ଆସୁଛି ?

ଜେମା : କ'ଣ ଯେ ତମେ କୁହ ମା' ...ତମ ମୁଣ୍ଡ ଖରାପ ହେଇଗଲାଣି ।

ହେମ : କିନ୍ତୁ ସେ ରାଗି ଯେମିତି ଝଡ଼ ଭଳି ଘରୁ ଚାଲିଗଲେ ...

ଜେମା : ସମସ୍ତେ ମିଶି ବାବୁଙ୍କ ଉପରେ ଯେମିତି...ହଉ ମ' ମା, ତମେ ମନ ଦୁଃଖ କରନି । ସେଫେରିଆସିବେନି ?

ହେମ : ମତେ ନିଜକୁ ବଦଳାଇବାକୁ ପଡ଼ିବ ।

(ବାହାରୁ ଆସିଲେ ପ୍ରୀତିଧାରା । ହେମାଙ୍ଗିନୀଙ୍କ କଲେଜ ସାଙ୍ଗ, ହାତରେ କିଛି Presentation)

ହେମ : କିଲୋ ପ୍ରୀତି ! ତୁ ଏତେ ଡେରି କଲୁ ଯେ... ?

ପ୍ରୀତି : କଲିକତା ଚାଲିଯାଇଥିଲି । ଆଜି ସକାଳେ ପହଞ୍ଚିଲି । ଦେଖିଲି ତୁ ନିମନ୍ତ୍ରଣ ପଠେଇଚୁ ।

ହେମ : ଶୁଣୁଥିଲି ତମର transfer ହେଇଗଲା ।

ପ୍ରୀତି : ହଁ ଆମେ ଯାରି ଭିତରେ ଚାଲିଯିବୁ । କ'ଣ ହେଲା ଜାଣିଚୁ ? ସନ୍ଧ୍ୟାରେ ଅନ୍ଧାର ହେଇଗଲା ପରେ ତମ କ୍ୱାର୍ଟରସ୍ ମୁଁ ଭୁଲିଗଲି ।

ହେମ : (ହସି ହସି) ବୋକୀ । ଭୁବନେଶ୍ୱରରେ ଘର ଭୁଲି ଯାଉଛୁ ?

ପ୍ରୀତି : ତମ ଶହୀଦ ନଗର ଘର ଯେମିତି ଅଖାଡୁଆ... ୧୫୦ ପରେ ୩୭୫...୭୨୦ ପରେ ୨୭୨... ଏଥିରେ କେମିତି ଜାଣିବି ଯେ ?

ହେମ : (ହସି ହସି ଗଡ଼ିଗଲେ) ଗାଉଁଲୀ ।

ପ୍ରୀତି : ଆଲୋ କେତେ ହସୁଚୁମ ? ଆଗରୁ ତ ଭାରି sophisticated ଥିଲୁ । ହସ ସବୁ ତୋର ମାପିଚୁପି ବାହାରୁଥିଲା । ଠିକ୍ ବିଦେଶୀ କାଇଦା । ନବ ଭାଇ ଏମିତି ହସିବା ଶିଖେଇଦେଲେ ବୋଧହୁଏ । କୁଆଡ଼େ ଗଲେ ?

ହେମ : Tourରେ ଯାଇଛନ୍ତି ।

ପ୍ରୀତି : ଆଜିଭଳି ଦିନରେ ? ତୁ ଏମିତି ବସିଚୁ କାହିଁକି ? ଭଲ ଶାଢ଼ୀ ଖଣ୍ଡେ କ'ଣ C.T.O.ଙ୍କ ସ୍ତ୍ରୀଙ୍କୁ ମିଳୁନି ?

ହେମ : ଏଇଥିରେ କ'ଣ ଚଳିଯିବନି ?

ପ୍ରୀତି : ଆଶ୍ଚର୍ଯ୍ୟ ! କଲେଜରେ ଗୋଟାଏ ପିରିଅଡ୍ ଲିଜର ମିଳିଲେ ଯିଏ ଶାଢ଼ୀ ବଦଳେଇ ଆସୁଥିଲା ତା'ର ପୁଣି ପରିବର୍ତ୍ତନ ?

ହେମ : ସମୟ ସବୁ ବଦଳେଇ ଦିଏ !

ପ୍ରୀତି : ନବ ଭାଇଙ୍କୁ ଆସିଲେ ପଚାରିବି । ସେ ତତେ ମ୍ୟାଜିକ୍ କରିଦେଇଛନ୍ତି ।

ହେମ : ଆରେ ଏମିତି ଠିଆ ହେଲୁ କାହିଁକି ? ଜେମା...ଚା' ନେଇ ଆ...ତୁ ବସ ପ୍ରୀତି ।

ପ୍ରୀତି : ବେବୀ ଗଲା ଗୁଆଡ଼େ ?

ହେମ : ଏ ପର୍ଯ୍ୟନ୍ତ ଫେରିନି ।

ପ୍ରୀତି : ଫେରିନି କ'ଣ ମ ? ଆଜି ପରା ତାର ଜନ୍ମ ଦିନ । କୋଉଠି ଯାଇ ବୁଲୁଚି ?

ହେମ : ସକାଳେ ପ୍ରବୀର ଘରକୁ ଯାଇଥିଲା । ଏ ପର୍ଯ୍ୟନ୍ତ ଫେରିନି ।

ପ୍ରୀତି : ନା, ଏଇଟା ଆଦୌ ଭଲ କଥା ନୁହେଁ ।

ହେମ : କ'ଣ ଆଉ କରିପାରିବି କହ, ପିଲାଙ୍କୁ ଟିକିଏ ଜଗିବା ଉଚିତ ।

(ଜେମା ଚା' ନେଇ ଆସିଚି)

ଜେମା : ଚା' କେଉଁଠି ରଖିବି ମ୍ୟାଡ଼ମ୍ ? ଏଇଠି ପିଇବେ ନା ଟେବୁଲ୍ ଉପରେ ?

ହେମ : ଏଇଠି ଦେଇ ଯା' ।

ପ୍ରୀତି : ହେମ, ତୁ' ସତରେ ବଦଳି ଯାଇଚୁ । ଆଗରୁ ପାଣି ଗିଲାସେ ପିଇବା ପାଇଁ ଡାଇନିଂ ଟେବୁଲ୍ ଉପରକୁ ଯିବା ଦରକାର ପଡୁଥିଲା ।

ହେମ : କ'ଣ ମିଳିବ – ସେହି ମିଛ ଫେସନରୁ କହୁନୁ ପ୍ରୀତି । ପାଣି ଗିଲାସେ, ଚା' ଟିକିଏ ପିଇବା ପାଇଁ ଏତେ ବାଟ ଯିବା କ'ଣ ଦରକାର ?

ପ୍ରୀତି : ଟି-ପୟଟା ନଷ୍ଟ ହେଇଯିବନି ? ଯଦି ଚା' ଢ଼ଳିଯାଏ ?

ହେମ : ଭବିଷ୍ୟତରେ କେବେ ବିପଦ ଆସିବ ବୋଲି ଭାବି ବର୍ତ୍ତମାନଟାକୁ ନଷ୍ଟ କରିଦେବା କ'ଣ ଦରକାର ?

ପ୍ରୀତି : ଆଉ ତୋର Sophistication... Aristocracy- ?

ହେମ : ଦୁନିଆରେ ଦଳେ ଲୋକ ଆଉ ଦଳଙ୍କ ପାଇଁ ନିଶ୍ଚୟ ଅଭଦ୍ର ଅସଭ୍ୟ ହେଇ ରହିଯିବେ ।

ପ୍ରୀତି : ତା' ବୋଲି ଆମେ ପୁଣି ଅସଭ୍ୟତା ଭିତରକୁ ଫେରିଯିବା ? ହେମ ! ଟିକିଏ ପାଣି ଦରକାର । ମୁଁ କୁଳି କରିବି ।

ହେମ : କାଇଁକି ?

ପ୍ରୀତି : ଚା' ପିଇ ସାରିଲା ପରେ ଟିକିଏ ଡେଟୋଲୀନ୍ ଦେଇ କୁଳି ନ କଲେ କ୍ୟାରୀଜ୍ ହେବାର ସମ୍ଭାବନା ।

ହେମ : ଜେମା, ଗିଲାସରେ ପାଣି ନେଇ ଆ...

ପ୍ରୀତି : ବାଥ୍‌ରୁମ୍ ?

ହେମ : ଏଇ ବାରଣ୍ଡା ସେପଟକୁ ଯାଇ କୁଳି କରୁନୁ ?

(ପ୍ରୀତି ଯାଇ ଫେରି ଆସିଚି)

ପ୍ରୀତି : ତଉଲିଆ ?

ହେମ : ଜେମା, ସଫା ତଉଲିଆଟା ଆଣି ଦେଲୁ ।

(ପ୍ରୀତି ସେଥିରେ ମୁହଁ ପୋଛିଚି)

ପ୍ରୀତି : ଜେମା, ଏଇ ପ୍ୟାକେଟ୍‌ଟା ନେଇ ଯା – ଆଉ କିଏ କିଏ ଆସିଛନ୍ତି ! ମିସେସ୍ ସିହ୍ନା, ମମତା, ନେଲି ଅପା ?

ହେମ : ସମସ୍ତେ ଉପରେ ଅଛନ୍ତି । ତୁ' ଉପରକୁ ଯା –

ପ୍ରୀତି : ତୁ' ଆସିବୁନି ?

ହେମ : ଟିକିଏ ପରେ ।

ପ୍ରୀତି : ଶୀଘ୍ର ଆସିବୁ କିନ୍ତୁ । ଶାଢ଼ୀଟା ବଦଳେଇ ଦେ' । ପ୍ଲିଜ୍ (ଚାଲିଗଲେ)

ହେମ : ଜେମା ?

ଜେମା : ମତେ କହୁଚ ମା' ...ଭୁଲ ହେଇଗଲା...ମାଡ଼ାମ୍ ?

ହେମ : ମାଡ଼ାମ୍ ଡାକିବା ଦରକାର ନାଇଁ । ତୁ ବରଂ ମା' ଡାକ୍ ।

ଜେମା : ମା'... ! !

ହେମ : ଜେମା ! ବାବୁ କ'ଣ ସତରେ ଫେରିବେନି ?

ଜେମା : ନିଶ୍ଚୟ ଫେରିବେ ।

(ହଠାତ୍ ବାହାରେ କାର୍ ହର୍ଣ୍ଣ ଶୁଭିଲା)

ହେଇ ବାବୁ ଆସିଲେଣି ।

(ନବଘନ ବାବୁ ଫେରିଲେ । ସାଙ୍ଗରେ କ୍ଲାନ୍ତ ଅବସ୍ଥାରେ ବେବୀ)

ନବଘନ : ନିଅ, ତମ darling ଝିଅଙ୍କ କଥା ବୁଝ ପ୍ରଥମେ ।

ହେମ : କ'ଣ ହେଇଚି ମୋ' ଝିଅର ?

ନବଘନ : ସେଇ ପ୍ରବୀର ଟୋକା ସାଙ୍ଗରେ outing କରିବା ପାଇଁ ଚାଲିଯାଇଥିଲା ପୁରୀ । ମୁଁ ଆଉ tourରେ ଯିବି କ'ଣ ? ତମ ଝିଅକୁ ଫଲୋ କରୁଥିଲି । ପୁରୀରୁ ଫେରି ରାଜମହଲରେ ଦେଖିଲି ମାତାଲ ହେଇ ଗଡୁଛନ୍ତି ।

ହେମ : ପୁଣି କ'ଣ ହେଲା ? (ବ୍ୟସ୍ତ ହେଇ ପଡ଼ିଲେ)

ନବଘନ : ଆହା ବ୍ୟସ୍ତ ହେବାର କିଛି ନାଇଁ, ବାନ୍ତି ହେଇ ସାରିଚି । ବର୍ତ୍ତମାନ raw ଚା'ଟିକେ ପିଆଇ birthday party ପାଇଁ ଝିଅ ସାହେବାଣୀଙ୍କୁ ପ୍ରସ୍ତୁତ କରାଅ । ... ଜେମା ! ଦେଇଙ୍କୁ ଭିତରକୁ ନେଇ ଯାଅ ।

(ଜେମା ବେବୀକୁ ନେଇ ଭିତରକୁ ଗଲା)

ହେମ : ସତ କୁହ, ମୋ' ଉପରେ ରାଗିନ ତ ?

ନବଘନ : ଅନେକ ଚିନ୍ତା ପରେ ମୁଁ ଠିକ୍ କରିଚି ଏଣିକି sophisticated ହେବି ।

ହେମ : ଅନେକ ଚିନ୍ତାପରେ ମୁଁ ଠିକ୍ କଲି ସାଧାସିଧା ଜୀବନ ଭଲ । ଏତେ ଫେସନ ଆଉ ଫୁଟାଣିରୁ କ'ଣ ମିଳିବ ? ଚା ପିଇବ ?

ନବଘନ : ମୁଁ Bath roomରୁ ମୁହଁ ଧୋଇଆସେ ।

ହେମ : ଏଇଠି ବାରଣ୍ଡାପାଖରେ ମୁହଁ ଧୋଉନା ? Bath room ପର୍ଯ୍ୟନ୍ତ କାହିଁକି ଯିବ ଯେ ?

ନବଘନ : ଆଚ୍ଛା । (ଭିତରକୁ ଯାଇ ମୁହଁ ଧୋଇ ଆସି ଡ୍ରଇଂ ରୁମ୍‌ରେ ଥିବା ତଉଲିଆରେ ମୁହଁ ପୋଛିଲେ)

ହେମ : ଆହାହା...ସେଇଟା ପରା ଅପରିଷ୍କାର ତଉଲିଆଟେ ।

ନବଘନ : ଏଇଟା ଅପରିଷ୍କାର ?

ହେମ : ହଁ, ପ୍ରୀତି ଏଥିରେ ହାତ ପୋଛିଥିଲା । ସଫା ତଉଲିଆ ସେପଟେ ଆଲଣା ଉପରେ ଅଛି ।

ନବଘନ : ଓଃ ଚଷମାଟା ନ ପିନ୍ଧିଲେ ସବୁ ଗୋଳମାଳ ହେଇଯାଉଚି ।

ହେମ : ଚଷମା ପିନ୍ଧିଲେ ଆଉ ଅଧିକା କ'ଣ ହବ ? ଜାଣିପାରୁନ ତଉଲିଆଟା ଓଦା ତା'ମାନେ ଆଗରୁ ସେଇଟା ବ୍ୟବହାର କରାଯାଇଚି !!

ନବଘନ : କ'ଣ ହେଇଗଲା ସେଇଠୁ ?

ହେମ : ଯାଅ । Guest ମାନେ ଆସିଗଲେଣି ।

ନବଘନ : Sure ! ମୁଁ suit ଟା ବଦଳେଇ ଦିଏ । ମୁହଁରେ ଟିକିଏ old spice cologn...

ହେମ : ବାଃ ବୁଢ଼ାବୟସରେ ସେ ଗୁଡ଼ା କ'ଣ ଦରକାର ଯେ ?

ନବଘନ : ଏଣିକି ମୁଁ ମଧ ଫେସନ୍ କରିବି । Uncle ଆସିଛନ୍ତି ?

ହେମ : ଉପରେ ତମ ପାଇଁ ଅପେକ୍ଷା କରିଛନ୍ତି ।

ନବଘନ : ଯାଅ, ତମେ ଭଲ ଶାଢ଼ୀ ଖଣ୍ଡେ change କରିଦିଅ ।

ହେମ : କ'ଣ ଦରକାର ? ଏଥିରେ ଚଳିବ ।

ନବଘନ : ମୋ' ଉପରେ ଆଉ ରାଗିନା ତ ?

ହେମ : ପ୍ରଥମେ ତମେ କୁହ ମୋ' ଉପରେ ରାଗିନା ତ ?

ନବଘନ : (ସମସ୍ତଙ୍କ ଆଢୁଆଳରେ ଟିକିଏ ଛାତିରେ ଜାକିଦେଇ) ହେମାଙ୍ଗିନୀ ଉପରେ ମୁଁ ପୁଣି ରାଗିବି ?

ହେମ : ସକାଳେ ଯେମିତି ରାଗିଗଲ...

ନବଘନ : ସକାଳର ମେଘ କ'ଣ ସନ୍ଧ୍ୟାରେ ଥାଏ ?

ହେମ : ଆକାଶ ତା' ହେଲେ ସଫା ?

ନବଘନ : ତମ ମୁହଁ ଠାରୁ ଆହୁରି ଅଧିକ ।

ହେମ : ଦୁଷ୍ଟ !

ନବଘନ : କାଇଁ ତମ ମୁହଁଟା ଦେଖା... ଆରେ ମୋ' ଚଷମାଟା ଗଲା କୁଆଡ଼େ ! ଚଷମାଟା ନ ପିନ୍ଧିଲେ ସକାଳର ମୁହଁଟା ସନ୍ଧ୍ୟାରେ କେମିତି ବଦଳିଛି ଜାଣି ହବନି ଯେ- !!

ହେମ : ଓଃ ! ବୁଢ଼ାଙ୍କର ସଉକି ଦେଖ... (ଚାଲିଗଲେ । ନବଘନ ତାଙ୍କୁ ଧରିବାକୁ ଚେଷ୍ଟା କରୁ କରୁ ପରଦା ନଇଁ ଆସିଲା)

## ୧୬.୪ ନାଟ୍ୟକାରଙ୍କ ପରିଚୟ

ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ ଓଡ଼ିଆ ନାଟ୍ୟ ଜଗତରେ ଜଣେ ଦକ୍ଷ ଓ ସଫଳ ନାଟ୍ୟକାର । ସ୍ୱାଧୀନତା ପରବର୍ତ୍ତୀ କାଳରେ ନାଟକର ବିଷୟବସ୍ତୁ ଓ ପରିବେଷଣ ଶୈଳୀକୁ ନେଇ ସେ ନିଜକୁ ଜଣେ ସ୍ୱତନ୍ତ୍ର ଶ୍ରେଣୀର ନାଟ୍ୟକାର ଭାବେ ପ୍ରତିଷ୍ଠିତ କରିଛନ୍ତି । ଜଗତ ଓ ଜୀବନକୁ ନେଇ ସେ ଯେଉଁ ସବୁ କାହାଣୀ ଓ ଚରିତ୍ର ସୃଷ୍ଟି କରିଛନ୍ତି ସେ ସମସ୍ତ ଆମ ସମାଜ ଓ ସମୟର କଥା କହେ । ବିଷୟ ଉପଯୋଗୀ ମଞ୍ଚ ପରିକଳ୍ପନା ଓ ଚରିତ୍ର ଅନୁକୂଳ ସଂଳାପ ସଂଯୋଜନାରେ ସେ ବେଶ୍ ଧୁରନ୍ଧର । ତାଙ୍କ ରଚିତ ନାଟକ ଗୁଡ଼ିକ ମଧ୍ୟରେ "ମୁକ୍ତି ମଣ୍ଡପ", "ବିନ୍ଦୁ ବଳୟ", "ମୁଁ ଆମ୍ଭେ ଆମ୍ଭେମାନେ", "ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସମ୍ପର୍କରେ", "ମହାନାଟକ", "ଧୃତରାଷ୍ଟ୍ରର ଆଖି", "ହାତୀକୁ ହୋମିଓ ପାଥି", "ପକା କମ୍ବଳ ପୋତ ଛଟା", "ଜାତୀୟ ସଙ୍କଟ" ଇତ୍ୟାଦି ଅନ୍ୟତମ ।

କେବଳ ନାଟକ ନୁହେଁ ଏକାଙ୍କିକା ରଚନାରେ ମଧ୍ୟ ଡକ୍ଟର ପାଣିଗ୍ରାହୀ ବେଶ୍ ସିଦ୍ଧହସ୍ତ । ତାଙ୍କ ରଚିତ "ଉଡ଼ନ୍ତା ପାହାଡ଼ର ଦର୍ଜା" ଓ "ଅପ୍ରୀତିକର ନାଟକ" ଦୁଇଟି ବିଶିଷ୍ଟ ଏକାଙ୍କିକା ସଂକଳନ । ଦୁଇଟି ଯାକ ସଙ୍କଳନରେ ସ୍ଥାନପାଇଛି ବହୁ ବିଶିଷ୍ଟ ଏକାଙ୍କିକା । ସେଗୁଡ଼ିକ ମଧ୍ୟରେ "ଉଡ଼ନ୍ତା ପାହାଡ଼ର ଦର୍ଜା", ଲକ୍ଷ୍ମୀପୂଜା ପ୍ରସଙ୍ଗ", "ବିଶ୍ୱମ୍ଭର ସେନାପତି ଓ ଦର୍ପଣ ଉପାଖ୍ୟାନ", "ସେ ମରିଗଲେ", "ଗେଣ୍ଡା" ଇତ୍ୟାଦି ପ୍ରତିନିଧି ସ୍ଥାନୀୟ । ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ଏକାଙ୍କିକା ସବୁ ମଣିଷ ଜୀବନର ବୈଚିତ୍ର୍ୟ ଭରା ଦିଗ ସବୁକୁ ଉନ୍ମୋଚିତ କରିବା ସଙ୍ଗେ ସଙ୍ଗେ ପ୍ରତିଟି ଚରିତ୍ରର ଗଭୀର ମନୋଭୂମିକୁ ଅତି ସୁନ୍ଦର ଭାବେ ଉନ୍ମୋଚିତ କରିପାରିଛି । ନବୀନ ଚିନ୍ତା ଓ ଚେତନାରେ ଭରା ତାଙ୍କର ନାଟକ ଓ ଏକାଙ୍କିକା ସକଳ ପରସ୍ପରଠାରୁ ସ୍ୱତନ୍ତ୍ର ଓ ଅନନ୍ୟ ।

## ୧୬.୫ ନାଟକ ଓ ଏକାଙ୍କିକା :

ମୋଟାମୋଟି ଭାବେ ନାଟକ ଓ ଏକାଙ୍କିକାର ସ୍ୱର ଓ ସ୍ୱରୂପ ପ୍ରାୟ ସମାନ । କାହାଣୀ, ଚରିତ୍ର, ସଂଳାପ, ମଞ୍ଚ ପରିକଳ୍ପନା, ନାଟକୀୟ ଉତ୍କଣ୍ଠା ସୃଷ୍ଟି ଇତ୍ୟାଦି ଦୃଷ୍ଟିରୁ ଉଭୟର ବାହାର ରୂପ ରଚନା ଓ ବକ୍ତବ୍ୟ ପ୍ରାୟ ଏକାପରି । କିନ୍ତୁ କାହାଣୀର ଦୀର୍ଘତା, ଘଟଣାର ପରିମାଣାତ୍ମକ ସମାବେଶ, ଚରିତ୍ରର ସଂଖ୍ୟା, ନାଟକୀୟ ଦ୍ୱନ୍ଦ୍ୱ ଓ ସଂଘର୍ଷର ଅବତାରଣା ଆଦି ଦୃଷ୍ଟିରୁ ନାଟକ ଓ ଏକାଙ୍କିକା ପରସ୍ପରଠୁ ଭିନ୍ନ । ନାଟକ ଜୀବନର ବୃହତ୍ତର ଅଂଶକୁ ନେଇ ରଚିତ ହେବାବେଳେ ଏକାଙ୍କିକା ଜୀବନର ଏକ ଖଣ୍ଡିତାଂଶକୁ ନେଇ ରଚିତ । ନାଟକରେ ବହୁ ଘଟଣା ଓ ଚରିତ୍ରର ସମାବେଶ ଦେଖିବାକୁ ମିଳୁଥିବା ବେଳେ ଏକାଙ୍କିକାରେ ଏକକ ଘଟଣା ଓ ସ୍ୱଳ୍ପ ସଂଖ୍ୟକ ଘଟଣା ଓ ଚରିତ୍ରର ସମାବେଶ ଦେଖିବାକୁ ମିଳେ । ନାଟକର ପରିବେଷଣ ସମୟ ଦୀର୍ଘ ହୋଇଥିବାବେଳେ ଏକାଙ୍କିକା ସ୍ୱଳ୍ପ କାଳ ମଧ୍ୟରେ ପରିବେଷିତ ହୋଇଥାଏ ।

## ୧୬.୬ ଏକାଙ୍କିକାର କଥାବସ୍ତୁ :

ନାଟ୍ୟକାରଙ୍କ ଦ୍ୱାରା ରଚିତ "ଅପ୍ରୀତିକର ନାଟକ" ସଙ୍କଳନରୁ "ସକାଳର ମେଘ" ଏକାଙ୍କିକା ଆନୀତ । ସମଗ୍ର ଏକାଙ୍କିକାଟି ଏକ ପାରିବାରିକ ଚିତ୍ରର ଅବତାରଣା କରେ । ମୁଖ୍ୟ ତିନିଗୋଟି ଚରିତ୍ରକୁ ନେଇ ଏହାର କଥାଭାଗ ଗଢ଼ି ଉଠିଛି । ସେମାନେ ହେଲେ ବିମଳ ବାବୁ, ପତ୍ନୀ ହେମାଙ୍ଗିନୀ ଓ ତାଙ୍କର

ଏକମାତ୍ର କଲେଜ ପଢୁଆ ଝିଅ ବେବୀ । ବିମଳ ବାବୁ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ (କମର୍ସିଆଲ ଟେକ୍ସ ଅଫିସର) । ଉଚ୍ଚ ପଦବୀରେ ଥାଇବି ଆଧୁନିକ ଜୀବନ ଶୈଳୀ ତାଙ୍କୁ ଛୁଇଁ ପାରିନି । ଗାଉଁଲି ପରିବେଶରେ ଓ ଯୌଥ ପରିବାରରେ ବଢ଼ି ଥିବା ଯୋଗୁଁ ସେ ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀକୁ ଅଧିକ ପସନ୍ଦ କରନ୍ତି । ଅନ୍ୟ ଦିଗରେ ପତ୍ନୀ ହେମାଙ୍ଗିନୀ ବଡ଼ଘରର ଝିଅ ହୋଇଥିବାରୁ ବିଳାସବ୍ୟସନ ପ୍ରିୟ ଓ ଆଧୁନିକ ସହରୀ ସଭ୍ୟତାର ଚାକଚକ୍ୟରେ ବିଶ୍ୱାସୀ । ନିଜର ଏକମାତ୍ର ଝିଅ ବେବୀକୁ ସେ ନିଜ ଆଦର୍ଶରେ ଗଢ଼ିବାକୁ ଚାହାନ୍ତି । କିନ୍ତୁ ବିମଳ ବାବୁ ଫମ୍ପା ଅଭିଜାତ୍ୟ ଓ ଅନ୍ୟକୁ ଦେଖାଇହେବା ଗୁଣକୁ ଆଦୌ ପସନ୍ଦ କରନ୍ତି ନାହିଁ । ସ୍ୱାମୀ-ସ୍ତ୍ରୀ ଦୁହେଁ ଉଭୟ ବିଚାରଧାରା ଓ ଚଳଣୀଗତ ଆଦର୍ଶ ଦୃଷ୍ଟିରୁ ପରସ୍ପର ପରସ୍ପରର ବିପରୀତ । ଏକାଙ୍କିକାର ଆରମ୍ଭ ହୁଏ ବେବୀର ବାର୍ଥଡେ ପାଳନ ଉପଲକ୍ଷ୍ୟେ ହେଉଥିବା ଆୟୋଜନରୁ । ହେମାଙ୍ଗିନୀ, ବଡ଼ ଆଡ଼ମ୍ବର ପୂର୍ଣ୍ଣ ଶୈଳୀରେ ଘରକୁ ସଜାଇବା ସହ, ସହରର ଉଚ୍ଚ ଓ ଅଭିଜାତ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିବା ଓ ସେମାନଙ୍କ ଉପଯୁକ୍ତ ଚର୍ଚ୍ଚାର ବ୍ୟବସ୍ଥାରେ  ଲାଗିପଡ଼ିଥାଆନ୍ତି । ନବଘନ ବାବୁଙ୍କୁ ଏସବୁ ନାପସନ୍ଦ ହେଉଥିବାରୁ ସେ ନିଜକୁ ଏଥିରୁ ସଂପୂର୍ଣ୍ଣ ଅଲଗା ରଖନ୍ତି । ଜନ୍ମ ଦିନ ପାଳନ ଉପଲକ୍ଷ୍ୟେ ହେମାଙ୍ଗିନୀ, ନବଘନଙ୍କୁ ସବୁଦିନିଆ ପୋଷାକ ନପିନ୍ଧି ବିଶେଷ ପୋଷାକ ପରିଧାନ କରିବାକୁ ପରାମର୍ଶ ଦିଅନ୍ତି । ଲୁଙ୍ଗି ଓ ଗାମୁଛାରେ ପିଲାଟିଦିନରୁ ବଢ଼ିଆସିଥିବା ନବଘନ ଏ ପ୍ରକାରର କୃତ୍ରିମ ଓ ଲୋକଦେଖାଣିଆ ପୋଷାକ ପିନ୍ଧିବାକୁ  ରାଜି ହୁଅନ୍ତିନାହିଁ । ହେମାଙ୍ଗିନୀ, ନବଘନଙ୍କର ଏପରି ରୁଚିବୋଧକୁ ଘୃଣାକରି ତାଙ୍କୁ ଚୂଡ଼ା ବୋଲି କହନ୍ତି । ଉଭୟଙ୍କ  ଭିତରେ  ନିଜ  ନିଜର ରୁଚି ଓ ଆଦର୍ଶକୁ ନେଇ ଯୁକ୍ତିତର୍କ ଚାଲେ । ପରସ୍ପର ନିଜ ନିଜ ଯୁକ୍ତିରେ ଅଟଳ ରୁହନ୍ତି । ପରିସ୍ଥିତି ତିକ୍ତ ଓ ଅଶାନ୍ତ ହୋଇଉଠେ । ହଠାତ୍ ଝିଅ ବେବୀର ଅନୁପସ୍ଥିତି ବିଷୟରେ ପଚାରିବାକୁ ଯାଇ ନବଘନ ପତ୍ନୀ  ହେମାଙ୍ଗିନୀଙ୍କଠୁ ଜାଣିବାକୁ ପାଆନ୍ତି ଯେ, ବେବୀ ତା'ର ବୟ ଫ୍ରେଣ୍ଡ ପ୍ରବୀରକୁ ଜନ୍ମଦିନର ନିମନ୍ତ୍ରଣ କରିବାକୁ ଯାଇଛି । ଏକଥା ଶୁଣି ଉତକ୍ଷିପ୍ତ ହୋଇ ଉଠନ୍ତି ନବଘନ ଓ ଘର ଛାଡ଼ି ଅନିର୍ଦ୍ଦିଷ୍ଟ ଭାବେ କେଉଁଆଡ଼େ ଚାଲିଯାଆନ୍ତି । ହେମାଙ୍ଗିନୀ, ନବଘନଙ୍କ ଅନୁପସ୍ଥିତିରେ ଦୁଃଖରେ ଭାଙ୍ଗି ପଡ଼ନ୍ତି । ଅନ୍ୟ ଦିଗରେ ପ୍ରବୀରକୁ ନିମନ୍ତ୍ରଣ କରିବାକୁ ଯାଇଥିବା ବେବୀ, ଘରକୁ ନଫେରି ପ୍ରବୀର ସହ ପୁରୀ ସମୁଦ୍ର କୂଳକୁ ବୁଲି ପଳାଏ ଓ ସେଠାରେ ଉଭୟେ ମଦ୍ୟପାନ କରନ୍ତି । ମାତାଲ ଅବସ୍ଥାରେ ପ୍ରବୀର ଓ ବେବୀ ଭୁବନେଶ୍ୱରର ରାଜମହଲ ଛକରେ ଗଡୁଥିବାବେଳେ ନବଘନ, ବେବୀକୁ ଉଦ୍ଧାର କରି ଘରକୁ ଫେରନ୍ତି । ଝିଅକୁ ମାତାଲ ଅବସ୍ଥାରେ ଦେଖି ହେମାଙ୍ଗିନୀ ନିଜର ଭୁଲ ବୁଝିପାରନ୍ତି । ବଦଳି ଯାଆନ୍ତି ସେ ଓ ବଦଳାଇ ଦିଅନ୍ତି ନିଜର ମିଛ ଅହମିକାରେ ଭରା ବିଚାର ଧାରାକୁ । ପତି-ପତ୍ନୀଙ୍କ ମଧ୍ୟରେ ହୋଇଥିବା ଭୁଲ ବୁଝାମଣାର ଅବସାନ ଘଟେ । ସକାଳୁ ସକାଳୁ ହଠାତ୍ ଘୋଟି ଆସିଥିବା କଳାହାଣ୍ଡିଆ ମେଘ ସନ୍ଧ୍ୟା ବେଳକୁ ଅପସରିଯାଏ । ଠିକ୍ ସେହିପରି ପରିବାରଟିର ନିତ୍ୟ-ନୈମିତ୍ତିକ ଜୀବନ ଧାରାରେ ସ୍ନେହ ଓ ପ୍ରେମର ସୁଅ ପୁଣିଥରେ ପ୍ରବାହିତ ହୁଏ । ଏହିପରି ଭାବେ ଚଳନ୍ତି ସମୟର ବାସ୍ତବ ଓ ଜୀବନ୍ତ ଚିତ୍ର ଫୁଟି ଉଠିଛି ସମଗ୍ର ଏକାଙ୍କିକାଟିର କଥାବସ୍ତୁ ମଧ୍ୟରେ ।

## ୧୬.୭ ଏକାଙ୍କିକାଟିର ଚରିତ୍ରଗଣ :

ଚରିତ୍ର ନାଟ୍ୟ ସୃଷ୍ଟିର ନାଭିକେନ୍ଦ୍ର ସଦୃଶ । ନାଟ୍ୟକାର ପରିକଳ୍ପିତ ବକ୍ତବ୍ୟ ଓ ଚିନ୍ତନର ପ୍ରତିବେଦକ । କଥାବସ୍ତୁ ଓ ଘଟଣାର ଅଗ୍ରଗତିର ଚିରତ୍ର ହେଉଛି କର୍ତ୍ତା ଓ କାରଣ । ନାଟ୍ୟ ଚରିତ୍ରଗଣ ପାରସ୍ପରିକ ସଂଳାପ

ବିନିମୟ ଓ ବାହ୍ୟ କ୍ରିୟା-କଳାପ ଭିତର ଦେଇ କଥାବସ୍ତୁକୁ  ଆଗେଇ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ମୋଟ ଉପରେ ଦୁଇ ପ୍ରକାରର ଚରିତ୍ର ନାଟ୍ୟ କାହାଣୀରେ ପରିଲକ୍ଷିତ ହୁଅନ୍ତି । ଗୋଟିଏ ପ୍ରକାରର ଚରିତ୍ର ପରିବର୍ତ୍ତନଶୀଳ ଓ ଅନ୍ୟ ପ୍ରକାର ଚରିତ୍ର ଅପରିବର୍ତ୍ତନୀୟ । ଯେପରି ଆଲୋଚ୍ୟ ଏକାଙ୍କିକାଟିରେ ହେମାଙ୍ଗିନୀ ପରିବର୍ତ୍ତନଶୀଳ ଚରିତ୍ର ଓ ନବଘନ ଅପରିବର୍ତ୍ତନୀୟ ଚରିତ୍ର । ସେହିପରି ପ୍ରତିଟି ନାଟ୍ୟ ସୃଷ୍ଟିରେ ମୁଖ୍ୟ ଓ ଗୌଣ ଭେଦରେ ଦୁଇ ପ୍ରକାର ଚରିତ୍ର ମଧ୍ୟ ଦେଖିବାକୁ ମିଳନ୍ତି । ଯେପରି ନବଘନ, ହେମାଙ୍ଗିନୀ ଓ ବେବୀ ଏକାଙ୍କିକାଟିର ମୁଖ୍ୟ ଚରିତ୍ର ହୋଇଥିବାବେଳେ ଜେମା, ନେଲିଅପା, ପ୍ରୀତି ଆଦି ଚରିତ୍ର ଗୌଣ ଚରିତ୍ର ଅଟନ୍ତି । ଆଲୋଚ୍ୟ ଏକାଙ୍କିକାଟି ତିନିଗୋଟି ମୁଖ୍ୟ ଓ ତିନିଗୋଟି ଗୌଣ ଚରିତ୍ରଙ୍କୁ ନେଇ ଗଢ଼ି ଉଠିଛି । ଆସ ସେମାନଙ୍କ ସମ୍ପର୍କରେ ଆଲୋଚନା କରିବା ।

**ନବଘନ :** ନବଘନ, ଏକାଙ୍କିକାଟିର ପ୍ରଧାନ ଓ ପ୍ରତିନିଧି ସ୍ଥାନୀୟ ଚରିତ୍ର । ପେଷାରେ ସେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ (କମର୍ସିଆଲ ଟେକ୍ସ ଅଫିସର) । ଏତେବଡ଼ ଉଚ୍ଚ ପଦବୀରେ ଥାଇ ମଧ୍ୟ ପଦବୀ ଓ କ୍ଷମତାର ସେ କେବେବି ବଶବର୍ତ୍ତୀ ହୋଇନାହାନ୍ତି । ସେ ଜଣେ କର୍ତ୍ତବ୍ୟ ନିଷ୍ଠ ଓ ସଚ୍ଚୋଟ ସରକାରୀ କର୍ମଚାରୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀକୁ ସେ ଆପଣେଇ ନେଇଛନ୍ତି । ଆଧୁନିକତା ତାଙ୍କୁ ସ୍ପର୍ଶ କରିପାରିନି । ସେ ସବୁବେଳେ ଫମ୍ପା ଓ ଲୋକ ଦେଖାଣିଆ କୃତ୍ରିମ ଜୀବନ ଶୈଳୀକୁ ଘୃଣା କରନ୍ତି । ପିଲା ଦିନ ଗାଁରେ କଟିଥିବାରୁ, ଗାଉଁଲି ଜୀବନ ଶୈଳୀକୁ ସେ ଆଜୀବନ ଛାଡ଼ି ପାରିନାହାନ୍ତି । ଯୌଥ ପରିବାରର ଅକୃତ୍ରିମ ଜୀବନଧାରା ଏବେବି ତାଙ୍କ ମନରେ ସଜୀବ ହୋଇ ଅଛି । ଅଯଥା ଖର୍ଚ୍ଚ ଓ ଆଧୁନିକ ଖାଦ୍ୟ ଓ ପୋଷାକ ପରିଚ୍ଛଦ ସେ ଆଦୌ ପସନ୍ଦ କରନ୍ତି ନାହିଁ । କମର୍ସିଆଲ ଟେକ୍ସ ଅଫିସର  ହୋଇଥିବା ଯୋଗୁଁ ସେ କାହାଠୁ କେବେ ଲାଞ୍ଚ ନେବା ଓ ନିଜ କ୍ଷମତାର ଅପବ୍ୟବହାର କରିବାର ପ୍ରୟାସ କରିନାହାନ୍ତି । ହେମାଙ୍ଗିନୀ, ବଡ଼ଘରର ଝିଅ ହୋଇଥିବାରୁ ଆଧୁନିକ ଚଳଣିରେ ଅଭ୍ୟସ୍ତ । ତାଙ୍କର ବେଶ-ପୋଷାକ, ଖାଦ୍ୟ-ପେୟ, କଥା-ବାର୍ତ୍ତା, ବିଚାରଧାରା ଆଦି ସବୁଥିରେ ଆଧୁନିକତାର ଛାପ ସ୍ପଷ୍ଟରୂପେ ବାରିହୋଇ ପଡ଼େ । ନବଘନଙ୍କ ଝିଅ ବେବୀ ମାଆ ହେମାଙ୍ଗିନୀଙ୍କ ଆଦର୍ଶରେ ଗଢ଼ି ଉଠିଛି । ନବଘନ, ଉଭୟ ପତ୍ନୀ ଓ କନ୍ୟାଙ୍କ ନୀତିବୋଧ ଓ ଆଦର୍ଶକୁ ପସନ୍ଦ କରନ୍ତି ନାହିଁ । ତାଙ୍କ ବିଚାରରେ ଜୀବନର ଗତିରେଖା ସଳଖ ନୁହେଁ । ଆଜି ଧନ ଅଛି ବୋଲି ତାର ଅପବ୍ୟବହାର ହେବା ଅନୁଚିତ । ଜୀବନରେ ଏମିତିବି ସମୟ ଆସିବ, ଯେତେବେଳେ ଖଣ୍ଡେ ଗାମୁଛା ଓ ଲୁଙ୍ଗୀରେ ଦିନ କାଟିବାକୁ ପଡ଼ିବ । ସେଇଥିପାଇଁ ସେ ହେମାଙ୍ଗିନୀ ଓ ବେବୀକୁ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରିବା ପାଇଁ ପରାମର୍ଶ ଦିଅନ୍ତି । ନବଘନ, ଚରିତ୍ରହୀନତାକୁ ଆଦୌ ପସନ୍ଦ କରନ୍ତି ନାହିଁ । ନିଜ ଝିଅ ବେବୀର ବୟଫ୍ରେଣ୍ଡ ପ୍ରବୀର ସହ ଅବାଧ ମିଳାମିଶାକୁ ସେ ବରଦାସ୍ତ କରିପାରି ନାହାନ୍ତି । ସେଇଥିପାଇଁ ସମସ୍ତଙ୍କ ଅଗୋଚରରେ ସେ ପ୍ରବୀରକୁ ଡାକି ଗଲାବେଳେ ଗୋପନରେ ବେବୀକୁ ଅନୁସରଣ କରିଛନ୍ତି । ରାଜମହଲ ଛକରେ ନିଶାସକ୍ତ ଅବସ୍ଥାରେ ଗଡୁଥିବାବେଳେ ସେ ବେବୀକୁ ଉଦ୍ଧାର କରିଛନ୍ତି । ଗୋଟିଏ ଦିଗରେ ସେ ନିଜର ଝିଅ ବେବୀର ନୀତି ଓ ବିଚାରଧାରାକୁ ଘୃଣା କରୁଥିବାବେଳେ, ଅନ୍ୟଦିଗରେ ତାକୁ ମନଭରି ଭଲପାଆନ୍ତି ଓ ତା'ର ମାନସିକତାରେ ପରିବର୍ତ୍ତନ ଆଣିବାକୁ ବାରମ୍ବାର ଚେଷ୍ଟା କରିଛନ୍ତି । ବେବୀର ଜନ୍ମଦିନ ପାଳନ ଅବସରରେ ହେମାଙ୍ଗିନୀଙ୍କ ଦ୍ୱାରା ପ୍ରଭାତ ବ୍ୟାକେରୀରୁ ମାଗଣାରେ କେକ୍ ଆଣିବା, ଘରେ ଅତିଥିମାନଙ୍କ ପାଇଁ ବିଅରର

ବ୍ୟବସ୍ଥା କରିବା ଓ ବେବୀର ପ୍ରବୀରକୁ ଡାକି ଯିବା କଥା ଓ ଅଯଥା ଅର୍ଥ ଅପଚୟକୁ ସେ ସ୍ପଷ୍ଟ ଭାବେ ବିରୋଧ କରିଛନ୍ତି । ଛଳନା ଓ କୃତ୍ରିମତାକୁ ସେ କେଉଁଠି ହେଲେ ବି ବରଦାସ୍ତ କରିପାରନ୍ତି ନାହିଁ । ଏକାଙ୍କିକାଟିର ପ୍ରାରମ୍ଭରୁ ସମାପ୍ତି ପର୍ଯ୍ୟନ୍ତ ନବଘନ ନିଜର ଆଦର୍ଶ ଓ ବିଚାରଧାରାରେ ଅଟଳ-ଅଚଳ ରହି ପ୍ରତ୍ୟେକଟି ଚରିତ୍ରକୁ ପ୍ରଭାବିତ ଓ ପରିବର୍ତ୍ତିତ କରିପାରିଛନ୍ତି । ନାଟ୍ୟକାର ପାଣିଗ୍ରାହୀ ନବଘନ ଚରିତ୍ର ଭିତର ଦେଇ ଆଧୁନିକ ଶିକ୍ଷା-ସଭ୍ୟତାରେ ମଜଗୁଲ ଆଜିର ସମାଜ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ କରିଛନ୍ତି । ଆମ ପରମ୍ପରାର ସହଜ-ସରଳ ନୀତି ଓ ଆଦର୍ଶ, ଖାଦ୍ୟ-ପେୟ, ବେଶ-ପୋଷାକ, ରୀତି-ରିବାଜ, ସାମାଜିକ ବିଧି-ନିଷେଧ ଇତ୍ୟାଦି ଆମର ପାରିବାରିକ ଓ ସାମାଜିକ ବନ୍ଧନକୁ ଶୁଦ୍ଧ ଓ ଦୃଢ଼ କରିବାରେ ସାହାଯ୍ୟ କରିଥାଏ । ନାଟ୍ୟକାର ନବଘନ ଚରିତ୍ର ମାଧ୍ୟମରେ ଏବଂ ବିଧ ଚେତନାକୁ ପ୍ରସ୍ଫୁଟିତ କରିବାରେ ବେଶ୍ ସଫଳ ହୋଇପାରିଛନ୍ତି ।

**ହେମାଙ୍ଗିନୀ:** ହେମାଙ୍ଗିନୀ, ଏକାଙ୍କିକାଟିର ଅନ୍ୟ ଏକ ମୁଖ୍ୟ ଚରିତ୍ର । ବଡ଼ ଘରର ଝିଅ ସେ । ଅଙ୍କଲ ତାଙ୍କର ଆମେରିକା ଫେରନ୍ତା । ହେମାଙ୍ଗିନୀଙ୍କ ବାପଘରେ ସମସ୍ତେ ଆଧୁନିକ ସଭ୍ୟତାର ପୂଜାରୀ । ଖାଦ୍ୟ-ପେୟ, ବେଶ-ପୋଷାକ, ବିଚାର-ବିବେଚନା, କଥା-ଭାଷା ସବୁଥିରେ ତାଙ୍କର ଆଧୁନିକତାର ଛାପ ସ୍ପଷ୍ଟ ରୂପେ ବାରି ହୋଇପଡ଼େ । ନବଘନ, ଗାଉଁଲିଆ ବିଚାରର ବୋଲି ସେ ତାଙ୍କୁ ପସନ୍ଦ କରନ୍ତି ନାହିଁ । ସେ ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ରୁଚିବୋଧ ଓ ଆଦର୍ଶକୁ ନେଇ ସବୁବେଳେ ଯୁକ୍ତିତର୍କ ଲାଗି ରହିଥାଏ । ନିଜ ଝିଅ ବେବୀକୁ ସେ ନିଜ ଆଦର୍ଶରେ ବଢ଼ାଇବାକୁ ଚାହାନ୍ତି । ବେବୀକୁ ନିଜ ପ୍ରତିଭାର ପୂର୍ଣ୍ଣ ବିକାଶ ପାଇଁ ସେ ଅଖଣ୍ଡ ସ୍ୱାଧୀନତା ପ୍ରଦାନ କରିଛନ୍ତି । ନିଜେ "ବାଳିକା ଉନ୍ନୟନ ସଂସ୍ଥା"ର ଜଣେ ସ୍ୱେଚ୍ଛାସେବୀ କର୍ମୀ ହୋଇଥିବାରୁ ସଂସ୍ଥାର ଆଦର୍ଶ ଅନୁସାରେ ବେବୀକୁ ସର୍ବବିଦ୍ୟା ସମ୍ପନ୍ନା କରିବା ତାଙ୍କର ମୁଖ୍ୟ ଧେୟ । ଏଇଥିପାଇଁ ନିଜ ସ୍ୱାମୀଙ୍କ ସହ ତାଙ୍କର ମତ ଭିନ୍ନତା ଦେଖିବାକୁ ମିଳେ । ବେବୀର ବୟଫ୍ରେଣ୍ଡ ପ୍ରବୀର ସହ ଅବାଧ ମିଳାମିଶା, ସୁବାସ ବାବୁଙ୍କ ଭଳି ଅତିଥିଙ୍କ ପାଇଁ ବିଅରର ବ୍ୟବସ୍ଥା କରିବା ଭଳି କାର୍ଯ୍ୟ ତାଙ୍କ ମତରେ ଆଧୁନିକ ରୁଚିର ନମୁନା । ଅଣ୍ଡା ଓ କଟଲେଟ ନବଘନ ବାବୁ ହଜମ କରିପାରୁନଥିବାରୁ ଚୂଡ଼ା ଖାଆନ୍ତି ବୋଲି ହେମାଙ୍ଗିନୀ ତାଙ୍କୁ ବ୍ୟଙ୍ଗରେ ଚୂଡ଼ା ବୋଲି ଡାକନ୍ତି । ଲୁଙ୍ଗୀ ଓ ଗାମୁଛାରେ ସାରା ଜୀବନ ଚଳି ଆସିଥିବା ନବଘନ ଆଧୁନିକ ରୁଚି ସମ୍ମତ ପୋଷାକ ପିନ୍ଧି ଭଲ ଭାବରେ ଟାଇ ଭିଡ଼ି ପାରନ୍ତିନି ବୋଲି ହେମାଙ୍ଗିନୀ ତାଙ୍କୁ ୧୯୪୨ ମଡ଼େଲ ଫୋର୍ଡ଼ ଗାଡ଼ି ବୋଲି କହନ୍ତି । ନବଘନଙ୍କ ପରିବାର ଗାଉଁଲି ଆଦର୍ଶର ହୋଇଥିବାରୁ ପରିବାରଟିର ସମସ୍ତଙ୍କୁ ସେ ଘୃଣା କରନ୍ତି । ଏପରିକି ନବଘନଙ୍କ ବଡ଼ ଭାଇ କେବେ ଆସିଲେ ହେମାଙ୍ଗିନୀଙ୍କ ଡରରେ ବାରି ପଟେ ଘର ଭିତରକୁ ଯାଆନ୍ତି । ନବଘନଙ୍କ ପରି ହେମାଙ୍ଗିନୀ ଦୂରଦୃଷ୍ଟି ସମ୍ପନ୍ନ ନୁହନ୍ତି । ନିଜ ବିଚାର ଧାରାରେ ଅଟଳ ହେମାଙ୍ଗିନୀ ନବଘନଙ୍କ ପରାମର୍ଶ ଓ ବିଚାର ଧାରାକୁ ଗ୍ରହଣ କରିପାରନ୍ତି ନାହିଁ । ଘଟଣା ଚକ୍ରରେ ବିମଳବାବୁଙ୍କର ନିରୁଦ୍ଦିଷ୍ଟ ହେବା ଘଟଣା ଓ ପରେ ପରେ ପ୍ରବୀରକୁ ଡାକିବାକୁ ଯାଇଥିବା ବେବୀର ଫେରିବାରେ ବିଳମ୍ବ ହେବା ଘଟଣା, ହେମାଙ୍ଗିନୀଙ୍କ ଗର୍ବ, ଅହଂକାର ଓ ଅଯଥା ଜିଦ୍‌ଖୋର ପଣିଆକୁ ଭାଙ୍ଗି ରୁଜି ଚୁର୍‌ମାର କରିଦେଇଛି । ନିଶାସକ୍ତ ଅବସ୍ଥାରେ ବେବୀକୁ ଉଦ୍ଧାର କରି ଫେରୁଥିବା ନବଘନଙ୍କୁ ଦେଖି ହେମାଙ୍ଗିନୀ ବାଧ୍ୟ ହୋଇଛନ୍ତି ନିଜକୁ ବଦଳେଇବାକୁ ।

ନବଘନଙ୍କ ବିଚାର ଧାରାର ଆବଶ୍ୟକତା ଓ ଗୁରୁତ୍ୱକୁ ହେମାଙ୍ଗିନୀ ବିଳମ୍ବରେ ହେଲେ ବି ବୁଝିବାରେ ସକ୍ଷମ ହୋଇଛନ୍ତି । ପରବର୍ତ୍ତିତ ହୋଇଛନ୍ତି ସିଏ ଓ ଚିରକାଳ ପାଇଁ ବଦଳେଇ ଦେଇଛନ୍ତି ନଜର ବିଚାରଧାରା ଓ ଆଦର୍ଶକୁ । ଘଟଣା ଚକ୍ରରେ ପରିବେଶ ଓ ପରିସ୍ଥିତି ମଣିଷକୁ ବାଧ କରେ ବଦଳିବା ପାଇଁ । ଯାହା ଘଟିଛି ହେମାଙ୍ଗିନୀଙ୍କ କ୍ଷେତ୍ରରେ । ପରିବର୍ତ୍ତନଶୀଳ ନାଟ୍ୟ ଚରିତ୍ର ଭାବେ ହେମାଙ୍ଗିନୀ ଚରିତ୍ରର ସଫଳ ରୂପାୟନ ଏକାଙ୍କିକାଟିରେ ଯଥାଯଥ ଭାବେ ହୋଇପାରିଛି ଏଥିରେ ସନ୍ଦେହନାହିଁ ।

**ବେବୀ :** ବେବୀ, ଆଧୁନିକ ରୁଚି ସମ୍ପନ୍ନା କଲେଜ ପଢୁଆ ଝିଅ । ପିତାମାତାଙ୍କର ଏକମାତ୍ର କନ୍ୟା ହୋଇଥିବାରୁ ସେ ବଡ଼ ସ୍ନେହ ଓ ଶ୍ରଦ୍ଧାରେ ବଢ଼ି ଆସିଛି । ଯୁବ ସୁଲଭ ଚପଳତା ଯୋଗୁଁ ତା'ର ବ୍ୟବହାର ଓ କାର୍ଯ୍ୟରେ ଅପରିପକ୍ୱତାର ଲକ୍ଷଣ ବେଶ୍ ସ୍ପଷ୍ଟ ରୂପେ ଫୁଟି ଉଠେ । ହେମାଙ୍ଗିନୀ, ନିଜର ଭାବନା ଓ ବିଚାରଧାରା ଅନୁରୂପ ବେବୀକୁ ବଢ଼ାଇବାକୁ ଚାହାନ୍ତି । ତେଣୁ ବେବୀ, ଅଖଣ୍ଡ ସ୍ୱାଧୀନତାର ଅଧିକାରିଣୀ । ଆଧୁନିକ ବେଶ-ପୋଷାକ, ଖାଦ୍ୟ-ପେୟ ଆଦିରେ ସେ ଅଭ୍ୟସ୍ତ । ମାଆ ହେମାଙ୍ଗିନୀଙ୍କ ପ୍ରେରଣା ଓ ପରାମର୍ଶରେ ଗୀତ, ନାଚ ଓ କବିତା ଲେଖାରେ ସେ ବେଶ୍ ପାରଙ୍ଗମ । ମାଆଙ୍କର ଆଦର୍ଶରେ ବଢ଼ିଥିବା ଯୋଗୁଁ ବେବୀ, ନବଘନଙ୍କ ବିଚାର ଓ ଚଳଣୀକୁ ଘୃଣା କରେ । ବୟଫ୍ରେଣ୍ଡ ପ୍ରବୀର ସହ ପ୍ରେମ ସମ୍ପର୍କ ସ୍ଥାପନ କରିବାକୁ ଓ ତା' ସହ ମଦ୍ୟପାନ କରି ବୁଲିବାକୁ ସେ ଆଧୁନିକତା ବୋଲି ଭାବେ । ସମଗ୍ର ଏକାଙ୍କିକାଟିରେ ବେବୀ ଚରିତ୍ର ହେଉଛି କେନ୍ଦ୍ରବିନ୍ଦୁ । କାରଣ ବେବୀର ଜନ୍ମଦିନ ପାଳନ ଘଟଣାରୁ ଆରମ୍ଭ ହୋଇଛି ଏକାଙ୍କିକାଟି ଏବଂ ବେବୀର ପ୍ରତ୍ୟାବର୍ତ୍ତନରେ ଏକାଙ୍କିକାଟିର ସମାପ୍ତି ଘଟିଛି । ବେବୀକୁ ନେଇ ହିଁ ଏକାଙ୍କିକାଟିର ସମସ୍ତ ଚରିତ୍ର ଓ ଘଟଣା ବିକଶିତ ଓ ଗତିଶୀଳ । ବେବୀର ବିଶୃଙ୍ଖଳିତ ଓ ଜିଦଖୋର ହେବା ପଛରେ କାରଣ ହେଉଛି ହେମାଙ୍ଗିନୀଙ୍କ ଆଦର୍ଶ ଓ ବିଚାରଧାରା । ମାଆଙ୍କର ପ୍ରଶ୍ରୟ ପାଇ ବିପଥଗାମିନୀ ହୋଇଛି । ଯାହା ସମଗ୍ର ପରିବାରଟିକୁ କଳଙ୍କର କାଳିମାରେ ବୁଡ଼ାଇ ଦେଇଛି । ବାସ୍ତବରେ ଦେଖିବାକୁ ଗଲେ ପିଲାମାନେ ଅପରିଣାମଦର୍ଶୀ ଓ ଚପଳମତି ହୋଇଥିବାରୁ ସେମାନେ ପ୍ରତିଟି ସିଦ୍ଧାନ୍ତରେ ପିତାମାତାଙ୍କ ପରାମର୍ଶ ଲୋଡ଼ିଥାଆନ୍ତି । କିନ୍ତୁ ପରିବାରଟିରେ ପିତା-ମାତାଙ୍କ ଭିତରେ ଯଦି ବିଚାରଧାରା ଓ ଆଦର୍ଶଗତ ବିରୋଧତା ଦେଖାଦିଏ ତେବେ ପିଲା ବିଶୃଙ୍ଖଳିତ ହେବା ସ୍ୱାଭାବିକ । ଯେପରି ନବଘନଙ୍କ ପରିବାରରେ ବେବୀର ଚାରିତ୍ରିକ ସ୍ଖଳନ ହୋଇଛି । ବେବୀର ପତନ ପାଇଁ ସେ ଯେତେ ପରିମାଣରେ ଦାୟୀ ନୁହେଁ ତା'ଠୁ ଅଧିକ ମାତ୍ରାରେ ଦାୟୀ ହେମାଙ୍ଗିନୀ ।

## ୧୬.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ):

(କ) "ସକାଳର ମେଘ" ଏକାଙ୍କିକାରୁ ହେମାଙ୍ଗିନୀଙ୍କ ଚରିତ୍ର ଚିତ୍ରଣ କର ।

(ଖ) ହେମାଙ୍ଗିନୀ ଓ ନବଘନ ଚରିତ୍ର ମଧ୍ୟରେ ଥିବା ବିଚାରଧାରାଗତ ପାର୍ଥକ୍ୟ ଦର୍ଶାଇ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ କିପରି ଅବସାନ ହେଲା ଆଲୋଚନା କର ।

(ଗ) ଏକ ସାର୍ଥକ ଏକାଙ୍କିକା ଭାବେ "ସକାଳର ମେଘ" ଏକାଙ୍କିକାଟିର ମୂଲ୍ୟାୟନ କର ।

(ଘ) ସକାଳର ମେଘ ଏକାଙ୍କିକାରୁ ଏହାର ନାମକରଣର ସାର୍ଥକତା ବିଚାର କର ।

ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ):

୧. ଏଗୁଡ଼ାକ ଆଉ ମଣିଷ ହେବେନି । କିଏ, କାହାକୁ କେଉଁ ପ୍ରସଙ୍ଗରେ କହିଛି ?

୨. ନବଘନ ଅଣ୍ଡା ଓ ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି ?

୩. ଡ୍ରାଇଭର ଆସିଲେ ପ୍ରଥମେ କ'ଣ କରିବାକୁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଲେ ?

୪. ସକାଳୁ ସକାଳୁ ନବଘନ କ'ଣ ପିନ୍ଧି ହେମାଙ୍ଗିନୀଙ୍କ ଆଗକୁ ଆସିଥିଲେ ?

୫. ନବଘନଙ୍କୁ, ହେମାଙ୍ଗିନୀଙ୍କର କେଉଁ କଥା ଭଲ ଲାଗେନା ?

୬. ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମ ଦିନରେ କ'ଣ କରିଥିଲେ ?

୭. କେଉଁଥିପାଇଁ ଆଡ଼ମ୍ବର ପୂର୍ଣ୍ଣ ଜନ୍ମଦିନ ପାଳନକୁ ନବଘନ ବିରୋଧ କରୁଥିଲେ ?

୮. ବେବୀର ସକାଳ ଜଳଖିଆର ବ୍ୟବସ୍ଥା କିପରି ହେଲା ?

୯. ପ୍ରବୀର ଭାଇ ବିଷୟରେ ବେବୀର ମନ୍ତବ୍ୟ କ'ଣ ଥିଲା ?

୧୦. ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥି ପାଇଁ ଦିଆଯିବା ଉଚିତ ?

## ୧୬.୯ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

i. ନବଘନବାବୁ ............ ବିଭାଗର ଜଣେ ପଦସ୍ଥ ଅଫିସର ।

(ବିକ୍ରି କର, ବାଣିଜ୍ୟ କର, ଟିକସ ବିଭାଗ, ଡାକ୍ତରୀ ବିଭାଗ)

ii. ନବଘନବାବୁଙ୍କୁ ଛୋଟ ଛୋଟ କଥାରେ ............ ଅପମାନିତ କରନ୍ତି ।

(ଜେମା, ହେମ, ବେବୀ, ନେଲି ଅପା)

iii. ତୁମେ ଆଉ ମଣିଷ ହେବନି ବୋଲି ନବଘନକୁ............. କହିଛି ।

(ବେବୀ, ନେଲି, ହେମ, ପ୍ରବୀର)

iv. ଅଭଦ୍ର, ରଷ୍ଟିକ ଭଳି କଥାବାର୍ତ୍ତା କରନି । ସିଧା ଡ୍ରେସ ବଦଳାଇ ଡାଇନିଙ୍ଗ୍ ଟେବୁଲ ପାଖକୁ ଆସ ବୋଲି ନବଘନଙ୍କୁ ........... କହିଛି ।

(ନେଲି, ଜେମା, ହେମ, ବେବୀ)

v. ମୁଁ ଫମ୍ପା ଆରିଷ୍ଟୋକ୍ରାସିକୁ ପସନ୍ଦ କରେନି ବୋଲି ବେବୀକୁ ............ କହିଛି ।

(ନେଲି ଅପା, ଜେମା, ଅଙ୍କଲ୍, ନବଘନ)

## ୧୬.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର:

୧. ଏଗୁଡ଼ାକ ମଣିଷ ହେବେନି ବୋଲି ହେମାଙ୍ଗିନୀ ଜେମାକୁ ଘର ସଫେଇ ବିଷୟରେ କହିଛି ।

୨. ନବଘନ ଅଣ୍ଡା, ବିସ୍କୁଟ ଖାଇବାକୁ ଭଲପାଆନ୍ତି ନାହିଁ କିନ୍ତୁ ଚୁଡ଼ା ଖାଇବାକୁ ଭଲପାଆନ୍ତି ।

୩. ଡ୍ରାଇଭର ଆସିଲେ ପ୍ରଥମେ ଗାଡ଼ିକୁ ଚକ୍ ଚକ୍ କରି ଧୋଇ ବ୍ୟାକେରୀରୁ କେକ୍ ଆଣିବାପାଇଁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଇଛନ୍ତି ।

୪. ସକାଳୁ ସକାଳୁ ନବଘନ ଧୋତିକୁ ଲୁଙ୍ଗି କରି ପିନ୍ଧି ଓ କାନ୍ଧରେ ନାଲି ଗାମୁଛା ପକାଇ ହେମାଙ୍ଗିନୀ ଆଗକୁ ଆସିଥିଲେ ।

୫. ହେମାଙ୍ଗିନୀର ଛୋଟ ଛୋଟ କଥାରେ ତମ୍ ତମ୍ ହୋଇ ରାଗିବା ଯୋଗୁ ନବଘନକୁ ଭଲ ଲାଗେନାହିଁ ।

୬. ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମଦିନରେ ଲିଙ୍ଗରାଜ ମନ୍ଦିର ମଡ଼େଲର କେକ୍ ପ୍ରସ୍ତୁତ କରିଥିଲେ ।

୭. ନବଘନ ଆଡ଼ମ୍ବର ପୂର୍ଣ୍ଣ ଜନ୍ମଦିନ ପାଳନ କରିବାକୁ ବିରୋଧ କରୁଥିଲେ । କାରଣ ଆଡ଼ମ୍ବର ତାଙ୍କର ପସନ୍ଦ ନଥିଲା ଓ ଭବିଷ୍ୟତର ଅନିଶ୍ଚିତତା ବିଷୟରେ ସେ ଆଶଙ୍କା ପୋଷଣ କରୁଥିଲେ ।

୮. ବେବୀ ମାଡ୍ରାସୀ ହୋଟେଲରୁ ଡ୍ରାଇଭର ହାତରେ ଦୋସା ମଗାଇ ଜଳଖିଆର ବ୍ୟବସ୍ଥା କରିଥିଲା ।

୯. ପ୍ରବୀର ସିନେମା ପାଇଁ ଗୀତ ଗାଏ ଓ ପ୍ରତି ଗୀତକୁ ହଜାରେ ଟଙ୍କା ନିଏ ବୋଲି ବେବୀର ମନ୍ତବ୍ୟ ଥିଲା ।

୧୦. ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ । କାରଣ ଝିଅମାନେ ପୁଅମାନଙ୍କ ସହ ତାଳ ଦେଇ ଚାଲି ପାରିବେ ।

## ୧୬.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର:

i) ବିକ୍ରି କର  ii) ହେମ  iii) ହେମ

iv) ହେମ  v) ନବଘନ

•••

# ୧୭

# ରାଜପଥ ଗ୍ରାମପଥ

**ପ୍ରଫେସର ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ**

## ୧୭.୧ ଉପକ୍ରମ:

ସେ ସହର ହେଉ ବା ଗାଁଆ ହେଉ, ପ୍ରତିଟି ମଣିଷ ତା' ଜୀବନରେ ସବୁଠି ଶାନ୍ତି ଖୋଜେ । ନିଜର ଆଦର୍ଶ ଓ ନୀତିବୋଧ ସହ ସାଲିସ୍ ନକରି ଏକ ସୁସ୍ଥ ଓ ସରଳ ଜୀବନ ଯାପନର ସ୍ୱପ୍ନ ସେ ଚିରକାଳ ଦେଖି ଆସିଥାଏ । ତା'ର ଏହି ସ୍ୱପ୍ନ କେତେବେଳେ ବି ବାସ୍ତବତାରେ ପରିଣତ ହୁଏନା । ନୈରାଶ୍ୟ ଓ ହତାଶାରେ ଭରିଯାଏ ତା'ର ପ୍ରାଣ । ଛଳନା, ପ୍ରତାରଣା ଓ ଶୋଷଣ-ପେଷାଣର ପଙ୍କରେ ଜୁଡୁ ବୁଡୁ ଏହି ଦୁନିଆ ତାକୁ ଶାନ୍ତିରେ ବଞ୍ଚିବାକୁ ଦିଏନା । ବଦଳି ଯାଉଥିବା ସମୟ ଓ ସମସ୍ୟା ସହ ସେ ନିଜକୁ ଖାପ ଖୁଆଇ ପାରେନା । ସବୁ ଆଶା ଓ ସ୍ୱପ୍ନ ତା'ର ଭାଙ୍ଗି ରୁଜି ଚୁରମାର ହୋଇଯାଏ । ଅବସର ପ୍ରାପ୍ତ ଆଦର୍ଶବାନ କିରାଣୀ, ପ୍ରଭାକରଙ୍କ ସ୍ୱପ୍ନ କିପରି ନୈରାଶ୍ୟ ଓ ହତାଶାର ଧୂଳି ଝଡ଼ରେ ନିଶ୍ଚିନ୍ନ ହୋଇ ଯାଇଛି ତାହାର ଏକ ଜୀବନ୍ତ ଅଲେଖ୍ୟ ହେଉଛି ଏକାଙ୍କିକା "ରାଜପଥ ଗ୍ରାମପଥ" । ଆସ, ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଏକାଙ୍କିକା "ରାଜପଥ ଗ୍ରାମପଥ" ପଢ଼ିବା ଓ ଏହାର ବାର୍ତ୍ତା ଓ ବକ୍ତବ୍ୟ ବିଷୟରେ ପଙ୍ଖାନୁପୁଙ୍ଖ ଅବହିତ ହେବା ।

## ୧୭.୨ ଏକାଙ୍କିକା ପଠନର ଆଭିମୁଖ୍ୟ:

- ଆଜି କାଲିର ମଣିଷ ଭିତରେ ଆସିଥିବା ନୀତିବୋଧ ଓ ବିଚାରଧାରାଗତ ପରିବର୍ତ୍ତନର ସ୍ୱରୂପର ସୂଚନା ।
- ସହରୀ ଜୀବନରେ ଆସିଥିବା ଲୋକ ଦେଖାଣିଆ ମାନସିକତା ।
- ଗ୍ରାମୀଣ ଜୀବନରେ ବିଚାରଧାରା ଓ ମାନବୀୟ ସଂପର୍କକୁ ନେଇ ଦେଖାଦେଇଥିବା ସଂକଟର ଚିତ୍ର ।
- ନବଘନ ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ।
- ଏକାଙ୍କିକାଟିର ଘଟଣା କ୍ରମିକ ଧାରା ପ୍ରବାହ ।
- ଏହାର ଭାଷା ଶୈଳୀ ।
- ପାତ୍ରୋପଯୋଗୀ ସଂଳାପ ସଂଯୋଜନା ।
- ନାମକରଣର ସାର୍ଥକତା ।
- ଏକାଙ୍କିକାର ଲକ୍ଷଣାନୁସାରେ କଥାବସ୍ତୁର ଯଥାର୍ଥ ରୂପାୟନ ।

## ୧୭.୩ ମୂଳ ବିଷୟ :

**(ଚଉକିରେ ଆଉଜି ବସି ପ୍ରଭାକର ବହିଟିଏ ପଢୁଛନ୍ତି ।)**

ପ୍ରଭାକର : ଜୀବନର ପ୍ରତିଟି ମୁହୂର୍ତ୍ତ ବଡ଼ ରୋମାଞ୍ଚକର । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଏଇ ରୋମାଞ୍ଚ ଭରି ରହିଛି । କିନ୍ତୁ ସମସ୍ତେ ଜୀବନର ଏଇ ରୋମାଞ୍ଚକୁ ଦେଖି ପାରନ୍ତିନି । ଯେଉଁମାନେ ଦେଖିପାରନ୍ତି, ପ୍ରାଣଭରି ଅନୁଭବ କରିପାରନ୍ତି, ସେମାନେ ହିଁ ବୁଝନ୍ତି ଜୀବନର ସ୍ୱାର୍ଥକତା କେଉଁଠି ?

ଶକୁନ୍ତଳା : (ପ୍ରବେଶି) ସେମିତି ବସି ଚଟି ବହିଟା ମୁହଁରେ ଗୁଞ୍ଜି ! ନରହରିବାବୁ ବଜାର ଯିବାକୁ ଡାକୁଥିଲେ, ଗଲନି ତାଙ୍କୁ ଏମିତି ଫେରେଇ ଦେଲ ଠିଆରେ ଠିଆରେ । କ'ଣ ଭାବିଥିବେ ମନରେ ।

ପ୍ରଭାକର : ଯାହା ଭାବନ୍ତୁ । କ'ଣ ଆଉ କରିଥାନ୍ତି । ରିଟାୟାର କଲି । ଟିକିଏ ଶାନ୍ତିରେ ବସିବି ନା ପୁଣି ମୁଣି ଧରି ଦୌଡ଼ିବି ବଜାରକୁ ? ଏତେ ଦିନକେ ମୁକ୍ତି ମିଳିଛି ବ୍ୟାସ ସରୋବରରୁ । ପୁଣି ଅଫିସ୍‌ର ସେଇ ଭୀରୁ ପଳାତକମାନଙ୍କ ସାଙ୍ଗରେ ମିଶିବି ?

ଶକୁନ୍ତଳା : ଭୀରୁ, ପଳାତକ ?

ପ୍ରଭାକର : ଭୀରୁ, ପଳାତକ ନୁହନ୍ତି ଆଉ କଣ ? ଜୀବନ ଭୟରେ ଲୁଚିବା କଥା; ବୁଝିଲ ଶକୁନ୍ତଳା ! ଠିକ୍ ଗାତ ଭିତରେ ମୂଷା ଭଳି । ବାହାରର କୌଣସି ଉତ୍ତେଜନା ନ ଥିବ । ଜୟ ପରାଜୟ କିମ୍ବା ଲାଭ କ୍ଷତି ଆଶଙ୍କା ନ ଥିବ ! ଦଶଟାବେଳେ ଅଫିସ୍‌କୁ ଯାଅ । କେତେଘଣ୍ଟା ପଙ୍ଖାତଳେ ବସି ପୁଣି ଚାରିଟାବେଳେ ଫେର । ମାସ ଶେଷକୁ ଦରମା ଥୁଆ ! ଟିକିଏ ବି ଧୂଳିମଳି ନାଇଁ । କି ଜୀବନ ଇଏ ?

ଶକୁନ୍ତଳା : ତମର ତେବେ କ'ଣ ଜୀବନରେ ଧୂଳିମଳି ଦରକାର ?

ପ୍ରଭାକର : ଇଏ କ'ଣ ଜୀବନ ? ଯାହାକୁ କବିଙ୍କ ଭାଷାରେ କହନ୍ତି - ବୀରେନ୍ଦ୍ର ବାଞ୍ଛିତ ।

ଶକୁନ୍ତଳା : ଯାଠୁ ବଳି ଆଉ ଆରାମ କାହିଁ ? ବସି ବସି ରୋଜଗାର -

ପ୍ରଭାକର : କମ୍ ଆରାମ ? ଦେଖୁନ କି ମୋ ଆରାମକୁ । ହଜାରେ ମାନ ଅପମାନ ସହି ସାରା ଜୀବନ ଖଟିଲି । ସୂର୍ଯ୍ୟ କେତେବେଳେ ଉଦୟ ହୁଏ, ଅସ୍ତ ହୁଏ ଜାଣିଲିନି । ଏବେ ଦେଖ ଚୁଲି ନାଇଁ କି ଚାଳ ନାଇଁ ।

ଶକୁନ୍ତଳା : କିଏ ତମକୁ ମନାକଲା ଚୁଲି ଚାଳ କରିବାକୁ । ମୁଁ ତ ଦଶ ବର୍ଷ ହେଲା ଲଗେଇଚି । ସହରରେ ସମସ୍ତେ ଘର କରୁଛନ୍ତି । ତମେ ଖଣ୍ଡେ କରି ପକାଅ । ତମେ କ'ଣ ଶୁଣିଲ ?

ପ୍ରଭାକର : ଶୁଣିବାକୁ ବଳଥିଲେ ତ ଶୁଣିବି ?

ଶକୁନ୍ତଳା : କ'ଣ କହିଲ ? ତମର ବଳ ନଥିଲା ? ଆଉ ତମ ଅଫିସର ସାତ ସାନ ଚାକିରିଆମାନେ ଘରଦ୍ୱାର କରିଗଲେ -

ପ୍ରଭାକର :- କେମିତି ଘର କଲେ ଜାଣିଚ, ନା ଖାଲି କାହାର ଘରଟିଏ ଦେଖି ଆଖି ଝଲସି ଯାଉଚି ।

ଶକୁନ୍ତଳା : କେମିତି କଲେ ?

ପ୍ରଭାକର : ଋଣଂ କୃତ୍ୱା ଘୃତଂ ପିବେତ୍ -

ଶକୁନ୍ତଳା : ସେ ଯାହାହେଉ । କିଛି ଗୋଟାଏ କରିବାକୁ ହେଲେ ଧନ ଅପେକ୍ଷା ମନଟା ବେଶି ଦରକାର । ତମର ତ ସବୁବେଳେ ମନର ଅଭାବ ।

ପ୍ରଭାକର : ଠିକ୍ କହିଚ ଶକୁନ୍ତଳା ଠିକ୍ କହିଚ । ସେଇ ତ ହଉଚି ମୋର ଦୁଃଖ, ତମ ମନ ସାଙ୍ଗରେ

ମୋ ମନଟାକୁ କେତେବେଳେ ହେଲେ ଯୋଡ଼ି ପାରିଲିନି । ତମ ମନଟା ତଟୁଘୋଡ଼ା ତ ମୋ ମନଟା ହଡ଼ା ବଳଦ ।

ଶକୁନ୍ତଳା : ସବୁବେଳେ ତ ତମର ଖାଲି ଥଟ୍ଟା ପରିହାସ । ଆଉ କ'ଣ ଜାଣିଚ କି ?

ପ୍ରଭାକର : ଆରେ ଥଟ୍ଟା ପରିହାସ ତମ ସାଙ୍ଗରେ କରିବିନି ତ ଆଉ କରିବି କାହା ସାଙ୍ଗରେ ?

ଶକୁନ୍ତଳା : ହଉ ହେଲା, ମୁଁ ଆଉ କିଛି କହିବିନି । ତମର ଯାହା ଇଚ୍ଛା ତା କର । ମୋତେ କୋଉ କଥାରେ କିଛି ପଚାରିବା ଦରକାର ନାଇଁ ।

ପ୍ରଭାକର : ଆରେ ହଠାତ୍ ଧର୍ମଘଟର ଡାକରା ! ଏହି କି ତୁମର ପ୍ରେମ ଶକୁନ୍ତଳେ ! ଅଗ୍ନାଗ୍ନି ଅରଣ୍ୟେ ମଧ୍ୟେ ଅସହାୟ କରି ତୁମେ ଛାଡ଼ିଯିବ ଏ ଦୀନ ବୃଦ୍ଧରେ ?

ଶକୁନ୍ତଳା : ତମ ନାଟକ ଦେଖିବାର ସମୟ ନାଇଁ । ମୁଁ ଚାଲିଲି । ତେଣେ ଘରଟାଯାକର କାମ ପଡ଼ିଚି । (ଚାଲି ଯାଉଥିଲେ)

ପ୍ରଭାକର : ଆରେ ଶୁଣ ଶୁଣ । ସତରେ ରାଗି ଗଲକି ? ମୁଁ କ'ଣ କହୁଚି ସବୁକାମ ଛାଡ଼ି କେବଳ ମୋରି କଥା ବସି ଶୁଣୁଥାଅ ।

ଶକୁନ୍ତଳା : ତେବେ କ'ଣ କହିବ, କହୁନ ।

ପ୍ରଭାକର : ମୋର କହିବାର କଥା ହେଲା, ମୁଁ କାହିଁକି ସହରରେ ଘର କଲିନି -

ଶକୁନ୍ତଳା : କାହିଁକି ?

ପ୍ରଭାକର : ତା'ର ତ ପୁଣି ଗୋଟାଏ କାରଣ ଥିବ । ତୁମେ କିନ୍ତୁ କିଛି କାରଣ ଅନୁସଂଧାନ ନ କରି ଏକାବେଳକେ ଧରି ନେଲ ଯେ ତୁମର ପତିଦେବତା ଅଯୋଗ୍ୟ ଅପଦାର୍ଥ ।

ଶକୁନ୍ତଳା : ମୋତେ ଆଉ କିଛି ଭଲ ଲାଗୁନି । ଏଠି କ'ଣ ସାରାଜୀବନ ଏମିତି ଭଡ଼ାଘରେ ପଡ଼ିଥିବା-

ପ୍ରଭାକର : ସେ କଥା ତ ମୁଁ କହୁନି ।

ଶକୁନ୍ତଳା : ତେବେ ?

ପ୍ରଭାକର : ମୁଁ ଏଇ ଦିନେ ଦି'ଦିନ ଭିତରେ ଗାଁକୁ ଯିବି । ସେଠି କେମିତି ଭଲ ଘରଟିଏ ତିଆରି ହୋଇପାରିବ, ତାର ବ୍ୟବସ୍ଥା କରିବି ।

ଶକୁନ୍ତଳା : ଓଃ କଥାଟା ଯାଇ ଏତେ ଭିତରେ । ସେ କଥା କହୁନ -

ପ୍ରଭାକର : କ'ଣ ମନକୁ ପାଉନି -

ଶକୁନ୍ତଳା : ବେଶ୍ ପାଉଚି, ଖୁବ୍ ପାଉଚି । ଆହାରେ ମୋ ପସନ୍ଦିଆ ମଣିଷ ! ସାରା ଜୀବନ ସହରରେ ରହି ବୁଢ଼ା ବୟସରେ ଦଉଡୁଛନ୍ତି କୁଆଡ଼େ, ନା ଗାଁର ମାଟି କାଦୁଅକୁ ।

ପ୍ରଭାକର : ଗାଁର ମାଟି କାଦୁଅ କାହାକୁ କହୁଚ ? ସେ ତ ପବିତ୍ର ଜନ୍ମମାଟି । ଗାଁର ଗଛଲଟା, ପାଣିପବନଠୁ ବଳି ଆଉ ସୁନ୍ଦର କ'ଣ ଅଛି । ଖୋଲା ଆକାଶ ତଳେ ଶିରି ଶିରି ପବନରେ ଦୋହଲୁଥିବା ସବୁଜ ଧାନକ୍ଷେତ -

ଶକୁନ୍ତଳା : ବାରଣ୍ଡାରୁ ତଳକୁ ଓହ୍ଲେଇଲେ ଆଣ୍ଠୁଏ କାଦୁଅ ପଚାଗନ୍ଧ ।

ପ୍ରଭାକର : କିନ୍ତୁ ସେଇ ପାଣି କାଦୁଅରେ ଘାଣ୍ଟି ହେବାରେ ଯେ କି ଆନନ୍ଦ, କେମିତି ତମକୁ ବୁଝେଇବି ? ପିଲାଦିନର କଥା ମନେ ପଡ଼ିଗଲେ ଏବେ ବି ଛାତିଟା ମୋର କଣ ହୋଇଯାଏ । ନଈରେ ପହଁରିବା, ପୋଖରୀରେ ବୁଡ଼ିବା, ଆମ୍ବତୋଟାରେ ବୁଲି ପବନ ଖାଇବା, ଆମ୍ବ ଝଡ଼େଇବା, ମାଛଧରା, ଫୁଲତୋଳା, ଗୋରୁଗୋଠ, ଡୁଡୁ, ବୋହୂଚୋରୀ, ଯାନିଯାତ, ମେଳଣ –

ଶକୁନ୍ତଳା : ମୁଁ ତ ଦେଖୁଚି ତମେ ଜଣେ ନିର୍ଘାତ କବି ହୋଇପାରିବ । ପଲ୍ଲୀକବି –

ପ୍ରଭାକର : ସତରେ, ସେ ପରିବେଶରେ ରହିଲେ କିଏ ବା କବି ନ ହେବ ? ତୁମେ ଚାଲ ମୋ ସାଙ୍ଗରେ । ଗାଁର ପ୍ରକୃତିକୁ ପ୍ରାଣଭରି ଉପଭୋଗ କରିବ ।

ଶକୁନ୍ତଳା : ତା ମାନେ ତମ ସାଙ୍ଗରେ ପିଲାହୋଇ ମାଛ ଧରିବି, ବାଗୁଡ଼ି ଖେଳିବି –

ପ୍ରଭାକର : ମୁଁ କ'ଣ ସେଇକଥା କହୁଚି ? ପୁରୁଣା ଖଞ୍ଜାକୁ ଭାଙ୍ଗି ସୁନ୍ଦର ଛୋଟ କୋଠାଘରଟିଏ କରିଦେବା । ବଗିଚାଟେ ରହିବ, ପୋଖରୀଟେ ରହିବ, ଗୁହାଳ ରହିବ । ଇଚ୍ଛା କଲା ମାତ୍ରେ ତଟକା ପନିପରିବା, ଫଳମୂଳ, ମାଛ, ଦୁଧ –

ଶକୁନ୍ତଳା :- ଧୂଳି ଧୂସର ହୋଇ ଲାଗିଯିବା କାମରେ । ଶଗଡ଼ ବୋହିବା, ବେଙ୍ଗଳା ପକେଇବା, ଧାନ ଉଡ଼େଇବା –

ପ୍ରଭାକର : ଆଃ କି ରୋମାଞ୍ଚକର – କ୍ଷେତରୁ ବୁହାହୋଇ ଆସୁଥିବ ଧାନ ବିଡ଼ାମାନ, କେଁ କେଁ ହୋଇ ଚାଲିଥିବ ଶଗଡ଼ ଧୂଳି ଉଡ଼େଇ – ତା ପଛେ ପଛେ –

ଶକୁନ୍ତଳା : ସତରେ ? କ'ଣ ଯେ କହିବି ତମ ବୁଦ୍ଧି କି –

ପ୍ରଭାକର : ସତ କହୁଚି, ସହରରେ ଏ ଧୂଳିଧୂଆଁ ମୋତେ ଆଉ ଭଲ ଲାଗୁନି । ସାରା ଜୀବନ ତ ଏଠି ପେଷି ହୋଇଗଲି । ନର୍ଦ୍ଦମା ଗନ୍ଧ ପଶି ପଶି ନାକ ଭିତରେ ଜମାଟ ବାନ୍ଧିଗଲାଣି । ଗାଡ଼ିର ପେଁ ପାଁ ଶୁଣି ଶୁଣି କାନ ଦି'ଟା ବଧିରା ହୋଇଗଲାଣି । ଆଉ କାହିଁକି ?

ଶକୁନ୍ତଳା : ମୁଁ ଯାହା ଦେଖୁଚି, ରିଟାୟାର କରିବା ପରଠୁ ମୁଣ୍ଡଟା ତମର ଆଉ ଠିକ୍‌ଭାବେ କାମ କରୁନି । ଯେତେସବୁ ପାଗଳାମି –

ପ୍ରଭାକର : ନାଁ ନାଁ ରିଟାୟାର କରିବା ପରଠୁ କାହିଁକି ହେବ ? ଏ ତ ମୋର ବହୁଦିନର ସ୍ୱପ୍ନ । ଜୀବନ ଦୁର୍ବିସହ ହୋଇ ପଡ଼ିଲାବେଳେ ଆଖିରେ ମୋର ନାଚିଯାଏ ସେ ଦିନର ଆବେଗ, ଉଚ୍ଛ୍ୱାସ –

ନଟବର : (ଡାକି ଡାକି ପଶି ଆସିଲେ) ପ୍ରଭାକର ଭାଇ, ଘରେ ଅଛ ?

ପ୍ରଭାକର : ଆରେ, ନଟ ଯେ –

ନଟବର : ଘର ଭିତରେ ତ ସବୁବେଳେ ପଶିଚ । ବାହାରକୁ ଟିକିଏ ବି ବାହାରୁନ –

ପ୍ରଭାକର : ଆଉ ବାହାରିବା କି ଦର୍କାର । ଘୋଡ଼ାଦୌଡ଼ ସରିଗଲା । ଏଥର ଶାନ୍ତିରେ ବସି ନିଃଶ୍ୱାସ ମାରିବା କଥା ।

ଶକୁନ୍ତଳା : ଶାନ୍ତିରେ ନିଃଶ୍ୱାସ ମାରୁଛନ୍ତି ନା ନଈରେ ପହଁରୁଛନ୍ତି ତାଙ୍କୁ ପଚାରିଲୁ ନଟ ।

ନଟବର : ନଈରେ ପହଁରୁଛନ୍ତି ?

ଶକୁନ୍ତଳା : ନଈରେ ନୁହଁମ କୁହୁଡ଼ିରେ । ସକାଳୁ ଯୋଜନା ତିଆରି ଚାଲିଚି ଯେ ଆଉ ଶେଷ ନାଇଁ –

ପଭାକର : କିନ୍ତୁ ଗଭୀର ଦୁଃଖ ଓ ପରିତାପର ବିଷୟ ଯେ ଗୃହକର୍ତ୍ତୀ । ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ନଟବର : ତାହାହେଲେ ଏଇଥିରୁ ଜଣାପଡୁଚି ଯେ ଯୋଜନାଟା କେତେ ଗୁରୁତ୍ୱପୂର୍ଣ୍ଣ ।

ପ୍ରଭାକର : ହଇରେ ନଟ, ତୁ ମୋ ଆଗରେ ମେଞ୍ଚଡ଼ ଚୋକାଖଣ୍ଡେ । ମୋ ଯୋଜନାର ଗୁରୁତ୍ୱ ବିଚାର କରିବାକୁ ତୋର ମୁଣ୍ଡ ହେଲାଣି ।

ଶକୁନ୍ତଳା : ଆହା ହା– ଯୋଉ ଯୋଜନା ! ତା'ର ପୁଣି ଗୁରୁତ୍ୱ ?

ପ୍ରଭାକର : ହଉ, ତା ହେଲେ ଠିକ୍ ଅଛି । ମୁଁ ଚୁପ୍‌ଚାପ୍ ବସିଲି । ମୋର କୋଉ ବିଷୟରେ କିଛି କହିବା ଦରକାର ନାଇଁ । ମିଳିଗଲେ ଏବେ ଛେନାକୁ ଗୁଡ଼ ସାକ୍ଷୀ । ଶାସ୍ତ୍ରକାର କହିଛନ୍ତି ପରା – ଦର୍ଦ୍ଦୁର ଯତ୍ର ବକ୍ତାର ତତ୍ର ମୌନହି ଶୋଭନଂ ।

ଶକୁନ୍ତଳା : ତମେ ଏବେ ମୌନ ରହିବା ହିଁ ଭଲ । ଯେମିତି ମଣିଷ ନା –

ପ୍ରଭାକର : ହଇରେ ନଟ ମୁଁ ତେବେ ତମ ଭଉଣୀଙ୍କ ବିଚାରରେ ମଣିଷ ନୁହେଁ । ମାନେ ଅମଣିଷ । ଏଇୟା ବିଚାର କରି ମୋ ହାତରେ ତମ ଭଉଣୀକି ସମର୍ପି ଦେଇଥିଲ ତ ? କହ ଚୁପ୍ ହୋଇଗଲୁ କାହିଁକି ?

ଶକୁନ୍ତଳା : କିଏ ତମକୁ ପାରିବ ? ମୁଁ ଯାଏ – ନଟ ପାଇଁ କପେ ଚା କରି ନେଇ ଆସେ – (ଚାଲିଗଲେ)

ପ୍ରଭାକର : ବୁଝିଲୁ ନଟ ସହରରେ ରହି ଏଇ ଚା ପିଇପିଇ ଆମର ବୁଦ୍ଧି-ବୃତ୍ତି, ବଳବୟସ ସବୁ ଶେଷ ହୋଇଯାଉଛି । ଏଇ ଗରମ ପାଣିଗୁଡ଼ାକ ପିଇଲେ ଦେହ ତାଜା ହବ କେବେ ?

ନଟବର : ସେ କଥା ଛାଡ଼ । ଆଚ୍ଛା ପ୍ରଭାକର ଭାଇ, କ'ଣ ହେଇଚି ଆଗ କହିଲ ? ଅପା କାହିଁକି ତମ ଉପରେ ଇମିତି ଗରଗର ହଉଚି ?

ପ୍ରଭାକର : ଗର ଗର ହବାର କାରଣ ହଉଚି, ସେ ଚାହାନ୍ତି ଚିରଦିନ ଏଇଠି ସହରବାସିନୀ ହୋଇ ରହିବେ ।

ନଟବର : ଏଥିରେ ଆଉ କ୍ଷତି କ'ଣ ହେଲା ?

ପ୍ରଭାକର : କିନ୍ତୁ ତାଙ୍କର ସ୍ୱାମୀ ଚାହାନ୍ତି, ପଲ୍ଲୀର ଶାନ୍ତ ପରିବେଶ ଭିତରେ ଶେଷ ଜୀବନ କଟାଇବାକୁ–

ନଟବର : ସତରେ ପ୍ରଭାକର ଭାଇ, ତମେ ଆଉ ମଣିଷ ହେଲନି – ଅପା ତା'ହେଲେ –

ପ୍ରଭାକର : କ'ଣ ମୋ ବିଚାରଟା ଭୁଲ୍ ?

ନଟବର : ଆଉ କ'ଣ ଠିକ୍ ?

ପ୍ରଭାକର : ଆରେ ତୁ କ'ଣଟା ବୁଝିବୁ ? ତୁ ହେଲୁ ପେଟା ମାଙ୍କଡ଼ ତଟୁଘୋଡ଼ା –



ନଟବର : ଆଉ ତମେ ସବୁ ବୁଝି ପକଉଚ ?

ପ୍ରଭାକର : ମୋ କଥା ଆଗ ଶୁଣ୍ । ସାରା ଜୀବନ ତ ଦୌଡ଼ିଦୌଡ଼ି ଗଧ ପାଲଟି ଯାଇଥିଲି । ଅଫିସ୍ ଭିତରେ ଯିଏ ଯେତେ ଲଦିବ ଲଦ । ଯାହାର ମନ ହଉଚି କାରଣେ ଅକାରଣେ ଦି ପାହାର ଦିଅ, ସବୁ ସହୁଥିଲି । ଏବେ ଯଦି ସେଥିରୁ ମୁକ୍ତି ମିଳିଲା; ଆଉ ପୁଣି କାହିଁକି ଏ ସହର ଜଂଜାଳ ଭିତରେ ପଶିବି ?

ନଟବର : ଅଫିସ୍ ସିନା ତମର ଦୋଷ କଲା, ଆଉ ସହରଟା ତ ଦୋଷ କରିନି ।

ପ୍ରଭାକର : ଏଇ ଯାନ୍ତ୍ରିକ ପରିବେଶ ଭିତରେ ରହିଲେ ସେ ପୁରୁଣା କଥାଗୁଡ଼ାକ କଣ କେବେ ପାଶୋରି ହୋଇଯିବ ଭାବୁଚୁ ? ତୁ ତ ନୂଆ ନୂଆ ସେ ଭିତରେ ଢୁକିଚୁ । ଏଇକ୍ଷଣି ତୋର ଅଭିଜ୍ଞତା କମ୍ । ପଇଁତିରିଶି ଛତିଶ ବର୍ଷର ଅଭିଜ୍ଞତା ମୋର । ହଜାରେ ମର୍ଜି ଜଗି ଚଳିଲେ ବି ଉପରିକମାନେ ଅସନ୍ତୁଷ୍ଟ । ସେମାନେ ବୋଧହୁଏ ଭାବନ୍ତି, କିରାଣୀମାନଙ୍କର ଜନ୍ମ ମୁହଁ ବୁଜି ମେସିନ୍ ଭଳି କାମ କରିଯିବାକୁ, ଆଉ ସେମାନଙ୍କର ଜନ୍ମ ବସିବସି ଆଡ୍‌ଡା ଦେବାକୁ ।

ନଟବର : ଠିକ୍ କହିଚ ପ୍ରଭାକର ଭାଇ ! ମୋର ବି କେତେ ଅନୁଭବ ହୋଇଗଲାଣି ଏ ଭିତରେ –

ପ୍ରଭାକର : ଉପରିକମାନଙ୍କର ଘନଘନ ତଲବ କଥା କଥାକେ ଫାଇଲ ଫୋପଡ଼ା । ମୁହଁକୁ ଗମ୍ଭୀର କରି ଇମିତି ଭଦ୍ର ଭାଷାରେ ଦି'ପଦ ଚଡ଼େଇ ଦେବେ ଯେ ମର୍ମମୂଳକୁ ଭେଦି ଯାଉଥିବ । ପୁଣି ଘଣ୍ଟା ଘଣ୍ଟା ଧରି ପାଖରେ ଠିଆ କରେଇ ରଖିବେ; ଭୁଲରେ ସୁଦ୍ଧା ଟିକିଏ ବସି ଯିବାକୁ ବି କହିବେନି । କାଳେ ସାହେବଙ୍କର ସମ୍ମାନ ହାନି ହେବ ।

ନଟବର : ଅଫିସ ଭିତରେ ଏତେ ୟୁନିୟନ୍, ସଭା ସମିତି ତମ୍ପି ତୋଫାନ ହେଲେ ସେ ପୁରୁଣା ଢାଞ୍ଚାଟା କୋଉଠି ବଦଳୁଚି କହିଲ ? ବାହାରେ ଯେତେ ପାଇକପଣ । ଅଫିସରମାନଙ୍କ ଆଗରେ କିନ୍ତୁ ସମସ୍ତେ ଚୁପ୍ । ଯେମିତି ନିରୀହ ମେଷ ଶାବକ ।

ପ୍ରଭାକର : କିଏ ବଦଳେଇବ ? ସମସ୍ତେ ତ ସେଇ ଏକା ଲାଉର ମଂଜି । ଯୋଉ କିରାଣୀମାନେ ପ୍ରମୋସନ ପାଇ ଶେଷରେ ଅଫିସର ହେଉଛନ୍ତି, ସେମାନଙ୍କର ବ୍ୟବହାର ତ ଆହୁରି ଉକ୍ରଟ । ଧରାକୁ ସରା ମନେ କରୁଥାନ୍ତି ସେମାନେ । ପଛ କଥା ଆଉ ମନେ ପଡୁଛି କି ?

ନଟବର : ଏଥିପାଇଁ ରୀତିମତ ଗୋଟାଏ ଆନ୍ଦୋଳନ ହେବା ଦରକାର ।

ପ୍ରଭାକର : ସେଇ ଆନ୍ଦୋଳନ ତ ସବୁ ବିଭ୍ରାଟର ମୂଳ । ସତ କହିଲୁ, ଅଫିସରେ କାହା ସାଙ୍ଗରେ କାହାର ମନ ମେଳ ଅଛି ? ହଜାରେ ବାଦ ଛେଦ ଈର୍ଷା ଅହଙ୍କାର । ଆଉ ଖଚ କୁହା, ଚୁଗୁଲିଆ ମାନଙ୍କର ତ ସବୁବେଳେ ପୁଅବାର । ଏସବୁ କାଇଁକି ହଉଚି କହୁନୁ ?

ନଟବର : କାଇଁକି ?

ପ୍ରଭାକର : ଏଇ ତମ ୟୁନିୟନ, ଆନ୍ଦୋଳନ, ନେତୃତ୍ୱ – ଏଇଥିପାଇଁ । ଏଣେ ଗରମାଗରମ ବକ୍ତୃତା ଝାଡ଼ିଦେଇ, ତେଣେ ଅଫିସର ଆଗରେ ଅନ୍ୟମାନଙ୍କ ନାଁରେ ଖଚମିଛ କହି ତେଲ ମାଲିସ୍ କରିବା ପେଶା ହୋଇଚି । ଫାଇଲ୍‌ରେ ଗୋଟାଏ ଗାର ନ ପକେଇଲେ ସେମାନଙ୍କୁ କେହି କହିବାକୁ ନାହିଁ ।

ନଟବର – ଠିକ୍ କଥା କହିଚ ପ୍ରଭାକର ଭାଇ । ହେଲେ ସେଇ ଅଭିମାନରେ ତମେ –

ପ୍ରଭାକର : ମୋତେ ଆଉ କିଛି କହନା । ବହୁତ ଭୋଗିଚିରେ ନଟ । ଦୁଃଖ ଆତ୍ମଗ୍ଲାନିରେ ରାତି ରାତି ଶୋଇପାରିନି । ସଚ୍ଚୋଟ ଆଉ କର୍ତ୍ତବ୍ୟ ପରାୟଣ ହେବାର ବହୁତ ପୁରସ୍କାର ପାଇଗଲି ।

ନଟବର : କାଇଁକି ତମେ ସାଧୁବାବା ହୋଇ ବସିଥିଲ କି ? ଏ ଯୁଗ ତ ହେଉଛି ଲାଞ୍ଚ ମିଛ, ଖୋସାମତି, ମରାମତିର ଯୁଗ । ଏଇ ଦେଖୁନ, କେତେ କିଏ କିଛି ଯୋଗ୍ୟତା ନ ଥାଇ ବି ତମକୁ ଟପି ଖପାଖପ୍ ଉପରକୁ ଉଠିଗଲେ । ତମେ ଅଟକେଇ ପାରିଲ ନା ନିଜ ପାଇଁ କିଛି କରିପାରିଲ ? ତମ କଥା କିଏ ଶୁଣିଲା କି ?

ପ୍ରଭାକର : ଖୋସାମତି କରିବାକୁ ଯାଇ କେତେ ହୀନସ୍ତରକୁ ସେମାନେ ଖସି ପାରନ୍ତି, ତୁ ଭାବି ପାରିବୁନି । ଛାଡ଼, ଏ ସବୁକୁ ରୋକିବ କିଏ ସମସ୍ତେ ତ ଏଇଟାକୁ ଏକମାତ୍ର କର୍ତ୍ତବ୍ୟ ବୋଲି ମନେ କରୁଛନ୍ତି ।

ନଟବର : ଅଫିସ୍ କାମଟା ହେଲା ଗୌଣ । ଖୋସାମତି କରି ଅଫିସରକୁ ମନେଇ ରଖି ପାରିଲେ ଏଣେ ତମେ କିଳାପୋଡେଇ କର, ଅଫିସକୁ ନ ଆସ, ଯାହା ଇଚ୍ଛା ତା କର, କେହି କିଛି କହିବେନି । ଖାଲି ସେମାନଙ୍କୁ ଭାଗ ଦେଲେ ହେଲା । ତମ ପାଇଁ ସାମାନ୍ୟ ଭୟ ନାଇଁ କି ବିପଦ ନାଇଁ । ଦେଖୁନ, ଭୀମବାବୁଙ୍କର କେତେ ବଡ଼ କୋଠା । ତମଠୁ ଜୁନିୟର ପରା ସିଏ । ଆଉ ତମେ ଏବେ ଚାଲିଛ ବାନପ୍ରସ୍ଥ ଆଶ୍ରମକୁ ।

ପ୍ରଭାକର : ସେମାନଙ୍କ ପ୍ରତି ମୋର ଦୟା ହୁଏ । ମୁଁ ଯଦି ସେଇ ପାଞ୍ଚଜଣକ ସାଙ୍ଗରେ ଜଣେ ହୋଇଥାନ୍ତି, ତୁ ହୁଏତ ଆସି ନ ଥା'ନ୍ତୁ ମୋତେ ସହାନୁଭୂତି ଜଣାଇବାକୁ । ନଈର ଗୋଟିଏ ସୁଅରେ ଭାସି ଯିବାକୁ କ'ଣ ସମସ୍ତଙ୍କର ଜନ୍ମ ? ସୁଅ ମୁହଁରୁ ନିବର୍ତ୍ତି ଯିଏ ବାଟରେ ଠିଆ ହୋଇଗଲା, ତା ଜୀବନଟା ବିଫଳ ହୋଇଗଲା ବୋଲି ହୁଏତ ଅନେକ କହିପାରନ୍ତି । କିନ୍ତୁ କେତେଜଣ ସାର୍ଥକ ବୋଲି କହିବେ ତ ! ମୁଁ ନିଜେ ଅନ୍ତତଃ ଆତ୍ମପ୍ରସାଦ ଲାଭ କରି ପାରିବି ତ !

ନଟବର : ଏ କେବଳ ତମ ନିଜର ବା ତମଭଳି କେତେଜଣଙ୍କ ଦୃଷ୍ଟିକୋଣ ହୋଇପାରେ । କିନ୍ତୁ ବର୍ତ୍ତମାନର ସାମାଜିକ ଦୃଷ୍ଟିକୋଣ ଯଥାରୁ ବହୁତ ଦୂରରେ । ଆଜିକାଲି ଭଲ ମଣିଷଙ୍କୁ ସମ୍ମାନ ଦଉଚି କିଏ ? ଯିଏ କୋଠାବାଡ଼ି କରିପାରିଲା, ଗାଡ଼ି ଚଢ଼ି ପାରିଲା, ତାକୁ ହିଁ ଲୋକେ ଧନ୍ୟ ଧନ୍ୟ କହୁଛନ୍ତି । କିଏ କୋଉ ବାଟରେ ଟଙ୍କା ଆଣୁଚି, ସେ କଥା ତ କେହି ପଚାରୁ ନାହାନ୍ତି ।

ପ୍ରଭାକର : ତା ହେଲେ ନଟ ! ତୁ କହିବାକୁ ଚାହୁଁଚୁ ସମାଜରେ କଳାବଜାରୀ ମୁନାଫାଖୋର, ଶୋଷକ ଶ୍ରେଣୀର ଯିଏ ଯେତେ ଅଛନ୍ତି, ସମସ୍ତେ ସମ୍ମାନିତ । ଆଉ ଅନ୍ୟମାନେ ଘୃଣା ଓ ଅବଜ୍ଞାର ପାତ୍ର ।

ନଟବର : ସେ କଥା ମୁଁ ଆଉ କଣ କହିବି ? ତମେ ନିଜେ ଅନୁଭବ କରୁ ନଥିବ । ଯେ–

ପ୍ରଭାକର : ସାମାଜିକ ମୂଲ୍ୟବୋଧ କ'ଣ ଏତେ ତଳକୁ ଖସି ଆସିଚି । ନୀତିବାନ୍ ଲୋକଙ୍କୁ କେହି ଭଲ ବୋଲି କହୁନାହାନ୍ତି । ସେମାନଙ୍କ ପ୍ରତି କାହାର ସହାନୁଭୂତି ନାଇଁ ।

ନଟବର : ହଁ ଅଛି । ସହାନୁଭୂତି ନାଇଁ କାଇଁକି ? ଯେମିତି ଅନ୍ଧ ଭିକାରୀଟିଏ ରାସ୍ତାରେ ଝୁଣ୍ଟିପଡ଼ି ଲହୁ ଲୁହାଣ ହୋଇଗଲେ ଆମେ ସହାନୁଭୂତି ଦେଖେଇ ଥାଉ ।

ପ୍ରଭାକର : ତୋ ଯୁକ୍ତି ସବୁକୁ ମୁଁ ବୁଝିବି ବୁଝି ପାରୁନିରେ । ତୁ ହେଲୁ ଆଜିକ ପିଲା । ଉପର ବରଡ଼ା । ତମେମାନେ ଦେଖୁଛ ସମାଜର ବାହାର ରୂପଟା ସୂକ୍ଷ୍ମଭାବରେ ନିରେଖି ଦେଖିବାର ଶକ୍ତି ତମମାନଙ୍କର ନାଇଁ ।

ନଟବର : କିନ୍ତୁ ଯାହା କହ ପ୍ରଭାକର ଭାଇ ! ତମେ ଯୋଉ ଜିନିଷଟାକୁ ସ୍ୱପ୍ନର ଅଞ୍ଜନମଖା ଆଖିରେ ଦେଖୁଚ ଆମେ ଦେଖୁଚୁ - ତାକୁ ସାଦା ଚମ ଆଖିରେ ଆମରି ଆଖିରେ ଦେଖିଲେ ସିନା ।

ପ୍ରଭାକର : ତା ହେଲେ ତୁ କ'ଣ କହୁଚୁ ।

ନଟବର : କହୁଚି ତୁମେ ସନ୍ନ୍ୟାସବ୍ରତ ଗ୍ରହଣ ନ କରି ଏଇ ସହରରେ ଘରଦ୍ୱାର କରି ରହ । ଛୋଟ ଘରଟିଏ ହେଉ ପଛେ । ଏଠି ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ । ଆନନ୍ଦରେ ଦିନଗୁଡ଼ାକ କଟିଯିବ ।

ପ୍ରଭାକର : ମୋ ମନକୁ ତ ମୁଁ ବୁଝେଇ ପାରୁନି । ସହରର ଏ ବିଷାକ୍ତ ପରିବେଶରେ କଣ ମଣିଷ ବଞ୍ଚିପାରେ ? ସହରର ବାୟୁମଣ୍ଡଳ ତ ଖାଲି ବିଷାକ୍ତ ନୁହେଁ ବେଶି ବିଷାକ୍ତ ହେଉଛି ଏଠାକାର ମଣିଷର ମନ । ଯେତେ କୂଟ, କପଟତା, ଅନ୍ୟାୟ, ଅବିଚାର ସବୁ ଏଇ ସହରରେ । ମୋର ଶ୍ୱାସରୁଦ୍ଧ ହୋଇଯାଏ ପ୍ରତି ମୁହୂର୍ତ୍ତରେ । ସେତେବେଳେ ସିନା ଉପାୟ ନଥିଲା ବୋଲି-

ନଟବର : ଆଉ ତମେ ଭାବୁଚ ମଫସଲଟା ଭାରୀ ଶାନ୍ତ, ସୁନ୍ଦର, ଲୋକଗୁଡ଼ାକ ବଡ଼ ସରଳ, ମାଛିକୁ ମ ବୋଲି କହିବା ଜାଣନ୍ତିନି ।

ପ୍ରଭାକର : ଆରେ ଜଣେ ଅଧେ ଖରାପ ଲୋକ ଥାଇ ପାରନ୍ତି । କିନ୍ତୁ ସାଧାରଣ ଭାବରେ ଦେଖିଲେ ଲୋକଗୁଡ଼ାକ ବଡ଼ ନିରୀହ, ସରଳ । ଏତେ ଛନ୍ଦ କପଟ ଭିତରେ ନ ଥାନ୍ତି । ଭଲକୁ ଭଲ ବୋଲି ସ୍ୱୀକାର କରିବା ଗୁଣଟି ଅନ୍ତତଃ ସେମାନଙ୍କ ପାଖରେ ଅଛି ।

ନଟବର : ପୁଣି କୁହୁଡ଼ିରେ ପହଁରିଲ ପ୍ରଭାକର ଭାଇ । ତମଠୁ ବୟସରେ ବହୁତ ସାନ ହେଲେ ବି ମୁଁ ଯେମିତି ସଂସାରକୁ ଦେଖିପାରିଚି, ତମେ ଦେଖିନା । ମୋ କଥା ମାନି ଏଇଠି ରହିଯାଅ । ଅଯଥା ମୁଣ୍ଡ ଖରାପ କରନି ।

ପ୍ରଭାକର : ମୋ ମୁଣ୍ଡଟା କଣ କେରାଣ୍ଡି ମାଛର ମୁଣ୍ଡ ବୋଲି ଭାବିଲୁ କି ? ଅପେକ୍ଷା କର ଦେଖିବୁ, ମୋ ସ୍ୱପ୍ନଟା ସଫଳ ହେଉଛି କି ନାଇଁ ।

ନଟବର : ଠିକ୍ ଅଛି । ଆଚ୍ଛା ମୁଁ ଯାଏ ତେବେ । (ପ୍ରସ୍ଥାନ)

ପ୍ରଭାକର : ଆହେ, ବଜାରକୁ ଯିବାକୁ କହୁଥିଲ ପରା । ପୁଣି ଗଲ କୁଆଡ଼େ ? ଏଠି ଥିଲାଯାଏଁ ତ ଏ ଦଶାରୁ ମୁକ୍ତି ନାଇଁ । ଦିଅ, ଦିଅ ବ୍ୟାଗ୍ ଖଣ୍ଡକ । (ଦୁଇଜଣ ଯୁବକ ଆସି ପହଞ୍ଚିଲେ)

ମହେନ୍ଦ୍ର : ଆଜ୍ଞା, ଆମେ ଆସିଥିଲୁ ।

ପ୍ରଭାକର : ଆରେ, ମହେନ୍ଦ୍ର, ସୁଧୀର । ତମେମାନେ ! ବସ ବସ । ବଡ଼ ଆନନ୍ଦର କଥା । ମୁଁ ତ ଆଶା କରି ନ ଥିଲି ରିଟାୟାର କରିବା ପରେ ଆଉ ତମମାନଙ୍କ ସାଙ୍ଗରେ କେବେ ଦେଖାହେବ ବୋଲି ।

ମହେନ୍ଦ୍ର : ଯେତେ ଯାହାହେଲେ ଆମେ କଣ ଆପଣଙ୍କୁ ଭୁଲି ପାରିବୁ ? ଆଉ ଆପଣ କେମିତି ଅଛନ୍ତି ?

ପ୍ରଭାକର : ମୋ କଥା କଣ ପଚାରୁଚ ? ଏଇତ ଦେଖୁଚ । ସକାଳୁ ସନ୍ଧ୍ୟାଯାଏ ଘରେ ବସିଚି; କଣ ଆଉ କରିବି ?

ମହେନ୍ଦ୍ର : ବସି ବସି ତ ବଡ଼ ବିରକ୍ତ ଲାଗୁଥିବ; ସାରାଦିନ ନିଜକୁ କାମ ଭିତରେ ବୁଡ଼େଇ ରଖୁଥିବା ଲୋକ ପାଇଁ ତ ଏ ଗୋଟାଏ ଦଣ୍ଡ ।

ପ୍ରଭାକର : ନାଇଁ ମୁଁ ସେମିତି ଭାବୁନି ଯେ - ଏମିତି ଅଫିସ୍ ସମୟ ହେଲେ ଅଫିସ କଥା ମନେ ପଡ଼େ । ସମସ୍ତଙ୍କ ମୁହଁ ଦେଖାଯାଏ ।

ସୁଧୀର : ବଡ଼ କଷ୍ଟ ଲାଗୁଥିବ ଆଜ୍ଞା । ଏତେ ଦିନର ସମ୍ପର୍କ । ସହଜରେ ମାୟା ଛାଡ଼ିବ ?

ପ୍ରଭାକର : ମାୟା ତ ଛାଡ଼ିବାକୁ ପଡ଼ିବ । ଆଉ ଉପାୟ କଣ ? ତେବେ ସେ ଗୋଟାଏ ଜୀବନ, ଇଏ ଗୋଟାଏ ଜୀବନ । ଗୋଟିଏ ଜୀବନରେ ଘୋର କାର୍ଯ୍ୟବ୍ୟସ୍ତତା, ଆଉ ଗୋଟିଏ ଜୀବନରେ ଅଖଣ୍ଡ ଶାନ୍ତି ।

ସୁଧୀର : ହଁ ତା ନୁହେଁ ଆଉ କଣ ? ତୁମେମାନେ ଭାବୁଥିବ, ବର୍ତ୍ତମାନର ଏ ଜୀବନ ମୋ ପାଇଁ ଏକ ନିର୍ବାସନ । ମୋତେ ଯେମିତି ମୋର ଗୋଷ୍ଠୀ, ପରିସର ଭିତରୁ ଜୋର୍ କରି ବାହାର କରି ଦିଆଯାଇଚି । କିନ୍ତୁ ତା ନୁହେଁ । ମୁଁ ବରଂ ଭାବୁଚି ଗୋଟାଏ ବନ୍ଦୀଶାଳାରୁ ମୋତେ ମୁକ୍ତି ମିଳିଚି ।

ମହେନ୍ଦ୍ର : ହଁ ବନ୍ଦୀଶାଳା । ବନ୍ଦୀଶାଳା ଛଡ଼ା ଆଉ କଣ ? ଅନ୍ନ ଚିନ୍ତା ନଥିଲେ କିଏ ନିଜକୁ ସେ ଭିତରେ ଭର୍ତ୍ତି କରିଥାନ୍ତା ?

ପ୍ରଭାକର : ଠିକ୍ କହିଚ ମହେନ୍ଦ୍ର, ଠିକ୍ କହିଚ ।

ମହେନ୍ଦ୍ର : ଯାହା କହନ୍ତୁ, ଜୀବନ ନାହିଁ ସେଠି ।

ପ୍ରଭାକର : ଜୀବନ ବା ରହିବ କେମିତି ? ଅଫିସ୍ ଭିତରେ କିଏ କାହାର ? ସମସ୍ତେ ଯେମିତି ଜଣେ ଜଣେ ଅପରିଚିତ ଲୋକ ।

ସୁଧୀର : କାହାପ୍ରତି ତ କାହାରି ଆନ୍ତରିକତା ନାଇଁ । ସମସ୍ତେ ନିଜ ନିଜର ସ୍ୱାର୍ଥ ନେଇ ବ୍ୟସ୍ତ । ଆତ୍ମଚିନ୍ତା ଛଡ଼ା ଅନ୍ୟ ଚିନ୍ତା ନାହିଁ । ଆଉ ସ୍ୱାର୍ଥରେ ବାଧାପଡ଼ିଲେ -

ପ୍ରଭାକର : ନିଜର ପରମ ବନ୍ଧୁର ଗଳାରେ ଛୁରୀ ଦେଇଦେବାକୁ ବି କେହି ପଛେଇ ଯିବେନି ।

ମହେନ୍ଦ୍ର : ସେ ତ ଆପଣ ଅଙ୍ଗେ ନିଭେଇଛନ୍ତି । ଆଉ ଆମେ କହିବୁ କଣ ? ଏଇ ଆପଣଙ୍କ କଥା ଦେଖୁ ନାହାନ୍ତି । ଆପଣ ଦି ଦିନ ହେଲା ରିଟାୟାର କଲେ । କାଇଁ ଏ ପର୍ଯ୍ୟନ୍ତ ବଡ଼ବାବୁମାନଙ୍କର ନିଦ ଭାଙ୍ଗିଲାନି । ଆପଣଙ୍କର ଯେ ନିତାନ୍ତ ଗୋଟାଏ ବିଦାୟ ସମ୍ବର୍ଦ୍ଧନା ହେବା ଉଚିତ୍ । ସେ କଥା କିଏ ଭାବୁଚି ?

ପ୍ରଭାକର : ନାଇଁ ନାଇଁ ମୋର କିଛି ସମ୍ବର୍ଦ୍ଧନା ଦରକାର ନାଇଁ । ମୋର ଚାକିରୀ ସରିଲା, ମୁଁ ଅଫିସ୍ ଯିବା ବନ୍ଦ କଲି । ଏଥିରେ ଆଉ ବିଦାୟ କଣ ?

ସୁଧୀର : ସେ କଥା କହିଲେ ହବ ଆଜ୍ଞା । ଆପଣଙ୍କ ଭଳି କେତେ ଜଣ ଅଛନ୍ତି ଅଫିସରେ ? ଆପଣଙ୍କଠୁ ଯୋଉ ସ୍ନେହ ସହାନୁଭୂତି ପାଇଛୁ, ତା କ'ଣ ଜୀବନରେ ଭୁଲି ହବ ?

ମହେନ୍ଦ୍ର : ଆପଣଙ୍କ ପରି ସଚ୍ଚୋଟ କର୍ମଚାରୀ ଆଜିକାଲି ଯୁଗରେ କାହାନ୍ତି ? ଆପଣଙ୍କ ସମାନ ପଦରେ ଆମେ ଅନେକ ଲୋକଙ୍କୁ ଦେଖୁନୁ, କଣ କରୁଛନ୍ତି ସେମାନେ ?

ପ୍ରଭାକର : କାଇଁକି ଅଯଥା ପ୍ରଶଂସା କରୁଚ ମହେନ୍ଦ୍ର । ମୋର ଯାହା କର୍ତ୍ତବ୍ୟ ତା ମୁଁ କରିଚି । ଯାହା ଅକର୍ତ୍ତବ୍ୟ ବୋଲି ଭାବିଚି କରିନି ।

ସୁଧୀର : ଆଜିକାଲି ଆଜ୍ଞା ଭଲ ଲୋକଙ୍କର ସ୍ଥାନ ନାହିଁ ।

ପ୍ରଭାକର : କେବେ ଆଉ ଥିଲା ? ଆମ ସମୟରେ ତ ଆମେ ଠିକ୍ ଏଇ କଥା କହୁଥିଲୁ ।

ମହେନ୍ଦ୍ର : ହେଲେ ଭଲ ଲୋକଙ୍କ ପ୍ରତି ଶ୍ରଦ୍ଧା ତ ସମସ୍ତଙ୍କର ଅଛି । ହୁଏତ ଚାକିରୀ କ୍ଷେତ୍ରରେ ସେମାନେ ଉପରକୁ ଉଠି ପାରନ୍ତିନି ।

ସୁଧୀର : ଆପଣଙ୍କ ପ୍ରତି କାହାର ସାମାନ୍ୟ ଅଶ୍ରଦ୍ଧା ଅଛି ? ଆପଣ ଚାଲି ଆସିଲେ, କିନ୍ତୁ ଆମେ ଆପଣଙ୍କୁ ଝୁରୁଛୁ ନା ! ଏମିତି ସାରା ଜୀବନ ଝୁରୁଥିବୁ ।

ମହେନ୍ଦ୍ର : ସେଇଥିପାଇଁ ତ ଆମେ ଆପଣଙ୍କର ସମ୍ବର୍ଦ୍ଧନାର ଆୟୋଜନରେ ଲାଗିପଡ଼ିଛୁ ।

ପ୍ରଭାକର : ସମ୍ବର୍ଦ୍ଧନା ?

ମହେନ୍ଦ୍ର : ହଁ ଆଜ୍ଞା, ସମ୍ବର୍ଦ୍ଧନା । ବିଦାୟ ସମ୍ବର୍ଦ୍ଧନା ।

ସୁଧୀର : ଯେଉଁମାନେ ଆପଣଙ୍କର ପ୍ରତି ଈର୍ଷାନ୍ୱିତ ଥିଲେ ସେମାନେ ହୁଏତ ସହଯୋଗ କରୁନାହାନ୍ତି । ତା ବୋଲି ଆମେ ତ ଆଉ ଚୁପ୍‌ଚାପ ବସି ପାରିବୁ ନାହିଁ ।

ପ୍ରଭାକର : ନାଁ, ନାଁ, ତୁମେମାନେ ଏ ସବୁ ଆୟୋଜନ କରନି । ମୋତେ ପୁଣି ଅଫିସ୍‌କୁ ଯାଇ ବିଦାୟ ସମ୍ବର୍ଦ୍ଧନା ନେବାକୁ ଖରାପ ଲାଗିବ । ମୋର ଆଉ ବିଦାୟ କ'ଣ ହେଲା ? ହେଇ ତ ତୁମେମାନେ ଆସୁଛ, ଯାଉଛ । ସେଇ ସଂପର୍କ ତ ସେମିତି ଅଛି । ମୋ ସହିତ ସଂପର୍କ ତୁଟେଇ ଦେବାକୁ ଚାହୁଁଛ କାହିଁକି ?

ମହେନ୍ଦ୍ର : ଆମେ ଅନୁରୋଧ କରୁଛୁ, ଆପଣ ମନା କରନ୍ତୁ ନାହିଁ । କିଛି ଗୋଟାଏ କରି ନପାରିଲେ ଆମ ମନରେ ଆଘାତ ଲାଗିବ । ଆମ ପ୍ରତି ଆପଣଙ୍କର ଯଦି ସାମାନ୍ୟ ସ୍ନେହ ଥାଏ –

ପ୍ରଭାକର : ଆରେ ଏମିତି କାଇଁକି ଭାବୁଚ ? ତୁମେମାନେ ମୋର ସାନଭାଇ ଭଳି, ପୁଅ ଭଳି । ତୁମମାନଙ୍କ ପ୍ରତି ତ ସବୁଦିନ ସ୍ନେହଶ୍ରଦ୍ଧା ରହିବ ।

ସୁଧୀର : ତେବେ ଆପଣ ଜବାବ ଦିଅନ୍ତୁ, ଆମର ସମ୍ବର୍ଦ୍ଧନା ଗ୍ରହଣ କରିବେ ।

ପ୍ରଭାକର : ହଉ, ହେଲା । ଗ୍ରହଣ କରିବି । ଆଉ କଣ ? ନକରି ଉପାୟ କାହିଁ ?

ମହେନ୍ଦ୍ର : ଏତିକି ତ ଆମେ ଚାହିଁଥିଲୁ । ଏତିକିରେ ଆମର ଆନନ୍ଦ । ଦିନଟିଏ ଅନ୍ତତଃ ଆପଣଙ୍କର ଗୁଣଗାନ କରି ପାରିଲେ ପ୍ରାଣରେ ବଡ଼ ସନ୍ତୋଷ ଆସିବ ।

ସୁଧୀର : ଦେଖିବନି ଆଜ୍ଞା, ଆପଣଙ୍କ ପାଇଁ ଏମିତି ଗୋଟାଏ ମାନପତ୍ର ଲେଖା ହେବ ଯେ ସେମିତି ମାନପତ୍ର ଆଉ କାହାପାଇଁ କେବେ ଲେଖା ହୋଇ ନଥିବ ।

ମହେନ୍ଦ୍ର : ଆଚ୍ଛା ସୁଧୀର, ସେସବୁ କଥା ଛାଡ଼ । ସାରେ ତ ରାଜି ହୋଇଛନ୍ତି ଆଉ ଚିନ୍ତା କଣ ? ଏଥର ଜୋରଦାର ଆମ କାମରେ ଲାଗିଯିବା ।

ପ୍ରଭାକର : କିନ୍ତୁ ମହେନ୍ଦ୍ର ତୁମେମାନେ ବାଧ୍ୟ କରୁଛ ବୋଲି ମୁଁ ନାଁ କହିପାରୁନି । କିନ୍ତୁ ଏଥିରେ ମୋର ଆତ୍ମା ନାହିଁ । ଅଫିସରେ କେତେ ଜଣ ଯଦି ଏଥିରେ ଆଗ୍ରହୀ ନୁହନ୍ତି, ତାହେଲେ ତୁମେ ମାନେ ଅଯଥା -

ମହେନ୍ଦ୍ର : କିଏ ପଚାରୁଚି ସେମାନଙ୍କୁ ? ସେମାନେ ନିଜ କଥା ଛଡ଼ା ତ ଆଉ କିଛି ଭାବିପାରନ୍ତିନି । ନିଜେ ଭଲ ତ ଦୁନିଆଁ ଭଲ । ସ୍ୱାର୍ଥ ପାଇଁ ମଣିଷତ୍ୱକୁ ବିସର୍ଜନ ଦେଇଛନ୍ତି ସେମାନେ । ସେଥିପାଇଁ ଆମେ କୌଣସି କାମରେ ସେମାନଙ୍କ ସାହାଯ୍ୟ ଚାହିଁନୁ । ଅଯଥା କାହିଁକି ମୁହଁ ସାରିବାକୁ ଯିବୁ ?

ସୁଧୀର : ଉତ୍ସବଟା ଟିକିଏ ଜାକଜମକରେ ହୋଇଗଲେ ସେମାନେ ବଳେ ବଳେ ଥଣ୍ଡା ପଡ଼ିଯିବେ ଯେ । ସେମାନେ ଭାବୁଛନ୍ତି, ଯେମିତି ସେମାନଙ୍କୁ ଛାଡ଼ି କିଛି କାମ ହୋଇ ପାରିବନି । ଦେଖିବା ଆମର ଯାହା ଗୋଟିଏ ମାତ୍ର ଅସୁବିଧା ଅଛି । ନ ହେଲେ -

ପ୍ରଭାକର : କି ଅସୁବିଧା ?

ସୁଧୀର : ଅସୁବିଧା କ'ଣ କି ଆଜ୍ଞା, ଏଇ ଟିକିଏ ପଇସା ପତ୍ର ଅସୁବିଧା । ଅଫିସରୁ ଚାନ୍ଦା ତ ବେଶୀ ଆଦାୟ ହୋଇପାରୁନି । ଆମେ ତେବେ ପ୍ରାଣପଣେ ଲାଗିଚୁ ଚାନ୍ଦା ଆଦାୟରେ -

ମହେନ୍ଦ୍ର : ଆଜିକାଲି ଲୋକଙ୍କ କଥା ତ ଜାଣନ୍ତି । ହାତରୁ ଗୋଟେ ପଇସା ଛାଡ଼ିବାକୁ ବି ନାରାଜ । ଚାନ୍ଦା ମାଗିବାକୁ ଗଲେ ନାନା କଥା ବତାଉଛନ୍ତି । କାଲି ଦେବି, ପରଦିନ ଦେବି କହୁଛନ୍ତି ।

ପ୍ରଭାକର : କାହିଁକି ତୁମେମାନେ ଏ ଅଡୁଆରେ ପଶୁଚ ?

ସୁଧୀର : ଆପଣ ବ୍ୟସ୍ତ ହେବେନି ଆଜ୍ଞା । ଆମେ ଯୋଉ କାମରେ ହାତ ଦେଇଚୁ, ସେ କାମ ଯେ କୌଣସି ପ୍ରକାରେ କରିବୁ ହିଁ କରିବୁ । ହଜାରେ କଷ୍ଟ ପଡ଼ିଲେ ବି ଛାଡ଼ି ଦେବାର ପ୍ରଶ୍ନ ନାହିଁ । ତେବେ ମୁଁ କ'ଣ କହୁଥିଲି କି -

ପ୍ରଭାକର : କଣ ?

ମହେନ୍ଦ୍ର : (ସୁଧୀର ଟିକିଏ ନୀରବ ହେବା ଦେଖି ) କହୁନୁ । ଚୁପ୍‌ଚାପ ଠିଆ ହେଲୁ କାହିଁକି ?

ସୁଧୀର : ଆଜ୍ଞା, ଆପଣ ଟଙ୍କା ପାଁଶଟା ଦେଇଥା'ନ୍ତୁ । ଆମେ ଯେମିତି ହେଲେ ସବୁ ଯୋଗାଡ଼ଯନ୍ତ୍ର କରି ଚଳାଇନବୁ ।

ପ୍ରଭାକର : ଟଙ୍କା ? ମୋରି ସମ୍ବର୍ଦ୍ଧନା ପାଇଁ ମୋତେ ହିଁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ -

ସୁଧୀର : ଅସୁବିଧା ଅଛି ବୋଲି -

ପ୍ରଭାକର : ଏଭଳି ସମ୍ବର୍ଦ୍ଧନାର ମୂଲ୍ୟ କଣ ?

ମହେନ୍ଦ୍ର : ମୂଲ୍ୟ ନାହିଁ କେମିତି କହୁଛନ୍ତି ? ଆପଣ କ'ଣ ଭାବୁଛନ୍ତି, ଯୋଉମାନେ ପଇସା ଦେଉନାହାନ୍ତି, ସେମାନେ ସହଯୋଗ କରିବେ ନାହିଁ ? ନିଶ୍ଚୟ କରିବେ ।

ସୁଧୀର : ସାରା ଅଫିସ୍ ଚମତ୍କୃତ ହୋଇଯିବ । ଯେତେବେଳେ ଖବର କାଗଜରେ ଏ ସମ୍ବାଦଟା ବାହାରିଯିବ, ଆପଣଙ୍କ ଇମେଜ୍‌ଟା କେମିତି ବଢ଼ିଯିବ ଦେଖିବେ । ବିରୋଧୀମାନେ ଶେଷରେ ଅନୁତାପ କରିବେ ।

ପ୍ରଭାକର : ତା'ହେଲେ ତୁମେମାନେ କହୁଛ, ମୁଁ ସମ୍ବର୍ଦ୍ଧନା କିରିବି ?

ସୁଧୀର : ନା ନା, ଏ କି କଥା କହୁଛନ୍ତି ଆପଣ ? ଯୋଉ ଲୋକ ପଛରେ ସମ୍ବର୍ଦ୍ଧନା ଗୋଡ଼େଇ ଯିବା କଥା, ସେ ଲୋକ ସମ୍ବର୍ଦ୍ଧନା କିଣିବ ? ତେବେ ଆଜିକାଲି ଏ ଆପଣାସୁଖୀ ଲୋକଙ୍କ ଯୋଗୁଁ କିଛି ହୋଇପାରୁନି । ତେଣୁ ବାଧ୍ୟ ହୋଇ ସମସ୍ତେ ନିଜ ନିଜର ସମ୍ବର୍ଦ୍ଧନା ଯୋଗାଡ଼ କରୁଛନ୍ତି । କ'ଣ ଆଉ କରାଯିବ ?

ମହେନ୍ଦ୍ର : ଏଇ ତ ଛ ମାସ ତଳେ ଜୀବନବାବୁ ରିଟାୟାର୍ କଲେ । ଆପଣ ହୁଏତ ଜାଣି ନଥିବେ ତାଙ୍କ ସମ୍ବର୍ଦ୍ଧନା ପାଇଁ ସେ ହଜାରେ ଟଙ୍କା ଦେଇଥିଲେ । ଏଇଟାରେ କିଛି ଭାବିବାର ନାହିଁ । ଆଜିକାଲି ତ ଏମିତି ପ୍ରାୟ ସବୁଠି ହେଉଚି ।

ପ୍ରଭାକର : ତୁମେମାନେ ମୋତେ କ୍ଷମା କର । ମୋର ସମ୍ବର୍ଦ୍ଧନା ଆୟୋଜନ ଏତିକିରେ ବନ୍ଦ ଥାଉ । ସତରେ ମୁଁ ଆନ୍ତରିକ ଭାବେ ସମ୍ବର୍ଦ୍ଧନା ଚାହେଁନି ।

ମହେନ୍ଦ୍ର : ନାଁ, ନାଁ, ଆପଣ ଏପରି କହନ୍ତୁନି । ଯଦି ଟଙ୍କା ନାହିଁ, ତେବେ ଆମେ କୌଣସି ପ୍ରକାରେ ଚଳେଇ ନେବୁ । କିନ୍ତୁ -

ପ୍ରଭାକର : ଆଉ ମୋତେ ସେ ଆଡ଼କୁ ଟାଣନି ମହେନ୍ଦ୍ର । ଅଫିସରେ ମୋର ଯାହା କର୍ତ୍ତବ୍ୟ ମୁଁ କରିଛି । ଏବେ ବୟସ ହୋଇଗଲା, ରିଟାୟାର କଲି । ଏଥିପାଇଁ ସମ୍ବର୍ଦ୍ଧନା କି ଦରକାର ? ଗୁଡ଼ାଏ ପ୍ରାଣହୀନ ମିଥ୍ୟା ପ୍ରଶଂସାରେ ଆତ୍ମପ୍ରସାଦ ଲାଭ କରିବାକୁ ମୁଁ ଚାହୁଁନି ।

ମହେନ୍ଦ୍ର : ଟିକିଏ ଶୁଣନ୍ତୁ -

ପ୍ରଭାକର : ନା, ନା, ମୋର ଆଉ କିଛି ଶୁଣିବାର ନାହିଁ । ସହରର ଏ କୃତ୍ରିମ ଜୀବନରେ ମୁଁ ଅତିଷ୍ଠ ହୋଇ ପଡ଼ିଲିଣି । ବଡ଼ କ୍ଳାନ୍ତ ମୁଁ -

ସୁଧୀର : ଆପଣ ଶେଷରେ ଏମିତି କହିବେ ବୋଲି -

ପ୍ରଭାକର : ନାଁ,ମୁଁ ମୋର ଶେଷ କଥା କହିସାରିଛି । ତୁମେମାନେ ଯାଅ । ମୁଁ ହାତ ଯୋଡୁଚି । ତୁମେମାନେ ଯାଅ । ଏ ବିଷୟରେ ଆଉ ଗୋଟିଏ ମୁହୂର୍ତ୍ତ ବି ଆଲୋଚନା କରିବାକୁ ମୁଁ ପ୍ରସ୍ତୁତ ନୁହେଁ ।





ସୁଧୀର : ଠିକ୍ ଅଛି । ଆମେ ଆସୁଚୁ ତେବେ । (ଦୁହିଁଙ୍କର ପ୍ରସ୍ଥାନ)

ପ୍ରଭାକର : ଏଇ ହେଉଚି ସହରୀ ଜୀବନ ! ନିଜେ ଯୋଗାଡ଼ କରି ନିଜର ସମ୍ବର୍ଦ୍ଧନା କର, ପଇସା ଖର୍ଚ୍ଚ କରି ବାହାରେ ଆଡ଼ମ୍ବର ଦେଖାଅ । ହାୟରେ ହତଭାଗା ସଭ୍ୟତା !

(ଶକୁନ୍ତଳା ଦୌଡ଼ି ଆସିଲେ ।)

ଶକୁନ୍ତଳା : କ'ଣ ହେଲା କି ? ସେମାନଙ୍କୁ କଣ ପାଟିତୁଣ୍ଡ କରି ବିଦା କରିଦେଲ । ଆଉ ତୁମେ ଶୂନ୍ୟକୁ ଚାହିଁ ପାଗଳ ଭଳି ପ୍ରଳାପ କରୁଛ ?

ପ୍ରଭାକର : କ'ଣ ଆଉ ହେବ ? ପ୍ରଳାପ କରିବା ଛଡ଼ା ଯେ ମୋର ଅନ୍ୟ ଉପାୟ ନାହିଁ । ଏ ସହରରେ ଯେ ରହିବ ସେ ହଠାତ୍ ପାଗଳ ହୋଇଯିବ । ପୂରାପୂରି ପାଗଳ ହୋଇଯିବ ।

ଶକୁନ୍ତଳା : ଓଃ ତୁନି ହେଲ ।

ପ୍ରଭାକର : ସତରେ ଶକୁନ୍ତଳା, ମୁଁ ଯଦି ପାଗଳ ହୋଇ ପାରନ୍ତି, ଖୁବ ଭଲ ହୁଅନ୍ତା । ଏ ସମାଜ ମୋ ପାଇଁ ନୁହେଁ । ଏ ସମାଜ ମୋତେ ବା କାହିଁକି ମୂଲ୍ୟ ଦେବ ? ଅଫିସରେ ସହକର୍ମୀମାନଙ୍କୁ ଏତେ ସ୍ନେହ ଶ୍ରଦ୍ଧା କରିଥିଲି, ପ୍ରତ୍ୟେକ ଲୋକର କିଛି ନା କିଛି ଉପକାର କରିଥିଲି, କିନ୍ତୁ କ'ଣ ଲାଭ ହେଲା ? ଏମାନେ ଆଜି ଆସିଛନ୍ତି ମୋରିଠୁ ପଇସା ନେଇ ମୋର ସମ୍ବର୍ଦ୍ଧନା କରିବାକୁ । ଯୋଉଠି ଆନ୍ତରିକତା ବୋଲି କିଛି ନାହିଁ, ସେଠି ଏ ତୁଚ୍ଛ ଲୋକ ଦେଖାଣିଆ ସମ୍ବର୍ଦ୍ଧନାର ଅର୍ଥ କ'ଣ ?

ଶକୁନ୍ତଳା : ଦରକାର ନାଇଁ ଆମର ଏ ସମ୍ବର୍ଦ୍ଧନା । ତମେ ଠିକ୍ କରିଚ ।

ପ୍ରଭାକର : ସହରରୁ ସିନା ସମ୍ବର୍ଦ୍ଧନା ପାଇଲିନି, କିନ୍ତୁ ଦେଖିବ, ଗାଁକୁ ଯେତେବେଳେ ଫେରିଯିବି ଲୋକେ ମୋତେ କେମିତି ସମ୍ବର୍ଦ୍ଧନା କରିବେ । ମୋତେ ଦେଖି କୃତ୍ୟ କୃତ୍ୟ ହୋଇଯିବେ । ମୁଣ୍ଡରେ ବସାଇବେ । ସମସ୍ତେ ଚାହିଁ ରହିବେ ମୋରି ମୁହଁକୁ । ସବୁ କଥାରେ ଦୌଡ଼ି ଆସିବେ ମୋରି ପାଖକୁ ।

(ଦୃଶ୍ୟାନ୍ତର)

(ଗାଁରେ ସସ୍ତ୍ରୀକ ଆସି ପହଞ୍ଚଛନ୍ତି ପ୍ରଭାକର ।)

ପ୍ରଭାକର : ଏଇ ମୋର ଗାଁ । ଯାହାକୁ ମୁଁ ସାରା ଜୀବନ ଧରି ଝୁରୁଥିଲି । ମନରେ କେତେ ଆଶଙ୍କା ଥିଲା ସତେ ଆଉ ଗାଁକୁ ଫେରିପାରିବି ? ମୁଁ କିନ୍ତୁ ସତରେ ଫେରି ଆସିଲି । ଏଇ ଗାଁ, ମୋର ସ୍ୱପ୍ନ । ଏଇଠି ପୁଣି ମୋ ପିଲାଦିନକୁ ଖୋଜିବାକୁ ଚେଷ୍ଟା କରିବି ।

ଶକୁନ୍ତଳା : ଏଇ ନିଅ, କ'ଣ ବସି ବସି ଭାବୁଚ ?

ପ୍ରଭାକର : ନାଁ ଭାବିବି ଆଉ କଣ ? ଆଚ୍ଛା ଶକୁନ୍ତଳା, ଏତେଦିନ ପରେ ଗାଁକୁ ଫେରି ଆସିଲେ, କେମିତି ଲାଗୁଚି କୁହ ତ ?

ଶକୁନ୍ତଳା : ମୋତେ କାଇଁକି ପଚାରୁଚ ? ମୋର ଭଲ ଲାଗିବା ମନ୍ଦ ଲାଗିବାରେ ଯାଏ ଆସେ କେତେ ? ତମକୁ ଭଲ ଲାଗିଲେ ହିଁ ହେଲା । ତମକୁ ଯାହା ଭଲ ଲାଗିବ, ମତେ ତ ନିଶ୍ଚୟ ତା ଭଲ ଲାଗିବ ।

ପ୍ରଭାକର : ଅଯଥା ଅଭିମାନ କରୁଚ । ଏପୁଣି କି କଥା ?

ଶକୁନ୍ତଳା : କ'ଣ ମିଳିବ ସେଥିରୁ କହିଲ ? ତୁମେ ଆଗ ଖାଇଦିଅ ତ ମୁଁ ପ୍ଲେଟ୍‌ଟା ଉଠାଇ ନିଏ ।

ପ୍ରଭାକର : ଇଏ କ'ଣ ? ପୁରୀ ତରକାରୀ ! ସତରେ ଶକୁନ୍ତଳା, ତମର ସେଇ ସହରୀ ଢଙ୍ଗ ଆଉ ଗଲାନି । ଗାଁକୁ ଆସିଚେ, ଗାଉଁଲି ହେବାକୁ । ଗାଁ ଜିନିଷ ଖାଇବା କଣ, ତୁମେ ଆଣି ସେଇ ସହରୀ ଜିନିଷ ଆଗରେ ଥୋଉଚ ।

ଶକୁନ୍ତଳା : କ'ଣ ଆଉ ଖାଇବ ?

ପ୍ରଭାକର : କାଇଁ ? ପଖାଳ ଭାତ କଲନି । ତାଠୁ ଭଲ ଆଉ କ'ଣ ଅଛି ?

ଶକୁନ୍ତଳା : ଏ ବୟସରେ ସେଗୁଡ଼ାକ ତମ ଦିହରେ ଯିବ ତ ?

ପ୍ରଭାକର : ପିଲାଦିନେ ତ ପୁଣି ଦେହରେ ଯାଉଥିଲା ?

ଶକୁନ୍ତଳା : ସେଦିନ ଆଉ କ'ଣ ଅଛି ? ସତ କହିଲ ତମର ସେଇ ପିଲାଦିନର ଗାଁ ଆଉ ଅଛି ନା ବଦଳି ଗଲାଣି ?

ପ୍ରଭାକର : କିଛିଟା ବଦଳିଲା ପରି ଜଣାପଡୁଚି । ସେଦିନ ପରି ତ ଆଉ ଲୋକ ମେଳା ମେଳା ହେବାର ଦେଖୁନି ।

ଶକୁନ୍ତଳା : କିଏ କେତେବେଳେ ନିଜ ନିଜ ଧନ୍ଦାରେ ଚାଲି ଯାଉଛନ୍ତି । ଏକାଠି ହେବାକୁ ହସ ଖୁସି କରିବାକୁ ସମୟ କାହିଁ କା'ର ? ସମସ୍ତେ ତ ଆଉ ତମ ଭଳି ରିଟାୟାର୍ଡ ଲୋକ ହୋଇନାହାନ୍ତି ।

ପ୍ରଭାକର : ତମେ କ'ଣ ଭାବୁଚ ଖାଲି ରିଟାୟାର୍ଡ଼ ଲୋକଙ୍କର ଏକାଠି ହେବା ଆଉ ହସ ଖୁସି କରିବା ଦରକାର, ଆଉ କାହାର ନାଇଁ ? ତମେ ତ ସେଦିନର ଗାଁକୁ ଦେଖିନ । ସଂଧ୍ୟା ହୋଇଗଲେ ସବୁ ଲୋକ ଜମିଯିବେ ଭାଗବତ ଘରେ । ଭାଗବତ ପାଠ ସରିଲେ ଶାସ୍ତ୍ର ପୁରାଣ ଚର୍ଚ୍ଚାଠୁ ଆରମ୍ଭ କରି ବାଘ ଭାଲୁ ହାବୁଡ଼ରେ ପଡ଼ିବା, ଭୁତ ଦେଖିବା, ଜୀବଜନ୍ତୁ ଶିକାର କରିବା ଏମିତି କେତେ ଯେ ରୋମାଞ୍ଚକର କାହାଣୀ – କେତେ ଥଟ୍ଟା ତାମସା – କେତେ ନବରଙ୍ଗ –

ଶକୁନ୍ତଳା : ସେ ସବୁକୁ ଆଉ ଖୋଜୁଚ କାଇଁକି ?

ପ୍ରଭାକର : ତାହେଲେ ମୁଁ ଆସିଥିଲି କାହିଁକି ? ଗାଁ ଯଦି ସହର ଭଳି ଏକା ଏକା ପ୍ରାଣହୀନ ଲାଗେ, ତେବେ ଏଠି ରହିବା କି ଦର୍କାର ?

ଶକୁନ୍ତଳା : କିଏ ତମକୁ ରହିବାକୁ କହୁଚି କି ?

ପ୍ରଭାକର : ନାଁ ନାଁ ଶକୁନ୍ତଳା ସେମିତି କହନି । ବୋଧହୁଏ କିଛି ଗୋଟାଏ ଅସୁବିଧା ହୋଇଯାଇଛି । ସେଥିପାଇଁ ଲୋକେ ଏମିତି ଚୁପ୍‌ଚାପ । ଗାଁରେ କୃତ୍ରିମତା ବୋଲି କିଛି ନାଇଁ । ଗାଁର ଶ୍ୟାମଳ ଉଜ୍ଜ୍ୱଳ ପ୍ରକୃତି ପରି ଜୀବନଟା ମଧ୍ୟ ଏଇଠି ଛଳ ଛଳ ଉଚ୍ଛଳ ।

(ବାହାରୁ ଡାକ ଶୁଭିଲା)

ଗଦାଧର : ବାବୁ । ବାବୁ ।





ଶକୁନ୍ତଳା : କିଏ ଆସିଲେଣି । ମୁଁ ଯାଏଁ । (ପ୍ରସ୍ଥାନ)

ପ୍ରଭାକର : କିଏ ? ଭିତରକୁ ଆସ ।

ଗଦାଧର : ମୁଁ ଗଦା ଆଜ୍ଞା ! ମୋତେ ଚିହ୍ନି ପାରୁଛନ୍ତି ?

ପ୍ରଭାକର : ଆରେ ହଁ ତମକୁ ଚିହ୍ନି ପାରିବିନି । ତମେ ତ ଗାଁ ସ୍କୁଲରେ ମୋର ଦି କ୍ଲାସ ତଳେ ପଢୁଥିଲ ।

ଗଦାଧର : ହଁ ବାବୁ, ହେଲେ ପାଠ କିଏ, ଆମେ କିଏ ଗରିବ ଲୋକ କୁଳ ବେଉସା ଆମକୁ ବଡ଼ । ବାପା କେତେ ଆଶା କରି ସ୍କୁଲରେ ନା ଲେଖେଇ ଦେଇଥିଲେ କଣ ନା ପୁଅ ପାଠ ପଢ଼ିବ । ଦଶ ଜଣରେ ଗଣା ହେବ ।

ପ୍ରଭାକର : କଣ କରୁଚ ଏବେ ?

ଗଦାଧର : କଣ ଆଉ କରିବି ? ଏମିତି ଦୁଖେ କଷ୍ଟେ ଅଛି । ଆପଣ ଆସିଛନ୍ତି ଶୁଣି ଦୌଡ଼ି ଆସିଲି ।

ପ୍ରଭାକର : ତମକୁ ଦେଖି ବଡ଼ ଖୁସି ଲାଗୁଚି । ଅନେକ ଦିନ ପରେ ଦେଖା ତ –

ଗଦାଧର : ସେ ମୋର ଭାଗ୍ୟ ଆଜ୍ଞା । ଆପଣଙ୍କର ଦର୍ଶନ ମିଳିବ ଭାବି ନଥିଲି ।

ପ୍ରଭାକର : ଆରେ ଏମିତି କଣ କହୁଚ ମୁଁ ଏମିତି କଣ ହୋଇଗଲି କି ? ମୁଁ ତ ତମରି ସାଙ୍ଗର ମଣିଷ ତମରି ଭାଇ । ମୋତେ ଏତେ ଆଜ୍ଞା ଆପଣ ନ କହି ଭାଇ ବୋଲି ଡାକୁନ ।

ଗଦାଧର : ଇଏ କଣ କହୁଛନ୍ତି ? ଏତେ ବଡ଼ କଥା ଆମେ ମୁହଁରେ ଧରି ପାରିବୁ । ଆପଣ ହେଲେ ବାବୁଲୋକ । ଯେତେହେଲେ ଆମେ ଆପଣଙ୍କ ପାଦତଳର ଲୋକ । ଆପଣଙ୍କ ସାଙ୍ଗରେ ବସିପାରିବୁ ।

ପ୍ରଭାକର : ଅସୁବିଧା କଣ ଅଛି ! ଏଇ ଦେଖ ତମକୁ ଜୋର୍ କରି ବସେଇ ଦେଉଚି । କ'ଣ ଅସୁବିଧା ହେଉଚି କୁହ । (ଜୋର କରି ହାତଧରି ବସାଇ ଦେଲେ ।) ଏବେ ବସିଲ ତ । ଆମେ ଗାଁରେ ଯଦି ଭାଇ ଭାଇ ଚଳି ପାରିବାନି ଆଉ ଚଳିବା କୋଉଠି ।

ଗଦାଧର : ହେଲେ ଆପଣଙ୍କର ଏ କଥାକୁ ଏ ମୂର୍ଖ ଗାଁରେ ବୁଝିବ କିଏ ।

ପ୍ରଭାକର : କାହିଁକି । ମୂର୍ଖର କଥା ମୂର୍ଖମାନେ ବୁଝି ପାରିବେନି । ମୁଁ ତ ଏଇ ମୂର୍ଖ ଗାଁରେ ଜନ୍ମ ହୋଇଚି । ମୁଁ ମୂର୍ଖ ଛଡ଼ା ଆଉ କଣ ହୋଇପାରେ ।

ଗଦାଧର : ବାବୁ ଆପଣ ଏ ଗାଁ କଥା ଜାଣି ନାହାନ୍ତି ବୋଲି ଏମିତି କହୁଛନ୍ତି । ଏଠି କୌଣସି ଲୋକ ନିଜକୁ ଭଲ କରି ରଖିବାକୁ ଚାହିଁଲେ କେହି ରଖେଇ ଦେବେନି । ତାକୁ ଲାଗିପଡ଼ି ଖରାପ କରେଇ ଦେବେ । ଏମାନଙ୍କ ସାଙ୍ଗରେ ଚଳିବା ବଡ଼ କଷ୍ଟ ।

ପ୍ରଭାକର : ମୁଁ କିଛି ବୁଝିପାରୁନି ଗଦା, କଣ ହୋଇଛି ? ଗାଁର କଣ କିଛି ଅସୁବିଧା ହୋଇଛି ?

ଗଦାଧର :- ଗାଁ ଆଉ କଣ ସେଦିନର ଗାଁ ହୋଇ ଅଛି ? ଦେଖୁନାହାନ୍ତି ଗାଁଟା ସାରା ଚୁପ୍‌ଚାପ୍ । ଜଣାପଡୁଚି ଭିତରେ ଭିତରେ କଣ ସବୁ ଘଟିଯାଉଚି କିଛି ଗୋଟାଏ ବଡ଼ ଧରଣର ଅଘଟଣ ଘଟି ଯାଇପାରେ ।

ପ୍ରଭାକର : ମାନେ ? ଗାଁ କଣ ଦି ଭାଗ ହୋଇଯାଇଚି ?

ଗଦାଧର : ହଁ ବାବୁ, ଲୋକେ ମୁହାଁମୁହିଁ ହେବା ଉପରେ । କୋଉଦିନ ବାଡ଼ିଆପିଟା ହୋଇ ମରିବେ । ମାଲିମକଦ୍ଦମାରେ ସର୍ବସ୍ୱ ଉଡ଼େଇବେ ।

ପ୍ରଭାକର : ବର୍ତ୍ତମାନ ଉପାୟ ।

ଗଦାଧର : ଉପାୟ କଣ ! କେହି କାହାର ଜିଦ୍ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି । ସାମାନ୍ୟ କଥାରୁ ପରସ୍ପର ପ୍ରତି ଭୁଲ ବୁଝାମଣା, ଅବିଶ୍ୱାସ । ଏଇ ଗାଁ ପୋଖରୀର ମାଛଧରାରୁ ଏ କାଣ୍ଡ ଉପୁଜିଚି । ଦିଜଣ ଲୋକ ମରାମରି ହୋଇ ଲହୁ ଲୁହାଣ ହୋଇ ଯାଇଚନ୍ତି ।

ପ୍ରଭାକର : କେହି ସମାଧାନ ପାଇଁ ଆଗେଇ ଆସୁନାହାନ୍ତି –

ଗଦାଧର : ସମାଧାନ । ଏଇ ଦୁଇଜଣଙ୍କୁ ନେଇ ଦିଦଳ । ଭିତରେ ଭିତରେ କେତେ ମସୁଧା ଚାଲିଚି । ହକ୍ ନ୍ୟାୟ କଥା କହିଲେ ଆଜିକାଲି ବିପଦ । ମୁଁ ପଦେ କହିଦେଲି ବୋଲି ତ ମୋର ଆଜି ଏ ଦଶା ।

ପ୍ରଭାକର : ତମର, କଣ ହୋଇଚି ତମର ।

ଗଦାଧର : ମୁଁ ତ ଏଇନେ ଦି ଦଳଙ୍କ ଦ୍ୱାରା ଏକ ପ୍ରକାର ବାସନ୍ଦ । କେହି ମୋତେ କଥା କହୁନାହାନ୍ତି କି କୌଣସି କାମରେ ସାହାଯ୍ୟ କରୁନାହାନ୍ତି ।

ପ୍ରଭାକର : ବଡ଼ ଦୁଃଖର କଥା ଗଦାଧର । ତୁମେ ଏମିତି ଅବସ୍ଥାରେ ଅଛ କାହିଁକି ? କଣ ତମର ଦୋଷ ?

ଗଦାଧର : ସତ କହିଲେ ବାବୁ, ମଳିମଣ୍ଡିଆ ହେଲି ବୋଲି କଣ ନ୍ୟାୟ କଥା କହିବାର ଅଧିକାର ନାଇଁ ଆମର । ଯାହାର ଦୋଷ ହୋଇଚି ତାକୁ ଦୋଷୀ କହିବା ଅପରାଧ ।

ପ୍ରଭାକର :- ନାଇଁ ତ –

ଗଦାଧର : ଯାହାର ପ୍ରକୃତ ଦୋଷ, ତାକୁ ଦୋଷୀ କହିବାରୁ ତ ମୁଁ ସହଜରେ ଦଳେ ଲୋକଙ୍କର ଶତ୍ରୁ ହୋଇଗଲି । ଏଇ ସୁଯୋଗରେ ଅନ୍ୟ ଦଳକ ମୋତେ ଡାକିଲେ ସେମାନଙ୍କ ଦଳରେ ମିଶିବାକୁ, ମୁଁ କିନ୍ତୁ ମନା କରିଦେଲି ।

ପ୍ରଭାକର : ଭଲ କରିଚ ତେବେ –

ଗଦାଧର : ଭଲ କରି ତ ଏବେ ଦି ଦଳର ଶତ୍ରୁ ହେଲି । କହିଲେ ଆଜ୍ଞା ଦଳ କରିବା କଣ ଗୋଟିଏ ଭଲ କଥା । ଗାଁଟା ଏକମନ ହୋଇ ଚାଲିଥିଲେ କେତେ ଆନନ୍ଦ ଉତ୍ସବରେ ଭରି ଯାଉଥାନ୍ତା । ଗାଁ ଏକାଠି ଥିଲାବେଳେ ଯେମିତି ହସର ଜୁଆର ଛୁଟୁଥାଏ । ଆଉ ଦିଦଳ ହୋଇଗଲେ ଖାଁ ଖାଁ ମଶାଣି ପଦା ।

ପ୍ରଭାକର : ତା'ହେଲେ ଶୀଘ୍ର ୟାର ଗୋଟାଏ କିଛି ସମାଧାନ ହେବା ଦରକାର । ମୁଁ ଦେଖୁଚି, ମୋତେ ହିଁ ଏ ସବୁ କରିବାକୁ ପଡ଼ିବ ।

ଗଦାଧର : ସେଇ ଆଶାରେ ତ ଆଜ୍ଞା ଆପଣଙ୍କ ପାଖକୁ ଆସିଥିଲି । ଭାବିଥିଲି ସହରୀ ଲୋକ, ଆମ ଗାଁଉଲୀ ଲୋକଙ୍କ ଦୁଃଖସୁଖରେ ମୁଣ୍ଡ ପୂରେଇବେ କି ନାଇଁ ।





ପ୍ରଭାକର : ନା, ନା । ମୁଁ ଯେତେବେଳେ ଏ ଗାଁର ବାସିନ୍ଦା ହେବାକୁ ଆସିଚି, ଗାଁର ଦୁଃଖସୁଖ ହାନିଲାଭରୁ ମୁଁ ନିଜକୁ ଅଲଗା ରଖିବି କେମିତି ?

ଗଦାଧର : ସେ ତ ଆମର ବଡ଼ ଭାଗ୍ୟର କଥା । ଯୋଉମାନେ ଏ ଗାଁରୁ ପାଠଶାଠ ପଢ଼ି ସହରକୁ ଚାଲି ଯାଉଛନ୍ତି, ସେମାନେ ଆଉ କେବେ ଫେରୁନାହାଁନ୍ତି । ଅଥଚ ଆପଣ ଆସିଛନ୍ତି –

ପ୍ରଭାକର : ଆସିଛି, ତମମାନଙ୍କ ଦୁଃଖସୁଖରେ ନିଜକୁ ଜଡ଼ିତ କରିବାକୁ । ମୁଁ ଯୋଉ ଗାଁ ଭୂଇଁରେ ଜନ୍ମ ହୋଇଛି, ତା ପ୍ରତି କଣ ଏଇଟା ମୋର କର୍ତ୍ତବ୍ୟ ନୁହେଁ ।

(ଏଇ ସମୟରେ ଦଳେ ଯୁବକ ଆସି ପହଞ୍ଚିଲେ)

ବାହାରୁ : ଆଜ୍ଞା ଆମେ ଆସିଚୁ ।

ପ୍ରଭାକର : ଗଦାଧର, ଦେଖିଲ କିଏ ।

ଯୁବକମାନେ: (ପ୍ରବେଶି) ଆଜ୍ଞା ଆମେ ଏଇ ଗାଁର ପ୍ରଗତି ଯୁବସଂଘର ସଭ୍ୟ ।

ପ୍ରଭାକର : ହଉ, ବସ ବସ । ତମମାନଙ୍କ ପାଖରେ ତ ମୋର ଦରକାର ଥିଲା । ଆସିଲ ଭଲ କଲ ।

୧ମ ଯୁବକ: ଆମ ପାଖରେ ? ତାହେଲେ ତ ଭଲ ହେଲା । ଆମର ଦରକାରରେ ତ ଆମେ ଆପଣଙ୍କ ପାଖକୁ ଆସିଛୁ ।

ପ୍ରଭାକର : ମୁଁ ତ ଏଇ ଆସିଲି, ତୁମମାନଙ୍କ ପାଖରେ ରହିବାକୁ । ବର୍ତ୍ତମାନଠୁ ତୁମ ଭଲମନ୍ଦ ସହିତ ମୋ ଭଲ ମନ୍ଦ ଜଡ଼ିତ ।

୧ମ ଯୁବକ: ଠିକ୍ କଥା କହିଛନ୍ତି ଆଜ୍ଞା ।

ପ୍ରଭାକର : ଗାଁ କିଭଳି ଭଲରେ ଚଳିବ, ସେ କଥା ବର୍ତ୍ତମାନଠୁ ଆମକୁ ଦେଖିବାକୁ ପଡ଼ିବ ।

୧ମ ଯୁବକ: ମାନେ ? ଗାଁ ଯେମିତି ଚଳୁଚି ସେମିତି ଚଳିବ । ସେଥିରୁ ଆମକୁ କଣ ମିଳିବ ? ଆପଣ ଅଯଥା ସେଥିରେ ମୁଣ୍ଡ ଖେଳାନ୍ତୁନି ଆଜ୍ଞା । ତେବେ ଗାଁର ଚଳିବା ପକ୍ଷରେ ତ କିଛି ଅସୁବିଧା ହୋଇନି ।

ପ୍ରଭାକର : ନାଇଁ ମୁଁ ଅସୁବିଧା କଥା କହୁନି । ଗାଁକୁ ଆଉ ଟିକିଏ କେମିତି ଭଲ କରି ସଜାଡ଼ି ପାରିବା, ସେଇ କଥା ଭାବୁଚି ।

୨ୟ ଯୁବକ: ଆଜ୍ଞା, ଏ ହେଲା ପୁରାପୁରି ରାଜନୀତି କଥା । ଆମେ ତ ପତର ଗୋଟେଇବା ଲୋକ । ଆମର ଜାହାଜ ମୂଲ କରିବା କି ଦରକାର ?

୧ମ ଯୁବକ: ହେ, ଏମିତି କଣ କଥାବାର୍ତ୍ତା କରୁଚୁ ?

ପ୍ରଭାକର : ହଉ ହେଲା । ତୁମେ ଯୁବକମାନେ ଏମିତି କଥାବାର୍ତ୍ତା କରିବନି ତ ଆଉ କଣ ବୁଢ଼ାମାନେ କରିବେ ?

୨ୟ ଯୁବକ: ଠିକ୍ କଥା । ଠିକ୍ ବୁଝିଛନ୍ତି ଆପଣ ।

ପ୍ରଭାକର : ମୁଁ ଯାହା କହୁଚି, ତମେମାନେ ଠିକ୍ ବୁଝିପାରୁନ । ତୁମେମାନେ ଯୁବକ, ପୁଣି ଶିକ୍ଷିତ । ତୁମର ଶକ୍ତି ଅଛି ନୂଆ କିଛି କରିବାକୁ । ଗାଁକୁ ନୂଆବାଟ ଦେଖାଇବାକୁ ।

୨ୟ ଯୁବକ: ଇଏ ତ ଆମ ମନ୍ତ୍ରୀଙ୍କ ଭାଷଣ ଭଳି ଶୁଭୁଚି । ଆପଣ ତା' ହେଲେ ସହଜରେ ନେତା ହୋଇ ପାରିବେ ।

ପ୍ରଭାକର : ତୁମେମାନେ ମୋତେ ହଠାତ୍ ଭୁଲ ବୁଝୁଚ କାହିଁକି ? ମୋର ସେମିତି କିଛି ଆଶା ଆକାଂକ୍ଷା ନାହିଁ । ମୁଁ ତ ବୁଢ଼ା ହେଲି, ଚାକିରୀରୁ ରିଟାୟାର କଲି ।

୨ୟ ଯୁବକ: ଆଉ ତେବେ ?

ପ୍ରଭାକର : ସାରା ଜୀବନ ତ ବାହାରେ କଟିଗଲା । ଗାଁ ପାଇଁ କିଛି କରି ପାରିନି । ଭାବିଚି ଶେଷ ଜୀବନରେ ତୁମମାନଙ୍କ ସାଙ୍ଗରେ ମିଶି କିଛି ଗୋଟାଏ କରିବି । ତେଣୁ ମୁଁ ଚାହେଁ ତୁମମାନଙ୍କ ସାହାଯ୍ୟ ପରାମର୍ଶ –

୧ମ ଯୁବକ: ଅବଶ୍ୟ ଆମେ ସାହାଯ୍ୟ ଦେଇ ପାରିବୁ । ଆପଣଙ୍କ ସାହାଯ୍ୟ ପାଇଲେ ଆମର ସାହାଯ୍ୟ ନ ଦେବାରେ କଣ ଅଛି ? ଆମେ ତ ସେଥିପାଇଁ ଅଛୁ । ଯିଏ ଆମକୁ ସାହାଯ୍ୟ କରିବ, ଆମେ ତାକୁ ନିଶ୍ଚୟ ସାହାଯ୍ୟ କରିବୁ ।

୨ୟ ଯୁବକ: ଏଇ ଦେଖନ୍ତୁ, ଜଗତବାବୁ ଆଜି ରାଷ୍ଟ୍ରମନ୍ତ୍ରୀ ହୋଇଛନ୍ତି କାହା ସାହାଯ୍ୟରେ ? ଏଇ ଆମମାନଙ୍କ ସାହାଯ୍ୟରେ ତ । ତାଙ୍କର ଭୋଟ୍‌ବେଳେ କେମିତି କାମ କରିଥିଲୁ, ତାଙ୍କୁ ପଚାରିବେ । ମଧୁପୁରିଆ ଲୋକଙ୍କୁ ଘରୁ ବାହାର କରେଇ ଦେଇନୁ । ସେ ଗାଁର ପରା ସମସ୍ତେ ତାଙ୍କ ବିରୋଧୀ । ଛୁରୀ, ଲାଠି ଧରି ଜଗିଦେଲୁ ଯେ – ସମସ୍ତେ ଏକାବେଳକେ ଥଣ୍ଡା । ମନକୁ ବୁଝି ଯାଉଥିବ ଯେ-

୧ମ ଯୁବକ: ଆଜିକାଲି ଆଜ୍ଞା କଅଁଳ କଥା କହି କିଛି କାମ ହାସଲ କରି ହେବନି । ଯେତିକି ଭୟ ଦେଖାଇ, ଧମକ ଚମକ ଦେଖାଇ କାମ ଆଦାୟ କରିବ, ସେତିକି ହେବ ।

୨ୟ ଯୁବକ: ଜଗତବାବୁ ଆମ କ୍ଲବକୁ ଦଶହଜାର ଟଙ୍କା ଦେଇଥିଲେଟି ? ଯାହା ମଉଜ ମଜଲିସ ହୋଇଚି, ଆପଣ କଳ୍ପନା କରି ପାରିବେନି । ଗୋଟେ ସପ୍ତାହ ତ ଆମର ନିଧୁମ ଭୋଜିଭାତ ଲାଗିଲା । ଲୋକଟାର ମନ ଯେମିତି, ତା ପାଇଁ କାମ ହେଲା ସେମିତି । ଦିନରାତି ଲାଗିଗଲୁ ନା !

୧ମ ଯୁବକ: ସେ କେତେଦିନ ତ ଆମେ ଘରଦ୍ୱାର, ବାପା, ମାଆ, ସମସ୍ତଙ୍କୁ ଭୁଲି ଯାଇଥିଲୁ । କାହା ସାଙ୍ଗରେ ଦିନକପାଇଁ ଦେଖାହେଇଚି ?

ପ୍ରଭାକର : ସେମାନେ କିଛି କହିଲେନି ?

୨ୟ ଯୁବକ: କହିବେ କଣ ଆଜ୍ଞା । କଣ ମାଡ଼ ଉଠିଗଲା କି ?

ପ୍ରଭାକର : ଯାହାହେଉ ତୁମମାନଙ୍କର କୃତିତ୍ୱରେ ପ୍ରାଣ ମୋର ପୂରିଯାଉଚି ।

୧ମ ଯୁବକ: ଇଏ ତ ଗୋଟେ ମଉକା ଗଲା । ପୁଣି ଆସନ୍ତା ଥରକୁ ଆହୁରି ମଉଜ ହେବ । ଆମର କୃତିତ୍ୱ ଦେଖି ହେମନ୍ତବାବୁ ଆଜିଠୁ ଆମକୁ ଧରାଧରି କଲାଣି । ଯେତେବେଳେ ଯାହା ମାଗିଲେ ଦଉଚି । ତେଣେ ଜଗତବାବୁ ମଧ ଆମକୁ ସନ୍ତୁଷ୍ଟ କରି ରଖିଚି । କାଳେ ଆମେ ହାତଛଡ଼ା





ହୋଇଯିବୁ, ସେଇ ଭୟରେ । ଯେତେବେଳେ ଏଠିକି ଆସିବ, ଆମକୁ ଭୋଜିଟାଏ ଦବ । ଏମିତି ଦିଜଣଯାକ ଆମକୁ ଧରିଛନ୍ତି, କିନ୍ତୁ ଶେଷବେଳକୁ ଦେଖିବେ, ଟଙ୍କାର ପ୍ରତିଯୋଗିତାରେ ଯିଏ ଜିଣିବ, ଆମେ ହେବୁ ତାର ।

ପ୍ରଭାକର : ଇଏ ତ ତାହାହେଲେ ବଡ଼ ଲାଭଜନକ ବ୍ୟବସାୟ ।

୧ମ ଯୁବକ: ଆଜ୍ଞା । ଆଜିକାଲି ଯୁଗରେ ଏମିତି ବେଉସା ନ କଲେ ଚଳିହେବ ? ଯେଉଁମାନେ ଲୁଟିପୁଟି ଖାଉଛନ୍ତି, ସେମାନଙ୍କ ଧନ ଆମ ପିଛା ଖର୍ଚ୍ଚ ହେବନି ତ, ଆଉ ଖର୍ଚ୍ଚ ହେବ କେମିତି ?

ପ୍ରଭାକର : ଯାହାହେଉ ଭଲ କାମଟାଏ ଧରିଚ । ତେବେ ଗାଁର ଭଲମନ୍ଦ ହାନିଲାଭ କଥା ତ ଦେଖିବା ତୁମର କର୍ତ୍ତବ୍ୟ ।

୨ୟ ଯୁବକ: ଆଜ୍ଞା ନିଜେ ଭଲ ଥିଲେ ଦୁନିଆଁ ଭଲ । ଗାଁରେ ସବୁବେଳେ ଚାଲିଚି ମାଡ଼ ପିଟାପିଟି ମାଲି ମକଦ୍ଦମା । ଆମେ ଏବେ କରିବୁ କଣ ଯେତେବେଳେ ଯାହା ପାଇଁ ସୁବିଧା ହେଉଚି, ଯିଏ ଆମକୁ ହାତକରୁଚି ତା ପାଇଁ ଆମେ କରୁଚୁ ।

ପ୍ରଭାକର : ଆସିଲା ଦିନଠୁ ଗାଁଟା ମୋତେ କେମିତି କେମିତି ଲାଗୁଚି । ସମସ୍ତେ କେମିତି ମନମରା ହୋଇଯାଇଛନ୍ତି । କାହାର କାହାସହିତ ସମ୍ପର୍କ ନଥିଲା ଭଳି ଜଣାପଡୁଛି । ଗାଁଟା ଯଦି ଏମିତି ଦିନକୁ ଦିନ ପ୍ରାଣହିନ ହୋଇଯାଏ –

୧ମ ଯୁବକ: ଠିକ୍ ଆଜ୍ଞା ଅନୁମାନ କରିଛନ୍ତି । ଯିଏ ମରିବାକୁ ଯାଉଛି, ତାଙ୍କୁ ମରିବାକୁ ଦିଅନ୍ତୁ । କଣ ଯାଏ ଆସେ ଆମର ସେଥିରୁ । ନିଜେ ବଞ୍ଚିଲେ ବାପର ନାଁ –

୨ୟ ଯୁବକ: ଏଇ କଥା ତ କହିବାକୁ ଆମେ ଆସିଚୁ । ଆପଣ ନୂଆକରି ଆସିଛନ୍ତି । ଗାଁର ରୀତି ନିତିକଥା କିଛି ଜାଣି ନାହାନ୍ତି । ଏଠି ଚଳିବାକୁ ହେଲେ ସବୁ ଦେଖୁଥିବେ ଶୁଣୁଥିବେ କାହାକୁ କିଛି କହୁ ନଥିବେ ।

୧ମ ଯୁବକ: ଆଉ ଆପଣଙ୍କର ସୁବିଧା ଅସୁବିଧା ପଡ଼ିଲେ ଆମେ ଅଛୁ । ଯେତେବେଳେ ଆମକୁ ଖୋଜିବେ, ସେତେବେଳେ ଆସି ପହଞ୍ଚିବୁ ।

୨ୟ ଯୁବକ: ଧର ବୋଲିବେ ଧରିବୁ, ମାର ବୋଇଲେ ମାରିବୁ ।

ପ୍ରଭାକର : ନାଇଁ ନାଇଁ ମୋର ଏସବୁ ଲୋଡ଼ା ନାଇଁ । ତମେ କଣ ଭାବିଚ ମୁଁ ଏଠିକି ଆସିଚି ଗାଁ ଲୋକଙ୍କ ସହିତ କଳି ଦ୍ୱନ୍ଦ ଲଗାଇବାକୁ ।

୧ମ ଯୁବକ: ତାଛଡ଼ା ଆପଣଙ୍କର ଉପାୟ ନାହିଁ ହେ –

ପ୍ରଭାକର : ମାନେ ?

୧ମ ଯୁବକ: ଆପଣ ନିଜେ କଳି ନ ଲଗାଇଲେ ବି କେତେକ ଲୋକ ଅଛନ୍ତି, ଉପରେ ପଡ଼ି ଆପଣଙ୍କ ସହିତ କଳିଦ୍ୱନ୍ଦ୍ୱ ଲଗାଇବେ ।

୨ୟ ଯୁବକ: ଆପଣ ଜଣେ ରିଟାୟାର୍ଡ଼ ଅଫିସର୍ । ବହୁତ ଟଙ୍କା ରୋଜଗାର କରିଛନ୍ତି । ଏଠି ଆସି ଆଡ୍‌ଡା ଜମେଇ ରହିବେ । ଏଇଟା ଲୋକଙ୍କର ଚକ୍ଷୁଶୂଳ ହେବନି ?

ପ୍ରଭାକର : ମୁଁ କେମିତି ରହିବି, କଣ ଖାଇବି, ସେଥିରେ ଲୋକଙ୍କର ଯାଏ ଆସେ କେତେ ? ସେମାନେ କାହିଁକି ଏ ସବୁ ଭାବିବାକୁ ଯିବେ ।

୧ମ ଯୁବକ: ଦେଖନ୍ତୁ, ଭାବୁଛନ୍ତି କି ନାହିଁ -

ପ୍ରଭାକର :- ମୁଁ ତ ସମସ୍ତଙ୍କର ଉପକାର କରିବା କଥା ଭାବିଚି । ମୁଁ କାହାର କ୍ଷତି କଲେ ସିନା କିଏ ଆମର କ୍ଷତି କରିବ ।

୨ୟ ଯୁବକ:- ରହନ୍ତୁ, ଅଳ୍ପଦିନ ଭିତରେ ଦେଖିବାକୁ ପାଇବେ । ଲୋକମାନେ ଆପଣଙ୍କର କ୍ଷତି କରିବାକୁ ଆଗେଇ ଆସୁଛନ୍ତି କି ନାଇଁ । ଗାଁରେ ତିଷ୍ଠି ରହିବାକୁ ହେଲେ ଆମ ସାଙ୍ଗରେ ହାତ ମିଳାଇବାକୁ ପଡ଼ିବ ।

ପ୍ରଭାକର : ମୁଁ ଏ କଥାରେ ଅରାଜି ହେଲି କେତେବେଳେ ? ମୁଁ ତ ମୂଳରୁ କହିଛି ତୁମମାନଙ୍କ ସହିତ ମିଶି ଗାଁର ଉନ୍ନତି ବିଷୟ ଚିନ୍ତା କରିବି । ଗାଁର ଉନ୍ନତି ପାଇଁ ମୋର ସମସ୍ତ ଶକ୍ତି, ସାମର୍ଥ୍ୟ ଖଟାଇବି ।

୧ମ ଯୁବକ: ସେସବୁ କଥା ଛାଡ଼ନ୍ତୁ । ଆମ ସହିତ କେବଳ ସହଯୋଗ କରନ୍ତୁ । ଆପଣ ବିଶ୍ୱାସ ରଖନ୍ତୁ । ଆମେ ଥିବାପର୍ଯ୍ୟନ୍ତ ଆପଣଙ୍କର କେହି ସାମାନ୍ୟ କ୍ଷତି କରି ପାରିବେ ନାହିଁ ।

୨ୟ ଯୁବକ: ସେଥିପାଇଁ ତ ଆମେ କଷ୍ଟ କରି ଆସିଲୁ ।

୧ମ ଯୁବକ: ହଉ, ସମୟ ନଷ୍ଟ କରିବା କାହିଁକି ? ଏଥର କାମର କଥା ପଡୁ ।

ପ୍ରଭାକର : କଣ କହୁନ ?

୧ମ ଯୁବକ: ଏଇ ଆପଣ ନୂଆ କରି ଆସିଲେ ତ । ଆମ କ୍ଲବ୍‌କୁ କିଛି ଚାନ୍ଦା ଦେବାକୁ ପଡ଼ିବ । ବେଶି କିଛି ନୁହେଁ । ମାତ୍ର ପାଁଶ ଟଙ୍କା ।

ପ୍ରଭାକର : ମାନେ ? ମୁଁ ବୁଝିପାରୁନି ।

୨ୟ ଯୁବକ: ବୁଝିବେ ପରେ । ଟଙ୍କାଟା ଆଗେ ବାହାର କରନ୍ତୁ ।

ପ୍ରଭାକର : ଆଶ୍ଚର୍ଯ୍ୟ -

୧ମ ଯୁବକ- ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? କ୍ଲବ୍‌କୁ ଚାନ୍ଦା ଦେବେନି ? ଆପଣ ଏଠାରେ ସ୍ଥାୟୀ ଭାବରେ ରହିବେ । ଆପଣଙ୍କର ସୁରକ୍ଷାର ଭାର ଏଣିକି କ୍ଲବ ନେବ । ଏ ପ୍ରତିଶ୍ରୁତି ତ ଆମେ ଦେଇସାରିଚୁ । ଆଉ କୁଣ୍ଠିତ ହେଉଛନ୍ତି କାହିଁକି ?

୨ୟ ଯୁବକ: ଦେଇ ଦିଅନ୍ତୁ । ଦେଇ ଦିଅନ୍ତୁ । ଏସବୁ କାମରେ କୌଣସି ପ୍ରଶ୍ନ ଉଠାଇବା କଥା ନୁହେଁ । ସବୁ ବିପଦ ଆପଦକୁ ଆମେ ଅଛୁ । ଆଜି ଆପଣ ପାଁଶ ଟଙ୍କା ଦେଇଦେବାମାନେ ବର୍ଷେ ପର୍ଯ୍ୟନ୍ତ ଆପଣ ନିଶ୍ଚିନ୍ତ ।

୧ମ ଯୁବକ: ଏଇ କେବଳ ପୂଜାପାର୍ବଣ ମାନଙ୍କର ଯାହା କିଛି ଚାନ୍ଦା ଦେବାକୁ ପଡ଼ିବ । ତାଛଡ଼ା ଆମେ ଆଉ କେବେ ମାଗିବାକୁ ଆସିବୁନି ।

ପ୍ରଭାକର : ଗାଁରେ ପୂଜା ଉତ୍ସବ ପାଇଁ ତ ସବୁବେଳେ ଚାନ୍ଦା ଦେବାକୁ ପଡ଼େ । ସେଥିରେ କଣ ଅଛି ?

୨ୟ ଯୁବକ: ନାଇଁ ନାଇଁ । ଗାଁ ଚାନ୍ଦା ସାଂଗରେ ଯାର କିଛି ସଂପର୍କ ନାଇଁ । ଏ ହେଉଚି ଆମ କ୍ଲବ ମାନେ ଯୁବକ ସଂଘର ଚାନ୍ଦା । ଆପଣଙ୍କ ସୁରକ୍ଷା ବାବତ ଚାନ୍ଦା ।

୧ମ ଯୁବକ: ଦେଇଦିଅନ୍ତୁ ଆଜ୍ଞା । ଆଜିର ଚାନ୍ଦାଟା ପ୍ରାଥମିକ ସଭ୍ୟ ଚାନ୍ଦା ତ । ତେଣୁ ଟିକିଏ ବେଶି । ଆଉ ଅନ୍ୟ ଚାନ୍ଦାଗୁଡ଼ିକ ସାମାନ୍ୟ; ପଚିଶି ତିରିଶି ଟଙ୍କା ଭିତରେ ।

ପ୍ରଭାକର : ଏତେ ଟଙ୍କା ମୁଁ କୁଆଡୁ ଆଣିବି ? ମୁଁ ତ ରିଟାୟାର୍ଡ଼ ଲୋକ ।

୧ମ ଯୁବକ: ସେଇଥିପାଇଁ ତ ଆମେ ଆପଣଙ୍କୁ ବହୁତ କମ୍ କରି ମାଗିଲୁ ରିଟାୟାର୍ଡ଼ ଲୋକ । ବେଶି ମାଗିବା ଠିକ୍ ନୁହେଁ ।

ପ୍ରଭାକର : ମୋ ପାଖରେ ଏତେ ଟଙ୍କା କୁଆଡୁ ଆସିବ ।

୨ୟ ଯୁବକ: ଏଇ ତ ଆପଣ ମିଛ କହିଲେ ବୃଦ୍ଧ ଲୋକ ହୋଇ ।

୧ମ ଯୁବକ: ଚୁପ୍ । କଣ ଏମିତି କହିଯାଉଛୁ ?

୨ୟ ଯୁବକ: ଟଙ୍କା ତ ନାଇଁ, ନୂଆ ଘର ତିଆରି କରିବେ କେମିତି ? ଏଇ ତ ସହରରୁ ଫେରିଛନ୍ତି । କଣ ଶୂନ୍ୟ ହାତରେ ଆସିଛନ୍ତି ?

ପ୍ରଭାକର : ବଡ଼ ଆଶ୍ଚର୍ଯ୍ୟ କଥା । ଇମିତି ଜୁଲୁମ ତ ସହରରେ ନଥିଲା ?

୨ୟ ଯୁବକ: ସହରରେ ନଥିଲା ତ ମଫସଲକୁ ଆସିଲା କୁଆଡୁ ? ସେଇ ସହରରୁ ତ ଆମେ ଶିଖିବା କଥା ।

୧ମ ଯୁବକ: ସେଥିରୁ କଣ ମିଳିବ ? ଆମେ ତ ଭଦ୍ର ଭାବରେ ଆପଣଙ୍କୁ ଅନୁରୋଧ କରୁଛୁ, ପାଁଶଟା ଟଙ୍କା ଚାନ୍ଦା ଦେବାକୁ । ଆମ କ୍ଲବ ଚଳିବ କେମିତି ?

ପ୍ରଭାକର : ମୁଁ ଯଦି ନଦିଏ ?

୧ମ ଯୁବକ: ନ ଦେଲେ କିନ୍ତୁ ବଡ଼ ଅସୁବିଧା ହେବ ।

ପ୍ରଭାକର : ଅସୁବିଧା ?

୨ୟ ଯୁବକ: ଅସୁବିଧା ଆଉ କ'ଣ ? ଯୋଇ ବାଟେ ବାଟେ ଆସିଛ ବଂଧୁ, ସେଇ ବାଟେ ବାଟେ ଯାଅ ?

ପ୍ରଭାକର : ମୁଁ ପରିଷ୍କାର କହିଦେଉଛି, ଏମିତି ଅନ୍ୟାୟ ଭାବରେ କୌଣସି ଚାନ୍ଦା ଦେଇ ପାରିବି ନାହିଁ ।

୧ମ ଯୁବକ: ଏଇ ଆପଣଙ୍କର ଶେଷ କଥା ତ ? ନା ପୁଣି ଥରେ ବିଚାର କରିବେ ?

ପ୍ରଭାକର : ନାଁ ଏଇ ମୋର ଶେଷ କଥା ।

୧ମ ଯୁବକ:- ତା ହେଲେ ଆମେ ଚାଲିଲୁ । ଆପଣଙ୍କର କିଛି ସୁବିଧା ଅସୁବିଧା ହେଲେ ଆମକୁ ଆଉ ଖୋଜିବେନି ।

୨ୟ ଯୁବକ: ଚାନ୍ଦାଟା କିନ୍ତୁ ଆମର ପ୍ରାପ୍ୟ । ସେଇଟା କୌଣସି ପ୍ରକାରେ ଆଦାୟ କରିବାର ବ୍ୟବସ୍ଥା କରାଯିବ । (ଯୁବକମାନେ ଚାଲିଗଲେ । ପ୍ରଭାକର କିଛି ସମୟ ଥକ୍କା ହୋଇ ବସି ରହିଲେ ।)

ଗଦାଧର : ନିଜ ଆଖିରେ ତ ଦେଖିଲେ ବାବୁ । ଗାଁର ଅବସ୍ଥା ଏଇଥିରୁ ଜାଣିପାରୁଥିବେ ।

ପ୍ରଭାକର : ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଚି ଗଦା । ଗାଁଟା ପୁଣି ଏମିତି ବଦଳି ଯାଇଛି ?

ଗଦାଧର : କୁହନ୍ତୁନି ଆଜ୍ଞା ସେମାନଙ୍କ କଥା । ଆପଣ ତ ସାହସ କରି ଏତେ କଥା କହିପାରିଲେ ଆମମାନଙ୍କର କିନ୍ତୁ ସେମାନଙ୍କୁ ପ୍ରାଣର ଭୟ । ମୁଁ ଯଦି ପଦେ ପାଟି ଫିଟେଇଥାନ୍ତି, ମୋର ଦଫାରଫା କରିଦେଇଥାନ୍ତେ । ହଠାତ୍ କାଳେ କଣ କରି ବସିବେ, ସେଥିପାଇଁ ତ ମୁଁ ଭୟରେ ଥରୁଚି ।

ପ୍ରଭାକର : କଣ କରି ପକେଇବେ ? ସବୁ କଥା ଏଡ଼େ ସହଜ ବୋଲି କାଇଁକି ଭାବୁଚ ।

ଗଦାଧର : ନାଇଁ ଆଜ୍ଞା, ସେମାନଙ୍କୁ ବିଶ୍ୱାସ ନାଇଁ । ମଦୁଆଗୁଡ଼ାକ ଆପଣଙ୍କୁ ବୋଲି ଟିକିଏ ସମ୍ମାନ ଦେଇ କଥାବାର୍ତ୍ତା କଲେ । କିଛି ନ କହି ଚୁପ୍ ଚାପ୍ ଚାଲିଗଲେ ।

ପ୍ରଭାକର : ଏଭଳି ଅବସ୍ଥାରେ କଣ କରାଯିବ ତ ମୁଁ ଭାବି ପାରୁନାହିଁ । ଏମାନଙ୍କୁ ପ୍ରଥମେ ଶାସନ କରିବା ଦରକାର ।

ଗଦାଧର : କିଏ ଶାସନ କରିବ ଆଜ୍ଞା । ସମସ୍ତେ ତ ଭୟରେ ଥରହର କେତେବେଳେ କୋଉ କାଣ୍ଡ କରି ବସୁଛନ୍ତି । ମାରିବା ଧରିବା, ଧମକ ଚମକ ଦେବା, ଝିଅ ବୋହୁଙ୍କ ଇଜ୍ଜତ୍ ନେବା । କୋଉ କାମଟା ଆଉ ବାକି ରଖିଛନ୍ତି ? ଦିନକୁ ଦିନ ତ ସେମାନଙ୍କ ଉତ୍ପାତ ବଢ଼ି ଚାଲିଚି ।

ପ୍ରଭାକର : ଏତେ ଦୂର ?

ଗଦାଧର : ଏଇତ ପନ୍ଦର ଦିନ ତଳେ ଜୋର ଜବରଦସ୍ତି ଗୋଟିଏ ଝିଅର ଇଜ୍ଜତ ଲୁଟି ନେଲେ । ଭାବିଲାବେଳକୁ ଛାତିରେ ନିଆଁ ଜଳି ଯାଉଚି । ଉପାୟ କଣ ?

ପ୍ରଭାକର : ଉପାୟ କଣ ? ଏ କଣ ତମେ କହୁଚ ଗଦାଧର ? ଏ ଗାଁରେ କଣ କେହି ନାହାନ୍ତି ? ଏତେ ବଡ଼ ଅନ୍ୟାୟ ସମସ୍ତେ ଆଖି ବୁଜି ସହିଗଲେ ।

ଗଦାଧର : ନସହି ଉପାୟ ନାହିଁ । ଭିତରେ ଭିତରେ ସମସ୍ତ ତୁମ୍ଭ ତୋଫାନ କଲେ ସିନା, ସାମନାକୁ କେହି ବାହାରିଲେନି । ଯିଏ ବାହାରିବ ତା ଜୀବନ ଯିବ ଯେ । ସେ କ୍ଲବ୍ ଘରେ ଛୁରା, ଚେନ୍ ଲାଠି ସବୁ ପ୍ରକାର ଅସ୍ତ୍ରଶସ୍ତ୍ର ଭର୍ତ୍ତି । ଦିନ ଦି ପହରେ ମଦ ପିଆ ଚାଲିଚି ।

ପ୍ରଭାକର : ଗାଁ ମାଟି ଶେଷରେ ଏମିତି କଳୁଷିତ ହୋଇଗଲା । ସାରା ଜୀବନ ଧରି ଯୋଉ ଗାଁର ଶାନ୍ତ ସରଳ ରୂପଟି ମୋ ଆଖି ଆଗରେ ଭାସି ଉଠୁଥିଲା । ସେଇ ରୂପଟି ଆଜି ଏମିତି କ୍ଷତ ବିକ୍ଷତ ହୋଇଯାଇଚି । ମୋ ସ୍ୱପ୍ନର ଗାଁଟିକୁ କଣ ଆଉ ଖୋଜି ପାଇବିନି ? ଯାହାପାଇଁ ମୁଁ ପାଗଳ ହୋଇ ଦୌଡ଼ି ଆସିଚି । ଏଇ କଣ କବିଙ୍କର ସେଇ କି ସୁନ୍ଦର ଆରେ ପଲ୍ଲୀ ଗ୍ରାମ ?

ଗଦାଧର : ଆପଣଙ୍କର ହୁଏତ ସେଇ ପିଲାଦିନର କଥା ମନେ ପଡୁଥିବ । ସେ ଗାଁ ଆଉ ଆଜି କାହିଁ ? ଆଜି ତ ଏ ଗାଁ ସହରଠୁ ବଳି ଭୟଙ୍କର ହୋଇଯାଇଚି । ସହରରେ ବରଂ ଶାନ୍ତି ଅଛି, ଏଠି ନାଇଁ । ରାତି ହେଲେ ତ ମଦୁଆ ବଦ୍‌ମତଲବ ଲୋକଙ୍କ ଆଡ଼୍‌ଡା । ଏଠି ଆଉ କଣ କରିହେବ ବୋଲି ଭାବୁଚନ୍ତି ?





ପ୍ରଭାକର : ଆଚ୍ଛା ଗଦା, ମୁଁ ଏତେଟା ନିରାଶାବାଦୀ ନୁହେଁ । ଶେଷପର୍ଯ୍ୟନ୍ତ ମୋତେ ଅପେକ୍ଷା ରଖିବାକୁ ପଡ଼ିବ । ମୁଁ ଭାବୁଚି ଗାଁର ସବୁ ଲୋକଙ୍କୁ ଡାକି ଗୋଟାଏ ସଭା କରିବି । ଗାଁକୁ ଗାଁ ଭଳି ଗଢ଼ିବାକୁ ସମସ୍ତଙ୍କୁ ପ୍ରାଣପାତ ଉଦ୍ୟମ କରିବାକୁ କହିବି ।

ଗଦାଧର : କେହି ଶୁଣିବେନି ଆଜ୍ଞା । ମୁଁ ମୂର୍ଖ ମଳିମୁଣ୍ଡିଆ ହେଲେ ବି ଏଇ ଚେଷ୍ଟା ଅନେକ ଦିନ ଧରି କରି ଆସିଚି । ଗାଁ ତ ଗାଁ ଭଳି ଜଣାପଡୁନି ।

ପ୍ରଭାକର : ଗାଁ ଯଦି ତାର ନିଜସ୍ୱ ବୈଶିଷ୍ଟ୍ୟ ରକ୍ଷାକରି ନ ପାରିବ, ସହରର କୃତ୍ରିମତାକୁ ଅନୁସରଣ କରିବ, ତେବେ ତାର ବଞ୍ଚିବାର ସାର୍ଥକତା କେଉଁଠି ? ନାଇଁ ଗଦାଧର ଆମକୁ ସେଇପୁରୁଣା ଗାଁକୁ ଫେରେଇ ଆଣିବାକୁ ପଡ଼ିବ । ଆମେ ଦୁଇଜଣ ହିଁ ପ୍ରଥମେ ଏ ଉଦ୍ୟମ ଆରମ୍ଭ କରିବା ।

ଗଦାଧର : ଆପଣ ଅନେକ ଦିନ ଧରି ଏ ଗାଁରେ ରହିନାହାନ୍ତି ଆପଣଙ୍କର ସେଦିନ ସେଇ ସ୍ୱପ୍ନର ନିଶା କଟିନି । ଆପଣ ଆଜିସଭା ଡାକିଲେ, ଦେଖିବେ କେହି ଜଣେ ବି ଆସିବେନି । ଆଚ୍ଛା କହନ୍ତୁ ତ' ଆପଣ ତ ଚାରି ପାଞ୍ଚଦିନ ହେଲା ଆସିଲେଣ. କେହି ଜଣେ ଏପର୍ଯ୍ୟନ୍ତ ଆପଣଙ୍କୁ ଦେଖା କରିବାକୁ ଆସିଛି ?

ଯୁବକମାନଙ୍କ କଥା ଛାଡ଼ି ଦିଅନ୍ତୁ । ଆମ ସମୟର ସାଙ୍ଗସାଥୀ କିଏ ଜଣେ ସଂଖୋଳିବାକୁ ଆସିଲା କି ?

ପ୍ରଭାକର : ନାଁ ତ ମୁଁ ଆଶ୍ଚର୍ଯ୍ୟ ହେଉଛି । ମୁଁ ତ ବାରଣ୍ଡାରେ ବସି ଦେଖୁଚି, କେତେ ଜଣ ପରିଚିତ ଲୋକ ସେଇବାଟ ଦେଇ ଚାଲି ଯାଉଛନ୍ତି । ଅଥଚ ମୋତେ ଦେଖି ନଦେଖିଲା ଭଳି ମୁହଁ ପୋତି ଦେଉଛନ୍ତି । ଯେଉଁମାନେ ବା ଚାହୁଁଛନ୍ତି ସେମାନେ ପଦଟିଏ ପଚାରି ଦେଉଛନ୍ତି - କଣ ବାବୁ, ଗାଁକୁ ଆସିଲ ! ସେତିକି । ଆଉ ତ ଅଧିକା ପଦେ କଥା ନାଇଁ ।

ଗଦାଧର : ଆପଣ ଏତେ ଦିନକେ ଆସିଛନ୍ତି । ଆପଣଙ୍କର ଭଲ ମନ୍ଦ ବୁଝିବା, କୋଉ କାମରେ ଟିକିଏ ସାହାଯ୍ୟ କରିବା କି ପରାମର୍ଶ ମାଗିବା ଏଥିପାଇଁ କିଏ ଆସିଚି କି ? ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ । ଜଣଙ୍କର ଛାଇ ପଡ଼ିଲେ ତ ଆଉ ଜଣଙ୍କର ନାହି ଡେଉଁଚି ।

ପ୍ରଭାକର : ମୁଁ ତମ କଥାର ସତ୍ୟତା ଅନୁଭବ କରୁଚି ଗଦାଧର । ତେବେ ଉପାୟ କଣ ?

ଗଦାଧର : ଉପାୟ କିଛି ନାଇଁ । ଆପଣ ଯଦି ଗାଁ ଲୋକଙ୍କୁ ଏକାଠି କରି କିଛି କହିବାକୁ ଯିବେ, ସେମାନେ ହଠାତ୍ ପ୍ରଶ୍ନ କରିବେ- ଆପଣ କିଏ ? ଉଡ଼ି ଆସବା ଚଢ଼େଇ, ଆମ ଗାଁର ଭଲ ମନ୍ଦରେ ଆପଣଙ୍କ ମୁଣ୍ଡ କାଇଁ ବଥଉଚି ?

ପ୍ରଭାକର : ଏ କଣ ମୋ ଗାଁ ନୁହଁ ? ମୁଁ ଗାଁର ଭଲ ମନ୍ଦ କଥା କହିଲେ ସେମାନେ -

ଗଦାଧର : ସେମାନେ ଶୁଣିବେନି । ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ଛୋଟ ଦଳର ନେତା । ଆପଣ ଆଗକୁ ଆସିଲେ, ସେମାନଙ୍କ ନେତାପଣିଆ ଚାଲିଯିବ ଯେ । ଏ କଥା ସେମାନେ ସହି ପାରିବେ ? କୌଶଳ କରି କେତେବେଳେ କୋଉ ଗଣ୍ଡଗୋଳ, ମାଲି ମକଦ୍ଦମାରେ ଭର୍ତ୍ତି କରେଇଦେବେ ।

ପ୍ରଭାକର : ଏମିତି ବିଷାକ୍ତ ହୋଇଗଲାଣି ଏ ବାୟୁମଣ୍ଡଳ । ଏଠି ତ ମୁଁ ଶ୍ୱାସରୁଦ୍ଧ ହୋଇଯିବି ।

ଗଦାଧର : ଆପଣଙ୍କ ସହର ଏ ଗାଁଠୁ ଶତଗୁଣେ ଭଲ । ଆପଣ ସେଠି ଶାନ୍ତିରେ ଅଛନ୍ତି । ଆରାମରେ ଅଛନ୍ତି । କାହା ସାଙ୍ଗରେ ସମ୍ପର୍କ ନାଇଁ, ଭଲ ହୋଇଚି । ଏଠି ଗାଁକୁ ଭଲପାଇ ବସିଲେ ନିଜେ ଠକିଯିବେ । ଯେଉଁମାନେ ଆପଣଙ୍କ ନିକଟକୁ ଆସିବେ, ସେମାନେ ଖାଲି ଆସିବେ ସ୍ୱାର୍ଥ ହାସଲ ପାଇଁ । ସ୍ୱାର୍ଥ ସରିଗଲେ ଆପଣଙ୍କର ସର୍ବନାଶ କରିବାକୁ ଟିକିଏ ବି କୁଣ୍ଠିତ ହେବେନି ।

ପ୍ରଭାକର : ସେ କଥା ତ ପ୍ରତ୍ୟକ୍ଷରେ ଦେଖୁଚି । ଏଇତ ଯୁବକମାନେ କହିଗଲେ, ମୁଁ ଟଙ୍କା ଦେଲେ ମୋ ସହିତ ସହଯୋଗ କରିବେ । ନଚେତ୍ ମୋତେ ସହର ବାଟ ଦେଖାଇଦେବେ ।

ଶକୁନ୍ତଳା : (ପ୍ରବେଶି) ସହର ବାଟ ସେମାନେ ଆମକୁ ଦେଖେଇଦେବା ପୂର୍ବରୁ ଆମେ ନିଜେ ନିଜେ ସହର ବାଟ ଦେଖିବା ଭଲ । ମୁଁ ମନା କରୁଚି ଗାଁକୁ ଯିବାନି । ତମେ କଣ ଶୁଣିଲ ? ଗାଁକୁ ଭଜି ହେବାର ଫଳ ଏବେ ପାଅ । ମୁଁ କହୁଚି କୌଣସି ଗଣ୍ଡଗୋଳ ଭିତରେ ପଶିବାନି ।

ପ୍ରଭାକର : ଗଣ୍ଡଗୋଳ ଭିତରେ ଆଉ ପଶିଲେ କଣ ?

ଶକୁନ୍ତଳା : ଗଣ୍ଡଗୋଳ ଭିତରେ ପଶିନ ତ ଆଉ କରିଚ କଣ ? ମୋତେ ପୁଣି ଏ ବୟସରେ ଏ କଥା ଶୁଣିବାକୁ ଥିଲା । ହଉ ଛାଡ଼, ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି । ଏଥର ଗଣ୍ଠୁଲି ପତ୍ର ବାନ୍ଧିବା ।

ଗଦାଧର : ମୁଁ ଯାଉଛି ବାବୁ । ପରେ ଆସିବି । (ପ୍ରସ୍ଥାନ)

ପ୍ରଭାକର : କଣ ହୋଇଛି କହୁନ, କିଏ ତମକୁ କଣ କହିଲା ?

ଶକୁନ୍ତଳା : କହିବ ଆଉ କିଏ ? ଏଇ ଆମର ପୁତୁରା । ଯାହାକୁ ପିଲାଦିନେ କାଖେଇ କୋଳେଇ ମଣିଷ କରିଥିଲି ।

ପ୍ରଭାକର : ବନୁ ? କଣ କହିଲା ? ତମେ ଯାଇଥିଲ କି ତାଙ୍କ ଘରଆଡ଼େ ?

ଶକୁନ୍ତଳା : ଏଇତ ଫେରିଲି । ବନୁ ପଚାରିଲା - ଖୁଡ଼ୀ, ତମେ କଣ ସତକୁ ସତ ଏଠି ରହିବାକୁ ସ୍ଥିର କରିଚ ? ମୁଁ କହିଲି - ସହରରେ ତ ଘରଦ୍ୱାର ନାଇଁ, ଆଉ କ'ଣ କରିବୁ ? ସାଙ୍ଗେ ସାଙ୍ଗେ କହିଲା - କାହିଁକି ଏ ଦୁର୍ବୁଦ୍ଧି ଜୁଟିଲା ? ଏଠି ରହିଲେ ଖାଇବା କଣ ?

ପ୍ରଭାକର : କାହିଁକି ?

ଶକୁନ୍ତଳା : ସେ କହୁଚି ତମର ତ ଆଉ ଜମିବୋଲି କିଛି ନାଇଁ । ଏଠି କଣ ଚାଉଳ କିଣି ଖାଇବ ?

ପ୍ରଭାକର : କାହିଁକି ? ଆମ ଜମି ସବୁ କୁଆଡ଼େ ଗଲା କି ?

ଶକୁନ୍ତଳା : ଆମର କିଛି ଜମି ରୟତମାନେ ମାଡ଼ି ବସିଛନ୍ତି । ସେମାନେ ତ ଛାଡ଼ିବାର ପ୍ରଶ୍ନ ନାଇଁ । ଆଉ ବାକି ଯୋଉ ଜମି ହାତ ଚାଷରେ, ବନୁ ଚାଷ କରୁଥିଲା, ସେ ଜମି ତାର ହୋଇଯାଇଚି । ସେ ଜମିରେ ଆମର କିଛି ଅଧିକାର ନାଇଁ ।

ପ୍ରଭାକର : କି ଆଶ୍ଚର୍ଯ୍ୟ କଥା । ଚାଷ କରୁଥିଲା ବୋଲି ଜମି ତାର ହୋଇଗଲା ? ଏତେ ବର୍ଷ ଧରି ଆମେ ପୁତୁରା ବୋଲି ଜମିଟାକୁ ଛାଡ଼ି ଦେଇଚୁ । ମୁଠାଏ ଚାଉଳ ବି ନେଇନୁ ।

ଶକୁନ୍ତଳା : ସେଇ ପୁତୁରାତ ଆଜି ଜବାବ ଦଉଚି - କକାଙ୍କୁ କହିଦବ, ଭୁଲ୍‌ରେ ସୁଦ୍ଧା ସେ ଜମି ଉପରକୁ ଯିବେନି । ଗଲେ ଅବସ୍ଥା ଆଜି ଖରାପ ହେବ ।

ପ୍ରଭାକର : ଏ କଥା ବନୁ କହିପାରିଲା ? ଏଇ ହାତରେ ତାକୁ ମଣିଷ କରିଚି ପାଠ ପଢ଼େଇଚି ।

ଶକୁନ୍ତଳା : କାଇଁକି ଆଉ ସେ ପୁରୁଣା କଥାଗୁଡ଼ାକ ମନେ ପକାଉଚ ? ପୁଣି କହିଲା କଣ ଜାଣ ? କକା ତ ଭଲ ଚାକିରୀ କରିଥିଲେ । ତାଙ୍କ ସାଙ୍ଗର ଲୋକେ ସହରରେ କୋଠାବାଡ଼ି କରିଛନ୍ତି, ଗାଡ଼ି ଚଢୁଛନ୍ତି ଆଉ ଇଏ ନିଜ ଅଯୋଗ୍ୟତାରୁ କିଛି ରୋଜଗାର କରି ପାରିଲେନି ବୋଲି ଆଜି ଗାଁକୁ ଦୌଡ଼ି ଆସିଛନ୍ତି ଶେଷବେଳକୁ । ଗାଁରେ କଣ ଅଛି ?

ପ୍ରଭାକର : ହଁ, ସତରେ ଗାଁରେ ମୋର ଆଉ କଣ ଅଛି ଝିଅ ଦି'ଟା ତ ବିଦା ହୋଇଗଲେଣି । ଯୋଉ ସ୍ନେହ ଶ୍ରଦ୍ଧା ଟିକକ ପାଇବି ବୋଲି ମୋର ପ୍ରିୟ ଜନ୍ମଭୂମିକୁ ଏ ବୟସରେ ଧାଇଁ ଆସିଥିଲି ଯୋଉ ସମ୍ମାନ ଏଠୁ ପାଇବି ବୋଲି ଭାବିଥିଲି, ତାର ସବୁ ପାଇଗଲି । ଆଉ କିଛି ମୋର ଲୋଡ଼ା ନାହିଁ । ଗୋଟାଏ ଅଯୋଗ୍ୟ ଲୋକ ପାଇଁ ସତରେ ଏଠି ସ୍ଥାନ ନାଇଁ । ଅନ୍ୟମାନଙ୍କ ଉପହାସ ସହିବା ଅପେକ୍ଷା -

(ଦୃଶ୍ୟାନ୍ତର)

(ପ୍ରଭାକର ଓ ଶକୁନ୍ତଳା ଗାଁ ଛାଡ଼ ଚାଲି ଯାଉଛନ୍ତି ।)

ପ୍ରଭାକର : ଶକୁନ୍ତଳା । ଏଇଠି ଟିକିଏ ଠିଆ ହୋଇଯାଅ । ଏଇ ଆମ ଗାଁର ଠାକୁର ମନ୍ଦିର । ଶେଷଥର ପାଇଁ ଠାକୁରଙ୍କୁ ପ୍ରଣାମ କରିଯିବା । ପିଲାଦିନେ କେତେ ମୁଣ୍ଡିଆ ମାରିଚି ଠାକୁରଙ୍କୁ । ମୋତେ ପାଠ ଦିଅ । ବଡ଼ ମଣିଷ କର । (ଟିକିଏ ରହି) ମୁଁ ସତରେ କିଛି ହୋଇ ପାରିଲିନି । ଗାଁର ଋଣ ଅଶୁଝା ରହିଗଲା ମୋର ।

ଶକୁନ୍ତଳା : କାଇଁକି ଆଉ ସେକଥା ମନେ ପକଉଚ । ଛାଡି କଣ ହୋଇ ଯାଉଚି ।

ପ୍ରଭାକର : ଯୋଉ ଗାଁକୁ ପ୍ରାଣ ଭରି ଭଲ ପାଇଥିଲି, ଯାହା କୋଳରେ ନାଚିକୁଦି ମଣିଷ ହୋଇଥିଲି ସେଇ ଗାଁର ମଧୁର ସ୍ମୃତି ଟିକକ ଧରି ଏବେବି ମନ୍ଦିର ଆଗରେ ଏକ ରଙ୍ଗ କନିଅର ଗଛଟି ଠିଆ ହୋଇଚି । ଯାହା ଉପରେ ପିଲାଦିନେ କେତେ ଡାଳମାଙ୍କୁଡ଼ି ଖେଳୁଥିଲି - ଡାଳ ଭାଙ୍ଗି ଫୁଲ ତୋଳୁଥିଲି - (ହଠାତ୍ କଣ୍ଠ ବାଷ୍ପାକୁଳ ହୋଇଗଲା । ଏତିକିବେଳେ ଗୋଟିଏ ଛୋଟପିଲା ପଢୁଥିବାର ଶୁଣାଗଲା ।)

"ଛାଡ଼ି ବଂଧୁ ନଗର ଗହଳ
ଚାଲିଯିବା ସେହି ସ୍ଥାନେ ଗୋପାଳ କୃଷକମାନେ
ଆନନ୍ଦେ କାଟନ୍ତି ଦିନ ସୁଖେନ୍ଦୁ ବିମଳ
ଯାହାଙ୍କର ଚିତ୍ତାକାଶ ସର୍ବଦା ଉଜ୍ଜ୍ୱଳ ।"

## ୧୭.୪ ନାଟ୍ୟକାରଙ୍କ ପରିଚୟ :

ଓଡ଼ିଆ ନାଟ୍ୟଜଗତରେ ୧୯୮୦ ଦଶକ ପରବର୍ତ୍ତୀ କାଳର, ଜଣେ ସଫଳ ନାଟ୍ୟକାର ହେଉଛନ୍ତି ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ । ସ୍ୱକୀୟ ମୌଳିକ ଦୃଷ୍ଟିଭଙ୍ଗୀ ଓ ନିଆର ବିଚାର ଧାରାର ଏହି ନାଟ୍ୟକାର ଇତିହାସ, କିମ୍ବଦନ୍ତୀ ଓ ପୁରାଣର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇ ସୃଷ୍ଟି କରିଛନ୍ତି ଅଜସ୍ର ନାଟକ ଓ ଏକାଙ୍କିକା । ଇତିହାସ ଓ ପୁରାଣର ମୂଳଦୁଆ ଉପରେ ନାଟ୍ୟକାର, ଚଳନ୍ତି ସମୟର ଚିତ୍ର ଓ ଚରିତ୍ରମାନଙ୍କୁ ଅତି ଜୀବନ୍ତ ଓ ବାସ୍ତବ କରି ଗଢ଼ି ତୋଳିବାରେ ସମର୍ଥ ଓ ସଫଳ ହୋଇଛନ୍ତି । ନାଟ୍ୟକାରଙ୍କ ଦ୍ୱାରା ରଚିତ ନାଟକ ଗୁଡ଼ିକ ମଧ୍ୟରେ ସତ୍ୟସଂଶୟ ସାଲବେଗ, ମଧ୍ୟପାତ୍ର, ଭୀମଭୋଇଙ୍କ ସନ୍ଧାନରେ, ସ୍ୱର୍ଗାରୋହଣ, ନିରାପଦ ଭବିଷ୍ୟତ, କଲୁରୀବେଣ୍ଟ, କଲମ୍ବସ୍, ମୁଣ୍ଡ ଉପରେ ଛାତ, ପ୍ରଭୃତି ତାଙ୍କ ନାଟ୍ୟପ୍ରତିଭାର ସ୍ୱାକ୍ଷର ବହନ କରେ ।

ନାଟ୍ୟକାର ଡକ୍ଟର ହରିଚନ୍ଦନ, କେବଳ ଯେ ନାଟ୍ୟ ରଚନା କ୍ଷେତ୍ରରେ ସଫଳତା ଅର୍ଜ୍ଜନ କରିଛନ୍ତି ତା' ନୁହେଁ ବରଂ ଉଚ୍ଚକୋଟୀର ଏକାଙ୍କିକା ରଚନା କରି ଓଡ଼ିଆ ଏକାଙ୍କିକା ସାହିତ୍ୟକୁ ଏକ ସମ୍ମାନ ଜନକ ସ୍ଥିତିରେ ପହଞ୍ଚାଇବାରେ ସହାୟ ହୋଇଛନ୍ତି । ତାଙ୍କ ରଚିତ ଏକାଙ୍କିକା ଗୁଡ଼ିକ ମଧ୍ୟରେ, ପୁଣ୍ୟଭୂମି ଭାରତ, ବତାସ ନିସ୍ତବ୍ଧ ଆଜି, ଆଶ୍ଚର୍ଯ୍ୟ ମଣିଷ, ବରଗଛ, ରାସ୍ତା ନାହିଁ, ଦିନ ଦିନ ଶେଷଦିନ, ନିରୁତାପ ବିଷ୍ଣୁକଳା, ଶୂନ୍ୟଘର, ମୂକମୈନାକ, ଅରଣ୍ୟର ଅଶ୍ରୁ ପ୍ରଭୃତି ବେଶ୍ ଉଲ୍ଲେଖ ଯୋଗ୍ୟ ।

## ୧୭.୫ କଥାବସ୍ତୁ :

ଏକାଙ୍କିକା "ରାଜପଥ ଗ୍ରାମପଥ" ବଦଳି ଯାଉଥିବା ବିଚାର ଧାରା ଓ ମୂଲ୍ୟବୋଧର ବାସ୍ତବ ଚିତ୍ର ବହନ କରେ । ଜନୈକ ସଦ୍ୟ ଅବସର ପ୍ରାପ୍ତ ସରକାରୀ କିରାଣୀ ପ୍ରଭାକର ବାବୁଙ୍କ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ଚିତ୍ର ଏକାଙ୍କିକାଟିକୁ ଜୀବନ୍ତ ଓ ପ୍ରାଣସ୍ପର୍ଶୀ କରି ଗଢ଼ି ତୋଳିଛି । ଅବସର ପରେ କେଉଁଠି ରହିବେ ସେ ନେଇ ସେ ଦ୍ୱିଧାଗ୍ରସ୍ତ । ସହରର କୃତ୍ରିମ ଓ ପ୍ରତାରଣା ପୂର୍ଣ୍ଣ ବାତାବରଣରେ ସେ ଅଣନିଶ୍ୱାସୀ ହୋଇପଡୁଛନ୍ତି । ଚାକରୀ କାଳ ମଧ୍ୟରେ ଅସାଧୁ ଉପାୟରେ ପଇସା ରୋଜଗାରର ବହୁ ସୁଯୋଗ ଥିଲେ ମଧ୍ୟ ସେ ତା'ର ଫାଇଦା ଉଠାଇବାର ଚେଷ୍ଟା କରିନାହାନ୍ତି କି ଅସତ ଅର୍ଜ୍ଜିତ ଅର୍ଥରେ ସହରରେ ଘର ଖଣ୍ଡିଏ ସେ କରିପାରିନାହାନ୍ତି । ଜଣେ ସାଧୁ, ସଚ୍ଚୋଟ, ନିର୍ଭୀକ ଓ ନୀତିବାନ ସରକାରୀ କର୍ମଚାରୀ ଭାବେ ନିଜର ଚରିତ୍ର ଓ ସ୍ୱଭାବକୁ ଶେଷ ପର୍ଯ୍ୟନ୍ତ ସେ ସ୍ୱଚ୍ଛ ଓ ନିଷ୍କଳଙ୍କ କରି ରଖିପାରିଛନ୍ତି । ପିଲାଦିନ ତାଙ୍କର ଗାଁରେ କଟିଥିବାରୁ ପଲ୍ଲୀ ଜୀବନର ଶାନ୍ତ, ସରଳ ଜୀବନର ଚିତ୍ର ଏବେବି ତାଙ୍କୁ ମୁଗ୍ଧ ବିଭୋର କରିଥାଏ । ଅବସର ପରେ ଗାଁ'ର ସେହି ଶାନ୍ତ ସମାହିତ ବାତାବରଣରେ ଘରଟିଏ କରି ସହରର ଦୂଷିତ ଓ କଳୁଷିତ ବାତାବରଣରୁ ନିଜକୁ ଦୂରେଇ ରଖିବାକୁ ସେ ଅନେକ ଦିନରୁ ସ୍ୱପ୍ନ ଦେଖି ଆସିଛନ୍ତି । ପତ୍ନୀ ଶକୁନ୍ତଳା ଓ ଶାଳକ ନଟବରଙ୍କର ପରାମର୍ଶକୁ ସେ ବାରଂବାର ଅଗ୍ରାହ୍ୟ କରିଛନ୍ତି । ହଠାତ୍ ଦିନେ ପ୍ରଭାକରଙ୍କ ଅଫିସରୁ ଦୁଇ ଯୁବ କିରାଣି ଆସି ତାଙ୍କ ଉଦ୍ଦେଶ୍ୟରେ ଅୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭା ପାଇଁ ପାଞ୍ଚ ଶହ ଟଙ୍କା ଚାନ୍ଦା ମାଗନ୍ତି । ଏହି କଥାରେ କ୍ଷୁବ୍ଧ ହୋଇ ଉଠନ୍ତି ପ୍ରଭାକର ଓ ନିଜର ବିଦାୟ ସଭା ନିଜେ ଆୟୋଜନ କରିବାର ଧାରାକୁ ଘୋର ବିରୋଧ କରି ସେମାନଙ୍କୁ ଫେରିଯିବାକୁ କହନ୍ତି । ଘଟଣାଟି ଘଟିବାର ପର ମୂହୁର୍ତ୍ତରେ ପ୍ରଭାକର ଗାଁରେ ଘର କରି ରହିବାର ଦୃଢ଼ ସଂକଳ୍ପ ନିଅନ୍ତି । ଅନେକ ଆଶା ଓ ସ୍ୱପ୍ନ ନେଇ ପତି-ପତ୍ନୀ ଦୁହେଁ ଗାଁରେ ପହଞ୍ଚନ୍ତି । ଗାଁରେ





ପହଞ୍ଚି ପିଲାଦିନର ସାଙ୍ଗ ଗଦାଧରଠାରୁ ସେଠାକାର ଜଟିଳ ଓ ବିଶୃଙ୍ଖଳିତ ପରିସ୍ଥିତି ସମ୍ପର୍କରେ ଅବହିତ ହୁଅନ୍ତି । ରାଜନୀତି କିପରି ଆଜିର ଗ୍ରାମୀଣ ପରିବେଶକୁ ତିକ୍ତ ଓ ଅଶାନ୍ତ କରି ଗଢ଼ିତୋଳିଛି ତା'ର ସ୍ପଷ୍ଟ ଚିତ୍ର ଗଦାଧରଠୁ ପାଇ ପ୍ରଭାକର ଭାଙ୍ଗି ପଡ଼ନ୍ତି ଓ ଦୁଇ ଦଳରେ ବିଭକ୍ତ ହୋଇଥିବା ଗ୍ରାମ୍ୟ ଜନତାଙ୍କୁ ପୁଣିଥରେ ଏକ୍‌ଜୁଟ କରିବାର ପ୍ରୟାସ କରନ୍ତି । ଗାଁ ଯୁବକ ସଂଘର ଯୁବକମାନଙ୍କ ଦ୍ୱାରା ସଭ୍ୟ ଚାନ୍ଦା ଆଦାୟ ପାଇଁ ଧମକପୂର୍ଣ୍ଣ ଓ ଅଶାଳୀନ ବ୍ୟବହାର ତାଙ୍କର ସମସ୍ତ ଆସ୍ଥା ଓ ବିଶ୍ୱାସକୁ ଭାଙ୍ଗିରୁଜି ଚୁରମାର କରିଦିଏ । ଶେଷରେ ପ୍ରଭାକର ଭଗ୍ନ ମନୋରଥ ହୋଇ ନିରାଶା ଓ ହତାଶାରେ ଭରା ମନକୁ ନେଇ ସହରକୁ ଫେରିଆସନ୍ତି । ପ୍ରଭାକର, ଗାଁ ଅପେକ୍ଷା ସହରକୁ ଅଧିକ ନିରାପଦ ମଣନ୍ତି । ସମଗ୍ର ଏକାଙ୍କିକାଟିରେ ପ୍ରଦର୍ଶିତ ଚଳନ୍ତି ସମୟର ବାସ୍ତବ ଚିତ୍ର ଅତି ନିଖୁଣ ଭାବେ ପରିକଳ୍ପିତ ଓ ଉପସ୍ଥାପିତ । ରାଜପଥ ହେଉ କି ଗ୍ରାମପଥ ହେଉ କେଉଁଠି ବି ଆଜିର ସମୟରେ ଶାନ୍ତି ନାହିଁ । ସବୁଠି ଅବିଶ୍ୱାସ ଓ ଆତ୍ମକୈନ୍ଦ୍ରିକତାର ରାଜୁତି । ପ୍ରଭାକରଙ୍କ ଭଳି ଶାନ୍ତି ଓ ମୈତ୍ରୀ ସଂଧାନୀ ମଣିଷମାନେ ଆଜିର ସମୟରେ ସବୁଠି ଉପହସିତ ଓ ଉପେକ୍ଷିତ ।

## ୧୭.୬ ଏକାଙ୍କିକାଟିର ଚରିତ୍ରଗଣ :

ସମଗ୍ର ଏକାଙ୍କିକାଟିରେ ଯେଉଁ ତିନୋଟି କେନ୍ଦ୍ରୀୟ ଚରିତ୍ର ଦେଖିବାକୁ ମିଳନ୍ତି (ପ୍ରଭାକର, ଶକୁନ୍ତଳା, ନଟବର) ସେମାନଙ୍କ ମଧ୍ୟରେ ଏକମାତ୍ର ପ୍ରଭାକରହିଁ ପ୍ରଧାନ ଓ ପ୍ରତିନିଧି ସ୍ଥାନୀୟ । ମହେନ୍ଦ୍ର, ସୁଧୀର, ପ୍ରଥମ ଯୁବକ ଓ ଦ୍ୱିତୀୟ ଯୁବକ ଏହି ଚାରିଜଣ ଏକାଙ୍କିକାଟିର ଗୌଣ ଚରିତ୍ର । କଥାବସ୍ତୁର ଗତି, ପ୍ରଗତି ଓ ପରିଣତିର କାରଣ ପ୍ରଭାକର ହୋଇଥିବାରୁ ଏଠାରେ ସେହି ଏକମାତ୍ର ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟର ବିଶ୍ଳେଷଣ କରାଗଲା ।

ପ୍ରଭାକର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ସାଧୁ, ସଚ୍ଚୋଟ, ନିର୍ଭୀକ, କର୍ତ୍ତବ୍ୟନିଷ୍ଠ ଓ ସ୍ୱାଭିମାନୀ ବ୍ୟକ୍ତିତ୍ୱର ଅଧିକାରୀ ସେ । ଚାକରୀ କାଳ ମଧ୍ୟରେ ସେ ଦୁଇଟି କଥାରେ ଅସନ୍ତୁଷ୍ଟ, ଗୋଟିଏ ନିଜେ କାମକରୁଥିବା କାର୍ଯ୍ୟାଳୟର କାର୍ଯ୍ୟଧାରା ଓ ପରିବେଶ, ଅନ୍ୟଟି ସହରୀ ଜୀବନର କୃତ୍ରିମତା ଓ ଲୋକଦେଖାଣିଆ ଫମ୍ପା ଆଦର୍ଶବୋଧ । ଏସବୁରୁ ମୁକ୍ତି ପାଇବାପାଇଁ ସେ ଗାଉଁଲୀ ଜୀବନର ସରଳ ଓ ନିଷ୍କପଟ ଦୁନିଆକୁ ଫେରିଯିବାକୁ ଚାହାନ୍ତି । ପତ୍ନୀ ଶକୁନ୍ତଳା ଓ ଶାଳକ ନଟବରର ପରାମର୍ଶକୁ ସେ ସବୁବେଳେ ଅଗ୍ରାହ୍ୟ କରିଆସିଛନ୍ତି । ସେଇ ଗୋଟିଏ ଜିଦ୍ ଗାଁ ମାଟିର ଶାନ୍ତ-ସମାହିତ ପରିବେଶରେ ଜୀବନର ଶେଷ ସମୟତକ ଶାନ୍ତିରେ ନିଃଶ୍ୱାସ ମାରିବେ । ପିଲାଦିନେ ଗାଁରେ କାଟିଥିବାରୁ ସେଠାର ପରିବେଶ ଓ ପରିବେଷ୍ଟନୀର ଆନନ୍ଦ ବିଭୋର ଚିତ୍ର ତାଙ୍କ ମାନସ ପଟରେ ସବୁବେଳେ ଉଙ୍କି ମାରୁଥାଏ । ନିଜ ଅଫିସର ଦୁଇଜଣ କର୍ମଚାରୀ ଯେତେବେଳେ ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଦାୟ ସଭାପାଇଁ ତାଙ୍କଠୁ ଚାନ୍ଦା ମାଗନ୍ତି ପ୍ରଭାକରଙ୍କର ସହର ବିରୋଧୀ ଭାବନା ଚରମ ଅବସ୍ଥାରେ ପହଞ୍ଚେ । ଅଯଥା ପ୍ରସଂଶା ଓ ଖୋସାମତିକୁ ଯେ ସାରା ଜୀବନ ଘୃଣା କରି ଆସିଛି, ସେ ପୁଣି ନିଜ ବିଦାୟ ସଭାର ଆୟୋଜନ ନିଜ ତରଫରୁ କରିବେ ? ଏକଥା ପ୍ରଭାକର ଆଦୌ ଗ୍ରହଣ କରିପାରନ୍ତି ନାହିଁ । ନିଜ ପୈତୃକ ଗାଁ ମାଟିର ସ୍ମୃତି ତାଙ୍କୁ ପୁଣି ଥରେ ଉଦ୍‌ବେଳିତ କରେ । ଅନେକ ଆଶା ଆଉ ସ୍ୱପ୍ନରେ ମତୁଆଲା ହୋଇ ସେ ପତ୍ନୀ ଶକୁନ୍ତଳାଙ୍କ ସହ ଫେରିଆସନ୍ତି ଗାଁ ମାଟିକୁ । କିନ୍ତୁ ଗାଁରେ ପହଞ୍ଚି ସେ, ସହରଠାରୁ ଆହୁରି ଭୟଙ୍କର ସ୍ଥିତିର ସଂବଧଠୁ ଦୂରେଇ ଯାଇ ପରସ୍ପରର ଶତ୍ରୁ ପାଲଟି ଯାଇଛନ୍ତି । ଗାଁର ଏକତା ଓ ପୂର୍ବର ଭ୍ରାତୃତ୍ୱର ବନ୍ଧନ

ଛିନ୍ନ ବିଚ୍ଛିନ୍ନ ହୋଇଯାଇଛି । ଗାଁର ଯୁବ ପିଢ଼ି, ଯୁବକ ସଂଘ ଗଢ଼ି ଗାଁର ଉନ୍ନତି କରିବେ କଣ ନା ଗ୍ରାମୀଣ ଶାନ୍ତି ଓ ପ୍ରଗତିର ବାଧକ ହୋଇ ଠିଆ ହୋଇଛନ୍ତି । ଗୁରୁ ଗୁରୁଜନର ପୂର୍ବର ମାନ୍ୟତା ତାର ଗୌରବ ହରାଇଛି । ଯୁବପିଢ଼ି ଅଶାଳୀନତା ଓ ଅପସଂସ୍କୃତିକୁ ଆପଣେଇ ନେଇଛନ୍ତି । ମଦ୍ୟପାନ ଓ ନାରୀମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ସହ ଭୟ ଓ ଆତଙ୍କ ସୃଷ୍ଟିର କାରଣ ସାଜିଛନ୍ତି ଏମାନେ । ପ୍ରଭାକର ଗାଁ ମାଟିର ଏପରି ଅବସ୍ଥା ଦେଖି ବୀତସ୍ପୃହ ହୋଇ ପଡ଼ିଛନ୍ତି ଓ ପରସ୍ଥିତିର ମୁକାବିଲା କରି ଗ୍ରାମ୍ୟ ଜୀବନରେ ପୁଣିଥରେ ଶାନ୍ତି ଓ ସହାବସ୍ଥାନର ପରିମଣ୍ଡଳ ସୃଷ୍ଟି ପାଇଁ ଅଣ୍ଟା ଭିଡ଼ିଛନ୍ତି । କିନ୍ତୁ ସବୁ ଚେଷ୍ଟା ତାଙ୍କର ବିଫଳ ହୋଇଛି । ପରିଶେଷରେ ପ୍ରଭାକର, ଆଜିର ସମୟରେ ନିଜର ଅତୀତର ପ୍ରିୟ ଗାଁ ମାଟି ଅପେକ୍ଷା ସହର ବରଂ ଅଧିକ ନିରାପଦ ବୋଲି ବୁଝି ପାରିଛନ୍ତି । ଜୀବନ ତମାମ ଅନ୍ୟାୟ-ଅନୀତି, ଶୋଷଣ-ପେଷଣ, ଭ୍ରଷ୍ଟାଚାର ଓ ଖୋସାମତିକୁ ଘୃଣା କରିଆସିଥିବା ପ୍ରଭାକର ଜୀବନର ଅନ୍ତିମ ପର୍ବରେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ନୈରାଶ୍ୟ ଓ ହତାଶାର ବିଷବାଷ୍ପରେ ଜଳି ପୋଡ଼ି ଛାରଖାର ହୋଇଯାଇଛି । ଜଣେ ପରାଜିତ ସୈନିକ ପରି ଶେଷକୁ ସେ ହାର ମାନିଯାଇଛନ୍ତି । ଏହା ଛଡ଼ା ତାଙ୍କ ନିକଟରେ ଆଉ କିଛି ଉପାୟ ନଥିଲା । ଚଳନ୍ତି ସମୟରେ ବିଚାରଧାରା ଓ ଆଦର୍ଶ ବୋଧ ଅତୀତର ଉଚ୍ଚ ଓ ଉଦାର ମାନସିକତାର ସ୍ଥାନ ନେଇସାରିଛି, ପ୍ରଭାକରଙ୍କୁ ଏକ କଥା ବୁଝିବାକୁ ଆଉ ବେଶୀ ସମୟ ଲାଗିନାହିଁ । ସେଇଥିପାଇଁ ଗାଁ ମାଟିର ବିକୃତ-ବିକଳାଙ୍ଗ ଓ ନଷ୍ଟପ୍ରାୟ ବିକ୍ଷିପ୍ତ ଜୀବନ ଧାରାକୁ ଚିରକାଳ ତ୍ୟାଗ କରି, ସହରର କୃତ୍ରିମ ଓ ନିସଂଗ ଜୀବନକୁ ସେ ଶ୍ରେଷ୍ଠତର ବୋଲି ବିଚାରିଛନ୍ତି । ପରିବେଶ ଓ ପରିସ୍ଥିତିର ଚାପରେ ପ୍ରଭାକର ଚରିତ୍ରର ମାନସିକ ସ୍ତରରେ ଯେଉଁ ପରିବର୍ତ୍ତନ ଆସିଛି ତାହା ଅତ୍ୟନ୍ତ ସ୍ୱାଭାବିକ ଓ ବାସ୍ତବ ।

## ୧୭.୭ ପାଠାନ୍ତ ପ୍ରଶ୍ନ (ଦୀର୍ଘ):

୧. ଆଜିର ସମୟରେ ଉଭୟ ଗାଁ ଓ ସହରୀ ଜୀବନଧାରାରେ ଆସିଥିବା ପରିବର୍ତ୍ତନ ସଂପର୍କରେ ଆଲୋଚନା କର ।

୨. ଗାଁ ଅପେକ୍ଷା ସହର ଅଧିକ ନିରାପଦ - ଉକ୍ତିଟିର ଯଥାର୍ଥତା ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

୩. ପ୍ରଭାକର ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର ।

୪. ଜଣେ ଅବସର ପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତା ପଠିତ ଏକାଙ୍କିକାଟିରେ ପ୍ରତିଫଳିତ ଆଲୋଚନା କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ):

୧. ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

୨. ସମସ୍ତେ ତ ସେଇ ଏକା ଲାଉର ମଞ୍ଜି । କେଉଁମାନେ ?

୩. ଆଜିକାଲି କେଉଁମାନଙ୍କ ଯୋଗୁଁ ସମସ୍ତେ ବାଧ୍ୟ ହୋଇ ନିଜ ନିଜର ସଂବର୍ଦ୍ଧନା ଯୋଗାଡ଼ କରୁଛନ୍ତି ?

୪. ହାୟରେ ହତଭାଗା ସଭ୍ୟତା - ଏହା କିଏ କାହାକୁ କହିଛି ?

୫. ପ୍ରଭାକର ଗାଁରେ କଣ ଖୋଜିବେ ବୋଲି କହିଛନ୍ତି ?

୬. ଆଜିକାଲି ଗାଁ ଲୋକଙ୍କର କେଉଁ କଥାକୁ ସମୟ ନାହିଁ ?

୭. ଯୁବକମାନଙ୍କ ନିକଟରେ ଶକ୍ତି ଅଛି କ'ଣ କରିବାପାଇଁ ?

୮. କେଉଁମାନଙ୍କ ପଇସା ଯୁବଗୋଷ୍ଠୀ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ?

୯. ଗାଁରେ ତିଷ୍ଠି ରହିବାକୁ ହେଲେ କଣ କରିବାକୁ ପଡ଼ିବ ?

୧୦. ଆଜିର ସମୟରେ ଗାଁର ବଞ୍ଚିବାର ସାର୍ଥକତା କାହିଁକି ନାହିଁ ?

## ୧୭.୮ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

୧. ଜୀବନର ପ୍ରତିଟି ମୁହୂର୍ତ୍ତ ................ରେ ଭରା ?

(ଦୁଃଖ, ସୁଖ, ରୋମାଞ୍ଚ, ବିଷାଦ)

୫. ..............ର ମନଟା ତଟୁ ଘୋଡ଼ା ?

(ପ୍ରଭାକର, ନଟବର, ଶକୁନ୍ତଳା, ନରହରି)

୬. ବୁଢ଼ାବୟସରେ ପ୍ରଭାକର ..............କୁ ଦଉଡୁଛନ୍ତି ?

(ଘରକୁ, ହାଟକୁ, ଚାଷଜମିକୁ, ଗାଁର ପାଣିକାଦୁଅକୁ)

୧୦. .....................କୁ ଆଜିର କାଲିର କର୍ମଚାରୀମାନେ ଏକମାତ୍ର କର୍ତ୍ତବ୍ୟ ରୂପେ ଧରିନେଇଛନ୍ତି ?

(ଲାଞ୍ଚ, ମିଛ, ଖୋସାମତି, ହୀନ ରାଜନୀତି)

୧୩. ପ୍ରଭାକରଙ୍କୁ ଯୁବକମାନେ ................ ମାଗୁଥିଲେ ।

(ପୂଜା ଚାନ୍ଦା, ବାର୍ଷିକ ଚାନ୍ଦା, କ୍ଲବ୍ ଚାନ୍ଦା, ପ୍ରାଥମିକ ସଭ୍ୟ ଚାନ୍ଦା)

## ୧୭.୯ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର:

୧. ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର ଗଧ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ।

୨. ପ୍ରମୋସନ ପାଇ କିରାଣୀ ହୋଇଥିବା କିରାଣୀମାନେ ସମସ୍ତେ ଏକା ଲାଉର ମଞ୍ଜି ବୋଲି କୁହାଯାଇଛି ।

୩. ଆପଣା ସୁଖୀ ଲୋକମାନଙ୍କୁ ଆଜିକାଲି ସମସ୍ତେ ବାଧ ହୋଇ ନିଜ ନିଜର ସମ୍ବର୍ଦ୍ଧନା ଯୋଗାଡ଼ କରୁଛନ୍ତି ।

୪. ହାୟରେ ହତଭାଗା ସଭ୍ୟତା ବୋଲି ପ୍ରଭାକର ସୁଧୀର ଓ ମହେନ୍ଦ୍ରକୁ କହିଛି ।

୫. ପ୍ରଭାକର ତାଙ୍କର ପିଲାଦିନକୁ ଗାଁରେ ଖୋଜିବେ ବୋଲି କହିଛନ୍ତି । କାରଣ ଗାଁ ପ୍ରତି ତାଙ୍କର ବିଶେଷ ମୋହ ରହିଛି ।

୬. ଆଜିକାଲି ଗାଁରେ ଏକାଠି ହେବାକୁ ଏବଂ ଏକାଠି ହୋଇ ଖୁସି ହେବାକୁ କାହା ପାଖରେ ସମୟ ନାହିଁ । କାରଣ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ।

୭. ଆଜିର ଯୁବକମାନଙ୍କ ନିକଟରେ ବହୁତ ଶକ୍ତି ଅଛି ନୂଆ କିଛି କରିବାକୁ । ଗାଁକୁ ନୂଆ ବାଟ ଦେଖାଇବାକୁ ଏବଂ ଗାଁର ରୂପ ବଦଳାଇବାକୁ ।

୮. ଯେଉଁମାନେ ଲୁଟିପୁଟି ଖାଉଛନ୍ତି ସେମାନଙ୍କ ପଇସା ଯୁବଗୋଷ୍ଠୀ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ।

୯. ଗାଁରେ ତିଷ୍ଠିବାକୁ ହେଲେ ଯୁବଗୋଷ୍ଠୀଙ୍କ ସହିତ ହାତ ମିଳାଇବାକୁ ହେବ ବୋଲି ମତ ଦିଆଯାଇଛି ।

୧୦. ଆଜିକାଲି ଗାଁକୁ ଯାଇ ନିଜର ବୈଶିଷ୍ଟ୍ୟ ରକ୍ଷା କରିପାରୁ ନଥିବାରୁ ସେମାନେ ସହରରେ ରହି କୃତ୍ରିମତାକୁ ଅନୁସରଣ କରୁଛନ୍ତି ।

## ୧୭.୧୦ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର:

୧. ପ୍ରଭାକର

୨. ଗଧ

୩. ଗାଁର ପାଣିକାଦୁଅ

୪. ଖୋସାମତି

୫. ପ୍ରାଥମିକ ସଭ୍ୟ ଚାନ୍ଦା

•••

# ୧୮

# ଶୁଦ୍ଧ ଶବ୍ଦ ଲିଖନ

## ୧୮.୧ ଉପକ୍ରମ:

ଓଡ଼ିଆ ଭାଷାର ଏକ ନିଜସ୍ୱଧର୍ମ ରହିଛି । କେତେକ ନିୟମ ଓ କେତେକ ବ୍ୟତିକ୍ରମ ସବୁ ଭାଷାରେ ଦେଖିବାକୁ ମିଳୁଥିଲେ ମଧ୍ୟ ଓଡ଼ିଆ ଭାଷାର ହ୍ରସ୍ୱ 'ଇ', 'ଉ' ଦୀର୍ଘ 'ଈ', 'ଊ', ଜ, ଯ, ଶ, ଷ, ସ ଇତ୍ୟାଦିର ଗୁରୁତ୍ୱ ରହିଛି ।

ଭାଷାକୁ ଶୁଦ୍ଧଭାବରେ ବ୍ୟବହାର କରିବାକୁ ହେଲେ ଏହାର ପ୍ରଚଳିତ ରୂପରେ ଥିବା ନିୟମ ଓ ବ୍ୟତିକ୍ରମ ପ୍ରତି ସତର୍କ ରହିଲେ ଭୁଲ୍ ହେବନାହିଁ ବା ଖୁବ୍ କମ ଭୁଲ ହେବ । ବିଶେଷତଃ ଲିଖନ ପଦ୍ଧତିରେ ଏଥିପ୍ରତି ସତର୍କ ରହିବା ଏକାନ୍ତ ଜରୁରୀ ।

ଶବ୍ଦର ନିର୍ଭୁଲ ରୂପପାଇଁ କେତେକ ନିୟମ ଥିଲେ ମଧ୍ୟ ଅନେକ ବ୍ୟତିକ୍ରମ ମଧ୍ୟ ରହିଛି । ଯଥା; ଶବ୍ଦରେ 'ୟ' 'ର୍' (ରେଫ୍) ଥିଲେ ତା ପୂର୍ବରୁ ଦୀର୍ଘ 'ଈ'ବା 'ଊ' କାର ହେବ- ପାନୀୟ, ଜାତୀୟ, କୀର୍ତ୍ତି, ମୁହୂର୍ତ୍ତ ଇତ୍ୟାଦି । କେତେକ ସାଧାରଣ ତ୍ରୁଟି ପ୍ରତି ଦୃଷ୍ଟି ଦେଲେ, ଭାଷାକୁ ଶୁଦ୍ଧ ଭାବେ ବ୍ୟବହାର କରିବାର ଦକ୍ଷତା ଆସିଯିବ ।

## ୧୮.୨ ବର୍ଣ୍ଣଗତ ଅଶୁଦ୍ଧି:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅମୀୟ | ଅମିୟ |
| ଉର୍ଣ୍ଣତି | ଉନ୍ନତି |
| ତୃଟି | ତ୍ରୁଟି |
| ପୁନ୍ୟ | ପୁଣ୍ୟ |
| ମୂର୍ତ୍ତୀ | ମୂର୍ତ୍ତି |
| ସାହାର୍ଯ୍ୟ | ସାହାଯ୍ୟ |
| ମାମୁଁ | ମାମୁ |
| ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ |
| ରୁଣଗ୍ରସ୍ଥ | ଋଣଗ୍ରସ୍ତ |
| ଧୂମ୍ର | ଧୂମ |
| ଭୌଗଳିକ | ଭୌଗୋଳିକ |
| ସଂଜମ | ସଂଯମ |
| କୃର୍ଷ୍ଣ | କୃଷ୍ଣ |
| ବିଷର୍ଣ୍ଣ | ବିଷଣ୍ଣ |

## ୧୮.୩ ଷତ୍ୱବିଧିଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପରିସ୍କାର | ପରିଷ୍କାର |
| ପରଷ୍ପର | ପରସ୍ପର |
| ବିଷର୍ଜନ | ବିସର୍ଜନ |
| ସୁସମା | ସୁଷମା |
| ପୁରଷ୍କାର | ପୁରସ୍କାର |
| ଗଣେଷ | ଗଣେଶ |

## ୧୮.୪ କୃଦନ୍ତ ପ୍ରତ୍ୟୟଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଉତ୍କର୍ଷତା | ଉତ୍କର୍ଷ |
| ଉତ୍ୟକ୍ତ | ଉତ୍ତ୍ୟକ୍ତ |
| ଅନୁଗୃହ | ଅନୁଗ୍ରହ |
| ସୃଜନ | ସର୍ଜନ |

## ୧୮.୫ ତଦ୍ଧିତ ପ୍ରତ୍ୟୟଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଏକତ୍ରିତ | ଏକତ୍ର |
| ଜେଷ୍ଠ | ଜ୍ୟେଷ୍ଠ |
| ବ୍ୟବହାରିକ | ବ୍ୟାବହାରିକ |
| ଆବଶ୍ୟକୀୟ | ଆବଶ୍ୟକ |
| ଦାରିଦ୍ର୍ୟତା | ଦାରିଦ୍ର୍ୟ/ଦରିଦ୍ରତା |
| ମୌନତା | ମୌନ |

## ୧୮.୬ ସନ୍ଧିଗତ ଅଶୁଦ୍ଧି:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଦିଗାମ୍ବର | ଦିଗମ୍ବର |
| ବାକ୍‌ଦେବୀ | ବାଗ୍‌ଦେବୀ |
| ସନ୍ୟାସୀ | ସନ୍ନ୍ୟାସୀ |

| | |
|---|---|
| ଦୂରାବସ୍ଥା | ଦୁରବସ୍ଥା |
| ରଜଗୁଣ | ରଜୋଗୁଣ |
| ସୂର୍ଯ୍ୟପରାଗ | ସୂର୍ଯ୍ୟୋପରାଗ |

## ୧୮.୭ ସ୍ତ୍ରୀ ପ୍ରତ୍ୟୟଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅନ୍ୟାଥିନୀ | ଅନାଥା |
| ସୁକେଶିନୀ | ସୁକେଶା |
| ନିରପରାଧିନୀ | ନିରପରାଧା |
| ନିର୍ଦ୍ଦୋଷୀ | ନିର୍ଦ୍ଦୋଷ |
| ଦିବାରାତ୍ରି | ଦିବାରାତ୍ର |
| ନିରୋଗୀ | ନିରୋଗ |

## ୧୮.୮ ଅନ୍ୟାନ୍ୟ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅଧୀନସ୍ଥ | ଅଧୀନ |
| ଧୂମ୍ରପାନ | ଧୂମପାନ |
| ବୃଥାରେ | ବୃଥା |
| ସାହାର୍ଯ୍ୟ | ସାହାଯ୍ୟ |
| ଅନାଟନ | ଅନଟନ |
| ଆୟତ୍ତାଧୀନ | ଆୟତ୍ତ |
| ନିରୁତ୍ସାହିତ | ନିରୁତ୍ସାହ |
| ସକ୍ଷମ | କ୍ଷମ |
| ସୁନାଶିର | ସୁନାସୀର |
| ସମାସ୍ୟା | ସମସ୍ୟା |

●●●

# ୧୯

# ବିପରୀତ ଅର୍ଥବୋଧକ ଶବ୍ଦ

## ୧୯.୧ ଉପକ୍ରମ:

କେତେକ ଶବ୍ଦରେ ଥିବା ବିପରୀତ ଭାବକୁ ପ୍ରକାଶ କରିବା ପାଇଁ ଆଉ ଏକ ଶବ୍ଦ ପ୍ରୟୋଗ ହୁଏ । ଏଗୁଡ଼ିକୁ ପରସ୍ପରର ବିପରୀତ ଅର୍ଥବୋଧକ ଶବ୍ଦ କୁହାଯାଏ ।

ଯଥା:- ସୁଖ-ଦୁଃଖ, ଧନୀ-ଦରିଦ୍ର ।

ମନେ ରଖିବାକୁ ହେବ ବିପରୀତ ଅର୍ଥବୋଧକ ଓ ନାସ୍ତିବୋଧକ ଶବ୍ଦ ସମାନ ନୁହେଁ । ଭାଷା ପ୍ରୟୋଗର କ୍ଷମତା ବୃଦ୍ଧି ଏବଂ ଉନ୍ନତ ଶୈଳୀରେ ନିଜକୁ ବ୍ୟକ୍ତ କରିବା ପାଇଁ ଏପରି ଶବ୍ଦ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିମ୍ନରେ କେତେକ ଉଦାହରଣ ପ୍ରଦାନ କରାଗଲା ।

## ୧୯.୨ ବିପରୀତ ଅର୍ଥବୋଧକ ଶବ୍ଦ:

| | | |
|---|---|---|
| ଆରମ୍ଭ- ଶେଷ | ଦରିଦ୍ର- ଧନୀ | ଅଗ-ମୂଳ |
| ଆକାଶ-ପାତାଳ | ବିନାଶ- ସୃଷ୍ଟି | ଅଧିକ- ସ୍ୱଳ୍ପ |
| ଏକମତ- ବହୁମତ | ଓଦା- ଶୁଖିଲା | କଞ୍ଚା-ପାଚିଲା |
| ଓହ୍ଲାଇବା- ଚଢ଼ିବା | ବୁଦ୍ଧିଆ- ନିର୍ବୁଦ୍ଧିଆ | ନୂଆ- ପୁରୁଣା |
| ସଂଲଗ୍ନ- ଅସଂଲଗ୍ନ | ମିଠା- ଖଟା | ବୁଡ଼ିବା-ଉଠିବା |
| ମୋଟା- ପତଳା | ଅସଲ- ନକଲ | ଉଠିବା- ପଡ଼ିବା |
| ଭିତର- ବାହାର | ଅନ୍ଧାର- ଆଲୁଅ | ଭଲ- ମନ୍ଦ |

## ୧୯.୩ ନାସ୍ତିବାଚକ ଉପସର୍ଗ ଯୋଗରେ ନିର୍ମିତ ଶବ୍ଦ:

| | |
|---|---|
| ବୁଦ୍ଧିଆ-ନିର୍ବୁଦ୍ଧିଆ, ଅଣବୁଦ୍ଧିଆ | ଆବିଳ- ଅନାବିଳ |
| ଆସ୍ଥା- ଅନାସ୍ଥା | ଅହଙ୍କାରୀ- ନିରହଙ୍କାରୀ |
| ଅର୍ଥ- ଅନର୍ଥ | ଅକଲ- ବେଅକଲ |
| ସତ୍- ଅସତ୍ | ଜ୍ଞାନୀ- ଅଜ୍ଞାନ |
| ଓସାରିଆ- ଅଣ ଓସାରିଆ | କର୍ମୀ-ଅକର୍ମା |
| ଅପରାଧୀ-ନିରପରାଧ | ଅଳ୍ପ- ବହୁତ |

## ବିପରୀତ ଅର୍ଥବୋଧକ ଶବ୍ଦ

ଅଭ୍ୟାସ- ଅନଭ୍ୟାସ  ମିଶ୍ର- ଅମିଶ୍ର

କପଟ-ଅକପଟ  ଦୋଷୀ- ନିର୍ଦ୍ଦୋଷ

### ୧୯.୪ ଅନ୍ୟାନ୍ୟ ଉପସର୍ଗ ଯୋଗରେ ନିର୍ମିତ ଶବ୍ଦ:

ସୁନାମ-ଦୁର୍ନାମ, ବଦନାମ  ପୁରସ୍କାର-ତିରସ୍କାର

ଅନୁଲୋମ- ବିଲୋମ, ପ୍ରତିଲୋମ  ଅନୁରକ୍ତି- ବିରକ୍ତି

ଆବାହନ- ବିସର୍ଜନ  ଆବିର୍ଭାବ- ତିରୋଭାବ, ତିରୋଧାନ

ସବଳ-ଦୁର୍ବଳ  ଅସୀମ- ସସୀମ

ଅପଚୟ- ଉପଚୟ  ପ୍ରଶଂସା- ନିନ୍ଦା  ଅମୃତ- ବିଷ

ସଦାଚାର- ବ୍ୟଭିଚାର  ଆଗମନ- ପ୍ରତ୍ୟାଗମନ  ଯଶ- ଅପଯଶ

ଅନୁକୂଳ- ପ୍ରତିକୂଳ  ଆସକ୍ତି- ନିରାସକ୍ତ  ପାପ- ପୁଣ୍ୟ

ଗାଢ଼- ପତଳା  ପ୍ରଦୋଷ- ପ୍ରତ୍ୟୁଷ

ସୁଲଭ- ଦୁର୍ଲଭ  ଦୂର- ନିକଟ, ଅଦୂର

ଅନୁରାଗ- ବିରାଗ  ପ୍ରଖର-ମନ୍ଥର

•••





# ୨୦
# ପଦ ନିର୍ଣ୍ଣୟ
## (ବିଶେଷ୍ୟ/ବିଶେଷଣ)

### ୨୦.୧ ଉପକ୍ରମ:

ଶବ୍ଦ ପରସ୍ପର ସହିତ ସମ୍ବନ୍ଧ ସ୍ଥାପନ କରି ଏକ ପୂର୍ଣ୍ଣ ଭାବ ପ୍ରକାଶ କରେ। ଏହି ଶବ୍ଦଗୁଡ଼ିକୁ 'ପଦ' କୁହାଯାଏ। ଚୀନ୍ ଭାରତ ପରସ୍ପରର ପଡ଼ୋଶୀ ରାଷ୍ଟ୍ର। ଏହି ବାକ୍ୟଟିରେ ଚୀନ, ଭାରତ, ପରସ୍ପର, ପଡ଼ୋଶୀ, ରାଷ୍ଟ୍ର-ଗୋଟିଏ ଗୋଟିଏ ଶବ୍ଦ, ଯାହା ପଦରୂପରେ ବାକ୍ୟରେ ପ୍ରୟୋଗ ହୋଇଛି। ଅର୍ଥାତ୍ ଶବ୍ଦ ଉପଯୁକ୍ତ ବିଭକ୍ତି ଯୋଗ ହୋଇ ବାକ୍ୟରେ ବ୍ୟବହୃତ ହେଲେ ତାହାକୁ 'ପଦ' କୁହାଯାଏ।

### ୨୦.୨ ବିଶେଷ୍ୟ ପଦ:

ବାକ୍ୟ ମଧ୍ୟରେ ବ୍ୟବହୃତ ପଦ କୌଣସି ନାମ, ବସ୍ତୁ, ଜାତି, ଗୁଣ ଇତ୍ୟାଦିକୁ ବୁଝାଉଥିଲେ ତାହାକୁ ବିଶେଷ୍ୟ ପଦ କୁହାଯାଏ। ଏହି ପଦଗୁଡ଼ିକ ପ୍ରଥମା ବିଭକ୍ତିରୁ ସପ୍ତମୀ ବିଭକ୍ତି ଯାଏ ଥିବା ପ୍ରତ୍ୟୟ ବା ଚିହ୍ନକୁ ଗ୍ରହଣ କରିବାର କ୍ଷମତା ରଖନ୍ତି।

ଯଥା: ପିଲାଟି, ଘରକୁ, ଛୁରୀଦ୍ୱାରା, ଭିକାରୀକୁ, ପର୍ବତରୁ, ଦେଶର, ଗ୍ରାମରେ ଇତ୍ୟାଦି। କେତେକ ସ୍ଥଳରେ ବିଭକ୍ତି ପ୍ରତ୍ୟୟ ଉହ୍ୟଥାଇ ମଧ୍ୟ ବିଶେଷ୍ୟ ପଦରେ ପରିଣତ ହୋଇପାରେ। ଯଥା:- ମୁଁ ବଜାର(କୁ) ଯାଉଛି।

ପୁରୀ ଜଗନ୍ନାଥ (ଙ୍କ) ମନ୍ଦିର ପାଇଁ ପ୍ରସିଦ୍ଧ।

ବିଶେଷ୍ୟ ପଦଗୁଡ଼ିକୁ ଭାବ ଦୃଷ୍ଟିରୁ ୫(ପାଞ୍ଚ) ଭାଗରେ ବିଭକ୍ତ କରାଯାଇଛି।

ଯଥା:- ନାମବାଚକ, ଜାତିବାଚକ, ବସ୍ତୁବାଚକ, ଗୁଣବାଚକ, କ୍ରିୟା ବାଚକ।

#### ନାମବାଚକ ବିଶେଷ୍ୟ:

ସମସ୍ତ ବିଶେଷ୍ୟ ପଦ ନାମକୁ ବୁଝାଏ। ବ୍ୟକ୍ତିର ନାମକୁ ବ୍ୟକ୍ତିବାଚକ ବିଶେଷ୍ୟ ମଧ୍ୟ କୁହାଯାଏ। ଯଥା:- ହରି ଭଲ ପିଲା। ରାମ ତା'ର ସାଙ୍ଗ।

ସେହିପରି ସ୍ଥାନ, ନଦୀ, ପର୍ବତ ଇତ୍ୟାଦିର ନାମକୁ ନାମବାଚକ ବିଶେଷ୍ୟ ପଦ ଭାବେ ଗ୍ରହଣ କରାଯାଏ। ଯଥା:- ହିମାଳୟର ମାନସରୋବରରୁ ବାହାରି ବାରାଣସୀ ମଧ୍ୟଦେଇ କଲିକତା ନିକଟରେ ଗଙ୍ଗା ସମୁଦ୍ରରେ ମିଶିଛି।

#### ଜାତିବାଚକ ବିଶେଷ୍ୟ:

କୌଣସି ନାମକୁ ନ ବୁଝାଇ ସାଧାରଣ ଜାତିକୁ ବୁଝାଉଥିବା ପଦକୁ ଜାତିବାଚକ ବିଶେଷ୍ୟ କହନ୍ତି। ଯଥା:- ମଣିଷ, ପଶୁ, ପକ୍ଷୀ, ନଦୀ, ପର୍ବତ, ବୃକ୍ଷ।

## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

### ବସ୍ତୁବାଚକ ବିଶେଷ୍ୟ:

କୌଣସି ପଦ ବସ୍ତୁ ବା ପଦାର୍ଥର ନାମକୁ ବୁଝାଇଲେ ତାହାକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଏ । ଏହି ବସ୍ତୁକୁ ଭାଗ ଭାଗ କଲେ ମଧ୍ୟ ତାହା ଅପରିବର୍ତ୍ତିତ ରହେ ।

ଯଥା:- ସୁନାଦର ବଢ଼ି ବଢ଼ି ଚାଲିଛି ।

କାଠ, ପଥରରେ ଗଢ଼ା ଦିଅଁ ମଣିଷର ଭାଗ୍ୟନିୟନ୍ତା ।

ଖରାଦିନେ ଆମ୍ବ ପଣସ ପାଚନ୍ତି ।

### ଗୁଣବାଚକ ବିଶେଷ୍ୟ:

ଯେଉଁ ପଦ ଅନ୍ୟ କାହାରି ଗୁଣ ବା ଅବସ୍ଥାକୁ ନ ବୁଝାଇ କେବଳ ଗୁଣ ବା ଅବସ୍ଥାର ନାମକୁ ବୁଝାଏ, ତାହାକୁ ଗୁଣବାଚକ ବିଶେଷ୍ୟ କୁହାଯାଏ ।

ଯଥା: ସେ ଖୁବ୍ ଟାଣରେ କଥା କହୁଛି । (ଏଠାରେ ଟାଣ ଏକ ଗୁଣର ନାମ)

ଗରମରେ ଦେହ ଜଳିଯାଉଛି ।

### କ୍ରିୟାବାଚକ ବିଶେଷ୍ୟ:

ଯେଉଁ ପଦ କୌଣସି କ୍ରିୟା ବା କାମର ନାମକୁ ବୁଝାଏ, ତାକୁ କ୍ରିୟାବାଚକ ବିଶେଷ୍ୟ କୁହାଯାଏ । ମନେ ରଖିବାକୁ ହେବ କ୍ରିୟା ସମ୍ପାଦନକୁ କ୍ରିୟାପଦ କୁହାଯାଏ; ତାହା ବିଶେଷ୍ୟ ନୁହେଁ ।

ଯଥା:- ପହଁରିବା ଏକ ଉତ୍ତମ ବ୍ୟାୟାମ । (ବିଶେଷ୍ୟ ପଦ)

ଚାଲ ଆମେ ନଈ ପହଁରିବା । (କ୍ରିୟାପଦ)

ବାକ୍ୟ ମଧ୍ୟରେ ଶବ୍ଦର ସ୍ଥାନ ଓ ଉଦ୍ଦେଶ୍ୟକୁ ଆଧାର କରି ପଦ ନିର୍ଣ୍ଣିତ ହୋଇଯାଏ ।

## ୨୦.୩ ବିଶେଷଣ:

ବାକ୍ୟ ମଧ୍ୟରେ ଯେଉଁ ପଦ ବିଶେଷ୍ୟ ପଦର କିମ୍ବା ବାକ୍ୟାଂଶର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଇତ୍ୟାଦିକୁ ପ୍ରକାଶ କରେ ସେହି ପଦଗୁଡ଼ିକୁ ବିଶେଷଣ ପଦ କୁହାଯାଏ ।

ଯଥା:- ବୁଦ୍ଧିଆ ପିଲା, ସୁନ୍ଦର ଫୁଲ, ସଜମାଛ, ପାଞ୍ଚମନ, ଲିଟରେ ତେଲ ।

### ଗୁଣବାଚକ ବିଶେଷଣ:

ସେ ପ୍ରଚଣ୍ଡ ଶକ୍ତିର ଅଧିକାରୀ ।

ଜ୍ଞାନୀ ବ୍ୟକ୍ତିମାନେ ନମ୍ରତା ପ୍ରଦର୍ଶନ କରନ୍ତି ।

**ଅବସ୍ଥା ବାଚକ ବିଶେଷଣ:**

ବୃଦ୍ଧ ବ୍ୟକ୍ତିଙ୍କର ଅଭିଜ୍ଞତା ଅଧିକ ।

ଦଦରା ନାବରେ ସମୁଦ୍ର ପାରିହେବା କଠିନ ।

**ସଂଖ୍ୟାବାଚକ ବିଶେଷଣ:**

ପାଞ୍ଚ ଲୋକଙ୍କ କଥା ଶୁଣିବା ଉଚିତ୍ ।

ଗୋଟିଏ ଲକ୍ଷ୍ୟରେ ସାଧନ କଲେ ସଫଳତା ନିଶ୍ଚିତ ।

ସଂଖ୍ୟାବାଚକ ବିଶେଷଣର ପୂରଣବାଚକ ରୂପ ମଧ୍ୟ ଉପଲବ୍ଧ ହୁଏ ।

ମୁଁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ।

ଆଜି ମୋ ପାଠପଢ଼ାର ଦ୍ୱାଦଶ ବର୍ଷ ପୂର୍ଣ୍ଣ ହେଲା ।

**ପରିମାଣବାଚକ ବିଶେଷଣ:** ——

ଲିଟରେ କ୍ଷୀରର ଦାମ ବାଇଶି ଟଙ୍କା ।

କୋଡ଼ିଏ ଟଙ୍କାରେ ଏକ କିଲୋ ଚାଉଳ ମିଳୁଛି ।

କେତେକ ସ୍ଥଳରେ ବିଶେଷ୍ୟ ପଦରୂପ ବିଶେଷଣ ପଦ ଭାବେ ବ୍ୟବହୃତ ହୋଇଥାଏ ।

ଯଥା:- କାଠ ଚଉକିରେ ଠାକୁର ବସିଛନ୍ତି ।

ସେ ସୁନା ହାର ପିନ୍ଧି ସୁନ୍ଦର ଦିଶୁଛି ।

କେତେକ ସ୍ଥଳରେ କ୍ରିୟାରୂପ ମଧ୍ୟ ବିଶେଷଣ ପଦରୂପେ ବ୍ୟବହୃତ ହୁଏ । ଯଥା:-

ଶୋଇଲା ପୁଅର ଭାଗନାହିଁ ।

ସେ ଚାଲିଲା ଶଗଡ଼ରେ ହାତଦେବା ପିଲା ।

## ୨୦.୪ ବିଶେଷ୍ୟ ଓ ବିଶେଷଣ ପଦ ଚିହ୍ନଟ:

| ବିଶେଷ୍ୟ | ବିଶେଷଣ |
|---|---|
| ଓଜନ | ଓଜନିଆ |
| ଗନ୍ଧ | ଗନ୍ଧିଆ |
| ଦୁଧ | ଦୁଧିଆ |
| ମଲ୍ଲୀଫୁଲ | ମଲ୍ଲୀଫୁଲିଆ |
| ତେଲ | ତେଲିଆ |

## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

| | |
|---|---|
| ପାଉଁଶ | ପାଉଁଶିଆ |
| ସରାଗ | ସରାଗିଆ |
| ଅଙ୍ଗ | ଆଙ୍ଗିକ |
| ଅକ୍ଷର | ଆକ୍ଷରିକ |
| କାୟା | କାୟିକ |
| ଜଗତ | ଜାଗତିକ |
| ଦେହ | ଦୈହିକ |
| ପରସ୍ପର | ପାରସ୍ପରିକ |
| ପ୍ରକୃତି | ପ୍ରାକୃତିକ |
| ପୁରାଣ | ପୌରାଣିକ |
| ବାଣିଜ୍ୟ | ବାଣିଜ୍ୟିକ |
| ବିବାହ | ବୈବାହିକ |
| ବିଷୟ | ବୈଷୟିକ |
| ଅଂଶ | ଆଂଶିକ |
| ଅଞ୍ଚଳ | ଆଞ୍ଚଳିକ |
| ଅକ୍ଷର | ଆକ୍ଷରିକ |
| ଈଶ୍ୱର | ଐଶ୍ୱରିକ |
| ଉପନିବେଶ | ଔପନିବେଶିକ |
| କୁଳ | କୌଳିକ |
| ଚରିତ୍ର | ଚାରିତ୍ରିକ |
| ଦେବ | ଦୈବିକ |
| ଧର୍ମ | ଧାର୍ମିକ |
| ନିଷ୍ଠା | ନୈଷ୍ଠିକ |
| ପରମ୍ପରା | ପାରମ୍ପରିକ |
| ପ୍ରବନ୍ଧ | ପ୍ରାବନ୍ଧିକ |
| ପ୍ରସଙ୍ଗ | ପ୍ରାସଙ୍ଗିକ |





## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

| | |
|---|---|
| ବଚନ | ବାଚନିକ |
| ବିପ୍ଳବ | ବୈପ୍ଳବିକ |
| ବେଦ | ବୈଦିକ |
| ବିଦେଶ | ବୈଦେଶିକ |
| ସମାଜ | ସାମାଜିକ |
| ମାନବ | ମାନବିକ |
| ସମୁଦ୍ର | ସାମୁଦ୍ରିକ |
| ସମୟ | ସାମୟିକ |
| ସଙ୍କେତ | ସାଙ୍କେତିକ |
| ଅନୁପ୍ରାଣନ | ଅନୁପ୍ରାଣିତ |
| ଉଦ୍ଭବ | ଉଦ୍ଭାବିତ |
| କଳଙ୍କ | କଳଙ୍କିତ |
| ପ୍ରଚଳନ | ପ୍ରଚଳିତ |
| ଜନ୍ମ | ଜନ୍ମିତ |
| ବାଞ୍ଛା | ବାଞ୍ଛିତ |
| ବିସ୍ତାର | ବିସ୍ତାରିତ |
| ଉତ୍ସାହ | ଉତ୍ସାହିତ |
| ନିୟମ | ନିୟମିତ |
| ପ୍ରଚାର | ପ୍ରଚାରିତ |
| ବିବାହ | ବିବାହିତ |
| ସମ୍ମାନ | ସମ୍ମାନିତ |
| ଶିକ୍ଷା | ଶିକ୍ଷିତ |
| ସୁରଭି | ସୁରଭିତ |
| ଋଣ | ଋଣୀ |
| ନିୟୋଗ | ନିୟୋଗୀ |
| ପାପ | ପାପୀ |

## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

| | |
|---|---|
| ବିଦାୟ | ବିଦାୟୀ |
| ସନ୍ଧାନ | ସନ୍ଧାନୀ |
| ସୁଖ | ସୁଖୀ |
| ଅନୁରାଗ | ଅନୁରାଗୀ |
| ଅନୁଭବ | ଅନୁଭବୀ |
| ଦୋଷ | ଦୋଷୀ |
| ପ୍ରୟାସୀ | ପ୍ରୟାସୀ |
| ଏକ | ଐକ୍ୟ |
| କୃତି | କୃତ୍ୟ |
| ମୁଖ | ମୁଖ୍ୟ |
| ଶ୍ରବଣ | ଶ୍ରାବ୍ୟ |
| ଆକର୍ଷଣ | ଆକର୍ଷଣୀୟ |
| ଈଶ୍ୱର | ଈଶ୍ୱରୀୟ |
| ଗ୍ରହଣ | ଗ୍ରହଣୀୟ |
| ଉତ୍କଳ | ଉତ୍କଳୀୟ |
| ଦର୍ଶନ | ଦର୍ଶନୀୟ |
| ବିଦେଶ | ବିଦେଶୀୟ |
| ମାନବ | ମାନବୀୟ |
| ସମ୍ବନ୍ଧ | ସମ୍ବନ୍ଧୀୟ |
| ନାଟକ | ନାଟକୀୟ |
| ଜାତି | ଜାତୀୟ |
| ଆଣ୍ଠ | ଆଣ୍ଠୁଆ |
| ଗାତ | ଗାତୁଆ |
| ଚେର | ଚେରୁଆ |
| ମଦ | ମଦୁଆ |
| ବାଘ | ବାଘୁଆ |

| | |
|---|---|
| ଅଧିକାର | ଅଧିକୃତ |
| ଅନୁରାଗ | ଅନୁରକ୍ତ |
| ଅଧିଷ୍ଠାନ | ଅଧିଷ୍ଠିତ |
| ଅନୁସାର | ଅନୁସୃତ |
| ତୃପ୍ତି | ତୃପ୍ତ |
| ନିମନ୍ତ୍ରଣ | ନିମନ୍ତ୍ରିତ |
| ଦମ୍ପତି | ଦାମ୍ପତ୍ୟ |
| ନ୍ୟାୟ | ନ୍ୟାଯ୍ୟ |
| ଲେପନ | ଲେପ୍ୟ |

•••





# ୨୨
# ପତ୍ରଲିଖନ

## ୨୨. ୧ ବ୍ୟକ୍ତିଗତ ପତ୍ର ବା ପାରିବାରିକ ପତ୍ର

ପତ୍ରକୁ ଚିଠି କୁହାଯାଏ । ଆମେ ସାଧାରଣତଃ ଚିଠି ଶବ୍ଦଟି ବହୁଳ ଭାବରେ ବ୍ୟବହାର କରିଥାଉ । ଏହାକୁ 'ବାର୍ତ୍ତା' ବା 'ସନ୍ଦେଶ' ମଧ୍ୟ କୁହାଯାଇଥାଏ । ଆଜିକାଲି ଟେଲିଫୋନ୍, ମୋବାଇଲ, ଇଣ୍ଟରନେଟ୍‌ର ବ୍ୟବହାର ବଢ଼ିଯିବା ପରେ ସ୍ୱାଭାବିକ ଭାବେ ଚିଠି ଲେଖା କମିଯାଇଛି । କିନ୍ତୁ ଏହି ଚିଠି ଲେଖା ଏବେ ମଧ୍ୟ ହେଉଛି । ଆମେ ଲେଖୁଥିବା ସମସ୍ତ ଚିଠିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଥାଏ ।

ସେଗୁଡ଼ିକ ହେଲା : (କ) ବ୍ୟକ୍ତିଗତ ପତ୍ର ବା ପାରିବାରିକ ପତ୍ର
(ଖ) ବାଣିଜ୍ୟିକ ପତ୍ର ବା ଦପ୍ତର ପତ୍ର
(ଗ) ସମ୍ପାଦକଙ୍କୁ ପତ୍ର ।

ଚିଠି ଲେଖିବା ଏକ କଳା । ଆଲୋଚକମାନଙ୍କ ମତରେ ଚିଠି ଲେଖାର ନିର୍ଦ୍ଦିଷ୍ଟ ପଦ୍ଧତି ରହିଥିବାରୁ ଏହା ବିଜ୍ଞାନର ଅନ୍ତର୍ଭୁକ୍ତ ମଧ୍ୟ । ଆଧୁନିକ ପ୍ରଣାଳୀର ଯଥେଷ୍ଟ ବ୍ୟବହାର ଓ ସୁବିଧା ସତ୍ତ୍ୱେ କୌଣସି ଅଫିସ୍‌କୁ ଅନ୍ୟକୌଣସି ବ୍ୟକ୍ତି ବା ଅଫିସ ଦ୍ୱାରା ଚିଠି ବା ଦରଖାସ୍ତ ଲେଖିବାର ଆବଶ୍ୟକତା ଯଥେଷ୍ଟ ରହିଛି ।

ଶିକ୍ଷକମାନଙ୍କ ବିଚାରରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଶିକ୍ଷା କାଳରେ ଉପଯୁକ୍ତ ଭାବେ ଚିଠି, ଦରଖାସ୍ତ ଆଦି ଲେଖିବା କଳାକୁ ଅକ୍ତିଆର କରିବା ସହ ଯଥେଷ୍ଟ ପରିମାଣରେ ଏହା ଲେଖୁ ନଥିବା ହେତୁ ପରବର୍ତ୍ତୀ ସମୟରେ ସାମାଜିକ ଜୀବନରେ ସେମାନେ ଯାହା ଲେଖୁଛନ୍ତି ସେଥିରୁ ଭୁଲ ବାହାରୁଛି ଓ ସ୍ଥଳ ବିଶେଷରେ ଲେଖାର ପ୍ରକୃତ ଅର୍ଥ ପ୍ରକାଶ ପାଇପାରୁନାହିଁ । ଏଣୁ ଛାତ୍ର-ଛାତ୍ରୀମାନଙ୍କୁ ପତ୍ରଲିଖନ ତଥା ଦରଖାସ୍ତ ଲିଖନ ସମ୍ପର୍କରେ ସଠିକ ମାର୍ଗ ଦର୍ଶାଇବା ଏ ବିଭାଗର ମୂଳ ଲକ୍ଷ୍ୟ ।

## ୨୨. ୨ ଚିଠି ଲେଖିବା ବେଳେ କେଉଁ କେଉଁ କଥା ପ୍ରତି ଦୃଷ୍ଟି ଦେବା -

୧. ଚିଠିର ଡାହାଣ ପାର୍ଶ୍ୱରେ ସ୍ଥାନ ଓ ସମୟ (ତାରିଖ) ପ୍ରଥମେ ପ୍ରଦାନ କରାଯିବ । ଏହାର ବାମ ପାର୍ଶ୍ୱରେ ଯାହା ପାଖକୁ ଲେଖାଯାଉଛି ତାଙ୍କୁ ଉପଯୁକ୍ତ ସମ୍ମାନ ସୂଚକ ସମ୍ବୋଧନ ରହିବ । ନିମ୍ନରେ ଏକ ନମୁନା ଦିଆଗଲା ।

ସ୍ଥାନ : ରାଉରକେଲା
ପୂଜନୀୟା ବୋଉ, ତାରିଖ : ୨୫/୪/୨୦୧୩

୨. ଚିଠିଟିକୁ ବିଷୟ ଭିତ୍ତିରେ ଛୋଟ କେତୋଟି ଭାଗରେ ବିଭକ୍ତ କର । ଶେଷ ଅଂଶରେ ସମାପ୍ତି ସୂଚକ ସୂଚନା ରଖ, ଯାହା ପରେ 'ଇତି' ଲେଖାଯିବ ।

୩. 'ଇତି'ର ଠିକ୍ ତଳକୁ ନିଜର ସମ୍ବନ୍ଧ ସମ୍ପର୍କିତ ସୂଚନା ଦିଅ । ଯଥା :- 'ସ୍ନେହର ପୁଅ', 'ପ୍ରିୟ ବନ୍ଧୁ' ଇତ୍ୟାଦି ।

୪. ଏହା ତଳକୁ ଦୁଇଭାଗ କରି ଡାହାଣ ପାଖରେ ପଠାଯାଉଥିବା ବ୍ୟକ୍ତିର ସଂପୂର୍ଣ୍ଣ ଠିକଣା ଏବଂ ବାମ ପାଖରେ ପଠଉଥିବା ବ୍ୟକ୍ତିର ପୂର୍ଣ୍ଣ ଠିକଣା ଲେଖାଯିବ ।

- ମନେ ରଖିବାକୁ ହେବ ଯଦି ଆମେ ପରୀକ୍ଷା ଖାତାରେ ଚିଠି ଲେଖୁଛନ୍ତି ତେବେ ନିଜ ସ୍କୁଲ, କଲେଜ ଓ ନାମକୁ ଗୋପନ ରଖିବାକୁ ହେବ । ନଚେତ ଏହାଦ୍ୱାରା ଛାତ୍ରର ପରିଚୟ ଜଣାପଡ଼ିବାର ସମ୍ଭାବନା ଅଛି ।
- ଠିକଣାଟିରେ ନାମ, ଗ୍ରାମର ନାମ, ପୋଷ୍ଟ ଅଫିସ, ପିନ୍‌କୋଡ୍ ଓ ଜିଲ୍ଲାର ନାମ ତଥା ପ୍ରଦେଶର ନାମ ତଳକୁ ତଳ ନିର୍ଭୁଲ ଓ ପରିଷ୍କାର ରହିବା ଉଚିତ । ଯେଉଁମାନେ ସହରାଞ୍ଚଳରେ ରହୁଥିବେ ସେମାନେ ଗ୍ରାମ ଯାଗାରେ ଘର ନଂ. ଗଳି ନଂ. ବା ନାମ ଓ ସହରର ନାମ ଲେଖିବା ଦରକାର । ଛାତ୍ର-ଛାତ୍ରୀମାନେ ପରୀକ୍ଷା ଖାତାରେ ନିଜର ଓ ପରିବାର ବ୍ୟକ୍ତିଙ୍କ ନାମ ସଂକ୍ଷିପ୍ତ ଅବା ଛଦ୍ମନାମରେ ଲେଖିଲେ ଭଲ ।

## ୨୨. ୩ ବିଭିନ୍ନ ଚିଠିର ନମୁନା :

**୧. ତୁମ ମହାବିଦ୍ୟାଳୟର ପୁରସ୍କାର ବିତରଣୋତ୍ସବ ବିଷୟ ବର୍ଣ୍ଣନା କରି ଦୂରରେ ଥିବା ସାଙ୍ଗ ନିକଟକୁ ଚିଠି ଲେଖ ।**

ରାମଚନ୍ଦ୍ର ମହାବିଦ୍ୟାଳୟ
୮, ଅକ୍ଟୋବର ୨୦୧୨

ପ୍ରିୟ ଶ୍ରୀବତ୍ସ,

ଆନ୍ତରିକ ଶୁଭେଚ୍ଛା ଗ୍ରହଣ କରିବ । ଗତକାଲି ଅପରାହ୍ଣରେ ତୁମ ପ୍ରେରିତ ଚିଠିଟି ମୋର ହସ୍ତଗତ ହେଲା । ଏଥିରେ ତୁମର ଜନ୍ମଦିବସ କଥା ସବିଶେଷ ଲେଖିଥିବାରୁ ତାହା ପଢି ମୁଁ ବିଶେଷ ଆନନ୍ଦିତ ହେଲି । ଲେଖା ପ୍ରସଙ୍ଗରେ ତୁମେ ଆମ ମହାବିଦ୍ୟାଳୟର ପୁରସ୍କାର ବିତରଣୋତ୍ସବ କଥା ଜାଣିବାକୁ ଚାହିଁ ଥିବାରୁ ଏହି ଚିଠିରେ ତାହା ଉଲ୍ଲେଖ କରୁଛି ।

ଗତ ଏପ୍ରିଲ୍ ୨୭ ତାରିଖ ଦିନଟି ମୋ ପାଇଁ ସ୍ମରଣୀୟ ଦିବସ ରୂପେ ସବୁଦିନ ପାଇଁ ମନେ ରହିବ । ଏହି ଦିନ ଆମ ମହାବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଦିନ ମହାବିଦ୍ୟାଳୟର ପରିସର ସତେ ଯେମିତି ଏକ ସ୍ୱର୍ଗପୁରୀ ଭଳି ଜଣାପଡୁଥିଲା । ସଞ୍ଜ ନଇଁ ଆସିଲା ବେଳକୁ ଆମ ମହାବିଦ୍ୟାଳୟର ପ୍ରବେଶ ପଥ ଠାରୁ ଆରମ୍ଭ କରି ସମଗ୍ର ହତା ଓ ଗୃହମାନ ଉଜ୍ଜ୍ୱଳ ଆଲୋକରେ ବେଶ୍ ମନୋରମ ଦିଶୁଥିଲା । ମହାବିଦ୍ୟାଳୟ ସମ୍ମୁଖରେ ଏକ ସୁଦୃଶ୍ୟ ମଞ୍ଚ ଶୋଭା ପାଉଥିଲା । ଡାକବାଜି ଯନ୍ତ୍ରରେ ବିଭିନ୍ନ ସଙ୍ଗୀତର ଲହରି ଛୁଟି ଚାଲିଥିଲା ।

ଅପରାହ୍ଣ ଚାରିଟା ବେଳକୁ ନିମନ୍ତ୍ରିତ ଅତିଥିଗଣ ଆସି ପହଞ୍ଚିଥିଲେ । ସାଢ଼େ ଚାରିଟା ବେଳକୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମଞ୍ଚ ଉପରେ ଅତିଥିଗଣ ମଞ୍ଚାସୀନ ଥିବା ବେଳେ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟଗଣ, ସ୍ଥାନୀୟ ଭଦ୍ରବ୍ୟକ୍ତିଗଣ ବସିଥିଲେ । ପ୍ରଥମେ ଉଦ୍‌ଘାଟକ ରୂପେ ଯୋଗ ଦେଇଥିବା





ଜିଲ୍ଲାପାଳ ମହୋଦୟ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ଆମ ମହାବିଦ୍ୟାଳୟର ଅଧକ୍ଷ ଜଣେ ବିଦ୍ୱାନ ଓ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ । ସେ ତାଙ୍କ ଭାଷଣରେ ସମବେତ ଜନତାଙ୍କୁ ମୁଗ୍ଧ କରି ଦେଇଥିଲେ । ତତ୍ପରେ ମୁଖ୍ୟ ଅତିଥି ତାଙ୍କର ବହୁମୂଲ୍ୟ ଭାଷଣ ପ୍ରଦାନ କରି, ଛାତ୍ରଛାତ୍ରୀମାନେ ମହାପୁରୁଷମାନଙ୍କ କୃତିତ୍ୱ ପ୍ରତି ଧ୍ୟାନ ରଖି ଆଦର୍ଶ ନାଗରିକ ଭାବେ ନିଜକୁ ପ୍ରତିଷ୍ଠା କରିବାକୁ ଉଦ୍‌ବୋଧନ ଦେଇଥିଲେ । ପରେ ସଭାପତି ତାଙ୍କର ସମସ୍ତ ଭାଷଣରେ ଆଜିର ଉତ୍ସବ ବିଷୟରେ ଆଲୋକପାତ କରିଥିଲେ । ଏହା ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ । ତତ୍ ପରେ ଭୁରି ଭୋଜନରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା । ଉତ୍ସବ ଶେଷରେ ସମସ୍ତେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ବାସ୍ତବିକ ଆମ କଲେଜର ପୁରସ୍କାର ବିତରଣୋତ୍ସବ ଅତୀବ ଆକର୍ଷଣୀୟ ଓ ସ୍ମରଣୀୟ ଥିଲା । ଏହା ବହୁଦିନ ଯାଏଁ ମୋ ମନକୁ ଆନ୍ଦୋଳିତ କରୁଥିବ । ତୁମ ମହାବିଦ୍ୟାଳୟରେ ଏହିଭଳି ଉତ୍ସବ କିପରି ପାଳନ କରାଯାଏ, ପରବର୍ତ୍ତୀ ଚିଠିରେ ଲେଖିବ । ଶେଷରେ ତୁମ ନିକଟରେ ଥିବା ସାଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇଦେବ । ଆଶା କୁଶଳରେ ଥିବ ।

॥ ଇତି ॥

ତୁମର ସାଙ୍ଗ

ଅଜିତ୍

**ଠିକଣା**

| **ପ୍ରେରକ** | **ଗ୍ରାହକ** (ଟିକେଟ) |
|---|---|
| ଅଜିତ୍ କୁମାର କର | ଶ୍ରୀବତ୍ସ କୁମାର ମିଶ୍ର |
| ରାମଚନ୍ଦ୍ର ମହାବିଦ୍ୟାଳୟ | ଗୋବିନ୍ଦ ମହାବିଦ୍ୟାଳୟ |
| ସା/ପୋ- ଯୋବ୍ରା | ସା/ପୋ- ସମ୍ବଲପୁର |
| ଜି- କଟକ | ଜି- ସମ୍ବଲପୁର |

**୨. ପରୀକ୍ଷା ନିମନ୍ତେ ତୁମେ କିପରି ନିଜକୁ ପ୍ରସ୍ତୁତ କରିଛ, ତାହା ଉଲ୍ଲେଖ କରି ସାଙ୍ଗ ନିକଟକୁ ପତ୍ର ଲେଖ ।**

ଗଙ୍ଗାନଗର

୧୨, ଅକ୍ଟୋବର ୨୦୧୨

ପ୍ରିୟ ସୁଶାନ୍ତ,

ମୋର ହାର୍ଦ୍ଦିକ ଶୁଭେଚ୍ଛା ଗ୍ରହଣ କରିବ । ଗତ ଆଠ ଦିନ ତଳେ ତୁମ ପତ୍ର ପାଇଥିଲି । ପଢ଼ାପଢ଼ିରେ ବ୍ୟସ୍ତ ରହିଥିବା ଯୋଗୁଁ ତୁମ ପ୍ରଶ୍ନର ଉତ୍ତର ଏ ଯାଏଁ ଦେଇ ପାରିନଥିଲି । ସେଥିପାଇଁ ଦୁଃଖିତ । ସେହି ଚିଠିରେ ତୁମେ ମୋ’ ପଢ଼ାପଢ଼ି କଥା ଓ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ହେବା କଥା ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲ । ସେଇ କଥା ଏଠାରେ ଲେଖୁଛି ।

ତୁମେ ତ ଜାଣିଛ, ଆମ ପରୀକ୍ଷା ଆଉ ମାତ୍ର ଚାରି ପାଞ୍ଚ ମାସ ରହିଲା । ଏହି ସୀମିତ ସମୟ ମଧ୍ୟରେ ମୋତେ ଦ୍ୱାଦଶ ଶ୍ରେଣୀର ସମସ୍ତ ବିଷୟ ଓ ସେଥିରେ ଥିବା ସମସ୍ତ ପାଠକୁ ଆୟତ୍ତ କରିବାକୁ ହେବ । ପୂର୍ବରୁ ଦୁଇବର୍ଷର ପାଠ ଓ ସେ ସମସ୍ତ ବିଷୟ ଖୁବ୍ କମ୍ ଦିନରେ ହାସଲ କରିବାକୁ ପଡୁଥିଲା । ଅବଶ୍ୟ ସେହି ସବୁ ବିଷୟ ଗୁଡ଼ିକର ପ୍ରଶ୍ନ ପ୍ରସ୍ତୁତି ଢାଞ୍ଚା ବଦଳି ଯାଇଥିବାରୁ ସମଗ୍ର ବିଷୟରୁ କ୍ଷୁଦ୍ର ଓ ଅତି କ୍ଷୁଦ୍ର ପ୍ରଶ୍ନମାନ ପରୀକ୍ଷାରେ ପଡୁଥିବାରୁ ପୁଙ୍ଖାନୁପୁଙ୍ଖ ଭାବରେ ସେ ସମସ୍ତ ପଢ଼ି ହାସଲ କରିବାକୁ ହେଉଛି । ତେଣୁ ଆଗଠାରୁ ଏବେ ଅଧିକ ପରିଶ୍ରମ କରିବାକୁ ପଡୁଛି । ଏଥିପାଇଁ ମୁଁ ବେଶି ସଚେତନ ।

ଆଗକୁ ପରୀକ୍ଷା ପାଇଁ ମୁଁ ଏବେ ପ୍ରତ୍ୟହ ଆଠରୁ ଦଶ ଘଣ୍ଟା ଯାଏଁ ପରିଶ୍ରମ କରୁଅଛି । ରାତିରୁ ଉଠି ପାହାନ୍ତା ପ୍ରହର ଯାଏଁ ଇଂରାଜୀ ମୁଖସ୍ଥ କରୁଅଛି । ବଡ଼ି ଭୋରରୁ ଉଠି ମୋର ନିତ୍ୟକର୍ମମାନ ସମ୍ପାଦନ କରି ସକାଳ ଛ'ଟାରୁ ପୁନଶ୍ଚ ପଢ଼ାପଢ଼ିରେ ବ୍ୟସ୍ତ ରହୁଛି । ସକାଳ ଦଶଟାରୁ ଅପରାହ୍ନ ଚାରିଟା ଯାଏଁ କଲେଜ ଯିବାକୁ ପଡୁଛି । କଲେଜରୁ ଫେରି କିଛି ସମୟ ବୁଲା ବୁଲି କରି ସଂଧ୍ୟା ବେଳକୁ ପୁନଶ୍ଚ ପଢ଼ାପଢ଼ି ଆରମ୍ଭ କରୁଛି । ପ୍ରାୟ ସମସ୍ତ ବିଷୟକୁ ଥରେ ଥରେ ପଢ଼ି ସାରିଲିଣି । ଏଣିକି ସେସବୁ ରିଭିଜନ କରିବାକୁ ଆରମ୍ଭ କରୁଛି । ଅନ୍ୟ ବିଷୟ ତୁଳନାରେ ଇଂରାଜୀ ବିଷୟକୁ ଅଧିକ ଦୃଷ୍ଟି ଦେବାକୁ ପଡୁଛି । ଆଶା, ପରୀକ୍ଷା ବେଳକୁ ମୁଁ ସମସ୍ତ ବିଷୟକୁ ଅତି ସହଜ ଭାବେ ଆୟତ୍ତ କରି ସାରିଥିବି । ଏବେ କୌଣସି ସ୍ଥାନ ବୁଲିଯିବା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି । ପରୀକ୍ଷା ଶେଷ ହେଲେ ମୋର ପ୍ରିୟ ସ୍ଥାନମାନଙ୍କୁ ବୁଲିଯିବି ବୋଲି ମନସ୍ଥ କରିଛି ।

ଏହିଭଳି ଭାବରେ ମୋର ପାଠ ପଢ଼ାପଢ଼ ପ୍ରସ୍ତୁତି ଜାରି ରଖିଛି । ନିୟମିତ ଭାବେ ପାଠ ପ୍ରତି ସଜାଗ ରହିଛି । ତୁମେ ତୁମ ପରୀକ୍ଷା ପ୍ରସ୍ତୁତି ବିଷୟରେ କିପରି ପଦକ୍ଷେପ ନେଉଅଛ, ତାହା ଚିଠି ଦ୍ୱାରା ଜଣାଇବ । ଶେଷରେ ଆଶା କରୁଛି, ତୁମେ କୁଶଳରେ ଥିବ । ତୁମର ଫେରନ୍ତା ଚିଠିକୁ ଚାହିଁ ରହିଲି ।

॥ ଇତି ॥

ତୁମର ଅନ୍ତରଙ୍ଗ ସାଙ୍ଗ

ବିବେକ

**ଠିକଣା**

| ପ୍ରେରକ | ଗ୍ରାହକ (ଟିକେଟ) |
|---|---|
| ବିବେକାନନ୍ଦ ଜେନା | ସୁଶାନ୍ତ ମହାପାତ୍ର |
| ସା- ବାଲିଆପାଳ | ସା/ପୋ- ରଘୁପୁର |
| ପୋ- ବାଲିଆପାଳ | ଭାୟା – ସୁଜନପୁର |
| ଜି- ଯାଜପୁର | ଜି- ଯାଜପୁର |





**୩. ମହାବିଦ୍ୟାଳୟରେ ତୁମ ଛାତ୍ରାବାସ ପ୍ରାପ୍ୟ ପଇଠ କରିବା ନିମିତ୍ତ ଟଙ୍କା ପଠାଇବା ଲାଗି ବାପାଙ୍କ ନିକଟକୁ ପତ୍ର ଲେଖ ।**

ବ୍ରହ୍ମପୁର ଟାଉନ୍

୫, ଅକ୍ଟୋବର ୨୦୧୨

ପୂଜାସ୍ପଦ ବାପା,

ମୋର ଭୂମିଷ୍ଠ ପ୍ରମାଣ ନେବେ । ଆଶାକରେ ଆପଣ ସେଠାରେ କୁଶଳରେ ଥିବେ । ଗତକାଲି ଆପଣଙ୍କ ଚିଠି ପାଇଲି । ଚିଠି ପାଇ ଅନନ୍ଦିତ ହେଲି । ଆପଣ ମୋ ବିଷୟରେ ଜାଣିବାକୁ ଚାହିଁଛନ୍ତି । ଏଠାରେ ମୁଁ ଭଲରେ ଅଛି । ନିୟମିତ ଭାବରେ ପାଠ ପଢୁଛି । କିନ୍ତୁ ମୋର ହଷ୍ଟେଲ୍ ପ୍ରାପ୍ୟ ପୈଠ କରି ନଥିବାରୁ ଚିନ୍ତିତ ଅଛି ।

ଦୁଇମାସ ତଳେ ଗାଁରୁ କଲେଜ ଆସିଲାବେଳେ ଆପଣ ଘରେ ନଥିଲେ । ମୁଁ ମା'ଙ୍କ ଠାରୁ କେବଳ ବାଟ ଖର୍ଚ୍ଚ ଓ ସାମାନ୍ୟ ହାତ ଖର୍ଚ୍ଚ ନେଇ ଏଠାକୁ ଆସିଥିଲି । ମା'ଙ୍କ ପାଖରେ ଅଧିକ ଟଙ୍କା ନ ଥିଲା । ସେ ଆପଣଙ୍କୁ ଚାହିଁ ରହିଥିଲେ । ପରେ ଅବଶ୍ୟ ମା' କିଛି ଟଙ୍କା ଯୋଗାଡ଼ କରି ମୋ ନିକଟକୁ ପଠାଇଥିଲେ । ମୁଁ ଏହି ଟଙ୍କାରୁ ଗୋଟିଏ ମାସର ହଷ୍ଟେଲ ଖର୍ଚ୍ଚ ପୈଠ କରିଥିଲି । ଅବଶିଷ୍ଟ ଟଙ୍କାରେ ମୋର ଆବଶ୍ୟକୀୟ ବହି, ଖାତା ଓ ଅନ୍ୟାନ୍ୟ ଉପକରଣ କ୍ରୟ କରିଥିଲି । ଏବେ ମୁଁ ଶୂନ୍ୟହସ୍ତ । ଗତ ମାସର ହଷ୍ଟେଲ୍ ଖର୍ଚ୍ଚ ପୈଠ କରିବା ନିମିତ୍ତ କଲେଜରୁ ମୋତେ ନିର୍ଦ୍ଦେଶ ଦିଆଯାଇଛି । ତୁରନ୍ତ ଏହା ପୈଠ କରିବାକୁ ହେବ । ଏହା ଛଡ଼ା ମୋର ଅନ୍ୟାନ୍ୟ ଖର୍ଚ୍ଚ ନିମିତ୍ତ କିଛି ଟଙ୍କା ଦରକାର ।

ଏ ସମସ୍ତ ବିଷୟ ପ୍ରତି ଆପଣ ଉପଯୁକ୍ତ ଧ୍ୟାନ ଦେବେ । ମୋର ହଷ୍ଟେଲ୍ ଖର୍ଚ୍ଚ ଗତ ମାସର ଆଠ ଶହ ଟଙ୍କା ସହିତ ଅନ୍ୟାନ୍ୟ ଖର୍ଚ୍ଚ ନିମିତ୍ତ ଦୁଇଶହ ଟଙ୍କା ମୋଟ ଏକ ହଜାର ଟଙ୍କା ପଠାଇବାର ବ୍ୟବସ୍ଥା କରିବେ । ଏଠାରେ ଅନ୍ୟ ସମସ୍ତ ଖବର ଭଲ । ଏ ମାସର ପ୍ରଥମ ସପ୍ତାହରେ ମା'ଙ୍କ ପାଖରୁ ଚିଠି ପାଇଥିଲି । ଆପଣ କେବେ ଘରକୁ ଯାଉଛନ୍ତି, ଜଣାଇବେ । ମୁଁ ଯାଇ ଆପଣଙ୍କୁ ସାକ୍ଷାତ କରିବି ।

ଆପଣଙ୍କ ଫେରନ୍ତା ଉତ୍ତରକୁ ଚାହିଁ ରହିଲି ।

॥ ଇତି ॥

ଆପଣଙ୍କର ସ୍ନେହର

ଅର୍ଜୁନ

**ଠିକଣା**

| ପ୍ରେରକ | ଗ୍ରାହକ (ଟିକେଟ) |
| --- | --- |
| ଅର୍ଜୁନ ମଲ୍ଲିକ | ରାଜକିଶୋର ମଲ୍ଲିକ |
| ଚିନ୍ତାମଣି ମହାବିଦ୍ୟାଳୟ | ଜଳ ସମ୍ପଦ ବିଭାଗ |
| ସା/ପୋ- ବ୍ରହ୍ମପୁର ଟାଉନ | ରାଜ୍ୟ ସଚିବାଳୟ |
| ଜି- ଗଞ୍ଜାମ | ଭୁବନେଶ୍ୱର |

**୪. ପାଠପଢ଼ା ପ୍ରତି ଅବହେଳା କରି ଟି.ଭି. ଦେଖିବାରେ ବ୍ୟସ୍ତ ରହୁଥିବା ତୁମ ସାନ ଭାଇକୁ ପାଠ ପଢ଼ା ପ୍ରତି ସଚେତନ ହେବାକୁ ପତ୍ର ଲେଖ ।**

ଭୁବନେଶ୍ୱର
୨୦, ଅକ୍ଟୋବର ୨୦୧୨

ସ୍ନେହର ଜାନକୀ,

ମୋର ସ୍ନେହ ନେବୁ । ବାପା ଓ ମା'ଙ୍କୁ ମୋର ପ୍ରଣାମ ଜଣାଇ ଦେବୁ । ତନୁଜା ଓ ଦେବୁଙ୍କୁ ମୋର ସ୍ନେହାଶିଷ ଜଣାଇଦେବୁ । ଗତ ସପ୍ତାହରେ ମା'ଙ୍କ ଠାରୁ ଚିଠି ପାଇଥିଲି । ସେ ତୋ ବିଷୟରେ ବିରକ୍ତ ହୋଇ ଚିଠିଟି ଲେଖିଥିଲେ । ତୁ ପାଠ ପଢ଼ା ଛାଡ଼ି ଟି.ଭି. ଦେଖିବାରେ ସର୍ବଦା ବ୍ୟସ୍ତ ରହୁଥିବା କଥା ସେ ସେଥିରେ ଉଲ୍ଲେଖ କରିଥିଲେ । ସେଥିପାଇଁ ଏହି ଚିଠିଟି କେବଳ ତୋ ପାଇଁ ଲେଖୁଛି ।

ମନୁଷ୍ୟର ମନକୁ ଆନନ୍ଦ ଦେବାକୁ ଏବେ ପ୍ରତ୍ୟେକ ଗଣମାଧ୍ୟମ ନିଜକୁ ନିୟୋଜିତ କରିଅଛନ୍ତି । କେବଳ ଆନନ୍ଦ ଦେବାକୁ ନୁହେଁ ବରଂ ବହୁ ଖବର ଓ ତଥ୍ୟ ପ୍ରଦାନ କରି ମନୁଷ୍ୟକୁ ସଚେତନ ଓ କର୍ମ ମୁଖର କରାଇବା ଏ ଗୁଡ଼ିକର ଉଦ୍ଦେଶ୍ୟ । ଏଥିପାଇଁ ଦିବାରାତ୍ରର ଅଧିକାଂଶ ସମୟ ଏମାନେ ବିଭିନ୍ନ କାର୍ଯ୍ୟକ୍ରମମାନ ପ୍ରଚାର ଓ ପ୍ରସାର କରିଥାନ୍ତି । ପ୍ରତ୍ୟେକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ଓ ଉପଭୋଗ୍ୟ । ସମସ୍ତ କାର୍ଯ୍ୟକ୍ରମକୁ ଦେଖିବାକୁ ପ୍ରତ୍ୟେକଙ୍କର ପ୍ରବଳ ଇଚ୍ଛା ଜାଗେ । ମାତ୍ର ଏସବୁ ସମସ୍ତଙ୍କ ପାଇଁ ଶୁଭପ୍ରଦ ବା ଯୁକ୍ତିଯୁକ୍ତ ନୁହେଁ । ବିଶେଷକରି ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥଳବିଶେଷରେ ଅତ୍ୟନ୍ତ କ୍ଷତିକାରକ । ଅବଶ୍ୟ କେତେକ ଶିକ୍ଷାମୂଳକ କାର୍ଯ୍ୟକ୍ରମ ରହିଛି । ତାହା ହିଁ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ । ଏତଦ୍‌ଭିନ୍ନ ସର୍ବଦା ଟି.ଭି.ର କାର୍ଯ୍ୟକ୍ରମ ଦେଖିବା ଦ୍ୱାରା ଆଖି ଉପରେ ଏହାର କୁ-ପ୍ରଭାବ ପଡ଼େ । ଅତ୍ୟଧିକ ମନୋରଞ୍ଜନ କାର୍ଯ୍ୟକ୍ରମମାନ ସ୍ୱାଭାବିକ ମାନସିକତାର ଅବକ୍ଷୟ ଘଟାଇଥାଏ । ଏହିଭଳି ଟି.ଭି.ର କାର୍ଯ୍ୟକ୍ରମମାନ କୋମଳମତି ଛାତ୍ର ଛାତ୍ରୀମାନଙ୍କ ପାଇଁ କ୍ଷତିକାରକ ।

ଏବେ ତୁ ଦଶମ ଶ୍ରେଣୀରେ ପଢୁଛୁ । ଆଗକୁ ତୋ ବୋର୍ଡ଼ ପରୀକ୍ଷା ଆସୁଛି । ଏଥିପ୍ରତି ସଚେତନ ହେବା ତୋ ପକ୍ଷରେ ଜରୁରୀ ଅଟେ । ତେଣୁ ତୁ ଟିଭି ଦେଖାରେ ସମୟ ନଷ୍ଟ ନ କରି ତୋର ପାଠ ପଢ଼ା ପ୍ରତି ଅଧିକ ସଜାଗ ଓ ବ୍ୟସ୍ତ ରହିବାକୁ ମୁଁ ପରାମର୍ଶ ଦେଉଛି । ମୋ କଥାନୁଯାୟୀ ତୁ ପାଠପଢ଼ା ପ୍ରତି ଅଧିକ ଯତ୍ନଶୀଳ ହେଲେ ତୋର ଆଗାମୀ ପରୀକ୍ଷାଫଳ ନିଶ୍ଚିତ ଭାବରେ ଆଶାଜନକ ହେବ, ଏଥିରେ ସନ୍ଦେହ ନାହିଁ । ମୋର ଉପଦେଶ ପ୍ରତି ଦୃଷ୍ଟି ଦେବୁ ବୋଲି ଆଶା । ଈଶ୍ୱରଙ୍କ କୃପାରୁ ସେଠାରେ ଭଲରେ ଥିବୁ ।

॥ ଇତି ॥

ତୋ ଶୁଭାକାଂକ୍ଷୀ ଭାଇ
ଉପେନ୍ଦ୍ର

**ଠିକଣା**

| **ପ୍ରେରକ** | **ଗ୍ରାହକ** (ଟିକେଟ) |
|---|---|
| ଉପେନ୍ଦ୍ର କୁମାର ମହାନ୍ତି | ଜାନକୀ ବଲ୍ଲଭ ମହାନ୍ତି |
| ଶିକ୍ଷା ବିଭାଗ, ରାଜ୍ୟ ସଚିବାଳୟ | ସା/ପୋ- କୁମାରପୁର |
| ଭୁବନେଶ୍ୱର | ଜିଲ୍ଲା- ଭଦ୍ରକ |



ଟିପ୍ପଣୀ

**୫. ତୁମ ଜୀବନର ଲକ୍ଷ୍ୟ ବର୍ଣ୍ଣନା କରି ତୁମ ପିତାଙ୍କ ନିକଟକୁ ପତ୍ର ଲେଖ ।**

ରେଭେନ୍ସା କଲେଜିଏଟ୍ ଛାତ୍ରାବାସ

୨୫, ଅକ୍ଟୋବର ୨୦୧୨

ପୂଜାସ୍ପଦ ବାପା,

ମୋର ଭୂମିଷ୍ଠ ପ୍ରମାଣ ନେବେ । ଆଶାକରେ ଆପଣ ସେଠାରେ କୁଶଳରେ ଥିବେ । ଆପଣଙ୍କ ଚିଠି ଗତ ସପ୍ତାହରେ ପାଇଥିଲି । ତାହା ମୋତେ ଅସୀମ ଆନନ୍ଦ ପ୍ରଦାନ କରିଥିଲା । ଆପଣଙ୍କ ଚିଠି ପଢ଼ିବା ସମୟରେ ମୁଁ ଯେମିତି ଅନୁଭବ କରୁଥିଲି, ଆପଣ ମୋ ନିକଟରେ ଉପସ୍ଥିତ ହୋଇ କଥା କହୁଛନ୍ତି । ଆପଣ ମୋ ଜୀବନର ଲକ୍ଷ୍ୟ ଜାଣିବାକୁ ଚାହିଁଛନ୍ତି । ସେହି ବିଷୟରେ ନିମ୍ନରେ ଲେଖୁଅଛି ।

ମୋ ମତରେ ଛାତ୍ରାବସ୍ଥାରୁ ନିଜ ଜୀବନର ଲକ୍ଷ୍ୟ ପ୍ରତି ସମସ୍ତେ ସଜାଗ ହେବା ଉଚିତ । କାରଣ ମୂଳଦୁଆ ଉପରେ ଗୃହର ଭାର ନିର୍ଭର କରେ । ପ୍ରତ୍ୟେକ ପିଲା ଏହି କାଳରୁ ନିଜ ଜୀବନର ଲକ୍ଷ୍ୟ ପ୍ରତି ନିଷ୍ପତ୍ତି ନେବା ଉଚିତ । ଏହି ପରିପ୍ରେକ୍ଷୀରେ ମୁଁ ମୋ ଜୀବନର ଲକ୍ଷ୍ୟ ସ୍ଥିର କରି ନେଇଅଛି । ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ମୁଁ ଆଜିଠାରୁ ସଙ୍କଳ୍ପବଦ୍ଧ । ବର୍ତ୍ତମାନ ସମୟରେ ଜଣେ ଡାକ୍ତର ହେବା ବହୁ କଷ୍ଟକର ବ୍ୟାପାର ହୋଇଥିଲେ ମଧ୍ୟ ଦୃଢ଼ ମନୋବଳ ଓ ଗଭୀର ଆତ୍ମବିଶ୍ୱାସ ବଳରେ ଏହି ଲକ୍ଷ୍ୟ ସ୍ଥଳରେ ମୁଁ ନିଶ୍ଚିତ ଭାବେ ପହଞ୍ଚି ପାରିବି ବୋଲି ମୋର ଆଶା ।

ଏବେ ଠାରୁ ମୁଁ ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ମୋର ପଢ଼ାପଢ଼ିର କୌଶଳ ସ୍ଥିର କରି ନେଇଛି । କଠିନ ପରିଶ୍ରମ କରି ପୁସ୍ତକ ଅଧ୍ୟୟନ ସହିତ ସାଧାରଣ ଜ୍ଞାନ ଓ ବିଜ୍ଞାନ ପ୍ରତି ବେଶ ଦୃଷ୍ଟି ଦେଉଅଛି । ମାଟ୍ରିକ୍ ପାଶ୍ ପରେ ମୁଁ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇବା ସହିତ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଦେବାରେ ହେଳା କରିବି ନାହିଁ । ମୋର ଦୃଢ଼ ମନୋବଳ ଓ ଏକାଗ୍ରତା ଯୋଗୁଁ ନିଶ୍ଚୟ ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ପାଇବି । ଡାକ୍ତରୀ ପାଠ (ଏମ.ବି.ବି.ଏସ୍.) ସମାପ୍ତ କରି ମୁଁ ସରକାରଙ୍କ ନିଯୁକ୍ତି ଉପରେ ନିର୍ଭର କରିବାକୁ ଚାହେଁ ନାହିଁ । ବରଂ ବିଭିନ୍ନ ଋଣ ଲଗାଣ ସଂସ୍ଥା ଜରିଆରେ ଋଣ ନେଇ ଏକ କ୍ଲିନିକ୍ ଖୋଲିଲେ ଜନସାଧାରଣଙ୍କର ସେବା କରିବାର ସୁଯୋଗ ପାଇବି । ଏହା ଦ୍ୱାରା ସମାଜର ଦରିଦ୍ର, ଅବହେଳିତ ତଥା ପଛୁଆ ଲୋକମାନେ ଉପକୃତ ହେବେ ।

ଏହିଭଳି ଏକ ଉଚ୍ଚ ଆଶା ନେଇ ମୋ ଜୀବନର ଲକ୍ଷ୍ୟ ସ୍ଥିର କରିଅଛି । ଏଥିପାଇଁ ଆପଣଙ୍କର ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ । ଏଠାରେ ସମସ୍ତ ଖବର ଭଲ । ଏତିକିରେ ରହୁଛି ।

॥ ଇତି ॥

ଆପଣଙ୍କର ସ୍ନେହାଧୀନ ପୁତ୍ର

ଜିତେନ୍ଦ୍ର

**ଠିକଣା**

| **ପ୍ରେରକ** | **ଗ୍ରାହକ** (ଟିକେଟ) |
|---|---|
| ଜିତେନ୍ଦ୍ର କୃଷ୍ଣ ପ୍ରଧାନ | କୃଷ୍ଣଚନ୍ଦ୍ର ପ୍ରଧାନ |
| ରୁମ୍ ନଂ -୮ | ରାଜସ୍ୱ ବିଭାଗ |
| ରେଭେନ୍ସା କଲେଜିଏଟ୍ ଛାତ୍ରାବାସ | ରାଜ୍ୟ ସଚିବାଳୟ, ଭୁବନେଶ୍ୱର |
| ଜି- କଟକ | ଜି-ଖୋର୍ଦ୍ଧା |

**୬. ତୁମେ ଦେଖିଥିବା ଏକ ଆଦିବାସୀ ମେଳା ବର୍ଣ୍ଣନା କରି ତୁମର ଜଣେ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।**

ରାମଚନ୍ଦ୍ରପୁର

୧୫, ନଭେମ୍ବର ୨୦୧୨

ପ୍ରିୟ କମଳ,

ମୋର ଶୁଭେଚ୍ଛା ନେବୁ । ମଉସା, ମାଉସୀଙ୍କୁ ପ୍ରଣାମ ଓ ପିଲାମାନଙ୍କୁ ସ୍ନେହାଶିଷ ଜଣାଇଦେବୁ । ମୁଁ ଏଠାରେ ଭଲରେ ଅଛି । ଆଶା କରେ ସପରିବାରେ ଭଲରେ ଥିବୁ ।

କମଳ, ଏବେ ଭୁବନେଶ୍ୱରେ ଯେଉଁ ଆଦିବାସୀ ମେଳା ହୋଇଥିଲା ତାହା ମୁଁ ଦେଖିବାକୁ ଯାଇଥିଲି । ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ସରକାରୀ ବ୍ୟୟରେ ଏକ ବିରାଟ ଆଦିବାସୀ ମେଳା ଅୟୋଜିତ ହୋଇଥିଲା । ଗଞ୍ଜାମରୁ କନ୍ଧ, କୋରାପୁଟରୁ ସଉରା, ମୟୁରଭଞ୍ଜ ଓ କେନ୍ଦୁଝରରୁ କୋହ୍ଲମାନଙ୍କୁ ଏଠାକୁ ଅଣାଯାଇଥିଲା । ସେମାନଙ୍କ ଜୀବନଯାତ୍ରାର ଚିତ୍ର ଏହି ମେଳାରେ ପ୍ରଦର୍ଶିତ ହୋଇଥିଲା । ଆଦିବାସୀଙ୍କ କୁକୁଡ଼ା ପାଳନ, ମହୁ ମାରିବାର ପ୍ରଣାଳୀ, ମହୁଲ ରଖିବାର କାଇଦା, ସେମାନଙ୍କ ବ୍ୟବହୃତ ଧନୁ-ଶର ଓ ବର୍ଚ୍ଛା ଆଦି ଅସ୍ତ୍ର ଶସ୍ତ୍ର ଠାଆକୁ ଠାଆ ଦର୍ଶା ଯାଇଥିଲା । ପୁନଶ୍ଚ ସେମାନଙ୍କ ଜୀବନଧାରା ସୂଚକ କେତେକ ମୃଣ୍ମୟ ଶିଳ୍ପ ଏବଂ ନୁଆଁଣିଆ ଘର ଓ ଅଗଣାଦି ଗୋଟିଏ ସ୍ଥାନରେ ନିର୍ମିତ ହୋଇଥିଲା । ଅନ୍ୟ ଏକ ସ୍ଥାନରେ ଆଦିବାସୀ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ ମିଶି ଚାଙ୍ଗୁନାଚ ଓ ଘୁମୁରାନାଚ ଦେଖାଉଥିଲେ । ଅନ୍ୟତ୍ର ଆଦିବାସୀଙ୍କ ଶିକାର ଅନୁକରଣରେ ନୃତ୍ୟାଭିନୟ ପ୍ରଦର୍ଶିତ ହେଉଥିଲା । ସରକାରୀ ଅଫିସରମାନେ ସରକାରଙ୍କ ଆଦିବାସୀ ଉନ୍ନୟନ ଯୋଜନା ସମ୍ପର୍କରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବୁଝାଉଥିଲେ । ଏହି ମେଳାରେ ପ୍ରବଳ ଜନସମାଗମ ହୋଇଥିଲା । ଶାନ୍ତି ରକ୍ଷା ନିମିତ୍ତ ପୋଲିସ ମୁତୟନ କରାଯାଇଥିଲା । ପ୍ରତ୍ୟେକ ଦର୍ଶକ ଏହି ମେଳାରେ ଆନନ୍ଦ ଲାଭ କରିଥିଲେ ।

ତୁମକୁ ଏହା କିପରି ଲାଗିଲା ଲେଖି ଜଣାଇବ ।

॥ ଇତି ॥

ତୁମର ବନ୍ଧୁ

ତପନ

**ଠିକଣା**

| **ପ୍ରେରକ** | **ଗ୍ରାହକ** (ଟିକେଟ) |
|---|---|
| ଶ୍ରୀ ତପନ କୁମାର ସାହୁ | ଶ୍ରୀ କମଳାକାନ୍ତ ଦାସ |
| ସା/ପୋ- ରାମଚନ୍ଦ୍ରପୁର | ସା/ପୋ- ଶିବରାମପୁର |
| ଜି- ଗଞ୍ଜାମ | ଜି- କେନ୍ଦ୍ରାପଡା |

## ୨୨.୪ ବାଣିଜ୍ୟିକ ଓ ଦପ୍ତର ପତ୍ର :

ବାଣିଜ୍ୟିକ ଅର୍ଥାତ ବ୍ୟବସାୟ ସମ୍ପର୍କିତ ପତ୍ର । ଏହି ପ୍ରକାର ପତ୍ର ବ୍ୟବସାୟ ସମ୍ପର୍କରେ କେତେକ ବିଶେଷ କଥା ସହିତ ବ୍ୟକ୍ତି ବା ବ୍ୟବସାୟିକ ଅନୁଷ୍ଠାନ ଲେଖିଥାନ୍ତି । ଯଦିଓ ଏହା ବ୍ୟକ୍ତିଦ୍ୱାରା ଲେଖାଯାଇଥାଏ ତଥାପି ଏହା ବ୍ୟକ୍ତିଗତ ପତ୍ର ନୁହେଁ । କାରଣ ଏହା ବ୍ୟବସାୟ ପାଇଁ ଆବଶ୍ୟକ ତଥ୍ୟ ଭିତ୍ତିକ ପତ୍ରଟିଏ । ଏଣୁ ଏ ପ୍ରକାର ପତ୍ରର ଭାଷା ଓ ବିଷୟ ସ୍ୱତନ୍ତ୍ର । ଏଥିରେ ନିର୍ଦ୍ଦିଷ୍ଟ ତଥ୍ୟ ସଂକ୍ଷେପରେ ଲେଖାଯାଇଥାଏ । ଗୋଟିଏ ଅନୁଷ୍ଠାନ ଏପରି ଚିଠି ଏକାଧିକ ବ୍ୟବସାୟ କେନ୍ଦ୍ର, ସଂସ୍ଥା ବା ଅନୁଷ୍ଠାନକୁ ଲେଖିଥାନ୍ତି । ଅନେକ ସମୟରେ ବ୍ୟବସାୟୀ, ଟିକସ ସଂସ୍ଥା ବା ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ ଏହି ଚିଠି ଆଦାନ-ପ୍ରଦାନ ହୋଇଥାଏ । ଏପ୍ରକାର ପତ୍ରକୁ କେତେକ ବିଶେଷ ବିଭାଗରେ ବିଭକ୍ତ କରି ଲେଖାଯାଏ ।

୧. ଏଥିରେ ଅନୁଷ୍ଠାନର ନାମ, ପ୍ରେରକ ଓ ଠିକଣା ଥାଏ ବା ବ୍ୟବସାୟିକ ସଂସ୍ଥାର ନାମ ଥିବା କାଗଜ ମଧ୍ୟ ବ୍ୟବହାର କରାଯାଏ । ଯଥା: ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ମହାନଦୀ କୋଲ୍ ଫିଲଡ୍ ଇତ୍ୟାଦି । ଏପରି Letter headରେ ଅନୁଷ୍ଠାନର ସ୍ଥାନୀୟ ଠିକଣା ଓ ଫୋନ୍ ନମ୍ବର ମଧ୍ୟ ଥାଏ ।

୨. କେତେକ Letter head ବ୍ୟକ୍ତିର ବ୍ୟକ୍ତିଗତ ବ୍ୟବହାର ପାଇଁ ମଧ୍ୟ କରାଯାଇଥାଏ ।

୩. ଏପରି Letter headର ଉପର ଦୁଇପଟେ ଚିଠି ନମ୍ବର, ତାରିଖ ପାଇଁ ସ୍ଥାନ ରହିଥାଏ ।

୪. ବ୍ୟକ୍ତି, ଅନୁଷ୍ଠାନ ଇତ୍ୟାଦିକୁ ଆବଶ୍ୟକୀୟ ସମ୍ବୋଧନ ସହ ବ୍ୟକ୍ତିର (Position ବା Designation) ଉପାଧି ଇତ୍ୟାଦି ଲେଖାଯାଏ । ବିଷୟ ବା ପ୍ରସଙ୍ଗ ଏହା ତଳକୁ ସ୍ପଷ୍ଟ କରାଯାଇଥାଏ ।

ଯଥା : କ) ବିଷୟ : ଶହେ ବସ୍ତା ସିମେଣ୍ଟ ପଠାଇବା ସମ୍ବନ୍ଧରେ ।
ଖ) ବିଷୟ : ଆୟକର ପଇଠ ସମ୍ପର୍କରେ ।

୫. ଏଥିରେ ଛୋଟ ଛୋଟ ଅନୁଚ୍ଛେଦ ରହିବା ସହିତ ଆବଶ୍ୟକ ସ୍ଥଳେ ଅନୁଚ୍ଛେଦର କ୍ରମାଙ୍କ ମଧ୍ୟ ରହିବ ।

୬. ପରିଶେଷରେ ପ୍ରାପକ ଅନୁଷ୍ଠାନ ବା ବ୍ୟକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସମ୍ବୋଧନରେ ଚିଠି ଶେଷ କରାଯିବ । ତା’ ତଳକୁ ବ୍ୟବସାୟ ସଂସ୍ଥାର ନାମ ପ୍ରଭୃତି ରହିବ ।

୭. କେତେକ ନିର୍ଦ୍ଦିଷ୍ଟ ଅଫିସ ଚିଠିର ଅନୁଲିପି (copy) ବିଭିନ୍ନ ସ୍ଥାନକୁ ପଠାଇବାକୁ ଥାଏ । ସେପରି ଚିଠିର ତଳେ ଲେଖିଦେବାକୁ ହୁଏ - ଏହାର ଏକକିତା ନକଲ (copy to) ଆବଶ୍ୟକୀୟ ସ୍ଥାନଙ୍କ ଅବଗତି ନିମନ୍ତେ ପଠାଗଲା ।

✡ ଉଭୟ ପତ୍ର ମଧ୍ୟରେ ଏକ ତୁଳନା ଯାହା ପ୍ରତି ଛାତ୍ର-ଛାତ୍ରୀମାନେ ଧ୍ୟାନ ଦେବା ଉଚିତ୍ ।

i) ବ୍ୟକ୍ତିଗତ ପତ୍ର ଆନ୍ତରିକତା ଶ୍ରଦ୍ଧା ଓ ସମ୍ମାନ ଆବଶ୍ୟକ କରୁଥିବାବେଳେ ବ୍ୟବସାୟିକ ପତ୍ରରେ ସମ୍ମାନ ପ୍ରଦର୍ଶନ ନିହାତି ଦରକାର ।

ii) ବ୍ୟକ୍ତିଗତ ପତ୍ରର ସୀମା ବ୍ୟାପକ ବେଳେ ବ୍ୟବସାୟିକ ପତ୍ରର ବିଷୟ ସୀମିତ ।

iii) ଇ-ମେଲ, ଫ୍ୟାକ୍ସ ବା ନେଟ୍‌କୁ ମାଧ୍ୟମ କଲାବେଳେ ସଂକ୍ଷିପ୍ତତା ପ୍ରତି ଦୃଷ୍ଟିଦେବା ନିହାତି ଜରୁରୀ । ଏହା ସହିତ ନିଜର ଓ ଅନ୍ୟର ଫାଇଲ୍, ଖାତା, ପାସ୍ ୱାର୍ଡ୍ ଓ କୋଡ୍‌ର ବ୍ୟବହାର ଆବଶ୍ୟକ ଅନୁସାରେ କରିବାକୁ ହେବ ।

## ୨୨.୫ ବିଭିନ୍ନ ଚିଠିର ନମୂନା :

**୧. ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ପାଇଁ ଅନୁମତି ଓ ସହଯୋଗ ପ୍ରାର୍ଥନା କରି ଜିଲ୍ଲାପାଳଙ୍କୁ ଦରଖାସ୍ତ ।**

ପ୍ରାପ୍ତେଷୁ : ମାନନୀୟ ଜିଲ୍ଲାପାଳ, ଯାଜପୁର ଜିଲ୍ଲା, ଯାଜପୁର
(ଅଧ୍ୟକ୍ଷ, ଗୋପବନ୍ଧୁ ଚୌଧୁରୀ କଲେଜ , ରାମଚନ୍ଦ୍ରପୁର, ବରୀଙ୍କ ଜରିଆରେ)

ବିଷୟ : ବନ୍ୟାଗ୍ରସ୍ତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବାଣ୍ଟିବା ପାଇଁ ଅନୁମତି ନିମନ୍ତେ ଆବେଦନ ।

ମହାଶୟ,

ଆମ୍ଭେମାନେ ସ୍ଥାନୀୟ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ, ରାମଚନ୍ଦ୍ରପୁର ଜାତୀୟ ସେବା ସଂସ୍ଥାର ଛାତ୍ରଛାତ୍ରୀ । ବରୀ, ବୋଦୁଅ, ଅରେଇ ଓ ବାଲିଆ ଅଞ୍ଚଳରେ ବନ୍ୟା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଆମେ ରିଲିଫ୍ ସାମଗ୍ରୀ ବାଣ୍ଟିବା ପାଇଁ ଆପଣଙ୍କର ଅନୁମତି ପ୍ରାର୍ଥନା କରୁଅଛୁ ।

ଆମ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ୍ ଅଫିସର ତଥା ଇତିହାସ ଅଧ୍ୟାପକ ଡକ୍ଟର ହରିହର ଶତପଥୀ ଆମ ସହିତ ବନ୍ୟାଞ୍ଚଳରେ ରିଲିଫ୍ ବାଣ୍ଟିବା ପାଇଁ ଯାଉଛନ୍ତି । ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ୨୦ ଜଣ ଛାତ୍ର ଓ ୫ ଜଣ ଛାତ୍ରୀ ଅଛନ୍ତି ।

ସ୍ୱେଚ୍ଛାସେବୀ ଦଳ ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରୁ ତା ୧୮/୦୮/୨୦୧୨ ରିଖ ଶନିବାର ଦିନ ସକାଳ ୭ଟାରୁ ବାହାରି ଯଥାକ୍ରମେ ବରୀ, ବୋଦୁଅ, ଅରେଇ ଦେଇ ଶେଷରେ ସାମନ୍ତସିଂହାର ବାଲିଆରେ ପହଞ୍ଚିବେ । ଚୂଡ଼ା, ଗୁଡ଼, ଚାଉଳ, ସିଝା ଆଳୁ, ଲୁଗା ଓ ପଲିଥିନ୍ ନେଇ ଗୋଟିଏ ଟ୍ରକ୍ ନଂ- ଓଆର୍‌୦୪ ବି-୧୩୨୬ ଗନ୍ତବ୍ୟ ସ୍ଥଳରୁ ବାହାରି ଉଲ୍ଲିଖିତ ସ୍ଥାନ ଦେଇ ବାଲିଆରେ ପହଞ୍ଚିବ ।



ଆପଣଙ୍କୁ ବିଶେଷ ଅନୁରୋଧ, ଆପଣ ରିଲିଫ୍ କାର୍ଯ୍ୟରେ ସହାୟତା କରିବା ପାଇଁ ଦୁଇ ଜଣ କନେଷ୍ଟବଳ ଓ ଗୋଟିଏ ପାୱାର ଲଞ୍ଚର ବ୍ୟବସ୍ଥା କଲେ ଆମେ ଉପକୃତ ହେବୁ ।

ଆପଣଙ୍କର ସଦୟ ଆଶୁ ସହଯୋଗକୁ ଅପେକ୍ଷା କରୁଛୁ ।

ରାମଚନ୍ଦ୍ରପୁର, ବରୀ ॥ ଇତି ॥

ଆପଣଙ୍କର ସୌଜନ୍ୟମୁଗ୍ଧ
ରାମଚନ୍ଦ୍ର ସାହୁ
ଜାନକୀ ସାହୁ
ବିନୟ ପଣ୍ଡା ଆଦି ଛାତ୍ରଛାତ୍ରୀଗଣ

### II. ବଧୂ ନିର୍ଯାତନା ସମ୍ପର୍କରେ ରାଜ୍ୟ ମହିଳା କମିଶନଙ୍କ ନିକଟରେ ଅଭିଯୋଗ

ପ୍ରାପ୍ତେଷୁ : ମାନନୀୟା ଅଧ୍ୟକ୍ଷା, ରାଜ୍ୟ ମହିଳା କମିଶନ, ଭୁବନେଶ୍ୱର

ବିଷୟ : ନବବଧୂ ପ୍ରତି ତାର ଶ୍ୱଶୁର ଘରର ଅତ୍ୟାଚାର ସମ୍ବନ୍ଧେ

ମହାଶୟା,

ନିବେଦନକାରୀ ମୁଁ ଶ୍ରୀମତୀ ମମତା ପଣ୍ଡା, ସ୍ୱାମୀ - ଅଜୟ ପଣ୍ଡା, ବୋଇରାଣି, ଗଞ୍ଜାମ ଆପଣଙ୍କ ନିକଟରେ ନିମ୍ନମତେ ଅଭିଯୋଗ ଦାଖଲ କରିବା ସଙ୍ଗେସଙ୍ଗେ ଏ ଅଭିଯୋଗର ସତ୍ୟାସତ୍ୟ ବିଚାର କରିବା ପାଇଁ ଅନୁରୋଧ କରୁଛି ।

ପ୍ରକାଶଥାଉକି ମୋର ବିବାହ ଶ୍ରୀ ଶଶୀ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଅଜୟ ସହିତ ୨୦୧୦ ମସିହା ଫେବୃଆରୀ ମାସ ୨୧ ତାରିଖ ଦିନ ସମ୍ପନ୍ନ ହୋଇଥିଲା । ଅଜୟ ଏମ୍.ଏଇ. ସ୍କୁଲରେ କିରାଣୀ ଭାବେ କାର୍ଯ୍ୟରତ ।

ବିବାହ ସମୟରେ ବର ପିତା (ମୋ ଶ୍ୱଶୁର) ଯୌତୁକ ବାବଦକୁ ଦୁଇ ଲକ୍ଷ ଟଙ୍କା, ଦଶ ଭରି ସୁନା, ହିରୋହୋଣ୍ଡା ବାଇକ୍ ଓ ଅନ୍ୟାନ୍ୟ ଆସବାବପତ୍ର ପାଇଁ ନଗଦ ପଚାଶ ହଜାର ଟଙ୍କା ନେଇଥିଲେ । କିଛି ଦିନ ପରେ ଗୋଟିଏ ଦୋକାନ ଖୋଲିବା ପାଇଁ ମୋ ବାପାଙ୍କ ଠାରୁ ପଚାଶ ହଜାର ଟଙ୍କା ଆଣିବାକୁ ମତେ ବାଧ କଲେ । କିନ୍ତୁ ମୋ ବାପାଙ୍କର ଆର୍ଥିକ ପରିସ୍ଥିତି ଜଣାଇ ତାଙ୍କ ଠାରୁ ଟଙ୍କା ଆଣିବା ପାଇଁ ମୁଁ ମନା କରିଦେଲି ।

ତେଣୁ ସେହିଦିନ ଠାରୁ ମୋ ଶାଶୁ ଘର ଲୋକେ ମୋ ଉପରେ ଯାବତୀୟ ଅତ୍ୟାଚାର (ଶାରୀରିକ ଓ ମାନସିକ) କରିଛନ୍ତି । ପ୍ରଥମେ କିଛି ନକହି ସହି ଯାଉଥିଲି । କିନ୍ତୁ ଏବେ ଯାବତୀୟ ମନସ୍ତାପରେ ଦିନ କାଟୁଛି । ସେମାନେ ମୋତେ ବହୁ ଖଟଣୀ ଖଟାଉଛନ୍ତି ଓ ଖରାପ ଭାଷାରେ ଗାଳି ଗୁଲଜ ମଧ୍ୟ କରୁଛନ୍ତି । ମୋ ସ୍ୱାମୀ ମଧ୍ୟ ସେଥିରୁ ବାଦ୍ ପଡ଼ି ନାହାନ୍ତି । ତାଙ୍କ ବ୍ୟବହାରରେ ମଧ୍ୟ ମୁଁ ଖୁସି ନୁହେଁ । ଗୋଟେ ସପ୍ତାହ ହେବ, ଶାଶୁ, ନଣନ୍ଦ ଓ ଶ୍ୱଶୁର ମିଶି ମୋତେ ମାଡ଼ପିଟ୍ କରିଛନ୍ତି । ପିନ୍ଧିଥିବା ଗହଣା ଓହ୍ଲାଇ ନେଇଛନ୍ତି । ମାଡ଼ମାରି ହାତର ଶଙ୍ଖା ମଧ୍ୟ ଭାଙ୍ଗି ଦେଇଛନ୍ତି । ଗତକାଲି ମୋତେ ନିଆଁରେ ପୋଡ଼ି ମାରିବାର ସବୁ ବ୍ୟବସ୍ଥା କରିଥିଲେ । ହେଲେ ମୋ ଚିତ୍କାର ଶୁଣି ପଡ଼ିଶା ଘରର ଲୋକେ କବାଟ ବାଡ଼େଇବାରୁ ମୁଁ ଅଳ୍ପକେ ରକ୍ଷା ପାଇଗଲି । ବାପା ଖବର ପାଇ ଆମ ଘରକୁ ମତେ ନେଇଆସିଛନ୍ତି । ମୁଁ ଏବେ ବାପଘରେ ରହୁଛି । ଏପରି ଅବସ୍ଥାରେ ଶାଶୁଘରକୁ ଯିବା ପାଇଁ ମୋ ସାହସ ପାଉନାହିଁ ।

ଆଗରୁ ବାପା ସ୍ଥାନୀୟ ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗଟିଏ ଦେଇଥିଲେ । କିନ୍ତୁ ରାଜନୀତିକ ଚାପ ପକାଇ ସେମାନେ କାର୍ଯ୍ୟାନୁଷ୍ଠାନକୁ ଟାଳି ଦେଇଛନ୍ତି । ଏଣୁ ଏହାର ପ୍ରତିକାର କରିବା ପାଇଁ ମୁଁ ଆପଣଙ୍କ ଠାରେ ଅନୁରୋଧ କରୁଛି ।

ଆଶା, ଆପଣ ନିଜେ ଆସି ପରିସ୍ଥିତିର ସତ୍ୟତା ଅନୁସନ୍ଧାନ ପୂର୍ବକ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବେ । ଶ୍ୱଶୁର ଘର ଲୋକଙ୍କର ବ୍ୟବହାର ଦର୍ଶାଇ ମୁଁ ବାପାଙ୍କୁ ଲେଖିଥିବା ଚିଠି ଓ ଥାନାରେ ଦିଆଯାଇଥିବା ଏଫ୍.ଆଇ.ଆର୍. ର ଅବିକଳ ନକଲ ଆପଣଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏଥି ସହିତ ସଂଯୋଗ କରୁଅଛି ।

ସେରଗଡ଼
ତା. ୧୫/୦୭/୨୦୧୦ରିଖ

॥ ଇତି ॥
ଆପଣଙ୍କର ବିଶ୍ୱସ୍ତ

ମମତା ପଣ୍ଡା
ପିତା : ସରୋଜ ମିଶ୍ର
ଗ୍ରାମ – ଶେରଗଡ଼
ଜିଲ୍ଲା – ଗଞ୍ଜାମ





### ୩. ଏଲେକ୍ଟ୍ରୋନିକ୍ସ ମେଲ୍

ଏହାକୁ ସଂକ୍ଷେପରେ ଇ-ମେଲ୍ (E-mail) ବା କେବଳ ମେଲ୍ କୁହାଯାଉଛି । କମ୍ପ୍ୟୁଟର ଯୁଗରେ ଚିଠିପତ୍ରର ଆଦାନ ପ୍ରଦାନ ପାଇଁ ଏହା ହେଉଛି କ୍ଷିପ୍ରତମ ପଦକ୍ଷେପ । ଏହି ଚିଠି ପାଇବା ଓ ପଠାଇବା ଲୋକଙ୍କୁ କମ୍ପ୍ୟୁଟରର ସହାୟତା ନେବାକୁ ପଡ଼େ । ଇମେଲ ପାଇଁ ଗ୍ରାହକ ଓ ପ୍ରାପକଙ୍କୁ ଗୋଟିଏ ଲେଖାଏଁ ଇମେଲ ଖାତା ଖୋଲିବାକୁ ପଡ଼େ । ଏଥିପାଇଁ ବିଭିନ୍ନ କମ୍ପାନୀ ଯଥା- SIFY, REDIFF ଏବଂ ଆହୁରି ଅନେକ ସଂସ୍ଥା ସେବା ଯୋଗାଇ ଦେଉଛନ୍ତି ।

ମାତ୍ର ଦୁଃଖର କଥା ଓଡ଼ିଆ ଭାଷାରେ ଇମେଲ ପଠାଇବା ସୁବିଧାଜନକ ହୋଇନାହିଁ । କାରଣ ଓଡ଼ିଆ ଚିଠି ପଠାଇବା ପାଇଁ ପ୍ରେରକ ଓ ପ୍ରାପକ ଉଭୟଙ୍କ କମ୍ପ୍ୟୁଟରରେ ଓଡ଼ିଆ ସଫ୍ଟୱେୟାର ଥିବା ଆବଶ୍ୟକ । ଅବଶ୍ୟ ବର୍ତ୍ତମାନ LEAP ଅଫିସ୍ ଭଳି କେତୋଟି ସଫ୍ଟୱେୟାରରେ ଚିଠି ସହ ଓଡ଼ିଆ ଅକ୍ଷର ବ୍ୟବହାର କରି E-MAIL ପଠାଇବାର ବ୍ୟବସ୍ଥା ଅଛି ।

ଏଥିରେ ଚିଠି ସହ ଚିତ୍ର ତଥା ଅନ୍ୟାନ୍ୟ ଦଲିଲ୍ ଦସ୍ତାବିଜ୍ ଆଦି ପଠାଇବାର ସୁବିଧା ଅଛି । ଇମେଲ ପଠାଇବା ପାଇଁ ନିମ୍ନ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ।

୧- ଏଥିପାଇଁ ଉଭୟ ପ୍ରେରକ ଓ ପ୍ରାପକର ମେଲ୍ ଖାତା ରହିବ ।
୨- ପ୍ରଥମେ ପ୍ରେରକ ନିଜ ଖାତା ଖୋଲିବେ ।
୩- ଏଥିରେ ଚିଠି ଲେଖିବା (କମ୍ପୋଜ୍) ଫାଇଲ୍ ଖୋଲିବେ ।
୪- ଉଦ୍ଦିଷ୍ଟ ସ୍ଥାନରେ ପ୍ରାପକର ଠିକଣା ଲେଖିବେ ।
୫- ନିର୍ଦ୍ଦିଷ୍ଟ ସ୍ତମ୍ଭରେ ଚିଠି ଲେଖିବେ ।
୬- ଚିଠି ସଂକ୍ଷିପ୍ତ ହେଲେ ଭଲ ଲାଗେ ।
୭- ଚିଠି ସହ ଚିତ୍ର ବା ଅନ୍ୟ କିଛି ଦଲିଲ୍ ପଠାଇବାକୁ ହେଲେ ତାହାକୁ ସଂଯୋଗ (Attach) କରିବାକୁ ହୁଏ ।

ତଳେ ଗୋଟିଏ ଚିଠିର ନମୂନା ଦିଆଗଲା ।

Yahoo Mail

Welcome Sanjay sanjaya@yahoo.co.in

To kishorekumar@yahoo.co.in

CC

Subject ବ୍ୟକ୍ତିଗତ

Content ପ୍ରିୟ କିଶୋର,

ଚିଠି ପାଇଲି । ଏବେ ମୁଁ ଏକ ଚାକିରି ସନ୍ଧାନରେ ଅଛି । ଏ ଚିଠି ସହ ମୋର ଏକ ବ୍ୟକ୍ତିଗତ ତଥ୍ୟ (Bio-data) ପଠାଉଛି । ଏହାକୁ ତୁମ ପରିଚିତ କୌଣସି କମ୍ପାନୀରେ ପହଞ୍ଚାଇବ ।

ଘରେ ସମସ୍ତେ ଭଲ ଅଛନ୍ତି ।

ଚିଠି ସହ ମୋ ପୁଅର ଜନ୍ମଦିନ ଫଟୋ ପଠାଉଛି ।

ସଞ୍ଜୟ

Attachment C :/Mydoc/myphoto/Sanjay

### ୪. ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ପତ୍ର

ପ୍ରାପ୍ତେଷୁ : ବ୍ଲକ୍ ଉନ୍ନୟନ ଅଧିକାରୀ, ଆ-କଟାପାଲି, ସମ୍ବଲପୁର

ବିଷୟ : ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମ୍ବନ୍ଧରେ

ସ୍ମାରକ ପତ୍ର – ସଂଖ୍ୟା ୫/୧୩୭,  ତା.୦୫/୦୫/୨୦୧୨ରିଖ

ମହାଶୟ,

ମୁଁ କଲ୍ୟାଣୀ ବଢ଼େଇ, ସ୍ୱା- ସ୍ୱର୍ଗୀୟ ମାଗୁଣି ବଢ଼େଇ, ସା/ପୋ- ଆ-କଟାପାଲି, ଜିଲ୍ଲା-ସମ୍ବଲପୁର, ଆପଣଙ୍କ ଠାରେ ବିନୀତ ପ୍ରାର୍ଥନା କରୁଛି ଯେ, ମୋତେ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉ ।

ମୋର ବୟସ ୬୬ ବର୍ଷ । ମୋର ସମ୍ପତ୍ତି ବୋଲି କିଛି ନାହିଁ । ମୁଁ ପର ଘରେ ବାସି ପାଇଟି କରି ଚଳେ । ଅତ୍ୟଧିକ ବୟସ ହେତୁ ମୁଁ କାମଧନ୍ଦା କରିପାରୁ ନାହିଁ । ଦିନରେ ପେଟଭରି ଖାଇବାକୁ ପାଉନାହିଁ । ମୋର ଭଲମନ୍ଦ ବୁଝିବାକୁ କେହି ନାହାନ୍ତି ।

ଏପରି ସ୍ଥଳେ ସରକାରଙ୍କ ନିକଟରେ ମୁଁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ନିବେଦନ କରିଥିଲି । କିନ୍ତୁ ତାହା ଏ ପର୍ଯ୍ୟନ୍ତ ବିଚାରକୁ ନିଆଯାଇନାହିଁ । ଆର୍ଥିକ ଅନଟନ ହେତୁ ମୋର ବଞ୍ଚି ରହିବା କଷ୍ଟକର ହୋଇପଡ଼ିଲାଣି । ଓଳିଏ ଖାଇ ଓଳିଏ ଉପାସରେ ଦିନ କାଟୁଛି ।

ତେଣୁ ଆପଣଙ୍କୁ ବିନୀତ ପ୍ରାର୍ଥନା, ମୋର ଅବସ୍ଥାକୁ ଦୃଷ୍ଟିରେ ରଖି ମୋ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଦେବାର ବ୍ୟବସ୍ଥା କଲେ ମୁଁ ଚିର ଉପକୃତ ହେବି ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ଆ-କଟାପାଲି  କଲ୍ୟାଣୀ ବଢେଇ

ତା- ...................... ରିଖ  ଆ-କଟାପାଲି, ସମ୍ବଲପୁର

### ୫. ଗ୍ରାମରେ ନଳକୂପ ଖନନ ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ

ପ୍ରାପ୍ତେଷୁ : ମାନନୀୟ ଶ୍ରୀଯୁକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ

ପିପିଲି, ପୁରୀ

(ନହଳା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଜରିଆରେ)

ମହାଶୟ,

ବିନୀତ ଅନୁରୋଧ ଏହି କି ଆମେ ନହଳା ଗ୍ରାମର ନିମ୍ନ ସ୍ୱାକ୍ଷରକାରୀ ଅଧିବାସୀ ଗଣ ପିଇବା ପାଣି ଜନିତ ଅସୁବିଧା ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମ ଗ୍ରାମଟି ପିପିଲି ବ୍ଲକ୍ ଅନ୍ତର୍ଗତ । ଏହି ଗ୍ରାମରେ ପ୍ରାୟ ୩୦୦୦ ଲୋକ ବାସ କରୁଛନ୍ତି । ଅଧିକାଂଶ ଲୋକ ଦାରିଦ୍ର୍ୟର ସୀମା ରେଖା ତଳେ ଓ ମୂଲପାତି ଲାଗି ଜୀବିକା ନିର୍ବାହ କରନ୍ତି । ଆମର ପାନୀୟ ଜଳ ପାଇଁ କିଛି ସ୍ଥାୟୀ ବ୍ୟବସ୍ଥା ନାହିଁ । ଖରାଦିନେ କୂଅଗୁଡ଼ିକ ପ୍ରାୟ ଶୁଖିଯାଏ । ପୋଖରୀରୁ ଜଳ ଆଣି ପିଇବା ଦ୍ୱାରା ପ୍ରତିବର୍ଷ ହଇଜା ଆଦି ଜଳବାହିତ ରୋଗରେ ଅଧିକାଂଶ ଆକ୍ରାନ୍ତ ହୋଇଥାନ୍ତି । କହିବା ବାହୁଲ୍ୟ ପାନୀୟ ଜଳ ସମସ୍ୟା ଏଠାରେ ପ୍ରଧାନ ସମସ୍ୟା ।

ଏଣୁ ବିନୀତ ଅନୁରୋଧ କରୁ କି ଆପଣ ସମସ୍ୟା ପ୍ରତି ସଦୟ ହୋଇ ଯଥା ସମ୍ଭବ ଶୀଘ୍ର ଜଳ କଷ୍ଟ ଦୂର ପାଇଁ ଖରା ଦିନ ପୂର୍ବରୁ ନଳକୂପ ଖୋଳିବାର ବ୍ୟବସ୍ଥା କରାଇଲେ ଆମ୍ଭେମାନେ ଚିର ଉପକୃତ ହେବୁ ।

ଆପଣଙ୍କର ବିଶ୍ୱସ୍ତ

ନହଳା ଗ୍ରାମବାସୀ ବୃନ୍ଦ

ପିପିଲି

ତା- ୦୬/୦୪/୨୦୧୩ ରିଖ

### ୬. ବିବାହ ଉତ୍ସବରେ ଡାକବାଜି ଯନ୍ତ୍ର, ବାଣ ଓ ଶୋଭାଯାତ୍ରା ପାଇଁ ସ୍ଥାନୀୟ ଅଧିକାରୀଙ୍କ ଠାରୁ ଅନୁମତି ପତ୍ର

ପ୍ରେରକ: ମନୋଜ କୁମାର ପଣ୍ଡା

ନୂଆସାହି, ଖୋର୍ଦ୍ଧା

ପ୍ରାପ୍ତେଷୁ : ଉପଜିଲ୍ଲାପାଳ, ଖୋର୍ଦ୍ଧା

(ଖୋର୍ଦ୍ଧା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ)




ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ ମୋର ଦ୍ୱିତୀୟା କନ୍ୟା ଲିନାର ବିବାହ ଖୋର୍ଦ୍ଧା ସହରସ୍ଥିତ ବ୍ରାହ୍ମଣସାହି ନିବାସୀ ଶ୍ରୀ ପ୍ରତାପ ମିଶ୍ରଙ୍କ ବଡ଼ପୁଅ ଶୁଭମ୍‌ଙ୍କ ସହିତ ତା ୦୬/୧୨/୨୦୧୨ ରିଖ ଗୁରୁବାର ଦିନ ଅନୁଷ୍ଠିତ ହେବ । ବର ଓ ବରଯାତ୍ରୀ ବ୍ରାହ୍ମଣ ସାହି ଠାରୁ ବାହାରି ଖୋର୍ଦ୍ଧା ଟାଉନ୍ ପି.ଡବ୍ଲ୍ୟୁ.ଡି. ଡାକବଙ୍ଗଳା ଛକ ଠାରେ ୬ ତାରିଖ ରାତି ୮ଟାରେ ପହଞ୍ଚିବେ । ସେଠାରୁ ବରଯାତ୍ରୀ, ଯାନବାହାନ, ବାଜା, ବାଣ, ରୋଷଣୀ ସହ ଶୋଭାଯାତ୍ରାରେ ରାତି ୯ଟାରେ ବାହାରି ମୋର ନୂଆସାହି ସ୍ଥିତ ବାସଭବନ ନିକଟରେ ଥିବା କଲ୍ୟାଣମଣ୍ଡପରେ ପ୍ରାୟ ରାତି ୧୧.୦୦ଟାରେ ପହଞ୍ଚିବେ ।

ବରଯାତ୍ରୀଙ୍କ ସଂଖ୍ୟା ଅନ୍ୟୁନ ୧୨୦ ହେବ । ବାଜାବାଲା ଓ ରୋଷଣିବାଲା ତଥା ଅନ୍ୟାନ୍ୟ ଲୋକ ମିଶି ପ୍ରାୟ ୧୫୦ ଜଣ ବର ସହିତ ଆସିବାର ସମ୍ଭାବନା ରହିଛି ।

ଏଣୁ ବିନୀତ ଅନୁରୋଧ ଆପଣ ଦୟାପୂର୍ବକ ଏହି ଶୋଭାଯାତ୍ରା ନିମନ୍ତେ ଅନୁମତି ଦେବା ସହିତ ଆନୁଷଙ୍ଗିକ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିହିତ ପଦକ୍ଷେପ ନେବେ ।

ଆପଣଙ୍କର ଅବଗତି ପାଇଁ ନିମନ୍ତ୍ରଣ ପତ୍ରରୁ ଖଣ୍ଡିଏ ଏହି ଦରଖାସ୍ତ ସହିତ ସଂଯୋଗ କରି ପଠାଉଛି ।

ନୂଆସାହି, ଖୋର୍ଦ୍ଧା — ଆପଣଙ୍କର ବିଶ୍ୱସ୍ତ
ତା- ୦୨/୧୨/୨୦୧୨ ରିଖ — ମନୋଜ କୁମାର ପଣ୍ଡା

### ୭. ଘର ଖାଲି କରିବା ପାଇଁ ଭଡ଼ାଟିଆକୁ ଘର ମାଲିକର ପତ୍ର

ଭୁବନେଶ୍ୱର
ତା ୧୮/୦୪/୨୦୧୩

ପ୍ରିୟ ସାହୁବାବୁ,

ମୁଁ ଆପଣଙ୍କୁ ମନେ ପକାଇ ଦେବାକୁ ଚାହେଁ ଯେ ଆପଣ ଜାନୁୟାରୀ ମାସ ଶେଷ ସୁଦ୍ଧା ମୋ ଘର ଖାଲି କରିଦେବାକୁ ଦିନ ଓ ସମୟ ଧାର୍ଯ୍ୟ କରି ମୋତେ ଚିଠିରେ ଜଣାଇଥିଲେ । ଆର୍ଥିକ ଅସୁବିଧା ଦର୍ଶାଇ ଆପଣ ଗତ ଛଅ ମାସର ଭଡ଼ା ବାକି ରଖିଛନ୍ତି । ବକେୟା ଦେୟ ଦେବା ପାଇଁ କହିଲେ ଆପଣ କୌଣସି ନା କୌଣସି ବାହାନା କରି ସେ କଥାକୁ ଟାଳି ଦେଉଛନ୍ତି । ଏହି କାରଣରୁ ମୁଁ ଆପଣଙ୍କୁ ମାର୍ଚ୍ଚ ମାସର ୩୧ ତାରିଖ ସୁଦ୍ଧା ଘର ଛାଡ଼ି ଦେବାକୁ କହିଥିଲି । ଆପଣ ମଧ୍ୟ ରାଜି ହୋଇଥିଲେ । ଏଥିପାଇଁ ମୋର ପ୍ରାପ୍ୟରୁ କୋଡ଼ିଏ ପ୍ରତିଶତ ରିହାତି ଦେବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲି ।

କିନ୍ତୁ ମତେ ଦୁଃଖର ସହିତ ଜଣାଇବାକୁ ପଡୁଅଛି ଯେ , ଆପଣ ନିଜର ପ୍ରତିଶ୍ରୁତି ପାଳନ କରିନାହାନ୍ତି ଓ ମୋ ଘରେ ଜବରଦସ୍ତି ରହୁଛନ୍ତି । ଏହା ଆମ ଭିତରେ ହୋଇଥିବା ଚୁକ୍ତିନାମାର ବିରୁଦ୍ଧାଚରଣ କରୁଅଛି । ଏ ପରିସ୍ଥିତିରେ ମୁଁ ମୋର ପ୍ରାପ୍ୟରୁ ରିହାତି ଦେବା କଥା ପାଳନ କରିବା ସମ୍ଭବ ହେବ ନାହିଁ ।

ଯାହା ହେଉ, ଏହି ପତ୍ରକୁ ନୋଟିସ୍ ଭାବରେ ଗ୍ରହଣ କରି ଆପଣ ଏପ୍ରିଲ୍ ୩୦ ତାରିଖ ପୂର୍ବରୁ ମୋର ଘର ଖାଲି କରି ଅନ୍ୟତ୍ର ଯିବାର ବ୍ୟବସ୍ଥା କରିବାକୁ ଅନୁରୋଧ । ଏହାର ଖିଲାପ କଲେ ମୁଁ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବି । ପରବର୍ତ୍ତୀ ପରିସ୍ଥିତି ପାଇଁ ଆପଣ ଦାୟୀ ରହିବେ ।

ନମସ୍କାରନ୍ତେ

ଆପଣଙ୍କର ବିଶ୍ୱସ୍ତ
ବିଜନ ବିହାରୀ ରାୟ

**ପ୍ରେରକ**
ବିଜନ ବିହାରୀ ରାୟ
କନିଷ୍ଠ ଅଧିକାରୀ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ,
ଭୁବନେଶ୍ୱର

**ଗ୍ରାହକ**
ଶ୍ରୀ ପ୍ରଶାନ୍ତ ସାହୁ
ଘର ନଂ- ଜି/ ୨
କଷ୍ଟ୍ରାକ୍ଟର କଲୋନୀ,
ବୁର୍ଲା, ସମ୍ବଲପୁର

**୮. ବ୍ୟବସାୟରେ ଅନ୍ୟ ଜଣକୁ ଅଂଶୀଦାର / ଭାଗିଦାର ଭାବରେ ଗ୍ରହଣ କରିବା ଜଣାଇ ବ୍ୟାଙ୍କକୁ ଚିଠି**

ପ୍ରେରକ: ମେସର୍ସ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ ଏଣ୍ଡ କମ୍ପାନୀ
ଗେଟ୍ ବଜାର ଛକ, ବ୍ରହ୍ମପୁର, ଗଞ୍ଜାମ

ପ୍ରାପ୍ତେଷୁ : ବରିଷ୍ଠ ଶାଖା ପରିଚାଳକ
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଗେଟ୍ ବଜାର, ବ୍ରହ୍ମପୁର

ମହାଶୟ,

ମୁଁ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ, ସାଧାରଣ ପରିଚାଳକ, ଜଣାଉଛି କି ଆପଣଙ୍କ ବ୍ୟାଙ୍କରେ ମୋ ନାମରେ ଆକାଉଣ୍ଟ ନଂ ୩୦୩୯୯୫୫୨୬ର ଗୋଟିଏ ଚଳନ୍ତି ଜମା ଅଛି, ଯାହାକୁ ମୁଁ କେବଳ ସତ୍ୱାଧିକାରୀ ଭାବରେ କାରବାର କରୁଅଛି ।

ମୋ ସହିତ ଅନ୍ୟ ଜଣକୁ ମୋର ବ୍ୟବସାୟରେ ଅଂଶୀଦାର ଭାବରେ ତା ୦୮/୦୬/୨୦୧୩ ରିଖ ଓ ତା ପରଠାରୁ ଗ୍ରହଣ କରିବାକୁ ମନସ୍ଥ କରିଛି । ତେଣୁ ଉପରସୂଚିତ ଚଳନ୍ତି ଖାତାଟିର କାରବାର ଆମ ଦୁଇଜଣଙ୍କ ମଧ୍ୟରୁ କେହି ହେଲେ ଚଳାଇ ପାରିବାର ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ ।

ଏହି ସମ୍ପର୍କରେ ମୋତେ କଣ କରିବାକୁ ପଡ଼ିବ, ଦୟା କରି ତାହା ଜଣାଇବାକୁ ଅନୁରୋଧ । ଆପଣଙ୍କ ଠାରୁ ସୂଚନା ପାଇଲା ପରେ ମୁଁ ଏ ବିଷୟରେ ପଦକ୍ଷେପ ନେଇପାରିବି ।

ଆଶା ଆପଣ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

ଧନ୍ୟବାଦ ସହ ।

ଆପଣଙ୍କର ବିଶ୍ୱସ୍ତ
ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ

**୯. ବସ୍‌ରେ ହଜିଥିବା ଜିନିଷ ସମ୍ପର୍କରେ ରାଜ୍ୟ ପରିବହନ ଅଧିକାରୀଙ୍କୁ ପତ୍ର**

ପ୍ରେରକ: ଗୋବିନ୍ଦ ଚନ୍ଦ୍ର ମହାପାତ୍ର
ପରିଚାଳନା ନିର୍ଦ୍ଦେଶକ
କଲ୍ୟାଣୀ କଲର୍ ଇଣ୍ଡଷ୍ଟ୍ରି
ମଞ୍ଚେଶ୍ୱର, ଭୁବନେଶ୍ୱର-୧୨

ପ୍ରାପ୍ତେଷୁ : ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ,
ଭୁବନେଶ୍ୱର

ବିଷୟ : ଓ.ଆର୍. ୦୨-୨୦୦୫ ନମ୍ବର ବସ୍‌ରେ ହଜିଥିବା ପ୍ୟାକେଟ୍ ସମ୍ପର୍କରେ

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ଉପର ସୂଚିତ ବସ୍‌ରେ ଆମ କମ୍ପାନୀର କଞ୍ଚାମାଲ୍ କଲିକତାର 'ଏସିଆନ୍ ପେଣ୍ଟ୍ସ ଏଣ୍ଡ କେମିକାଲ୍‌ସ'ରୁ ଭୁବନେଶ୍ୱର ଆସୁଥିଲା । ଛୋଟଛୋଟ ୧୨ଟି ପ୍ୟାକେଟ୍‌ରେ ଥିବା ଏହି ମାଲ୍‌ତକ ବାବୁଘାଟରେ ଗାଡ଼ିକୁ ଚଢ଼ା ଯାଇଥିଲା ଓ ସେଗୁଡ଼ିକ ରସୁଲଗଡ଼ ଛକରେ ଓହ୍ଲାଇବାର ଥିଲା । କିନ୍ତୁ ଦୁଃଖର ବିଷୟ, ରସୁଲଗଡ଼ ଠାରେ ବସ୍ ପହଞ୍ଚିବା ପରେ ଆମ ମାଲ୍ ନ ଥିଲା । ଆମ ମାଲ ପରିବର୍ତ୍ତେ ଆମକୁ ୧୨ଟି ଇଲେକ୍‌ଟ୍ରିକ୍ ଜିନିଷ ଥିବା ପ୍ୟାକେଟ୍ ମିଳିଛି । ମୋର ମନେହୁଏ ଭୁଲ ବଶତଃ ପ୍ୟାକେଟ୍‌ଟି ଏପାଖ ସେପାଖ ହୋଇଯାଇଛି ।

ଆପଣଙ୍କ ଅବଗତି ନିମନ୍ତେ ଗାଡ଼ି ମାଲ୍ ଭଡ଼ା ରସିଦ୍ ଓ ଡିପୋରୁ ମିଳିଥିବା ଜିନିଷର ଚିଠା ରସିଦ୍‌ର ଜେରକ୍ସ କପି ଏଥି ସହିତ ପ୍ରଦାନ କରୁଛି । ଆମର ଜିନିଷ ଗୁଡ଼ିକର ଅନୁସନ୍ଧାନ କରି ଉପର ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ ।

ଆପଣଙ୍କର ବିଶ୍ୱସ୍ତ
ଗୋବିନ୍ଦ ଚନ୍ଦ୍ର ମହାପାତ୍ର

**୯. ତୁମ ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକର ମରାମତି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଅନୁରୋଧ କରି କର୍ତ୍ତୃପକ୍ଷଙ୍କୁ ପତ୍ର**

ପ୍ରାପ୍ତେଷୁ : ମୁଖ୍ୟଯନ୍ତ୍ରୀ ଗ୍ରାମାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ, ଗଞ୍ଜାମ, ଓଡ଼ିଶା

ବିଷୟ : ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକର ମରାମତି ସମ୍ପର୍କରେ

ମହାଶୟ,

ନିବେଦନର କାରଣ ଏହି କି ଯେ ଆମ୍ଭେ କୃପାସିନ୍ଧୁପୁର ଓ ରାମକୃଷ୍ଣପୁର ଗ୍ରାମର ଅଧିବାସୀଗଣ ଆପଣଙ୍କ ଗୋଚରାର୍ଥେ ଜଣାଉଅଛୁ ଯେ ଆମର ଏହି ଗ୍ରାମ ଗୁଡିକରେ ପ୍ରାୟ ବାରଶହ ଲୋକ ବସବାସ କରନ୍ତି । ଏହି ଗ୍ରାମଗୁଡ଼ିକ ସେରଗଡ଼ ବ୍ଲକ୍ ଅଧିନସ୍ଥ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ରେଭିନ୍ୟୁ ଗ୍ରାମ ।

ଚଳିତ ବର୍ଷ ଫେବୃଆରୀ ମାସରୁ ପ୍ରଚଣ୍ଡ ଖରା ହେତୁ ଏଠାରେ ଥିବା କୂଅ, ପୋଖରୀ, ନାଳ ଆଦି ଶୁଖି ଯାଇଛି । ପାଖରେ ଥିବା ମୁଖ୍ୟ କେନାଲର ମରାମତି କାମ ଚାଲିଥିବାରୁ ସେଥିରେ ପାଣି ଛଡ଼ାଯାଇ ନାହିଁ । ତେଣୁ ଏ ବର୍ଷ ଆମ୍ଭେମାନେ ଘୋର ଜଳସଙ୍କଟ ଦେଇ ଗତି କରୁଛୁ ।

ବିଗତ ତିନି ବର୍ଷ ମଧ୍ୟରେ ଏହି ଗ୍ରାମ ଦୁଇଟିରେ ପାଞ୍ଚଟି ନଳକୂପ ବସାଯାଇଥିଲା । ଫଳରେ ଜଳ ସମସ୍ୟା କମିଯାଇଥିଲା । ବିଶେଷକରି ସ୍କୁଲ୍ ପରିସର ଭିତରେ ଥିବା ନଳକୂଅରୁ ପିଲାମାନେ ପାଣି ପିଉଥିଲେ । ସାମୟିକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏ ବର୍ଷ ପ୍ରାୟ ସବୁ ନଳକୂପ ଅଚଳ ହୋଇପଡ଼ିଛି । ଗୋଟିଏ ଦୁଇଟି ନଳକୂପରୁ କାଦୁଆ, କ୍ଷାରୀ ଓ ଲୁହା ଗନ୍ଧଯୁକ୍ତ ପାଣି ବାହାରୁଛି ।

ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଦୁଇଥର ଲିଖିତ ଓ ଅନେକ ଥର ମୌଖିକ ଅଭିଯୋଗ କରି ଆସିଛୁ । କିନ୍ତୁ କିଛି ଲାଭ ହୋଇନାହିଁ । ଯେଉଁ ଲୋକମାନେ ଆସି ସାମାନ୍ୟ ମରାମତି କରି ଯାଇଥଲେ ତାହା ପୁଣି ନଷ୍ଟ ହୋଇଗଲା ।

ଏଣୁ ଆପଣଙ୍କୁ ବିନିତ ଅନୁରୋଧ କରୁ କି ଆପଣ ସ୍ୱତନ୍ତ୍ର ଅନୁସନ୍ଧାନ କରି ନଳକୂପ ଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନେଲେ ଆମେ ଚିରୋପକୃତ ହେବୁ । ଆପଣଙ୍କ ଅବଗତି ନିମନ୍ତେ ପୂର୍ବରୁ ଦିଆଯାଇଥିବା ଚିଠିଗୁଡ଼ିକର ନକଲ ଏଥିସହିତ ଦିଆଗଲା ।

ଆପଣଙ୍କର ବିଶ୍ୱସ୍ତ

ଗଞ୍ଜାମ — କୃପାସିନ୍ଧୁପୁର ଓ ରାମକୃଷ୍ଣପୁର

ତା ୧୫/୧୧/୨୦୧୧ — ଗ୍ରାମବାସୀ

•••

## ୨୨.୫ ସମ୍ପାଦକଙ୍କୁ ପତ୍ର :

ପତ୍ରମାନଙ୍କ ମଧ୍ୟରେ ବର୍ତ୍ତମାନ ସମୟରେ ସମ୍ପାଦକଙ୍କୁ ପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର । କାରଣ ବ୍ୟକ୍ତିଗତ ପତ୍ର ଦୁଇଜଣ ବ୍ୟକ୍ତି ବା ଗୋଟିଏ ପରିବାର ଭିତରେ ସୀମିତ ଥିଲାବେଳେ ବାଣିଜ୍ୟିକ ବା କାର୍ଯ୍ୟାଳୟ ପତ୍ର ବ୍ୟକ୍ତି ଲେଖିଲେ ମଧ୍ୟ ତାହା ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ସେହି ନିର୍ଦ୍ଦିଷ୍ଟ ଅନୁଷ୍ଠାନ ଭିତରେ ସୀମିତ । କିନ୍ତୁ ସଂପାଦକଙ୍କୁ ପତ୍ର ଅଗଣିତ ପାଠକମାନଙ୍କ ପାଇଁ ଲେଖାଯାଇଥାଏ । ମନେ ରଖିବାକୁ ହେବ ମନର ଭାବନାକୁ ଇଚ୍ଛା ହିସାବରେ ଲେଖିଦେଲେ ତାହା ଗ୍ରହଣୀୟ ହେବ ନାହିଁ । ଯେକୌଣସି ବ୍ୟକ୍ତି ସମ୍ପାଦକଙ୍କୁ ଚିଠି ଲେଖିପାରନ୍ତି କିନ୍ତୁ ତାହା ଉପଯୁକ୍ତ ନହେଲେ ସଂପାଦକ ପ୍ରକାଶ କରିବେ ନାହିଁ । ତେଣୁ ପତ୍ର ବିଷୟ ତତ୍କାଳିକ, ବର୍ତ୍ତମାନ ପରିସ୍ଥିତି ସହ ସାମଞ୍ଜସ୍ୟ ରଖୁଥିବା ଓ ସରଳ ତଥା ସଠିକ୍ ବାର୍ତ୍ତା ବହନ କରୁଥିବା ନିତାନ୍ତ ଜରୁରୀ । ଅନ୍ୟ ଭାବରେ କହିଲେ ଏହାର ବିଷୟ ବ୍ୟକ୍ତିନିଷ୍ଠ, ସତ୍ୟାଶ୍ରୟୀ ଓ ବୌଦ୍ଧିକ ଚିନ୍ତା ପ୍ରସୂତ ହେବା ଆବଶ୍ୟକ, ଯେଉଁଥିରେ ବ୍ୟକ୍ତିଗତ କଥା ରହିବ ନାହିଁ । ଏପ୍ରକାର ପତ୍ର ଲେଖିଲାବେଳେ ବ୍ୟକ୍ତିଗତ ଆକ୍ରୋଶ, ନିର୍ଦ୍ଦିଷ୍ଟ ଅନୁଷ୍ଠାନ ପ୍ରତି ଉଦ୍ଦେଶ୍ୟମୂଳକ ଆକ୍ରମଣ ଓ ମିଛ କୁତ୍ସାରଟନାଠାରୁ ଦୂରେଇ ରହିବାକୁ ହେବ ।

ବିଭିନ୍ନ ଖବରକାଗଜର ଏକ ନିର୍ଦ୍ଦିଷ୍ଟ ସ୍ତମ୍ଭରେ 'ସମ୍ପାଦକଙ୍କୁ ପତ୍ର' ପ୍ରକାଶ ପାଏ । ଏପ୍ରକାର ପତ୍ରର କ୍ରିୟା-ପ୍ରତିକ୍ରିୟା ପ୍ରତି ସଂପାଦକ ଦାୟୀ ରୁହନ୍ତି ନାହିଁ । କିନ୍ତୁ ସାଧାରଣ ଜନତାର ମତକୁ ସର୍ବସାଧାରଣଙ୍କ ପାଖରେ ପହଞ୍ଚାଉଥିବାରୁ ସଂପାଦକଙ୍କ ମହାନୁଭବତାର ପ୍ରମାଣ ମିଳେ । ଖବରକାଗଜର ସଂପାଦକ ଏ ପ୍ରକାର ପତ୍ରର ନିରପେକ୍ଷତା ପାଇଁ ଓ ନିଜର ବ୍ୟକ୍ତିଗତ ସଂପୃକ୍ତି ନ ଥିବାରୁ ପ୍ରକାଶ ପାଇଥିବା ମତାମତ ପାଇଁ ସଂପାଦକ ଦାୟୀ ନୁହଁନ୍ତି ବୋଲି ସ୍ପଷ୍ଟୀକରଣ ଦେଇଥାନ୍ତି ।





## ୨୨.୬ ବିଭିନ୍ନ ଚିଠିର ନମୁନା:

### ୧. ଓଡ଼ିଆ ଭାଷାର ସମ୍ମାନ ରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

ସଂପାଦକ, 'ସୂର୍ଯ୍ୟପ୍ରଭା' ତା ୦୨/୦୪/୨୦୧୩

୧ ଜନପଥ,

ଖାରବେଳ ନଗର

ଭୁବନେଶ୍ୱର

ମହାଶୟ,

ଓଡ଼ିଶାରେ ଓଡ଼ିଆ ଭାଷାର ସ୍ଥିତି ବା ଓଡ଼ିଆ ଭାଷା ଅପଦସ୍ଥ ହେଉଥିବାର ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏଥିରୁ ମନେହୁଏ ଓଡ଼ିଆମାନଙ୍କର ସ୍ୱାଭିମାନ ବୋଲି କିଛି ନାହିଁ । ଓଡ଼ିଶାରେ ଓଡ଼ିଆ ଭାଷାକୁ ହତାଦର କରାଯିବା ନିଶ୍ଚିତ ଭାବେ ପରିତାପର ବିଷୟ । ଓଡ଼ିଶାରେ ଛତୁ ଫୁଟିଲା ଭଳି ଇଂରାଜୀ ମିଡିୟମ୍ ସ୍କୁଲ୍ ଖୋଲାଯିବା, ବିଭିନ୍ନ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ବାସଗୃହାଦିରେ ନାମ ଫଳକ ଇଂରାଜୀ ଭାଷାରେ ଲେଖାଯିବା, ବିବାହ ବ୍ରତାଦି ମାଙ୍ଗଳିକ ଅନୁଷ୍ଠାନ ଉପଲକ୍ଷେ ପ୍ରସ୍ତୁତ ହେଉଥିବା ନିମନ୍ତ୍ରଣ ପତ୍ରଗୁଡ଼ିକ ଇଂରାଜୀ ଭାଷାରେ ଲେଖାଯିବା ପ୍ରଭୃତି ଘଟଣାମାନ ଓଡ଼ିଆ ଭାଷାକୁ ଅବହେଳା କରୁଥିବାର ଗୋଟିଏ ଗୋଟିଏ ଜ୍ୱଳନ୍ତ ପ୍ରମାଣ ।

ଯେଉଁଠି ବାଧ୍ୟବାଧକତାରେ ଓଡ଼ିଆ ଭାଷା ବ୍ୟବହାର କରାଯାଇଛି, ତାହା ବିକୃତ ରୂପ ଧାରଣ କରିଥିବା ଦେଖିବାକୁ ମିଳୁଛି । ଓଡ଼ିଆ ଭାଷାର ସେହି ବିକୃତ ରୂପ ଉପରେ ସମସ୍ତଙ୍କର ନଜର ପଡୁଛି । ମାତ୍ର ତାକୁ ସଜାଡ଼ିବା ପାଇଁ କାହାର ଉଦ୍ୟମ ନାହିଁ । କେଉଁଠି କାର୍ଯ୍ୟାଳୟର ନାମ ଫଳକରେ 'ଦୁର୍ନୀତି ନିରାବଣ କାର୍ଯ୍ୟାଳୟ' ଲେଖାଯାଇଥିବା ବେଳେ ଆଉ କେଉଁଠି ପାଣି ଟ୍ୟାଙ୍କରରେ 'ପାଣି ଢାଙ୍କି' ବୋଲି ଲେଖାଯାଇ ସାରା ସହର ଘୁରି ବୁଲୁଛି । କେଉଁଠି ନାମ ଫଳକରେ 'ଶିଳ୍ପୀ'କୁ 'ଶିପ୍ଳୀ' ବୋଲି ଲେଖାଯାଇଛି । ବିଭିନ୍ନ ବସ୍, ରେଳଡବା, ପ୍ଲାଟ୍‌ଫର୍ମ ଓ ପ୍ରେକ୍ଷାଳୟ ପ୍ରଭୃତିରେ 'ଧୂମପାନ ନିଷେଧ' ପରିବର୍ତ୍ତେ ସର୍ବତ୍ର 'ଧୂମ୍ରପାନ ନିଷେଧ' ବୋଲି ଲେଖାଯାଇଛି । 'ଭୁବନେଶ୍ୱର'କୁ 'ଭୂବନେଶ୍ୱର', 'ଅନୁଗୁଳ'କୁ 'ଅନୁଗୌଳ' ଲେଖିବା ଏକ ସାଧାରଣ ଅଭ୍ୟାସ ହେଲାଣି ।

ଏସବୁ ତ୍ରୁଟି ଉପରେ ପ୍ରତିଦିନ ବହୁ ବ୍ୟକ୍ତିଙ୍କର ଦୃଷ୍ଟି ଅବଶ୍ୟ ପଡୁଥିବ । କିନ୍ତୁ କେହି କେବେ ପ୍ରତିବାଦ କଲାଭଳି ମନେ ହୁଏ ନାହିଁ ବା ପ୍ରତିବାଦ କରି ଏହାର ସଂଶୋଧନ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟରେ କେହି କେବେ ଅଭିଯୋଗ କରିନାହାନ୍ତି । ସବୁକଥା ସରକାରଙ୍କ ଉପରେ ଲଦିଦେଲେ ଚଳିବ ନାହିଁ । ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ସହ ତାର ସମୃଦ୍ଧି କାମନା ପ୍ରତ୍ୟେକ ଓଡ଼ିଆଙ୍କର ଲକ୍ଷ୍ୟ ହେବା ଉଚିତ । ଏଥିପ୍ରତି ଆମେ ସମସ୍ତେ ସଚେତନ ହେବା ଏକାନ୍ତ ଜରୁରୀ ।

ଆପଣଙ୍କର ବିଶ୍ୱସ୍ତ

କୁଳମଣି ଦାସ

## ୨. ଓଡ଼ିଶାରେ ନକ୍ସଲପନ୍ଥୀଙ୍କ କାର୍ଯ୍ୟକଳାପ ଓ ତା'ର ସମ୍ଭାବ୍ୟ ପ୍ରତିକାର ।

ସଂପାଦକ, ସମ୍ବାଦ ତା ୨୮/୦୫/୨୦୧୩

ରସୁଲଗଡ଼ ଶିଳ୍ପାଞ୍ଚଳ

ଭୁବନେଶ୍ୱର

ମହାଶୟ,

ସଂପ୍ରତି ନକ୍ସଲପନ୍ଥୀଙ୍କ କାର୍ଯ୍ୟକଳାପ କେବଳ ଓଡ଼ିଶା ସରକାରଙ୍କର ନୁହେଁ, ଅନ୍ୟ ପକ୍ଷରେ ଭାରତ ସରକାରଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି । ସରକାର ମୁକାବିଲା ମୂଳକ ମନୋଭାବ ନେଇ ଏମାନଙ୍କୁ କେବେ ବି ଦମନ କରିପାରିବେ ନାହିଁ । ସୁତରାଂ ଏ ଦିଗରେ ଅନ୍ୟ କେତେକ ବିକଳ୍ପ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯିବାର ଆବଶ୍ୟକତା ସମ୍ପର୍କରେ ଆମ୍ଭେ ଏ ପତ୍ର ମାଧ୍ୟମରେ ସରକାରଙ୍କୁ ପରାମର୍ଶ ଦେଉଛୁ ।

ଅନେକ ବର୍ଷ ଧରି ଅଗଣିତ ନିରୀହ ଆଦିବାସୀମାନଙ୍କୁ ବିଭିନ୍ନ ସାହୁକାର, ଠିକାଦାର ଏପରିକି ସରକାରଙ୍କ ଖୋଦ୍ ଅମଲାତନ୍ତ୍ର ଶୋଷଣ କରି ଆସିଛନ୍ତି । ଏମାନଙ୍କ ଅମାନବିକ କାର୍ଯ୍ୟକଳାପ ପ୍ରତି ସରକାର ମଧ୍ୟ ଉଦାସୀନ ରହି ଆସିଛନ୍ତି । ଆଦିବାସୀମାନଙ୍କୁ ଦୀର୍ଘଦିନ ଧରି ଶୋଷଣ କରି ଆସିଥିବା ଏହି ବଡ଼ବାବୁମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ କେବେ ବି ସାହସ କରିନାହାନ୍ତି । ଯଦି ବା କିଏ ପ୍ରତିବାଦ କରିଛି, ଆଇନର ଭୟ ଦେଖାଇ ତାକୁ ଦମନ କରାଯାଇଛି । ଏଭଳି ପରିସ୍ଥିତିରେ ଆଦିବାସୀମାନଙ୍କର ପ୍ରକୃତ ତ୍ରାଣକର୍ତ୍ତା ଭାବେ ନକ୍ସଲପନ୍ଥୀମାନେ ଆବିର୍ଭୂତ ହୋଇଛନ୍ତି । ଏମାନଙ୍କ ଆବିର୍ଭାବ ଫଳରେ ଆଦିବାସୀମାନେ ଯଥାର୍ଥଭାବେ ବଞ୍ଚିବାର ରାହା ପାଇଛନ୍ତି । ଆଦିବାସୀ ଅଞ୍ଚଳଗୁଡ଼ିକରେ ପୂର୍ବ ଅପେକ୍ଷା ଶୋଷଣ, ଅତ୍ୟାଚାରର ମାତ୍ରା ଯଥେଷ୍ଟ କମିଯାଇଛି । ଏଇଥି ପାଇଁ ଆଦିବାସୀମାନଙ୍କ ମନରେ ଏମାନଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ସୃଷ୍ଟି ହୋଇଛି । ଆଦିବାସୀମାନଙ୍କ ଠାରୁ ଦୃଢ଼ ସମର୍ଥନ ପାଇ ଏମାନେ ନିଜ ନିଜ ସଂଗଠନକୁ ସୁଦୃଢ଼ ତଥା ପ୍ରସାରିତ କରିବାରେ ଲାଗିଛନ୍ତି ।

ଏମାନଙ୍କ ଦୌରାତ୍ମ୍ୟକୁ ପ୍ରତିହତ କରିବାକୁ ହେଲେ ସ୍ଥାନୀୟ ଆଦିବାସୀମାନଙ୍କର ସହାୟତା ନେବାକୁ ପଡ଼ିବ । ଆଦିବାସୀମାନଙ୍କ ମନରେ ସରକାର ତଥା ସରକାରୀ କଳ ପ୍ରତି ଦୃଢ଼ ଆସ୍ଥା ତଥା ବିଶ୍ୱାସ ସୃଷ୍ଟି ନ ହେଲେ ନକ୍ସଲମାନଙ୍କ ଅମାନବୀୟ କାର୍ଯ୍ୟକଳାପକୁ ପ୍ରତିହତ କରିବା ଦିଗରେ ସରକାରଙ୍କୁ ସହାୟତା କରିବା ପାଇଁ ଏମାନେ ଆଗଭର ହେବେ ନାହିଁ । ସୁତରାଂ ଏମାନଙ୍କ ମନରେ ସରକାର ତଥା ସରକାରୀ କଳ ପ୍ରତି ଦୃଢ଼ ଆସ୍ଥା ଓ ବିଶ୍ୱାସ ଜନ୍ମାଇବାକୁ ହେଲେ ସରକାରଙ୍କ ଦ୍ୱାରା କେତେକ ଆଖି ଦୃଶିଆ ପଦକ୍ଷେପ ନେବାକୁ ପଡ଼ିବ । ପ୍ରଥମେ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଚାଉଳ, କିରୋସିନି ପ୍ରଭୃତି ସୁଲଭ ତଥା ସୁଷମ ବଣ୍ଟନ ଦିଗରେ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରାଯିବା ଆବଶ୍ୟକ । ବର୍ଷ ସାରା ନିଶ୍ଚିତ କର୍ମଯୋଗାଣର ସୁବନ୍ଦୋବସ୍ତ





କରାଯିବା ଦରକାର । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ସମ୍ପର୍କରେ ଆଦିବାସୀମାନଙ୍କୁ ସଚେତନ କରାଯାଇ ସେସବୁର ଫାଇଦା ନେବାକୁ ପରାମର୍ଶ ଦିଆଯିବା ସଙ୍ଗେସଙ୍ଗେ ଅନୁରୂପ ସୁବିଧା ଯୋଗାଇ ଦିଆଯିବା ଆବଶ୍ୟକ । ଏହା ସଙ୍ଗେ ସଙ୍ଗେ ସଚ୍ଚୋଟ, ଦକ୍ଷ, ନିଷ୍ଠାବାନ କର୍ମଚାରୀମାନଙ୍କୁ ବାଛି ଆଦିବାସୀମାନଙ୍କର ସାମାଜିକ ତଥା ଆର୍ଥିକ ଉନ୍ନତି ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ । ଜଙ୍ଗଲଜାତ ଦ୍ରବ୍ୟ ଉପରେ ସେମାନଙ୍କୁ ପୂର୍ଣ୍ଣ ଅଧିକାର ଦିଆଯାଉ ।

ଉପଯୁକ୍ତ ବ୍ୟବସ୍ଥାଗୁଡ଼ିକର ସଫଳ ରୂପାୟନ ଘଟିଲେ ସରକାରଙ୍କ ପ୍ରତି ଆଦିବାସୀମାନଙ୍କ ମନରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ହେବ । ସନ୍ତ୍ରାସବାଦୀମାନଙ୍କ ଠାରୁ ମୁହଁ ଫେରାଇ ଆଣିବାକୁ ସେମାନେ ଯଥାର୍ଥ ମଣିବେ । ଏମାନଙ୍କ ଠାରୁ ସହାୟତା ନ ମିଳିଲେ ସନ୍ତ୍ରାସବାଦୀଙ୍କ କ୍ଷମତା ଓଡ଼ିଶାରେ ନିଶ୍ଚିତ ସଙ୍କୁଚିତ ହୋଇପଡ଼ିବ । ଏଥିରେ ସନ୍ଦେହ ନାହିଁ ।

ଆପଣଙ୍କର ବିଶ୍ୱସ୍ତ

ଶିବରାମ ପାତ୍ର
ପାଟପୁର, ଗଞ୍ଜାମ

**୩. ବିଉଟି ପାର୍ଲରଗୁଡ଼ିକର ଅନୈତିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ପାଇଁ ଆଇନ ପ୍ରଣୟନ ହେଉ ।**

ସଂପାଦକ, ପ୍ରଜାତନ୍ତ୍ର
ପ୍ରଜାତନ୍ତ୍ର କାର୍ଯ୍ୟାଳୟ
କଟକ-୨

ତା ୦୭/୦୩/୨୦୧୩

ମହାଶୟ,

ସଂପ୍ରତି ଖୋଦ୍ ରାଜଧାନୀରେ ବିଉଟି ପାର୍ଲରଗୁଡ଼ିକରେ ଚାଲିଥିବା କାର୍ଯ୍ୟକଳାପ ସମ୍ପର୍କୀୟ ଖବର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇ ଓଡ଼ିଶାର ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଉଛି । ଦୀର୍ଘଦିନ ଧରି ବିଉଟି ପାର୍ଲରର ମାଲିକମାନେ ରାଜ୍ୟ ତଥା ରାଜ୍ୟ ବାହାରର ଯୁବତୀମାନଙ୍କ ମାଧ୍ୟମରେ ଅନୈତିକ କାର୍ଯ୍ୟକଳାପ ଚାଲୁ ରଖି ବିପୁଳ ଅର୍ଥ ରୋଜଗାରରେ ଲାଗି ପଡ଼ିଥିଲେ । ଇ.ଟି.ଭି. ନ୍ୟୁଜ୍ ଟିମ୍ ସେହି ଗୋପନ ରହସ୍ୟ ପଦାକୁ ଆଣିବାରେ ସମର୍ଥ ହୋଇଛନ୍ତି । ଏଥିପାଇଁ ଇ.ଟି.ଭି. କର୍ତ୍ତୃପକ୍ଷଙ୍କୁ ଅଶେଷ ଧନ୍ୟବାଦ ।

କେବଳ ରାଜଧାନୀରେ ନୁହେଁ, ଓଡ଼ିଶାର ବଡ଼ବଡ଼ ସହରମାନଙ୍କରେ ଛତୁ ଫୁଟିଲା ପରି ବିଉଟିପାର୍ଲର ଗୁଡ଼ିକ ଗଢ଼ିଉଠିବା ମୂଳରେ ବୋଧ ହୁଏ ଏହି ମନ୍ଦ ଉଦ୍ଦେଶ୍ୟ ନିହିତ ଥିବା ମନେହେଉଛି । ଟି.ଭି., ସିନେମାର କୁପ୍ରଭାବରୁ ବହୁ ସଂଖ୍ୟକ ଯୁବକ ଯୁବତୀ ରୂପଚର୍ଯ୍ୟା ପ୍ରତି ଅଧିକ ଆକର୍ଷିତ ହୋଇ ବିଉଟି ପାର୍ଲର ଗୁଡ଼ିକରେ ଭିଡ଼ ଜମାଉଥିବା ଏ ପର୍ଯ୍ୟନ୍ତ ବିଶ୍ୱାସ କରାଯାଉଥିଲା । ମାତ୍ର ଏବେ ପୋଲିସ ଚଢ଼ଉ ଫଳରେ ଏହାର ରହସ୍ୟ ଜଣାପଡ଼ିଲା । ଖୋଦ୍ ରାଜଧାନୀରେ କେତେକ ବିଉଟିପାର୍ଲର ଉପରେ ପୋଲିସ ଚଢ଼ଉ କରି ଆପତ୍ତିଜନକ କାର୍ଯ୍ୟରେ ଲିପ୍ତ ଥିବା ଯୁବକ-ଯୁବତୀମାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଏଠାରେ ପ୍ରଶ୍ନ ଉଠୁଛି, ଦୀର୍ଘଦିନ ଧରି ଏ ଗୁଡ଼ିକର ଆପତ୍ତିଜନକ କାର୍ଯ୍ୟକଳାପ ଜାରି ରହିଥିଲେ ମଧ୍ୟ ଏହା ପୋଲିସ ପ୍ରଶାସନର ନଜରକୁ ଆସି ନଥିଲା କିପରି ? ତେଣୁ ପୋଲିସବାଲାଙ୍କ କାର୍ଯ୍ୟକଳାପ ଜନସାଧାରଣଙ୍କ ସନ୍ଦେହ ଘେରକୁ ଆସିଛି । ପୋଲିସବାଲାଙ୍କ ପାଖରେ କୌଣସି ଖବର ନଥିଲା ବୋଲି କହି ସେମାନେ ନିଜ ମୁଣ୍ଡରୁ ଦୋଷ ଖସାଇଦେବାକୁ ବସିଥିଲେ ହେଁ ତାହା ଜନସାଧାରଣଙ୍କ ବିଶ୍ୱାସଯୋଗ୍ୟ ହୋଇପାରିନାହିଁ । ଆହୁରି ମଧ୍ୟ ଓଡ଼ିଶାରେ ବିଉଟିପାର୍ଲର ଖୋଲିବା ସମ୍ପର୍କରେ ସରକାର କୌଣସି ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରି ନଥିବାରୁ ଏଭଳି ବ୍ୟବସାୟରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ରୋକିବା ମଧ୍ୟ କଷ୍ଟକର ହେବ ବୋଲି ପୋଲିସ ପ୍ରଶାସନ ସଫେଇ ଦେଇଛି ।

ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । ନିର୍ଦ୍ଦିଷ୍ଟ ଆଇନ୍ ପ୍ରଣୟନ ମାଧ୍ୟମରେ ବିଉଟି ପାର୍ଲର ମାଲିକମାନଙ୍କ ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ । ଅନୈତିକ କାର୍ଯ୍ୟକଳାପକୁ ପ୍ରଶୟ ଦେଉଥିବା ମାଲିକମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନର ବ୍ୟବସ୍ଥା ହେବା ଉଚିତ । ତାହେଲେ ଯାଇ ଭବିଷ୍ୟତରେ ଏଭଳି କାର୍ଯ୍ୟକଳାପ ଚାଲୁ ରଖିବାକୁ କୌଣସି ପାର୍ଲର ମାଲିକ ସାହାସ କରିବେ ନାହିଁ ।

ଆପଣଙ୍କର ବିଶ୍ୱସ୍ତ
ପ୍ରଶାନ୍ତ ମହାପାତ୍ର
କଲେଜପଡ଼ା, ଅନୁଗୁଳ

**୪. ଶିକ୍ଷା ଦଲାଲଙ୍କ କବଳରୁ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ମୁକ୍ତ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ ।**

ସଂପାଦକ, ପ୍ରମେୟ — ତା ୦୬/୦୪/୨୦୧୩
ଜାଗମରା
ଭୁବନେଶ୍ୱର
ମହାଶୟ,

ଓଡ଼ିଶାରେ ବିଶେଷ କରି ଭୁବନେଶ୍ୱରରେ ଶିକ୍ଷା ଦଲାଲମାନଙ୍କ ପ୍ରାଧାନ୍ୟ ଦିନକୁ ଦିନ ଆଶାତୀତ ଭାବେ ବଢ଼ିବାରେ ଲାଗିଛି । ବହୁ ପ୍ରଭାବଶାଳୀ ବ୍ୟକ୍ତି ଏହି ବୃତ୍ତିକୁ ଆଧାର କରି ବିପୁଳ ଅର୍ଥ ରୋଜଗାରରେ





ଲାଗି ପଡ଼ିଛନ୍ତି । ଏମାନଙ୍କୁ ଠାବ କରିବା ପାଇଁ ବା ଏମାନଙ୍କ ଶୋଷଣରୁ ନିରୀହ ଛାତ୍ରଛାତ୍ରୀମାନଙ୍କୁ ରକ୍ଷା କରିବା ପାଇଁ ସରକାର କୌଣସି ଆଖିଦୃଶିଆ ବ୍ୟବସ୍ଥା ଏଯାବତ ଗ୍ରହଣ ନ କରିବା ନିହାତି ପରିତାପର ବିଷୟ ।

ବେସରକାରୀ ଉଦ୍ୟମ ଅର୍ଥାତ ଶିକ୍ଷା ଦଲାଲମାନଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିବା ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଆକର୍ଷଣୀୟ ବିଜ୍ଞାପନ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେବାରେ ଲାଗିଛନ୍ତି । ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତନାମା ବିଶ୍ୱବିଦ୍ୟାଳୟ ଗୁଡ଼ିକ ସହିତ ସହବନ୍ଧିତ ବୋଲି ମିଥ୍ୟା ପ୍ରଚାର କରି ଛାତ୍ରଛାତ୍ରୀମାନଙ୍କୁ ଲୁଟିବା ପାଇଁ ଷଡ଼ଯନ୍ତ୍ର କରିଚାଲିଛନ୍ତି । ଅଧିକାଂଶ ବୈଷୟିକ ଶିକ୍ଷାନୁଷ୍ଠାନ ନିଜକୁ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସହବନ୍ଧିତ ବୋଲି ବିଜ୍ଞାପନ ମାଧ୍ୟମରେ ପ୍ରଚାର କରୁଥିବା ବେଳେ ପରୀକ୍ଷା କରିବାର କୌଣସି ବ୍ୟବସ୍ଥା ନାହିଁ । ଖୋଦ୍ ରାଜଧାନୀ ଦିଲ୍ଲୀ, ଇଂଲଣ୍ଡ, ଆମେରିକା, ଅଷ୍ଟ୍ରେଲିଆ, କାନାଡ଼ା ପ୍ରଭୃତି ଦେଶ ଗୁଡିକରେ ଥିବା ଖ୍ୟାତନାମା ବିଶ୍ୱବିଦ୍ୟାଳୟ ନାମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଦଲାଲମାନେ ମିଛ ପ୍ରଚାର ଚଳାଇ ବେପାର କରିବାରେ ଲାଗି ପଡ଼ିଛନ୍ତି । ଗତ କିଛି ବର୍ଷ ତଳେ ଶିକ୍ଷା ବର୍ଷରେ ଏଭଳି ଚକ୍ରାନ୍ତର ପର୍ଦ୍ଦା ଉନ୍ମୋଚିତ ହୋଇପାରିଥିଲା । ରାଜସ୍ଥାନର ଏକ ଡିମ୍ ବିଶ୍ୱବିଦ୍ୟାଳୟର ସ୍ୱୀକୃତି ଦାବି କରି କେତେକ ଅନୁଷ୍ଠାନ ବେପାର ଚଳାଇଥିବା ଜଣାପଡ଼ିଥିଲା । ପ୍ରତାରିତ ଛାତ୍ରଛାତ୍ରୀମାନେ ଏହି ଘଟଣା ଜାଣିବା ପରେ ବିଦ୍ରୋହ କରିଥିଲେ । ଏ ଦିଗରେ ସରକାରଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅନେକ ଠକ ଅନୁଷ୍ଠାନର ଦଲାଲ୍ (ମାଲିକ)ମାନଙ୍କୁ ଗିରଫ କରାଯାଇଥିଲା । କେତେକ ଦଲାଲ୍ ନିଜ ନିଜ ଅନୁଷ୍ଠାନରେ ତାଲା ପକାଇ ଆତ୍ମଗୋପନ କରିବାକୁ ବାଧ୍ୟ ହୋଇଥିଲେ ।

ବର୍ତ୍ତମାନ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ବସିଲାଣି । ଶିକ୍ଷା ଦଲାଲମାନେ ପୂର୍ବବର୍ଷ ଭଳି ନିଜ ଅନୁଷ୍ଠାନମାନଙ୍କରେ ନୂଆନୂଆ ବିଷୟ ଖୋଲି ସେସବୁ ପାଇଁ ବିଭିନ୍ନ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟମାନଙ୍କରୁ ଅନୁମୋଦନ ମିଳିସାରିଛି ବୋଲି ମିଥ୍ୟା ପ୍ରଚାର କରି ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପୁନର୍ବାର ଲୁଣ୍ଠନ କରିବା ନିମନ୍ତେ ସକ୍ରିୟ ହୋଇଉଠିଲେଣି । ସରକାର ଶିକ୍ଷା ଦଲାଲମାନଙ୍କ ଶୋଷଣରୁ ଛାତ୍ରଛାତ୍ରୀମାନଙ୍କୁ ରକ୍ଷା କରିବା ନିମନ୍ତେ ତୁରନ୍ତ କଠୋର ବ୍ୟବସ୍ଥା ଗ୍ରହଣ ନ କଲେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ ।

ଆପଣଙ୍କର ବିଶ୍ୱସ୍ତ

ବଳଭଦ୍ର ସାହୁ
ଗୋସାଣି ନୂଆଗାଁ, ବ୍ରହ୍ମପୁର

**୫. ସାଂସ୍କୃତିକ ପୀଠସ୍ଥଳୀ, ପୁରୀର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ ।**

ସଂପାଦକ, 'ସମୟ' ତା ୨୦/୦୩/୨୦୧୩
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ
ଭୁବନେଶ୍ୱର-୧୦
ମହାଶୟ,

ଶ୍ରୀଜଗନ୍ନାଥ ଧାମ ପୁରୀର ସ୍ଥାନ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର । ଏହି ପର୍ଯ୍ୟଟନ କ୍ଷେତ୍ରର ମୁଖ୍ୟ ଆକର୍ଷଣ ହେଉଛି ଶ୍ରୀମନ୍ଦିର ଓ ବିସ୍ତୃତ ବେଳାଭୂମି । ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ବିଭିନ୍ନ ସମୟରେ ଏଠାକୁ ଆସିଥାନ୍ତି । କିଛି ଦିନ ଖୁସିରେ କଟାଇ ପୁଣି ଫେରିଯାଇଥାନ୍ତି । ଏହି କ୍ଷେତ୍ରଟିର ସୁନାମ ଜଗତ ବିଖ୍ୟାତ ।

ମାତ୍ର ବର୍ତ୍ତମାନ ଦୁର୍ବଳ ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ପର୍ଯ୍ୟଟକମାନଙ୍କୁ ଦୁର୍ବ୍ୟବହାର କରୁଥିବା ଜଣାପଡ଼ିଛି, ଯାହା ଏହି କ୍ଷେତ୍ରର ସୁନାମରେ କଳଙ୍କ ବୋଳି ଦେଇଛି । ବିଦେଶରୁ ଆସିଥିବା ଜନୈକ ମହିଳାଙ୍କୁ ଦିନ ଦ୍ୱିପ୍ରହର ସମୟରେ ସମୁଦ୍ର ବେଳାଭୂମିରେ ଜନୈକ ଯୁବକ ବଳାତ୍କାରର ଉଦ୍ୟମ କରିବା ବେଶ୍ ଲଜ୍ଜାକର ଘଟଣା । ନିଜେ ଅଭିଯୋଗକାରିଣୀ ପୁରୀ ବେଳାଭୂମି ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଘଟଣାଟି ପୁରୀ ସହରର ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କେବଳ ଏହି ଗୋଟିଏ ମାତ୍ର ଘଟଣା ନୁହେଁ, ଶ୍ରୀମନ୍ଦିର ଭିତରେ ମଧ୍ୟ ବେଳେବେଳେ ଏପରି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଏହିସବୁ ସାମୟିକ ଅଘଟଣ ଯେ ବିଶ୍ୱ ଦରବାରରେ ଓଡ଼ିଆମାନଙ୍କୁ ନିନ୍ଦିତ କରିଛି; ଏହାକୁ ଦ୍ୱିଧାହୀନ ଭାବେ କୁହାଯାଇପାରେ । ପୁରୀ ସହର ଅନ୍ତର୍ଗତ ଶ୍ରୀମନ୍ଦିର ଓ ସମୁଦ୍ର ବେଳାଭୂମି ପର୍ଯ୍ୟଟକମାନଙ୍କର ମୁଖ୍ୟ ଭ୍ରମଣସ୍ଥଳୀ ହୋଇଥିବାରୁ ଏ ସବୁ ସ୍ଥାନମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଆବଶ୍ୟକ ।

ପର୍ଯ୍ୟଟକମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇବାରେ ପ୍ରଶାସନ ବିଫଳ ହେଲେ ଏ କ୍ଷେତ୍ର ପ୍ରତି ପର୍ଯ୍ୟଟକମାନଙ୍କର ଆସ୍ଥା ଓ ବିଶ୍ୱାସ ତୁଟିଯିବ । ଏଠାରେ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେକଲେ ସେମାନଙ୍କର ସଂଖ୍ୟା ଦିନକୁ ଦିନ କମିଯିବାରେ ଲାଗିବ । ଏଣୁ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ।

ଆପଣଙ୍କର ବିଶ୍ୱସ୍ତ
ରାମଚନ୍ଦ୍ର ବେହେରା
କାକଟପୁର, ପୁରୀ





# ୨୧
# ରୂଢ଼ି ଓ ଏହାର ପ୍ରୟୋଗ

## ୨୧.୧ ଉପକ୍ରମ:

'ରୂଢ଼ି' ଏକ 'ଖଣ୍ଡବାକ୍ୟ' ଯାହାକି କର୍ତ୍ତା, କର୍ମ ଓ କ୍ରିୟାର ନିର୍ଦ୍ଦିଷ୍ଟ ପଦ ସଂହତିକୁ ଅପେକ୍ଷା କରେନାହିଁ । ଅଥଚ ଠିକ୍ ମନୋଭାବ ପ୍ରକାଶ କରେ । ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟଗତ ଅର୍ଥ ପ୍ରକାଶ ନକରି ଭିନ୍ନ ଅର୍ଥ ପ୍ରକାଶ କରେ, ତାହା 'ରୂଢ଼ି ଶବ୍ଦ' । ଓଡ଼ିଆ ଭାଷାରେ ପ୍ରାଚୀନ କାଳରୁ ଲୋକମୁଖରେ ଅନେକ ପଦସଂହତି 'ରୂଢ଼ି' ନାମରେ ବ୍ୟବହୃତ ହୋଇ ଆସୁଛି । ଏହା ପ୍ରାୟତଃ ପ୍ରତି ଭାଷାରେ ଆଞ୍ଚଳିକ ସଂସ୍କୃତି ଓ ସାମାଜିକ ଭାବଧାରାକୁ ନେଇ ଗଠିତ ହୋଇଥାଏ । ତେଣୁ ଗୋଟିଏ ଭାଷାରେ ବ୍ୟବହୃତ ରୂଢ଼ିର ସର୍ବମାନ୍ୟତା ବେଳେବେଳେ ଖୋଜିଲେ ମିଳେନାହିଁ । ଏହା ଏକ 'ଲୋକ ପ୍ରୟୋଗ'ବା ଲୋକ ଭାଷା ଯାହାକି ସାମଗ୍ରିକ ଭାବେ ଗୋଟିଏ ଭାଷାକୁ ସମୃଦ୍ଧ କରେ । 'ରୂଢ଼ି' ପ୍ରୟୋଗ ଦ୍ୱାରା ଆପଣାର କଥାକୁ କଳାତ୍ମକ ଭାବରେ ପ୍ରକାଶ କରିବା ସହ ବ୍ୟକ୍ତିତ୍ୱର ବିକାଶରେ ଏହା ଅଶେଷ ସହାୟକ ହୋଇଥାଏ ।

ଆରମ୍ଭରୁ କୁହାଯାଇଛି 'ରୂଢ଼ି' ଗୁଡ଼ିକ ଅଭିଧାନରେ ଥିବା ଅର୍ଥକୁ ପରିତ୍ୟାଗ କରି ଏକ ବିଶେଷ ଧରଣର ଅର୍ଥକୁ ପ୍ରକାଶ କରନ୍ତି । ଉଦାହରଣ ସ୍ୱରୂପ'ଅକାଳ କୁଷ୍ମାଣ୍ଡ'- ଯାହାର ଅଭିଧାନିକ ଅର୍ଥ ଅସମୟରେ ଫଳିଥିବା ପାଣି କଖାରୁ' । କିନ୍ତୁ ଏହା ଚରିତ୍ରହୀନ ଗୁଣହୀନ ଅଯୋଗ୍ୟପୁତ୍ର ପାଇଁ କୁହାଯାଇଥିବା ମନେହୁଏ । ଅର୍ଥାତ୍ ପିତା-ମାତା ଓ ବଂଶପାଇଁ ଅଯୋଗ୍ୟ ପୁତ୍ର ଉଦ୍ଦେଶ୍ୟରେ ଏହି ରୂଢ଼ିଟି ପ୍ରୟୋଗ ହୋଇଥାଏ । ଏଥିରୁ ଆମେ ସହଜରେ ରୂଢ଼ିଟିର କଳାତ୍ମକ ଦିଗଟିକୁ ବୁଝିପାରିଲୁ ।

ଗଠନ ଗତ ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ରୂଢ଼ିଗୁଡ଼ିକୁ ମୁଖ୍ୟତଃ ତିନିଗୋଟି ଭାଗରେ ବିଭକ୍ତ କରାଯାଇପାରେ । ଯଥା-

(କ) କ୍ରିୟା ଯୁକ୍ତ ରୂଢ଼ି(Semi verbal Idioms)

(ଖ) କ୍ରିୟାହୀନ ରୂଢ଼ି (Verbless Idioms)

(ଗ) ଉପମାମୂଳକ ବା ତୁଳନାତ୍ମକ ରୂଢ଼ି (Metaphorical Idioms)

## ୨୧.୨ କ୍ରିୟାଯୁକ୍ତ ରୂଢ଼ି:

କୌଣସି ରୂଢ଼ିରେ କ୍ରିୟାପଦ ସଂଯୁକ୍ତ ଥାଇ ତାହା ମୁଖ୍ୟାର୍ଥ ଭିନ୍ନ ଏକ ନୂତନ ଅର୍ଥକୁ ପ୍ରକାଶ କରୁଥିଲେ, ତାହାକୁ 'କ୍ରିୟାଯୁକ୍ତ ରୂଢ଼ି' କୁହାଯାଏ ।

| ରୂଢ଼ିଶବ୍ଦ ଓ ଅର୍ଥ | ବାକ୍ୟଗଠନ ବା ପ୍ରୟୋଗବିଧି |
|---|---|
| **ଅଗ୍ନିଶର୍ମା ହେବା** (ଖୁବ୍ ରାଗିବା) | ପୁତ୍ରର କୁକର୍ମ ଦେଖି ପିତା ଅଗ୍ନିଶର୍ମା ହୋଇଗଲେ । |

**ଅଠା ବୋଳିଦେବା**
(ଅନ୍ୟ ମୁଣ୍ଡରେ ଦୋଷ ଲଦିଦେବା) : ଆଜିକାଲି ଲୋକମାନେ ନିଜେ ଦୋଷକରି ଅନ୍ୟ ମୁଣ୍ଡରେ ଅଠା ବୋଳିଦେଉଛନ୍ତି ।

**ଅଠାକାଠିରେ ପଡ଼ିବା**
(ଅସୁବିଧାରେ ପଡ଼ିବା): ଗୋବିନ୍ଦ ବାବୁ ସରକାରୀ ଟଙ୍କା ଚୋରିକରି ଭିଜିଲାନ୍ସର ଅଠାକାଠିରେ ପଡ଼ିଛନ୍ତି ।

**ଅନ୍ଧଦେଶରେ ଦର୍ପଣ ବିକିବା**
(ମୁର୍ଖ ଆଗରେ ପାଣ୍ଡିତ୍ୟ ଦେଖାଇବା): ନିଶାସକ୍ତ ଲୋକକୁ ନିଶାର ଅପକାରିତା ବୁଝାଇବା ଅନ୍ଧଦେଶରେ ଦର୍ପଣ ବିକାବା ଭଳି କାର୍ଯ୍ୟ ହେବ ।

**ଅନ୍ଧାରକୁ ଟେକା ପକାଇବା**
(ଅନୁମାନ କରି କାର୍ଯ୍ୟ କରିବା): ପୋଲିସ୍‌ଟି ଅଭିଯୋଗର ପ୍ରକୃତ ଅନୁସନ୍ଧାନ ନକରି ଅନ୍ଧାରକୁ ଟେକା ପକାଇବା ପରି ଦୋଷ ଲଦୁଛି ।

**ଅନ୍ଧାରରେ ବାଡ଼ି ବୁଲାଇବା**
(ଅନିଶ୍ଚିତ ଭାବରେ କାର୍ଯ୍ୟ କରିବା): ଛାତ୍ରଟି ଉପଯୁକ୍ତ ଭାବେ ପ୍ରଶ୍ନର ଉତ୍ତର ନଜାଣି ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ଉତ୍ତର ଦେଉଛି ।

**ଆଖିରେ ଧୂଳିଦେବା**
(ଠକିଦେଇ ଚାଲିଯିବା): ଚୋରଟି ସମସ୍ତଙ୍କ ଆଖିରେ ଧୂଳିଦେଇ ବସ୍ ଭିତରୁ ଆଟାଚିଟିକୁ ନେଇ ଚାଲିଗଲା ।

**ଆଖି ଦେଖେଇବା**
(ଡରାଇବା): ପିଲାଟି ଦୁଷ୍ଟ ହେଉଥିବା ଦେଖି ଶିକ୍ଷକ ତାକୁ ଆଖି ଦେଖାଇଲେ ।

**ଆଖି ବୁଜିବା**
(ମୃତ୍ୟୁ ଲାଭ କରିବା): ଗୋବିନ୍ଦର ବାପା ଗତକାଲି ସବୁଦିନ ପାଇଁ ଆଖି ବୁଜିଲେ ।

**ଆଖି ବୁଜି ଦୁଧ ପିଇବା**
(ନିଜ କାମ କେହି ଜାଣୁନାହାନ୍ତି : ଭାବି ଠକି ଚାଲିବା) ବିରାଡ଼ି ଆଖିବୁଜି ଦୁଧ ପିଇଲା ଭଳି ଲୋକଟି ଚୋରି କରୁଛି, କିନ୍ତୁ ସେ ଦିନେନା ଦିନେ ଧରା ପଡ଼ିବ ।

**ଆଖି ଖୋସି ହୋଇଯିବା**
(ଆଶ୍ଚର୍ଯ୍ୟ ହେବା): କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଦେଖି ଦର୍ଶକର ଆଖି ଖୋସି ହୋଇଯାଏ ।

**ଆଣ୍ଟ ବାନ୍ଧିବା**
(ମନକୁ ଦୃଢ଼ କରିବା): ଗୋପାଳ ଏବର୍ଷ ଘରଟିଏ କରିବାକୁ ମନରେ ଆଣ୍ଟ ବାନ୍ଧିଛି ।

**ଆପଣା ଶିଙ୍ଗରେ ମାଟି ତାଡ଼ିବା**
(ନିଜଚେଷ୍ଟାରେ ଉପରକୁ ଉଠିବା): ରାମ ପିଲାଦିନୁ ଛେଉଣ୍ଡ, ହେଲେ ସେ ଆପଣା ଶିଙ୍ଗରେ ମାଟିତାଡ଼ି ପ୍ରତିଷ୍ଠିତ ହୋଇଛି ।

**ଇନ୍ଦ୍ର ଚନ୍ଦ୍ର ନମାନିବା**
( ଗର୍ବରେ ସମସ୍ତଙ୍କୁ ଅବଜ୍ଞା କରିବା): ରମେଶ ବାବୁ ସରକାରୀ ଚାକିରୀ ପାଇବାଠାରୁ ଇନ୍ଦ୍ର ଚନ୍ଦ୍ର ମାନୁ ନାହାଁନ୍ତି ।

## ରୂଢ଼ି ଓ ଏହାର ପ୍ରୟୋଗ

| | |
|---|---|
| **ଉଡ଼ନ୍ତା ଚଢେଇର ପର ଗଣିବା** (ଅତିଚତୁର): | ରାଜନୈତିକ ଲୋକମାନେ ଉଡ଼ନ୍ତା ଚଢ଼େଇର ପର ଗଣିବା ଲୋକ । |
| **ଉଷୁନା ଧାନ ଗଜା ହେବା** (ଅସମ୍ଭବ ସମ୍ଭବ ହେବା): | ଗୋପାଳ ଏଡ଼େ ମୂର୍ଖଟିଏ ଯେ ସେ ପରୀକ୍ଷାରେ ପାସ୍ ହେବା ଉଷୁନା ଧାନ ଗଜା ହେବା ସଙ୍ଗେ ସମାନ । |
| **ଋଣକରି ଘିଅ ଖାଇବା** (ଧାରକରି ମଉଜ କରିବା): | ଅନେକ ଲୋକ ଅଛନ୍ତି ନିଜର ସାମାନ୍ୟ ଆନନ୍ଦ ପାଇଁ ଋଣକରି ଘିଅ ଖାଆନ୍ତି । |
| **ଏ କାନରେ ପୂରେଇ ସେକାନରେ ବାହାର କରିବା** (କାହା କଥା ନ ଶୁଣିବା): | ପିଲାଟି ଶିକ୍ଷକଙ୍କ କଥାକୁ ଏକାନରେ ପୂରେଇ ସେ କାନରେ ବାହାର କରିଦେଉଛି । ଭଲମଣିଷ ହେବ କେମିତି ? |
| **ଓର ଉଣ୍ଡିବା** (ସୁଯୋଗ ଖୋଜିବା): | ଚୋରଟି ଦାମବାବୁଙ୍କ ଘରୁ ଚୋରିକରିବାକୁ ଓର ଉଣ୍ଡି ବସିଛି । |
| **କଙ୍କଡ଼ାକୁ ଗୋଳିପାଣି ସୁହାଇବା** (ମନ୍ଦ ଲୋକ ଖରାପପରିସ୍ଥିତିରୁ ଫାଇଦା ଉଠାଇବା): | ଟାଉଟର ଶ୍ରେଣୀର ଲୋକମାନେ କଙ୍କଡ଼ାକୁ ଗୋଳିପାଣି ସୁହାଇବା ପରି ଗଣ୍ଡଗୋଳରୁ ଫାଇଦା ଉଠାନ୍ତି । |
| **କଥାତଳେ ନ ପକାଇବା** (ଆଦେଶ ଅମାନ୍ୟ ନକରିବା): | ରାମଚନ୍ଦ୍ରଙ୍କ କଥାକୁ ଲକ୍ଷ୍ମଣ କେବେବି ତଳେ ପକାଉ ନଥିଲେ । |
| **କପାଳ ଫାଟିବା** (ସର୍ବନାଶ ହେବା): | ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଶ୍ରୀମତୀ ମିଶ୍ର ମୋ କପାଳ ଫାଟିଗଲା କହି କାନ୍ଦିଥିଲେ । |
| **କଣ୍ଟାହେବା** (ବାଧାଦେବା): | ମୁଁ ଯାହା କଲେବି ଶ୍ୟାମ ମୋ ବାଟରେ କଣ୍ଟା ହୋଇ ଛିଡ଼ା ହେଉଛି । |
| **କଟାଘା'ରେ ଚୂନ ଦେବା** (କଷ୍ଟ ଉପରେ କଷ୍ଟ): | ମେଳଣ ପଡ଼ିଆରେ ସୁନା ଚେନ୍‌ଟି କିଏ ଛିଣ୍ଡେଇ ନେଲା ପରେ ପାଖରେ ଥିବା ଲୋକମାନେ ସାନ୍ତ୍ୱନା ଦେବା ପରିବର୍ତ୍ତେ କଟାଘା'ରେ ଚୂନ ଦେଲାପରି କଥାମାନ କହିଗଲେ । |
| **କପାଳ ଫିଟିବା** (ସୌଭାଗ୍ୟୋଦୟ ହେବା): | ଦାମ ବାବୁଙ୍କର ବାଣିଜ୍ୟରେ ରାତାରାତି କପାଳ ଫିଟିଲା ପରି ଲାଭ ହୋଇଛି । |
| **କଳାକାଠ ପଡ଼ିଯିବା** (ମଳିନ ଦିଶିବା): | ରୋଜଗାର ପଛରେ ଧାଇଁ ଧାଇଁ ବିଚରା ସୁଦର୍ଶନ କଳାକାଠ ପଡ଼ିଗଲା । |

## ରୂଢ଼ି ଓ ଏହାର ପ୍ରୟୋଗ

| | |
|---|---|
| **କାନ ଡ଼େରିବା** (ପରଛିଦ୍ରକୁ ଲୁଚିକି ଶୁଣିବା): | ପରକଥାକୁ କାନଡ଼େରି ଶୁଣିବା ଉତ୍ତମଲୋକର କାମ ନୁହେଁ । |
| **କାନରେ ହାତଦେବା** (ବିସ୍ମୟ ପ୍ରକାଶ କରିବା): | ଦୁଇ ଭାଇଙ୍କ କଳି ଶୁଣିଲେ ଯେ କେହି କାନରେ ହାତ ଦେବ । |
| **କାମରେ ହାତ ଦେବା** (କାର୍ଯ୍ୟ ଆରମ୍ଭ କରିବା): | ସୁଦାମ ଯେଉଁ କାମରେ ହାତ ଦିଏ, ଶେଷ ନହେବା ଯାଏ ଛାଡ଼େ ନାହିଁ । |
| **କୁଟା ଖଣ୍ଡକ ଦି'ଖଣ୍ଡ ନକରିବା** (ପରିଶ୍ରମ କାତର/ ଅଳସୁଆ ବ୍ୟକ୍ତି): | ସରସ୍ୱତୀ ଦେବୀ ନିଜେ କୁଟା ଖଣ୍ଡକ ଦି'ଖଣ୍ଡ ନକରି ଅନ୍ୟକୁ ଉପଦେଶମାନ ଦେଇଥାନ୍ତି । |
| **କୁହୁଡ଼ି ପହଁରିବା** (ବୃଥା ପରିଶ୍ରମ କରିବା): | ସୀତାକାନ୍ତ ବାବୁ କିଛି ପାଇବା ଆଶାରେ କୁହୁଡ଼ି ପହଁରିବା ଭଳି କାର୍ଯ୍ୟ କରୁଛନ୍ତି । |
| **କେରାଣ୍ଡି ଗୁନ୍ଥି ବାଳିଆ ଧରିବା** (ସାମାନ୍ୟ ଖର୍ଚ୍ଚରେ ପ୍ରଚୁର ଲାଭକରିବା): | ଆଜିକାଲି ଜମିବିକ୍ରି ପାଇଁ ଦଲାଲ୍‌ମାନେ ଯାହା କରୁଛନ୍ତି ତାହା କେରାଣ୍ଡି ଗୁନ୍ଥି ବାଳିଆ ଧରିବା ପରି । |
| **ଖଣ୍ଡା ଧାରରେ ବାଟଚାଲିବା** (ନ୍ୟାୟବାଟରେ ଚାଲିବା): | ମୋ ବାପା ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ଖଣ୍ଡା ଧାରରେ ବାଟ ଚାଲିବା ପରି କରିଥାନ୍ତି । |
| **ଖଡ଼ି ଛୁଆଁ** (ବିଦ୍ୟାରମ୍ଭ): | ମୋତେ ୪ବର୍ଷ ହେଲା ବେଳକୁ ମୋର ଖଡ଼ିଛୁଆଁ ହୋଇଥିଲା । |
| **ଖାଇବା ପତରରେ ଧୂଳିଦେବା** (ଜୀବିକାରେ ବାଧାଦେବା): | ଅନେକ ଲୋକ ଅଛନ୍ତି, ଅନ୍ୟର ଖାଇବା ପତରରେ ଧୂଳିଦେଇ ଖୁସି ହୋଇଥାନ୍ତି । |
| **ଖାଲରେ ପକାଇବା** (ବିପଦରେ ପକାଇବା): | ଲକ୍ଷ୍ମୀଧର ବାବୁ ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟମାନଙ୍କୁ ଖାଲରେ ପକାଉଛନ୍ତି । |
| **ଖୁଅ କାଢ଼ିବା** (ଦୋଷ ବାହାର କରିବା): | ବିଷ୍ଣୁ ବାବୁ ପ୍ରତି କଥାରୁ ଖୁଅ କାଢ଼ିଥାନ୍ତି । |
| **ଗାଲରେ ହାତଦେବା** (ଚିନ୍ତିତ ହୋଇ ବସିବା): | ଫସଲରେ ପୋକ ଲାଗି ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଗାଲରେ ହାତ ଦେଇ ବସିଛନ୍ତି । |
| **ଗୁଜୁରାଣ ମେଣ୍ଟାଇବା** (କଷ୍ଟେ ମଷ୍ଟେ ଚଳିଯିବା): | ରାମବାବୁ ଯେତିକି ଆୟକରୁଛନ୍ତି ତାଙ୍କ ପରିବାର ସେଥିରୁ ଗୁଜୁରାଣ ମେଣ୍ଟାଉଛନ୍ତି । |
| **ଗୁମର ଫିଟିବା** (ରହସ୍ୟ ପ୍ରଘଟ ହୋଇଯିବା): | ସାହୁବାବୁ ଓ ମିଶ୍ରବାବୁ ନିଜନିଜ ଭିତରେ ପାଟିତୁଣ୍ଡ କରି ଜଣେ ଅନ୍ୟର ଗୁମର ଫିଟାଇବାକୁ ପଛେଇଲେ ନାହିଁ । |





## ରୂଢ଼ି ଓ ଏହାର ପ୍ରୟୋଗ

| | |
|---|---|
| **ଗୋଡ଼ ଟେକି ବସିବା** (ପ୍ରସ୍ତୁତ ହୋଇ ରହିବା): | ଭାଇ ବାହାଘରକୁ ଯିବବୋଲି ସୁମାନୀ ଗୋଡ଼ ଟେକି ବସିଛି । |
| **ଗୋଡ଼ହାତ ଧରିବା** (ନେହୁରା ହେବା): | ଚାକିରୀ ଖଣ୍ଡିଏ ପାଇଁ ହରିସାହୁ କେତେ ହାକିମଙ୍କର ଗୋଡ଼ ହାତ ଧରିଲେ, ହେଲେ କିଛି ଫଳ ପାଇଲେ ନାହିଁ । |
| **ଘଣ୍ଟ ଘୋଡ଼ାଇବା** (ଦୋଷ ଲୁଚାଇବା): | ନିଜ ପୁଅ ହେଲେବି ତା'ର ଖରାପ କାମକୁ ଘଣ୍ଟ ଘୋଡ଼ାଇବା ଉଚିତ୍ ନୁହେଁ । |
| **ଘରେ ନ ପଶୁଣୁ ଚାଳ ବାଜିବା** (କାର୍ଯ୍ୟ ଆରମ୍ଭ ନହେବା ପୂର୍ବରୁ ଅମଙ୍ଗଳ ସୂଚନା): | ବୋହୂଟି ଶାଶୁଘରେ ପାଦ ରଖୁ ରଖୁ ସମସ୍ତେ କଟୂକଥା କହି ବସିଲେଣି । ଘରେ ନ ପଶୁଣୁ ଚାଳ ବାଜିଲାଣି, ଆଗକୁ ଦିନ ପଡ଼ିଛି । |
| **ଚଳୁ କରିଦେବା** (ସବୁଶେଷ କରିଦେବା): | ବନ୍ୟାଞ୍ଚଳ ସହାୟତା ପାଇଁ ଯାହା ଆସିଥିଲା, ବନ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ଆଗରୁ ଦୁର୍ନୀତିଗ୍ରସ୍ତ ସରକାରୀ ଚାକିରିଆମାନେ ଚଳୁ କରିଦେଇଥିଲେ । |
| **ଚାଲିଲା ଶଗଡ଼ରେ ହାତଦେବା** (ଅତିଦୁଷ୍ଟ): | ଆଦିତ୍ୟ ଏତେ ଦୁଷ୍ଟ ଯେ ଚାଲିଲା ଶଗଡ଼ରେ ହାତ ଦେବା ପିଲା । |
| **ଚିତା କାଟିବା** (ଠକିବା): | ଭକ୍ତି ନାଁରେ ଠକ ସନ୍ନ୍ୟାସୀମାନେ ଘରେ ଘରେ ପଶି ଲୋକଙ୍କୁ ଚିତାକାଟି ପଳାଉଛନ୍ତି । |
| **ଚୋରକୁ ମାନ କରି ଖପରାରେ ଖାଇବା** (ଅନ୍ୟ ଉପର ଅଭିମାନ ନିଜ ଉପରେ ଲଦିବା): | ଚୋରକୁ ମାନ କରି ଖପରାରେ ଖାଇବା ବ୍ୟକ୍ତି ଜୀବନରେ ସଫଳ ହୁଅନ୍ତି  ନାହିଁ । |
| **ଛେଳି ଗୋଡ଼ରେ ଧାନମକଚିବା** (ଅଯୋଗ୍ୟ ବ୍ୟକ୍ତିକୁ ଦାୟିତ୍ୱ ଦେବା): | ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିଜେ ନକରି ଅନ୍ୟକୁ ଦେଲେ ଛେଳି ଗୋଡ଼ରେ ଧାନ ମକଚିବା ପରି ହେବ । |
| **ଛେନାରୁ ଚୋପା ଛଡ଼ାଇବା** (ବୃଥା ଦୋଷ ଦେଖାଇବା): | ବୋହୂଟି ଯେତେକାମ କଲେ ବି ଶାଶୁ ସନ୍ତୁଷ୍ଟ ନହୋଇ ସବୁକାମରେ ଛେନାରୁ ଚୋପା ଛଡ଼ାନ୍ତି । |
| **ଛାତି ପଥର କରିବା** (ଦମ୍ଭ ଧରିବା): | ସ୍ୱାମୀ ମରିଗଲା ପରେ ଅମ୍ବିକା ଦେବୀ ଛାତିକୁ ପଥର କରି ପାଞ୍ଚଟି ଯାକ ଛୁଆଙ୍କୁ ମଣିଷ କରିଛନ୍ତି । |
| **ଜୀବନ ମୂର୍ଚ୍ଛିବା** (ପ୍ରାଣବଳି ଦେବା): | ସ୍ୱାଧୀନତା ସଂଗ୍ରାମୀମାନେ ଦେଶର ସ୍ୱାଧୀନତା ପାଇଁ ଜୀବନ ମୂର୍ଚ୍ଛି ଲଢ଼ିଥିଲେ । |

| | |
|---|---|
| **ଜିରାରୁ ଶିରା ବାହାର କରିବା** (ବୃଥା ଦୋଷ ଦେଖିବା): | ଶାଶୁଟି ବୋହୂଟିର ସବୁ କଥାରେ ଜିରାରୁ ଶିରା ବାହାର କରି କି ଲାଭ ପାଉଛି କେଜାଣି ? |
| **ଝାଙ୍କ ଛଡ଼ାଇ ଦେବା** (କାହା କଥା ନଶୁଣି ଜିଦ୍ ଧରି ଅଥୟ କରିବା): | ସ୍କୁଲକୁ ଯିବନି କହି ଜିଦ୍ ଧରି ପିଲାଟି ଆମ ସମସ୍ତଙ୍କର ଝାଙ୍କ ଛଡ଼ାଇ ଦେଲାଣି । |
| **ଝିଣ୍ଟିକା ମାରି ବଣି ପୋଷିବା** (ଦୁର୍ବଳକୁ ମାରି ସବଳକୁ ପୋଷିବା): | ସରକାରଙ୍କର ନୂତନ ଶିକ୍ଷନୀତି କେବଳ ଝିଣ୍ଟିକା ମାରି ବଣି ପୋଷିବା ପାଇଁ ଉଦ୍ଦିଷ୍ଟ । |
| **ଟେକ ରଖିବା** (ସମ୍ମାନ ରକ୍ଷା କରିବା/ନାଁ ରଖିବା): | ମାତୃଭୂମିର ଟେକ ରଖିବାପାଇଁ ଯୁବସମାଜ ସଂକଳ୍ପବଦ୍ଧ ହେବା ଆବଶ୍ୟକ । |
| **ଠାସକୁ ମାରିବା** (ଅନୁମାନ କରିକହିବା): | ପିଲାଟିର ଜ୍ଞାନ ବୋଲି କିଛି ନାହିଁ, ଶିକ୍ଷକ ଯାହା ପଚାରୁଛନ୍ତି ଖାଲି ଠାସକୁ ମାରୁଛି । |
| **ଡିହରେ ବିଲୁଆ ଡ଼େଇଁବା** (ବଂଶ ବୁଡ଼ିଯିବା): | ମାନବିକତା ହରେଇ କେହି ଯଦି ଅନ୍ୟର କ୍ଷତି କରେ ତେବେ ତା'ଡ଼ିହରେ ବିଲୁଆ ଡ଼େଇଁବା ସୁନିଶ୍ଚିତ । |
| **ଢ଼େଙ୍ଗୁରା ଦେବା** (ପ୍ରଚାର କରିବା): | ବିଦ୍ୟୁତ୍ କାଟ ପାଇଁ ସରକାରଙ୍କ ତରଫରୁ ଢ଼େଙ୍ଗୁରା ଦିଆଗଲାଣି । |
| **ତିନି ପାଞ୍ଚିରୁ ଯିବା** (ଯଶ ହରାଇବା): | ଶିଶିର ବାବୁଙ୍କ ପୁଅ ନିଶା ପଶାରେ ମାତି ତିନି ପାଞ୍ଚିରୁ ଗଲାଣି । |
| **ଦାନାରେ ଧୂଳି ଦେବା** (ବୃତ୍ତି ଉଚ୍ଛେଦ କରିବା): | କାହାର ଦାନାରେ ଧୂଳି ଦେଲେ ଠାକୁର କେବେ ସହିବେ ନାହିଁ । |
| **ଦୁଇ ନାଆରେ ଗୋଡ଼ ଦେବା** (ଏକ ସଙ୍ଗରେ ଦୁଇଟି କାର୍ଯ୍ୟ କରିବା): | ଦୁଇ ନାଆରେ ଗୋଡ଼ ଦେବା ଲୋକ କୌଣସି କାର୍ଯ୍ୟରେ ସଫଳ ହୁଏ ନାହିଁ । |
| **ଧରାକୁ ସରା ମଣିବା** (କାହାରିକୁ ଖାତିର ନ କରିବା): | ବ୍ରହ୍ମାଙ୍କ ବରରେ ବଳୀୟାନ୍ ହୋଇ ରାବଣ ଧରାକୁ ସରା ମଣିଥିଲା । |
| **ଧୂଆଁବାଣ ମାରିବା** (ବଢ଼େଇକି କଥା କହିବା): | ସନାତନ ବାବୁ କଥାକଥାକେ ଧୂଆଁବାଣ ମାରିବାରେ ନିପୁଣ । |
| **ନାଁ କରିବା** (ଖ୍ୟାତି ଅର୍ଜନ କରିବା): | ପଦ୍ମିନୀ ଭଲ ଚେସ୍ ଖେଳି ଓଡ଼ିଶାର ନାଁ କଲାଣି । |
| **ନାଁ ପକାଇବା** (ଅଖ୍ୟାତି ଅର୍ଜନ କରିବା): | ମଧୁବାବୁଙ୍କ ପୁଅ କୁକର୍ମ କରି ବାପାଙ୍କ ନାଁ ପକାଇଲା । |

## ରୁଢ଼ି ଓ ଏହାର ପ୍ରୟୋଗ

| | |
|---|---|
| **ନାହିରେ ତେଲ ପକାଇ ଶୋଇବା** (ଚିନ୍ତାଶୂନ୍ୟ ହେବା): | କାଳିବାବୁ ଏ ପର୍ଯ୍ୟନ୍ତ ପୁଅର ବାହାଘର ନକରି ନାହିରେ ତେଲ ପକାଇ ଶୋଇଛନ୍ତି । |
| **ପଛରୁ ଛୁରୀ ମାରିବା** (ବିଶ୍ୱାସ ଘାତକତା କରିବା): | ଆଜିକାଲି ଦୁନିଆରେ ପଛରୁ ଛୁରୀମାରିବା ଲୋକ ବହୁତ ଅଛନ୍ତି । |
| **ପର ମୁଣ୍ଡରେ ନଡ଼ିଆ ବାଡ଼େଇବା** (ଅନ୍ୟ ଉପରେ ଦାୟିତ୍ୱ ଲଦି ଦେଇ ନିଜେ ଖସିଯିବା): | ସଦାନନ୍ଦବାବୁ ଚାଲାକ ଲୋକ ହୋଇଥିବାରୁ ପରମୁଣ୍ଡରେ ନଡ଼ିଆ ବାଡ଼େଇ ନିଜେ ଖସିଯାନ୍ତି । |
| **ପରଲାଗି ପୁଅମୁଣ୍ଡ ଛୁଇଁବା** (ଅନ୍ୟଲାଗି ଜୀବନ ମୂର୍ଚ୍ଛିବା): | ସେମାନେ ନିଜ ନିଜ ଭିତରେ ଯାହା ହେବେ ହଉଥାନ୍ତୁ, ଆମେ ପରଲାଗି ପୁଅମୁଣ୍ଡ ଛୁଇଁବା ଦରକାର ନାହିଁ । |
| **ପାଣିରେ ସର ପକାଇବା** (କୌଶଳରେ ମନ ଭୁଲାଇବା): | ଶରତବାବୁ ପାଣିରେ ସର ପକାଇଲା ଭଳି କଥାମାନ କହନ୍ତି, ଯାହା ଲୋକମାନେ ସହଜରେ ବିଶ୍ୱାସ କରନ୍ତି । |
| **ପୋଥିରେ ଡ଼ୋର ବାନ୍ଧିବା** (ପଢ଼ା ବନ୍ଦ କରିବା): | ସରିତା ମେଟ୍ରିକ୍ ପରୀକ୍ଷାରେ ବାରମ୍ବାର ଫେଲ୍ ହେବା ପରେ ତା'ବାପା ପୋଥିରେ ଡ଼ୋରି ବାନ୍ଧିଦେଲେ । |
| **ପିଠିରେ ପଡ଼ିବା** (ସାହା ହେବା): | କେହି ଅସୁବିଧାରେ ପଡ଼ିଥିଲେ ପିଠିରେ ପଡ଼ିବା ମାନବିକତାର ପରିଚୟ ଦିଏ । |
| **ଫସର ଫାଟିବା** (ବ୍ୟର୍ଥ ହେବା): | ଝିଅ ବାହାଘର ପାଇଁ ଶ୍ୟାମ ବାବୁ ଯାହା ଆୟୋଜନ କରିଥିଲେ କୁଆପଥର ବର୍ଷା ହେବାରୁ ସବୁ ଫସର ଫାଟିଗଲା । |
| **ବାମନ ହୋଇ ଚନ୍ଦ୍ରକୁ ହାତ ବଢେଇବା** (ଅସମ୍ଭବ ପ୍ରଚେଷ୍ଟା): | ଏଡ଼େ ବଡ଼ ଘରେ ବନ୍ଧୁ ବାନ୍ଧିବା ମୋ ପାଇଁ ଅସମ୍ଭବ । ବାମନ ହୋଇ ଚନ୍ଦ୍ରକୁ କିପରି ହାତ ବଢ଼େଇବି ? |
| **ବିରାଡ଼ି ଛିଙ୍କିବା** (ଅନୁକୂଳରେ ବିଘ୍ନ ଘଟିବା): | ଶୁଭ କାମରେ ଘରୁ ବାହାରିଲା ବେଳେ ପଛରୁ କିଏ ଡାକିଲେ ବିରାଡ଼ି ଛିଙ୍କିବା ବୋଲି କୁହାଯାଏ । |
| **ବିରାଡ଼ି କପାଳକୁ ଶିକା ଛିଣ୍ଡିବା** (ଇଚ୍ଛାମତେ ସୁବିଧା ମିଳିବା): | ବିରାଡ଼ି କପାଳକୁ ଶିକା ଛିଣ୍ଡିବା ଭଳି ଆମେ ଘରେ ନଥିବାରୁ ପଡ଼ିଶାଘର ପିଲାମାନେ ଆମ ବଗିଚାରୁ ସବୁ ପିଜୁଳି ଛିଣ୍ଡାଇ ନେଇଗଲେ । |

**ବିରାଡ଼ି ବେକରେ ଘଣ୍ଟିବାନ୍ଧିବା**
(ପ୍ରତିପତ୍ତିଶାଳୀ ଲୋକ ବିରୁଦ୍ଧରେ ପ୍ରଥମେ ବାହାରିବା):

ବଡ଼ବଡ଼ିଆଙ୍କ ଦ୍ୱାରା ଦୁର୍ନୀତି ହେଉଥିବାର ଜାଣି ମଧ୍ୟ କିଛି କହି ହେଉନାହିଁ । ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ?

**ବିଶ୍ୱାସରେ ବିଷଦେବା**
(ବିଶ୍ୱାସ ଘାତକତା କରିବା):

ପ୍ରତ୍ୟେକ ପରିବାରରେ ଭାଇ ଭାଇକୁ ବିଶ୍ୱାସରେ ବିଷଦେବାର ଉଦାହରଣ ରହିଛି ।

**ଭାଲୁ ଧରାଇବା**
(କୌଶଳରେ ଜଞ୍ଜାଳରେ ପକାଇବା):

ସାନଭଉଣୀ ବାହାଘର ପାଇଁ ଭାଉଜ ମୋତେ ଭାଲୁ ଧରାଇ ଦେଇ କେଉଁଆଡ଼େ ଖସିଗଲେ ।

**ମନ ଘର ଧରିବା**
(ଅସୁବିଧାରେ ପଡ଼ି ସର୍ତକହେବା):

ବାପାଙ୍କ ମୃତ୍ୟୁପରେ ପରିବାରର ଦୁଃଖଦ ପରିସ୍ଥିତିକୁ ଦେଖି ପୁଅର ମନ ଘର ଧରିଲାଣି ।

**ମାଛ ତେଲରେ ମାଛ ଭାଜିବା**
(ବିନା ଖର୍ଚ୍ଚରେ ଲାଭ ଉଠାଇବା):

ରଘୁବାବୁ ଝିଅ ବାହାଘର ବେଳେ ପାଇଥିବା ମୁଦିକୁ ନୂଆ ବୋହୂକୁ ଦେଇ ମାଛତେଲରେ ମାଛ ଭାଜିବା ଭଳି କରିଦେଲେ ।

**ମାଛିକୁ ମ'ବୋଲି ନ କହିବା**
(ଖୁବ ଶାନ୍ତଶିଷ୍ଟ):

ନଖିଆ ବାରିକର ଝିଅ ଏତେ ଭଲ ଯେ ମାଛିକୁ ମ'ବୋଲି କହେନାହିଁ ।

**ମୁଣ୍ଡ ଝାଳ ତୁଣ୍ଡରେ ମାରିବା**
(କଠିନ ପରିଶ୍ରମ କରିବା):

ଏ ଦେଶରେ କୃଷକମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ସୁନାର ଫସଲ ଫଳାଇଥାନ୍ତି ।

**ରକ୍ତ ଚାଉଳ ଚୋବାଇବା**
(ରାଗରେ ଜଳିଯିବା):

ଝିଅ ଅଧ ରାତିରେ ଘରୁ ବାହାରି ପଳାଇବା କଥାଶୁଣି ବାପା ରକ୍ତ ଚାଉଳ ଚୋବାଉଛନ୍ତି ।

**ରବେଇ ଖବେଇ ହେବା**
(ଈର୍ଷା କରିବା):

ସୀତାକାନ୍ତ ବାବୁଙ୍କ ସ୍ତ୍ରୀ ଅନ୍ୟର ଖୁସି ଦେଖି ରବେଇ ଖବେଇ ହୁଅନ୍ତି ।

**ଷଣ୍ଢକୁ ଭାଗବତ ପଢାଇବା**
(ଅଯୋଗ୍ୟକୁ ଉପଦେଶ ଦେବା):

ବିଧର୍ମୀ ଲୋକକୁ ଧର୍ମବାଣୀ ଶୁଣାଇବା ଅର୍ଥ ଷଣ୍ଢକୁ ଭାଗବତ ଶୁଣାଇବା ସଙ୍ଗେ ସମାନ ।

**ହରଡ଼ ଘଣାରେ ପଡ଼ିବା**
(ବିପଦରେ ପଡ଼ିବା):

ଜମିବାଡ଼ି ବାବଦରେ କଚେରୀ ଧାଇଁ ଧାଇଁ ରଘୁସ୍ୱାଇଁ କିଛି ଦିନ ହେବ ହରଡ଼ ଘଣାରେ ପଡ଼ିଛନ୍ତି ।

**ହାତକୁ ଦି ହାତ କରିବା**
(ବିବାହ କରିବା):

ଯେମିତି ହେଲେ ଏ ବର୍ଷ ମୋ ପୁଅର ହାତକୁ ଦି ହାତ କରାଇ ଦେବି ।

**ହାତେ ମାପି ଚାଖଣ୍ଡେ ଚାଲିବା**
(ସତର୍କରେ କାମ କରିବା):

ଆଜିକାଲି ପରିସ୍ଥିତିକୁ ଦେଖି ହାତେ ମାପି ଚାଖଣ୍ଡେ ଚାଲିବା ଲୋକ ହିଁ ସମାଜରେ ତିଷ୍ଠି ରହିପାରିବ ।

| | |
|---|---|
| **ହାତରେ ନମାରି ଭାତରେ ମାରିବା** (କୌଶଳକରି ଜୀବିକା ଉଚ୍ଛେଦ କରିବା): | ସନାତନକୁ ଏମିତି କାମକରି ଚାକିରୀରୁ ବାହାର କରାଗଲା କେହି ଜାଣିପାରିଲେନି; ହାତରେ ନମାରି ଭାତରେ ମାରିବାଟା ଠିକ୍ ହେଲାନାହିଁ । |

## ୨୧.୩ କ୍ରିୟାହୀନ ରୂଢ଼ି:

ଯେଉଁ ବାକ୍ୟାଂଶ ବା ପଦ ବା ରୂଢ଼ି ଗୁଡ଼ିକରେ କ୍ରିୟାପଦ ନଥାଏ ତାହାକୁ କ୍ରିୟାହୀନ ରୂଢ଼ି କୁହାଯାଏ ।

| **ରୂଢ଼ି ଶବ୍ଦ ଓ ଅର୍ଥ** | **ବାକ୍ୟଗଠନ ବା ପ୍ରୟୋଗ ବିଧି** |
|---|---|
| **ଅକାଳ କୁଷ୍ମାଣ୍ଡ** (ଅଯୋଗ୍ୟ) : | ପୁଅ ଯଦି ଅକାଳ କୁଷ୍ମାଣ୍ଡ ହୁଏ ତେବେ କାହାକୁ କହିବ ? |
| **ଅତିଭକ୍ତି ଚୋରର ଲକ୍ଷଣ** (ଅତି ସଙ୍କୋଚ ଦେଖାଇହେଉଥିବା ବ୍ୟକ୍ତି ସ୍ୱାର୍ଥରଖି କାମ କରିବା): | ଅତି ଭକ୍ତି ଚୋରର ଲକ୍ଷଣ ପରି ନିଶାଗ୍ରସ୍ତ ରାଜନେତାମାନେ ନିଶାନିବାରଣ ପାଇଁ ଭାଷଣ ଦେଉଛନ୍ତି । |
| **ଅନ୍ଧ ବୁଝାମଣା** (ଅନ୍ୟାୟ ବିଚାର): | ଅନ୍ଧ ବୁଝାମଣା ହେତୁ ଭଲ ସମ୍ପର୍କ ଖରାପ ହୋଇଯାଏ । |
| **ଅନ୍ଧର ଲଉଡ଼ି** (ଅସହାୟର ସହାୟ): | ଶ୍ରୀକୃଷ୍ଣ ଯଶୋଦାଙ୍କର ଅନ୍ଧର ଲଉଡ଼ି ଥିଲେ । |
| **ଅଳ୍ପବିଦ୍ୟା ଭୟଙ୍କରୀ** (ଅଳ୍ପଜ୍ଞାନରେ ଚତୁରତା ଦେଖାଇ ବିପଦରେ ପଡ଼ିବା): | ମାଧୁରୀ ଦେବୀ ସବୁଠି ଆତ୍ମବଡ଼ିମା ଦେଖାଇ ଅପଦସ୍ଥ ହୋଇଥାନ୍ତି । କଥାରେ ଅଛି ଅଳ୍ପ ବିଦ୍ୟା ଭୟଙ୍କରୀ । |
| **ଅଲଣା କଥା** (ମୂଲ୍ୟହୀନ କଥା): | ସୁମାନୀ ସବୁବେଳେ ଅଲଣା କଥା କହେ ବୋଲି ତା'କଥା ଶୁଣିବାକୁ ଧୈର୍ଯ୍ୟ ରହେ ନାହିଁ । |
| **ଅହିନକୁଳ ସମ୍ପର୍କ** (ଘୋର ଶତ୍ରୁତା) : | ମୋ ଦି'ଭାଇଙ୍କ ମଧ୍ୟରେ ଯେଉଁ ଅହି ନକୁଳ ସମ୍ପର୍କ ରହିଛି, ତାକୁ ସୁଧାରିବା ସହଜ କଥା ନୁହେଁ । |
| **ଆପଣା ସୁନା ଭେଣ୍ଡି** (ନିଜଲୋକ ଅଯୋଗ୍ୟ): | ଆମେ ଯେତେ ବୁଝାଇଲେ ବି ମୋ ଭାଇ କାହା କଥା ନଶୁଣି ଅସାମାଜିକ ପିଲାଙ୍କ ସହିତ ମିଶୁଛି । ଆପଣା ସୁନା ତ ଭେଣ୍ଡି, ପରକୁ କାହିଁକି ଦୋଷ ଦେବୁ ? |
| **ଆକାଶ ପାତାଳ ପ୍ରଭେଦ** (ବହୁତ ତଫାତ୍): | ସନାତନ ଓ ସଦାନନ୍ଦ ଦୁଇ ଭାଇ ହେଲେ ବି ଦୁହିଁଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ ରହିଛି । |

## ରଢ଼ି ଓ ଏହାର ପ୍ରୟୋଗ

**ଆପେ ବଞ୍ଚିଲେ ବାପର ନାଁ**
(ନିଜକୁ ସୁରକ୍ଷିତ କରିବା): ବର୍ତ୍ତମାନ ଦୁନିଆର ପରିସ୍ଥିତି ଯାହା ହେଲାଣି କୌଣସି କଥାରେ ମୁଣ୍ଡ ନ ପୁରାଇବା ଭଲ, କଥାରେ ଅଛି ଆପେ ବଞ୍ଚିଲେ ବାପର ନାଁ ।

**ଉତ୍ତମ ମଧ୍ୟମ**
(ନିସ୍ତୁକ ମାଡ଼): ସେ ମୋ ସହିତ ଯେଉଁ ବେଇମାନୀ କରିଛି ତା'ଉପରେ ଉତ୍ତମ ମଧ୍ୟମର ଦରକାର ଥିଲା ।

**ଉଆଁସୀ କନ୍ୟାକୁ ସାହାଡ଼ା ବର**
(ଭାଗ୍ୟନୁସାରେ ଦାମ୍ପତ୍ୟ ମିଳନ): ଧୃତରାଷ୍ଟ୍ରକୁ ଗାନ୍ଧାରୀ ଉଆଁସୀ କନ୍ୟାକୁ ସାହାଡ଼ ବର ପରି ସଂଯୋଗ ଘଟିଛି ।

**ଏ ଘର ମାଉସୀ ସେ ଘର ପିଉସୀ**
(ଯେଛିଦ୍ର କହି ପରଘରେ କଳି ଲଗାଏ): ଆମ କୁନି ଅପାକୁ କେହି ବିଶ୍ୱାସ କରି କିଛି କହିବ ନାହିଁ, ସେ ପରା ଏଘର ମାଉସୀ ସେ ଘର ପିଉସୀ ହେଉଛି ।

**ଏକ ଘରକିଆ**
(ସମାଜରୁ ବାସନ୍ଦ): ଶ୍ୟାମ ବାବୁ ତାଙ୍କ ଝିଅକୁ ଛୋଟ ଜାତିରେ ବାହା କରିଥିବାରୁ ତାଙ୍କୁ ଗାଁଲୋକ ଏକ ଘରକିଆ କରି ଦେଇଛନ୍ତି ।

**ଓଳିଆରୁ ଗଜା**
(ଜନ୍ମରୁ ଚତୁର): ଆଜିକାଲି ପିଲାମାନେ ଓଳିଆରୁ ଗଜା ଅଟନ୍ତି ।

**କାଠିକର ପାଠ**
(କଷ୍ଟ ସାଧ୍ୟ): ଆଜିକାଲି ପ୍ରତ୍ୟେକ ଜିନିଷର ଦରଦାମ୍ ଯେଉଁ ଭଳି ବଢ଼ି ଚାଲିଛି ଚଳିବା ପାଇଁ କାଠିକର ପାଠ ହୋଇଗଲାଣି ।

**କଂସାରି ଘରର ପାରା**
(ଅଭିଜ୍ଞକୁ ସାଧାରଣ କଥାରେ ଡରାଇବା): ଦାସମାଷ୍ଟ୍ରେ ଯିଏ ଯାହା କହିଲେ ବି ନଡରି କୁହନ୍ତି ମୁଁ ପରା କଂସାରି ଘରର ପାରା, ଡରିବି କାହାକୁ ?

**କୁମ୍ଭୀର କାନ୍ଦଣା**
(ଉପରଦେଖା ସହାନୁଭୂତି) : କାଳିବାବୁ ସବୁବେଳେ ଘରପାଇଁ ଦରଦ ଦେଖାଇ କୁମ୍ଭୀର କାନ୍ଦଣା କାନ୍ଦନ୍ତି ।

**ଗୋଟିଏ ଚାଉଳରେ ଗଢା**
(ଅତି ସୁନ୍ଦର) : ମହାପାତ୍ର ବାବୁଙ୍କ ବୋହୂଟି ଗୋଟିଏ ଚାଉଳରେ ଗଢ଼ା ।

**ଗୋଠ ଖଣ୍ଡିଆ**
(ଦଳରୁ ଅଲଗା) : ଗୋଠ ଖଣ୍ଡିଆମାନଙ୍କୁ କେବେହେଲେ ଭରସା କରିବ ନାହିଁ ।

**ଗୋବର ଗଣେଶ**
(ବୁଦ୍ଧିହୀନ) : ମନୁଆ ପୁରା ଗୋବର ଗଣେଶ, ତା'ଦ୍ୱାରା କିଛି ହେବ ନାହିଁ ।

## ରୂଢ଼ି ଓ ଏହାର ପ୍ରୟୋଗ

**ଘର ଢିଙ୍କି କୁମ୍ଭୀର**
(ଆତ୍ମୀୟ ଲୋକ ଶତ୍ରୁ ହେବା):
ମୋର ନିଜଭାଇତ ଘର ଢ଼ିଙ୍କି କୁମ୍ଭୀର ଭଳି କାମ କରୁଛି, ଅନ୍ୟକୁ କାହିଁକି ଦୋଷ ଦେବି ।

**ଚାରି ଦଉଡ଼ି କଟା**
(ଶାସନର ବହିର୍ଭୂତ):
ମୀନାକ୍ଷୀର ନିଜ ସଂସାର ପ୍ରତି ଟିକିଏ ବି ଚିନ୍ତାନାହିଁ । ତା ନହେଲେ ସେ ଏମିତି ଚାରି ଦଉଡ଼ି କଟା ହୋଇ ବୁଲୁଥାନ୍ତ ?

**ଚିହ୍ନା ବ୍ରାହ୍ମଣ**
(ପରିଚିତ ବ୍ୟକ୍ତି) :
ଯେ କୌଣସି ସ୍ଥାନରେ ଚିହ୍ନା ବ୍ରାହ୍ମଣର ଠିକଣା ଖୋଜିବା ସହଜ ହୋଇଥାଏ ।

**ଛୋଟ ମୁହଁରେ ବଡ଼ କଥା**
(ଅଯୋଗ୍ୟ ମୁହଁରେ ଟାଣକଥା):
ଜ୍ଞାନୀ ଓ ଗୁରୁଜନଙ୍କ ଆଗରେ ବଡ଼ ବଡ଼ କଥା କହିବା ଛୋଟ ମୁହଁରେ ବଡ଼ କଥା ପରି ହୁଏ ।

**ଜପାମାଳି**
(ଅତିପ୍ରିୟ):
ପ୍ରତ୍ୟେକ ସନ୍ତାନ ନିଜ ପିତା-ମାତାଙ୍କର ଜପାମାଳି ଅଟନ୍ତି ।

**ଝାଳବୁହା ଧନ**
(ପରିଶ୍ରମର ଧନ) :
ବେହେରା ବାବୁ ଝାଳବୁହା ଧନରେ ଘର ଖଣ୍ଡିଏ ତିଆରି କରିଛନ୍ତି ।

**ଝିମିଟି ଖେଳରୁ ମହାଭାରତ**
(ସାମାନ୍ୟ କଥାରୁ ଅନର୍ଥ ସୃଷ୍ଟି):
କିଛି କାରଣ ନଥାଇ ବେଳେବେଳେ ଭାଇ ଭାଇ ଭିତରେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହୁଏ ।

**ଡେଙ୍ଗା ମୁଣ୍ଡରେ ଠେଙ୍ଗା**
(ଦାୟିତ୍ୱ ମୁଣ୍ଡାଉଥିବା ବ୍ୟକ୍ତି ନିନ୍ଦା ଅପମାନ ସହିବା):
ପରିବାରର ମଙ୍ଗଳ ପାଇଁ ଯିଏ କାମକରେ ଡ଼େଙ୍ଗା ମୁଣ୍ଡରେ ଠେଙ୍ଗା ପରି ତାକୁ ବେଳେବେଳେ ଅପମାନ ସହିବାକୁ ପଡ଼େ ।

**ତୁଣ୍ଡ ବାଇଦ**
(ଲୋକ ମୁଖରେ ଘଟଣା ପ୍ରଚାର):
ଆମ ଘରର ସାଧାରଣ ଘଟଣା ବି ତୁଣ୍ଡ ବାଇଦ ପରି ପ୍ରସାରିତ ହୋଇଥାଏ ।

**ତେଲିଆ ମୁଣ୍ଡରେ ତେଲ**
(ଥିଲା ବାଲାକୁ ସାହାଯ୍ୟ କରିବା) :
ବର୍ତ୍ତମାନର ଶାସନ ତେଲିଆ ମୁଣ୍ଡରେ ତେଲ ଢାଳିଲା ପରି ଧନୀ ଅଧିକ ଧନୀ ହେବାରେ ସାହାଯ୍ୟ କରୁଛି ।

**ଦୀପ ତଳ ଅନ୍ଧାର**
(ନିଜ ଜିନିଷ ବା ବ୍ୟକ୍ତି ପ୍ରତି ଦୃଷ୍ଟି ନଦେବା):
ଆଦିତ୍ୟ ବାବୁ ପ୍ରଫେସର ହୋଇ ମଧ ତାଙ୍କ ପୁଅ ମ୍ୟାଟ୍ରିକ୍ ପରୀକ୍ଷାରେ ପାସ୍ କରିପାରିଲା ନାହିଁ । କଥାରେ ଅଛି ଦୀପତଳ ଅନ୍ଧାର ।

**ନଈ ନ ଦେଖୁଣୁ ଲଙ୍ଗଳା**
(ବିପଦ ନ ଆସୁଣୁ ଛାନିଁଆ):
ଗାଁରେ ବଢ଼ିପାଣି ନାହିଁ, କେତେକ ପରିବାର ଖାଇବା ପିଇବା ଧରି ଛାତ ଉପରକୁ ଗଲେଣି । ନଈ ନଦେଖୁଣୁ ଲଙ୍ଗଳା ହେଲେଣି ।

## ରୂଢ଼ି ଓ ଏହାର ପ୍ରୟୋଗ

| | |
|---|---|
| **ନ ଦେଖିଲା ଓଉ ଛ' ଫଡ଼ା** (କିଛି ନଜାଣି ବଡ଼ ବଡ଼ କଥା କହିବା): | ସେ ତ ଆମ ଗାଁରୁ ଆରଗାଁ ଯାଇନି । ସହର ବିଷୟରେ ବଡ଼ ବଡ଼ କଥା କହୁଛି ନ ଦେଖିଲା ଓଉ ଛ'ଫଡ଼ା ପରି । |
| **ନାଟର ଗୋବର୍ଦ୍ଧନ** (ଅନର୍ଥର ମୂଳ) : | ଘର ଭିତରେ ଗଣ୍ଡଗୋଳ ପାଇଁ ଦାୟୀ ଆମ ବଡ଼ ଭାଇ । ସେ ନାଟର ଗୋବର୍ଦ୍ଧନ । |
| **ପାଗ ବାନ୍ଧୁ ବାନ୍ଧୁ କଚେରୀ ଦରଖାସ୍ତ** (ବହୁ ବିଳମ୍ବ କରିବା) : | ତା'ଉପରେ ମୋର ବିଶ୍ୱାସ ନାହିଁ । ମୁଁ ଦେଇଥିବା କାମ କରିପାରିବ ନାହିଁ । ତା'ର ସବୁବେଳେ ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ । |
| **ପୋଥି ବାଇଗଣ** (ଅବାସ୍ତବ ଶିକ୍ଷା) : | ଆଜିର ନାରୀ ପୋଥି ବାଇଗଣରେ ଅଭ୍ୟସ୍ତ । |
| **ବଣ ବିଛୁଆତି** (ଅତି ଦୁଷ୍ଟ) : | ଆମ ପଡ଼ିଶା ଘର ମାଉସୀଙ୍କ ନାତି ବଣ ବିଛୁଆତିଟିଏ । |
| **ବାଘ ଘରେ ମିରିଗ ନାଟ** (ମୁରବୀଶୂନ୍ୟ ନିର୍ଭୀକତା): | ବାପା ମରିଯିବା ପରେ ପୁଅମାନଙ୍କର ବାଘ ଘରେ ମିରିଗ ନାଟ ଚାଲିଛି । |
| **ବାପରାଣ ଢିଙ୍କି ଗିଳି** (ବାଧ୍ୟକରି କୌଣସି କାମ କରିବା): | ତାର ତ'କାମ କରିବାରେ ଇଚ୍ଛା ନାହିଁ, ବାପରାଣ ଢ଼ିଙ୍କି ଗିଳି କଲେ ଲାଭ କ'ଣ ? |
| **ବାରଦ୍ୱାର ଶୁଣ୍ଢି ପିଣ୍ଡା** (ଅସହାୟ ହୋଇ ଏଣେତେଣେ ବୁଲିବା): | ଠିକ୍ ସମୟରେ ଠିକ୍ କାମ କରି ରୋଜଗାର ଶେଷ ହେଲେ ବାରଦ୍ୱାର ଶୁଣ୍ଢିପିଣ୍ଡା ହେବାକୁ ପଡ଼ିବ ନାହିଁ । |
| **ବାହାଘର ବେଳେ ବାଇଗଣ ରୁଆ** (ଶେଷ ମୁହୂର୍ତ୍ତରେ ତତ୍ପର ହେବା): | ଶଙ୍କର ବାବୁଙ୍କ ପ୍ରତ୍ୟେକଟି କାମ ବାହାଘର ବେଳେ ବାଇଗଣ ରୁଆ ପରି । |
| **ବୋଝ ଉପରେ ନଳିତା ବିଡ଼ା** (କଷ୍ଟ ଉପରେ କଷ୍ଟ) : | ଶରତ ବାବୁଙ୍କ ବାପା ମରିଥିଲେ, ପୁଣି ମାଆ ମଲେ । ଏବେ ସ୍ତ୍ରୀର ଦେହ ଖରାପ । ବୋଝ ଉପରେ ନଳିତା ବିଡ଼ା ପରି ଗୋଟେ ପରେ ଗୋଟେ ଦୁଃଖ ପହଞ୍ଚୁଛି । |
| **ମାଙ୍କଡ଼ ହାତରେ ଶାଳଗ୍ରାମ** (ଅଯୋଗ୍ୟ ବ୍ୟକ୍ତିକୁ ଦାୟିତ୍ୱ ଦେବା) : | ବାହାଘର ଦାୟିତ୍ୱ ଶ୍ରୀଧର ହାତରେ ଦେଲେ ମାଙ୍କଡ଼ ହାତରେ ଶାଳଗ୍ରାମ ପରି ହେବ । |
| **ରାଣ୍ଡୀପୁଅ ଅନନ୍ତା** (ଦାୟିତ୍ୱ ହୀନ) : | ବାପା ମରିଯିବା ପରେ ପୁଅ ସବୁ ଜମିବାଡ଼ି ବିକ୍ରିକରି ରାଣ୍ଡୀପୁଅ ଅନନ୍ତା ହୋଇ ବୁଲୁଛି । |

## ରୂଢ଼ି ଓ ଏହାର ପ୍ରୟୋଗ

| | |
|---|---|
| **ଲଙ୍କାରେ ହରି ଶବ୍ଦ** (ଅସମ୍ଭବ କଥା) : | ସନାତନ ଭଳି କୃପଣ ଲୋକ ଅନାଥ ପିଲାଙ୍କୁ ସାହାଯ୍ୟ କରିବା ଲଙ୍କାରେ ହରି ଶବ୍ଦ ଭଳି କଥା । |
| **ଶୁଣ୍ଢୀ ସାକ୍ଷୀ ମାତାଲ** (ମିଛର ମିଛ ସାକ୍ଷୀ): | ଯେତେ ଖାଇବା ପିଇବାର ଲୋଭ ଦେଖାଇଲେ ବି ସେ କ'ଣ ସତ କହିବ ? ସେ ପରାଶୁଣ୍ଢୀ ସାକ୍ଷୀ ମାତାଲ । |
| **ହାଟ ମଧ୍ୟେ ବ୍ରହ୍ମଜ୍ଞାନ** (ପ୍ରକାଶ୍ୟରେ ଗୋପନ କଥା ପ୍ରକାଶ କରିବା): | ଦାସ ବାବୁଙ୍କ ସହିତ କେହି ସମ୍ପର୍କ ରଖୁନାହାଁନ୍ତି । କାରଣ ସେ ହାଟ ମଧ୍ୟେ ବ୍ରହ୍ମଜ୍ଞାନ କରିବସନ୍ତି । |
| **କ୍ଷୀର ନୀର ସମ୍ପର୍କ** (ନିବିଡ଼ ସମ୍ପର୍କ): | କୁନା ଓ ମୁନା ମଧ୍ୟରେ ପିଲାଦିନରୁ କ୍ଷୀର ନୀର ସମ୍ପର୍କ ରହିଛି । |

### ୨୧.୪ ତୁଳନାତ୍ମକ ବା ଉପମାଯୁକ୍ତ ରୂଢ଼ି:

ଯେଉଁ ରୂଢ଼ି ଗୁଡ଼ିକ ବା ପଦ ସଂହତିରେ ଦୁଇଟି ଜିନିଷ ମଧ୍ୟରେ ତୁଳନା କରାଯାଇଥାଏ ଏବଂ ସମଗ୍ର ପଦ ସଂହତିଟି ମୁଖ୍ୟ ଅର୍ଥକୁ ତ୍ୟାଗ କରି ଏକ ବିଶେଷ ଅଭିପ୍ରେତ ଅର୍ଥକୁ ପ୍ରକାଶ କରେ, ତାହାକୁ ତୁଳନାତ୍ମକ ବା ଉପମାଯୁକ୍ତ ରୂଢ଼ି କୁହାଯାଏ । ଏପରି ରୂଢ଼ିରେ ଅର୍ଥଗତ ବୈଶିଷ୍ଟ୍ୟ ସହ ଚିତ୍ରଧର୍ମୀ ଆବେଦନ ମଧ୍ୟ ପରିଲକ୍ଷିତ ହୋଇଥାଏ ।

| | |
|---|---|
| **ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା** (କିଛି ନ ବୁଝି ସମ୍ମତି ଜଣାଇବା): | ଶ୍ରେଣୀଗୃହରେ ଶିକ୍ଷକ ଯାହା ପଢ଼ାନ୍ତି ସୀମା ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରେ । ପଚାରିଲେ କହିପାରେନାହିଁ । |
| **କାଠ ଗଡ଼ି ପରି ପଡ଼ି ରହିବା** (ନିଶ୍ଚଳ ହୋଇ ଶୋଇରହିବା): | ଗୁଣନିଧି ବାବୁଙ୍କ ବଡ଼ବୋହୂ ଭାରି ଅଳସୁଆ, ଯେତେବେଳେ ଦେଖ କାଠଗଡ଼ି ପରି ପଡ଼ି ରହିଥାଏ । |
| **କୁକୁର ପରି ଧାଇଁବା** (କିଛି ପାଇବା ଆଶାରେ ପଛେ ପଛେ ଯିବା): | ଆଜିକାଲି ଦଲାଲ୍‌ମାନେ ଗ୍ରାହକଙ୍କ ପଛରେ କୁକୁର ପରି ଧାଉଁଛନ୍ତି । |
| **କୁଆ ପରି ରାଉ ରାଉ ହେବା** (ସବୁବେଳେ ଗପିବା) : | ଅନେକଙ୍କ ସ୍ୱଭାବ କୁଆପରି ରାଉରାଉ ହେବା । |
| **ଖୁଣ୍ଟପରି ଠିଆ ହେବା** (କିଛିକାମ ନକରି ଖାଲି ଠିଆହୋଇ ରହିବା): | ବୋହୂଟି ଘରର କିଛି ପାଇଟି ନକରି ଖାଲି ଖୁଣ୍ଟଟା ପରି ଛିଡ଼ା ହୋଇଛି । |
| **ଛୁଞ୍ଚ ପରି ମୁହଁ କରିବା** (ରାଗରେ ମୁହଁ ଶୁଖାଇ ବସିବା): | ଝିଅର କ'ଣ ହୋଇଛି କି ? ଛୁଞ୍ଚ ପରି ମୁହଁ କରିଛି । |

| | |
|---|---|
| **ଜୋକ ପରି ଲାଗିବା**<br>(ପିଛା ନଛାଡ଼ିବା) : | ତା'ର ସ୍ୱାର୍ଥ ଅଛି ବୋଲି ସେ ମୋ ପଛରେ ଜୋକ ପରି ଲାଗିଛି । |
| **ଢ଼ିଙ୍କି ପରି ପଡ଼ିରହିବା**<br>(କୁଆଡ଼େ ନଯାଇ ବସିରହିବା): | ଗୋବିନ୍ଦ ଅଳସୁଆ ହୋଇଥିବାରୁ ଘରେ ଢ଼ିଙ୍କି ପରି ପଡ଼ି ରହିଥାଏ । |
| **ପବନ ଧରି ଧାଇଁବା**<br>(ଦ୍ରୁତ ଗତିରେ କାମରେ ଲାଗିବା): | ମଦନ ପୁଅ ପାଇଁ ବୋହୂଟିଏ କରିବ ବୋଲି ଯୋଉଠୁ ଖବର ମିଳିଲେ ପବନ ପରି ଧାଉଁଛନ୍ତି । |
| **ବରଡ଼ା ପତ୍ର ପରି ଥରିବା**<br>(ଭୟରେ କମ୍ପିବା) : | ଗୁରୁଜୀଙ୍କୁ ମିଛ କହିଥିବାରୁ ସନିଆ ବରଡ଼ା ପତ୍ର ପରି ଥରୁଛି । |
| **ଶୁଆ ପରି ଘୋଷିବା**<br>(ମନେ ରଖିବା) : | ପାଠକୁ ନିଜେ ବୁଝିଲେ ସିନା ହେବ, ଖାଲି ଶୁଆ ପରି ଘୋଷିଲେ ଲାଭ କ'ଣ ? |
| **ସାପ ପରି ଫଁ ଫଁ ହେବା**<br>(ରାଗରେ ଗରଗର ହେବା) : | କେହି କିଛି ନ କହିଲେ ମଧ୍ୟ ମୋ ବାପା ଘରେ ପଶୁ ପଶୁ ସାପ ପରି ଫଁ ଫଁ ହୁଅନ୍ତି । |
| **ସିଂହ ପରି ଯୁଝିବା**<br>(ସାହାସର ସହିତ ଲଢ଼ିବା) : | ନ୍ୟାୟରେ ଥିଲେ ସିଂହ ପରି ଯୁଝିବା ଉଚିତ୍ । |
| **ହାଣ୍ଡି ପରି ମୁହଁ କରିବା**<br>(ଅଭିମାନ କରିବା) : | ଧଉଳି ବୁଲି ନ ଯିବାରୁ ଝିଅ ହାଣ୍ଡି ପରି ମୁହଁ କରିଛି । |

•••

# ୨୩

## ଦରଖାସ୍ତ ବିଭାଗ

**୧. ତୁମ ବଡ଼ ଭଉଣୀର ବିଭାଘର ନିମନ୍ତେ ଦୁଇଦିନ ଛୁଟି ନେବା ପାଇଁ ତୁମ ପ୍ରିନ୍‌ସିପାଲ୍‌ଙ୍କ ନିକଟକୁ ଦରଖାସ୍ତ ଲେଖ ।**

ମାନନୀୟ,

ଗୋବିନ୍ଦ ବଲ୍ଲଭ ମହାବିଦ୍ୟାଳୟ, କଟକ

ମହୋଦୟ ——————————————— ସମୀପେଷୁ

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ମୁଁ ଆପଣଙ୍କ ମହାବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଅଟେ । ମୋର ବଡ଼ ଭଉଣୀର ବିବାହ ଉତ୍ସବ ଆସନ୍ତା ତା. ୨୭/୦୭/୨୦୧୨ ରିଖ ସୋମବାର ଦିନ ଅନୁଷ୍ଠିତ ହେବ । ଏହି ଉତ୍ସବରେ ମୁଁ ବ୍ୟସ୍ତ ରହୁଥିବାରୁ ଆସନ୍ତା ତା ୨୬/୦୭/୨୦୧୨ ଓ ତା୨୭/୦୭/୨୦୧୨ ରିଖ ଦୁଇଦିନ ଧରି ଶ୍ରେଣୀରେ ଉପସ୍ଥିତ ରହି ପାରିବି ନାହିଁ । ଏହି ଦୁଇଦିନ ଛୁଟି ନେବା ନିମିତ୍ତ ଆପଣଙ୍କୁ ପ୍ରାର୍ଥନା କରୁଅଛି ।

ଏଣୁ ବିନୀତ ଅନୁରୋଧ କରେ କି, ଆପଣ ଦୟା ପରବଶ ହୋଇ ଉପରୋକ୍ତ ଦୁଇଦିନ ମୋତେ ଛୁଟି ମଞ୍ଜୁର କଲେ ବିଶେଷ ଉପକୃତ ହେବି ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ଗୋବିନ୍ଦ ବଲ୍ଲଭ ମହାବିଦ୍ୟାଳୟ
କଟକ
ତା- ୨୫/୦୭/୨୦୧୨

ସୁରେଶ ମହାପାତ୍ର
ରୋଲ୍ ନଂ -୧୦
ଏକାଦଶ ଶ୍ରେଣୀ

**୨. କୌଣସି ଏକ ଦର୍ଶନୀୟ ସ୍ଥାନ ଭ୍ରମଣ ଉଦ୍ଦେଶ୍ୟରେ ଅନୁମତି ନିମନ୍ତେ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ଗୋପବନ୍ଧୁ ମହାବିଦ୍ୟାଳୟ, ପୁରୀ

ମହୋଦୟ ——————————————— ସମୀପେଷୁ

ମହାଶୟ,

ବିନମ୍ର ନିବେଦନ ସହିତ ଜଣାଉଅଛୁ କି, ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ ଆପଣଙ୍କ ମହାବିଦ୍ୟାଳୟର +୨ ଶ୍ରେଣୀର ଛାତ୍ରଛାତ୍ରୀ ଅଟୁ । ଏ ବର୍ଷ ଆମ୍ଭେମାନେ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଐତିହାସିକ ବୌଦ୍ଧପୀଠ ରତ୍ନଗିରି ଭ୍ରମଣ ନିମିତ୍ତ ନିଷ୍ପତ୍ତି ନେଇଅଛୁ । ଏହି ଐତିହାସିକ ବୌଦ୍ଧପୀଠ ଭ୍ରମଣ ଦ୍ୱାରା ଆମ୍ଭମାନଙ୍କର ଓଡ଼ିଶାରେ ବୌଦ୍ଧ ଧର୍ମର ବିକାଶ ସମ୍ବନ୍ଧରେ ଜ୍ଞାନଲାଭ ହେବ ବୋଲି ଆଶା କରୁଅଛୁ । ଏହି ସ୍ଥାନକୁ ବସ୍ ଯୋଗେ ଯିବା ପାଇଁ ସ୍ଥିର କରିଅଛୁ । ଏଥିପାଇଁ ଆବଶ୍ୟକୀୟ ଅର୍ଥ ଆମ୍ଭେମାନେ ନିଜ ନିଜ ତରଫରୁ ଚାନ୍ଦା କରି ତୁଲାଇବାକୁ ପ୍ରସ୍ତୁତ ଅଛୁ । ଚଳିତ ଡିସେମ୍ବର ମାସ ଭ୍ରମଣ ପାଇଁ ଉପଯୁକ୍ତ ସମୟ । ଆସନ୍ତା ସପ୍ତାହରେ କୌଣସି ଏକ ଦିନରେ ଆମ୍ଭେମାନେ ଏହି ଭ୍ରମଣରେ ଯିବା ପାଇଁ ଆପଣଙ୍କୁ ପ୍ରାର୍ଥନା କରୁଅଛୁ । ଏଥିପାଇଁ ଆମ ଇଂରାଜୀ ଅଧ୍ୟାପକ ମହାଶୟଙ୍କୁ ଆମ୍ଭମାନଙ୍କର ଦାୟିତ୍ୱ ଦେଇ ପଠାଇବା ପାଇଁ ନିବେଦନ କରୁଅଛୁ ।

ଏଣୁ ବିନୀତ ଅନୁରୋଧ କରୁ କି, ଆପଣ ଦୟା ପରବଶ ହୋଇ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେବା ପୂର୍ବକ ଆସନ୍ତା ସପ୍ତାହର କୌଣସି ଏକ ଦିନ ସ୍ଥିର କରିବା ସହିତ ଯାତ୍ରା ପାଇଁ ଅନୁମତି ପ୍ରଦାନ କଲେ ଆମ୍ଭେମାନେ ବିଶେଷ ଉପକୃତ ହେବୁ ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ

ଗୋପବନ୍ଧୁ ମହାବିଦ୍ୟାଳୟ
କଟକ
ତା- ୧୦/୧୨/୨୦୧୨ ରିଖ

+୨ ଶ୍ରେଣୀର
ଛାତ୍ରଛାତ୍ରୀଗଣ





## ଦରଖାସ୍ତ

**୩. ତୁମ ଅଞ୍ଚଳରେ ଘନ ଘନ ବିଜୁଳି କାଟ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏହାର ପ୍ରତିକାର ଜଣାଇ ଏକ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ବିଜୁଳି ବିଭାଗ ଅଧିକାରୀ, ଉତ୍ତରା, ଭୁବନେଶ୍ୱର

ମହୋଦୟ —————————————————— ସମୀପେଷୁ

(ବିଷୟ- ଘନ ଘନ ବିଜୁଳି କାଟର ପ୍ରତିକାର)

ମହାଶୟ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ ଉତ୍ତରା ଅଧିବାସୀ, ଏହି ଅଞ୍ଚଳର ବିଜୁଳି ବିଭ୍ରାଟ ଓ ତାହାର ବିହିତ ପ୍ରତିକାର ନିମନ୍ତେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମର ଏହି ଉତ୍ତରା ଅଞ୍ଚଳ ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳ ରୂପେ ଖ୍ୟାତିଲାଭ କରିଅଛି । ଏ ଅଞ୍ଚଳକୁ ପ୍ରତ୍ୟହ ହଜାର ହଜାର ଲୋକ ଦୂର ଦୂରାନ୍ତରୁ ସେମାନଙ୍କର ବ୍ୟବସାୟ କାର୍ଯ୍ୟରେ ଆସିଥାନ୍ତି । ଏହା ଛଡ଼ା ଏହି ଅଞ୍ଚଳ ଦେଇ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଲୋକମାନେ ଯିବା ଆସିବା କରନ୍ତି । ନିକଟସ୍ଥ ଗ୍ରାମ ଓ ବସ୍ତିମାନଙ୍କରୁ ବହୁ ଲୋକ ଏହି ଅଞ୍ଚଳକୁ ଯାତାୟତ କରିଥାନ୍ତି । ସମଗ୍ର ଦିନ ଓ ରାତିର ବହୁ ସମୟ ପର୍ଯ୍ୟନ୍ତ ଲୋକମାନଙ୍କର ଗହଳି ଏଠାରେ ଲାଗିଥାଏ । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଆଜକୁ ମାସାଧିକ କାଳ ହେବ ବାରମ୍ବାର ବିଜୁଳି କାଟ ଲୋକମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ କରାଉଛି । ଏହି ସୁଯୋଗରେ ବହୁ ଅସାମାଜିକ ବ୍ୟକ୍ତି ସେମାନଙ୍କ କାର୍ଯ୍ୟରେ ସକ୍ରିୟ ହୋଇ ଉଠୁଛନ୍ତି । ଏହି ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଏହି ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତିର ସୁଷମ ଯୋଗାଣ ନିମିତ୍ତ ଆମ୍ଭେମାନେ ନିବେଦନ କରୁଅଛୁ ।

ଏଣୁ ବିନୀତ ଅନୁରୋଧ କରୁଛି ଆପଣ ପରିସ୍ଥିତିର ଗୁରୁତ୍ୱ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ଅସୁବିଧା ମୋଚନ କରିବାକୁ ଉଚିତ ପଦକ୍ଷେପ ନେଲେ ଆମ୍ଭେମାନଙ୍କର ତଥା ଏ ଅଞ୍ଚଳକୁ ଆସୁଥିବା ସମସ୍ତ ଲୋକମାନଙ୍କର ଏକ ମୁଖ୍ୟ ସମସ୍ୟା ସମାଧାନ ହୋଇ ପାରିବ ବୋଲି ଆଶା ଓ ବିଶ୍ୱାସ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ,
ଉତ୍ତରା ଅଧିବାସୀ
ପ୍ରମୋଦ ସାହୁ
ଗଣେଶ ଦାସ

ଉତ୍ତରା
ତା ୦୬/୧୦/୨୦୧୨

**୪. ତୁମେ ଅସୁସ୍ଥ ହୋଇ ପଡ଼ିବାରୁ ଶ୍ରେଣୀରେ କେତୋଟି ପିରିୟଡ଼ ଛୁଟି ନେବା ନିମନ୍ତେ ଅଧ୍ୟକ୍ଷଙ୍କୁ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ଅଡ଼ଶପୁର ମହାବିଦ୍ୟାଳୟର ଅଧ୍ୟକ୍ଷ

ମହୋଦୟ ———————————————— ସମୀପେଷୁ

ବିଷୟ – ଅସୁସ୍ଥତା କାରଣରୁ କେତୋଟି ପିରିୟଡ଼ ଛୁଟି ନେବା ନିମନ୍ତେ ।

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ମୋ ପେଟ ଯନ୍ତ୍ରଣା ହେଉଥିବାରୁ ମୁଁ ଶ୍ରେଣୀଗୃହରେ ବସିବାକୁ ଅକ୍ଷମ । ଗତକାଲି ଠାରୁ ମୋର ପେଟ ଯନ୍ତ୍ରଣା ହେଉଅଛି । ଆଜି ସକାଳୁ ଏହା କମି ଯାଉଥିବାରୁ ମୁଁ କଲେଜ ଆସିଥିଲି । ମାତ୍ର ଏବେ ଯନ୍ତ୍ରଣାର ମାତ୍ରା ଅଧିକ ହେଉଅଛି । ଫଳରେ ଶ୍ରେଣୀଗୃହରେ ବସିବାକୁ ମୁଁ ଅସମର୍ଥ ମନେ କରୁଅଛି ।

ଏଣୁ ବିନୀତ ଅନୁରୋଧ କରେ କି, ଆପଣ ଦୟା ପରବଶ ହୋଇ ମୋତେ ତୃତୀୟ ପିରିୟଡ଼ ଠାରୁ ଛୁଟି ପ୍ରଦାନ କଲେ ମୁଁ ବିଶେଷ ଉପକୃତ ହେବି ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ପ୍ରୀତମ ରାଉତ
ରୋଲ୍ ନଂ –୧୦
+୨(୨ୟ ବର୍ଷ)

ଅଡ଼ଶପୁର ମହାବିଦ୍ୟାଳୟ
ଅଡ଼ଶପୁର
ତା- ୨୨/୧୦/୨୦୧୨ ରିଖ



**୫. ପାନୀୟ ଜଳର ଅଭାବ ଦୂରୀକରଣ ନିମିତ୍ତ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ, ଅନୁଗୁଳ

ମହୋଦୟ —————————————————— ସମୀପେଷୁ

(ସଂପୃକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଜରିଆରେ)

ବିଷୟ : ନଳକୂପ ପ୍ରତିଷ୍ଠା

ମହାଶୟ,

ନିବେଦନର କାରଣ ଏହିକି ଯେ, ଆମେ ଆପଣଙ୍କ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଗ୍ରାମ ଅଞ୍ଚଳସ୍ଥ ଦୁର୍ଗାବଜାରର ଅଧିବାସୀ ଅଟୁ । ଏହି ବଜାରରେ ପ୍ରତ୍ୟହ ଶହ ଶହ ଲୋକ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ, ବ୍ୟବସାୟ, ବାଣିଜ୍ୟ ତଥା ଅନ୍ୟାନ୍ୟ କାର୍ଯ୍ୟୋପଲକ୍ଷେ ଏକତ୍ର ହୋଇଥାନ୍ତି । ଏତଦ୍ ଭିନ୍ନ ଏହି ବଜାର ଅଞ୍ଚଳର ବହୁ ବ୍ୟବସାୟୀ, ଦୋକାନୀ ଓ କର୍ମଚାରୀ ଏଠାରେ ସ୍ଥାୟୀ ଭାବେ ରହୁଛନ୍ତି । କିନ୍ତୁ ଏଠାରେ ପାନୀୟ ଜଳର ସୁଲଭତା ନାହିଁ । ଲୋକମାନେ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଜାରର କେନ୍ଦ୍ର ସ୍ଥଳରେ ମାତ୍ର ଦୁଇଗୋଟି ନଳକୂପ ପ୍ରତିଷ୍ଠା କରାଯାଇଅଛି ଯାହା ଏତେ ଲୋକଙ୍କର ପାନୀୟ ଜଳର ଚାହିଦା ମେଣ୍ଟାଇବାକୁ ପର୍ଯ୍ୟାପ୍ତ ନୁହେଁ । ଏଠାରେ ଆହୁରି ଅଧିକ ନଳକୂପ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ।

ଏଣୁ ବିନୀତ ଅନୁରୋଧ କରୁ କି, ଆପଣ ଏହି ପରିସ୍ଥିତିକୁ ଗୁରୁତର ସହିତ ହୃଦୟଙ୍ଗମ କରି ଏହି ବଜାରରେ ଆଉ ତିନିଗୋଟି ନଳକୂପ ପ୍ରତିଷ୍ଠା କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କଲେ ଏଠାକାର ଅଧିବାସୀ ତଥା ବହିରାଗତ ଲୋକମାନେ ଆପଣଙ୍କ ଠାରେ ଚିରକୃତଜ୍ଞ ରହିବେ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ସନାତନ ମିଶ୍ର

୭ ନଂ ୱାର୍ଡ଼ର ୱାର୍ଡ଼ ମେମ୍ବର

ଚୈତନ୍ୟ ନାୟକ

୮ ନଂ ୱାର୍ଡ଼ର ୱାର୍ଡ଼ ମେମ୍ବର

ଦୁର୍ଗାବଜାର

ଆଠମଲ୍ଲିକ

ତା- ୧୮/୧୦/୨୦୧୨ ରିଖ

**୬. ତୁମ ଘରୁ ଗତ ରାତିରେ ଚୋରି ଯାଇଥିବା ଜିନିଷପତ୍ରର ଉଦ୍ଧାର ନିମିତ୍ତ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ବରୀ ଥାନାର ଭାରପ୍ରାପ୍ତ ଅଧିକାରୀ, ବରୀ

ମହୋଦୟ ——————————————— ସମୀପେଷୁ

ବିଷୟ : ଚୋରି ଯାଇଥିବା ଜିନିଷପତ୍ରର ଉଦ୍ଧାର ସମ୍ବନ୍ଧୀୟ

ମହାଶୟ,

ନିବେଦନର କାରଣ ଏହିକି ଯେ, ଦରଖାସ୍ତକାରୀ ମୁଁ ଶ୍ରୀ ସନାତନ ବେହେରା, ଗ୍ରାମ- ଭୁରୁଙ୍ଗା, ପୋ.ଅ.- ଭୁରୁଙ୍ଗା ଆପଣଙ୍କର ଥାନା ଅଧିନସ୍ଥ ଜଣେ ଅଧିବାସୀ ଅଟେ । ଗତ ରାତିରେ ଆମ ଗ୍ରାମର ଏକ ମେଳାରେ ଯୋଗ ଦେଇ ଫେରିଲା ବେଳକୁ ରାତ୍ରି ପ୍ରାୟ ଗୋଟାଏ ହୋଇଥିଲା । ମୁଁ ଘରକୁ ଫେରି ଦେଖେତ ମୋର ବାଡ଼ିପଟ ଦୁଆର ଖୋଲା ରହିଛି । ଜାଣିବାକୁ ପାଇଲି ଯେ ଏହି ଘରୁ କେତେକ ଜିନିଷ ଚୋରି ହୋଇଯାଇଛି । ମୋର ଅନୁପସ୍ଥିତିର ସୁଯୋଗ ନେଇ ଚୋରମାନେ ମୋ ଘରେ ପଶି ନିମ୍ନଲିଖିତ ଜିନିଷମାନ ଚୋରି କରି ନେଇ ଯାଇଛନ୍ତି । ଏଥିପାଇଁ ମୁଁ ଗ୍ରାମବାସୀଙ୍କୁ ଡାକି ଏ ବିଷୟରେ ପଚରାଉଚରା କରି ମଧ୍ୟ ଏହାର କୌଣସି ସନ୍ଧାନ ପାଇଲି ନାହିଁ । ତେଣୁ ଚୋରିଯାଇଥିବା ଜିନିଷପତ୍ରର ଉଦ୍ଧାର ନିମିତ୍ତ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛି ।

ଏଣୁ ବିନୀତ ପ୍ରାର୍ଥନା କରେ କି, ଆପଣ ଦୟାପରବଶ ହୋଇ ତୁରନ୍ତ ଏ ଦିଗରେ ତଦନ୍ତ ପୂର୍ବକ ଚୋରି ଯାଇଥିବା ଜିନିଷପତ୍ରର ଉଦ୍ଧାର ନିମିତ୍ତ ବିହିତ ପଦକ୍ଷେପ ନେଲେ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

।। ଇତି ।।

ଆପଣଙ୍କର ବିଶ୍ୱସ୍ତ
ସନାତନ ବେହେରା
ଗ୍ରା/ପୋ- ଭୁରୁଙ୍ଗା
ଜିଲ୍ଲା - ଯାଜପୁର

ଭୁରୁଙ୍ଗା
ତା- ୦୫/୧୦/୨୦୧୨ ରିଖ

**୭. ତୁମେ ଛାତ୍ରାବାସରେ ରହିବା ନିମିତ୍ତ ଅଧ୍ୟକ୍ଷଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।**

ମାନନୀୟ,

ଅଧ୍ୟକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼

ମହୋଦୟ ——————————————— ସମୀପେଷୁ

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, ମୁଁ ଆପଣଙ୍କ ମହାବିଦ୍ୟାଳୟରେ ଦ୍ୱାଦଶ (କଳା) ଶ୍ରେଣୀରେ ପଢୁଅଛି । ମୋ ଗ୍ରାମ ବରାଗୁଡ଼ା ଏଠାରୁ ପାଞ୍ଚ ମାଇଲ ଦୂର ହେବ । ଏତେ ବାଟରୁ ଆସି ପ୍ରତିଦିନ ଠିକ୍ ସମୟରେ ମହାବିଦ୍ୟାଳୟରେ ପହଞ୍ଚିବା ଓ ଏତେ ଦୂର ପଥଶ୍ରମ କରି ଚାଲି ଚାଲି ଆସି ଶ୍ରେଣୀରେ ଯୋଗ ଦେବା ମୋ ପକ୍ଷରେ ବହୁତ କଷ୍ଟକର ହୋଇ ପଡୁଛି । ଫଳରେ ମୋର ପାଠପଢ଼ାରେ ଗୁରୁତର ଅସୁବିଧା ହେଉଅଛି । ଏତଦ୍ ବ୍ୟତୀତ ଆମ ଗୃହ ପରିବେଶ ଭଲ ନ ଥିବାରୁ ମୁଁ ଘରେ ରହି ଉପଯୁକ୍ତ ଭାବରେ ପାଠପଢ଼ା ପ୍ରତି ଧ୍ୟାନ ଦେଇ ପାରୁ ନାହିଁ । ଏହିସବୁ କାରଣରୁ ମୁଁ କଲେଜ ଛାତ୍ରାବାସରେ ରହିବା ପାଇଁ ଇଚ୍ଛା ପ୍ରକାଶ କରୁଅଛି । ଏଥି ନିମିତ୍ତ ମୋର ଅଭିଭାବକଙ୍କର ଅନୁମତି ନେଇଅଛି । ତେଣୁ ମହାବିଦ୍ୟାଳୟର ଛାତ୍ରାବାସରେ ମୋର ରହିବା ନିମିତ୍ତ ସୁ ବନ୍ଦୋବସ୍ତ କରିବାକୁ ପ୍ରାର୍ଥନା କରୁଅଛି ।

ଏଣୁ ବିନୀତ ପ୍ରାର୍ଥନା କରୁଅଛି କି, ଆପଣ ଦୟା ପରବଶ ହୋଇ ମୋ ପାଇଁ କଲେଜ ଛାତ୍ରାବାସରେ ସ୍ଥାନ ମଞ୍ଜୁର କଲେ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ପଞ୍ଚାୟତ କଲେଜ,ବରଗଡ଼
ତା- ୦୫/୧୦/୨୦୧୦ ରିଖ

ପ୍ରବୀର କୁମାର ଦଳାଇ
ରୋଲ୍ ନଂ -୩୨
+୨ (କଳା ଛାତ୍ର)

**୮. ସଂକ୍ରାମକ ରୋଗର ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଦରଖାସ୍ତ ଲେଖ ।**

ମାନନୀୟ,

ଶ୍ରୀଯୁକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, କଟକ

ମହୋଦୟ —————————————————— ସମୀପେଷୁ

ବିଷୟ : ହଇଜା ରୋଗର ପ୍ରତିକାର ନିମନ୍ତେ

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ଥାନା ଅଧିନସ୍ଥ ଚାୟାଁପାଳ ଗ୍ରାମରେ ହଇଜା ରୋଗ ଦେଖା ଦେଇଛି । ଏହି ସଂକ୍ରାମକ ରୋଗରେ ଏହି ଗ୍ରାମରୁ ବାର ଜଣ ଲୋକ ମୃତ୍ୟୁବରଣ କଲେଣି । ବହୁ ଲୋକ ଏହି ରୋଗରେ ପୀଡ଼ିତ ହେଉଛନ୍ତି । ଏହି ରୋଗ ସମଗ୍ର ଚାୟାଁପାଳ ଗ୍ରାମ ଓ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପୀ ଯାଇଥିବାରୁ ଏହାର ପ୍ରତିକାର ଅପରିହାର୍ଯ୍ୟ ହୋଇ ପଡ଼ିଛି ।

ଏଣୁ ବିନୀତ ପ୍ରାର୍ଥନା କରୁଅଛି କି, ଆପଣ ସହୃଦୟତା ସହକାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏହି ସଂକ୍ରାମକ ରୋଗର ଆଶୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ଏ ଅଞ୍ଚଳବାସୀ ବିଶେଷ ଉପକୃତ ହେବେ ।

।। ଇତି ।।

ଆପଣଙ୍କର ବିଶ୍ୱସ୍ତ

ଗୋବିନ୍ଦ ରାଉତ

ଚାୟାଁପାଳ

ତା- ୧୨/୧୨/୨୦୧୨ ରିଖ

୯. **ତୁମ ଅଞ୍ଚଳର ଏକ ସମସ୍ୟା ବର୍ଣ୍ଣନା କରି ଖବରକାଗଜ ସମ୍ପାଦକଙ୍କୁ ପତ୍ର ଲେଖ ।**

ମାନନୀୟ,

ସମ୍ପାଦକ, 'ସମାଜ'

ଗୋପବନ୍ଧୁ ଭବନ, କଟକ

ମହାଶୟ,

ସମ୍ମାନର ସହିତ ଜଣାଉଅଛି ଯେ, ଆମ ଅଞ୍ଚଳରେ ନଦୀବନ୍ଧ କ୍ଷୟ ଏକ ମୁଖ୍ୟ ସମସ୍ୟା । ଏ ବିଷୟରେ ଆପଣଙ୍କ ଖବରକାଗଜରେ ପ୍ରକାଶ କରିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରୁଅଛି ।

ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଥାନା ଅଧୀନସ୍ଥ ଆମର ଏହି ଅଞ୍ଚଳ ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ । ବ୍ରାହ୍ମଣୀ ନଦୀର ଉତ୍ତର ପଟରେ ଥିବା ଭୁରୁଙ୍ଗା, ବାଲିକୁଦା ଗ୍ରାମ ପ୍ରତି ବନ୍ୟା ଭୟ ଏକ ସାଧାରଣ କଥା । ଉପର ମୁଣ୍ଡରେ ଲଗାତାର ବର୍ଷା ହୋଇ ନଦୀରେ ବନ୍ୟା ଆସିଲେ ଏ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ନ୍ତି, କାରଣ ଆମ ଅଞ୍ଚଳର ଏହି ଗ୍ରାମମାନଙ୍କ ପାର୍ଶ୍ୱ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଉତ୍ତର ପାର୍ଶ୍ୱ ବନ୍ଧ ପ୍ରତିବର୍ଷ ବର୍ଷା ଋତୁରେ କ୍ଷୟ ପ୍ରାପ୍ତ ହୋଇଅଛି । ଦୀର୍ଘ ଦଶବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବନ୍ଧର ମରାମତି କାର୍ଯ୍ୟ ମୋଟେ ହେଉନାହିଁ । ସରକାରଙ୍କ ଜଳସେଚନ ଓ ପି.ଡବ୍ଲ୍ୟୁ.ଡି. ବିଭାଗ ଏଥିପ୍ରତି ଉଦାସୀନ ରହୁଥିବା ଫଳରେ ଏହି ନଦୀ ବନ୍ଧର ଅବସ୍ଥା ଶୋଚନୀୟ ହୋଇ ପଡ଼ିଅଛି । ତୁରନ୍ତ ଏହାର ମରାମତି ନ ହେଲେ ପ୍ରବଳ ବନ୍ୟା ଆସିଲେ ଏହା ଭାଙ୍ଗି ଯାଇ ଘାଇ ସୃଷ୍ଟି ହେବାର ସମ୍ଭାବନା ଅଧିକ । ତେଣୁ ଏଥିପ୍ରତି ସଂପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆଶୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଏ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଅଛି ।

ସରକାରଙ୍କ ତରଫରୁ ଏହାର ପ୍ରତିକାର ନିମିତ୍ତ ବିହିତ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ । ନଚେତ ଏହି ଅଞ୍ଚଳରେ ଜନଆନ୍ଦୋଳନ ଗଢ଼ି ଉଠିବାର ପରିସ୍ଥିତି ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଜନରବ ହେଉଅଛି ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ପ୍ରଫୁଲ୍ଲ ପଣ୍ଡା
ଗ୍ରା/ପୋ- ବରୀ
ଭାୟା-ଯାଜପୁର

ବରୀ
ତା- ୦୧/୧୦/୨୦୧୨ ରିଖ

●●●